- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-259 ◆WEDNESDAY ◆18 MARCH 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୫୯ ◆ବୁଧବାର ◆୧୮ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




**ଡେଭନ କନୱେଙ୍କ ଦମ୍‌ଦାର ଅର୍ଦ୍ଧଶତକ**

▶ ଖେଳ ପୃଷ୍ଠା ଦେଖନ୍ତୁ...

# ଆଫଗାନିସ୍ତାନ ଡାକ୍ତରଖାନାରେ ପାକିସ୍ତାନର ବୋମାମାଡ଼; ୪୦୦ ମୃତ

■ କାବୁଲ/ଇସ୍‌ଲାମାବାଦ୍‌/ନୂଆଦିଲ୍ଲୀ, ୧୭।୩(ଏଜେନ୍ସି): ଆଫଗାନିସ୍ତାନ ରାଜଧାନୀ କାବୁଲରେ ଥିବା ଏକ ନିଶା ନିବାରଣ ହସ୍ପିଟାଲ ଉପରେ ପାକିସ୍ତାନୀ ବାୟୁସେନା ଭୟଙ୍କର ବିମାନ ଆକ୍ରମଣ କରିଛି। ଆକ୍ରମଣରେ ଅତିକମ୍‌ରେ ୪୦୦ ରୋଗୀ ପ୍ରାଣ ହରାଇଥିବା ବେଳେ ୨୫୦ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ଆଫଗାନିସ୍ତାନ ତାଲିବାନ ସରକାରଙ୍କ ସୂଚନା ଅନୁଯାୟୀ ଗତକାଲି ରାତି ପ୍ରାୟ ୯ଟା ସମୟରେ ପାକିସ୍ତାନୀ ଯୁଦ୍ଧ ବିମାନ କାବୁଲର ଏହି ହସପିଟାଲ ଉପରେ ବୋମାମାଡ଼ କରିଥିଲା। ଡାଙ୍କରଖାନାର ଏକ ବଡ଼ ଅଂଶ ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଛି। ତାଲିବାନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍ ଏହାକୁ ଏକ 'ମାନବିକତା ବିରୋଧୀ ଅପରାଧ' ବୋଲି କହିଛନ୍ତି। ପାକିସ୍ତାନ ବାରମ୍ବାର ଆଫଗାନିସ୍ତାନର ଆକାଶପଥ ଉଲ୍ଲଂଘନ କରି ସାଧାରଣ ନାଗରିକ ଓ ଚିକିତ୍ସାଳୟକୁ ଟାର୍ଗେଟ କରୁଥିବା ସେ ଅଭିଯୋଗ କରିଛନ୍ତି। କିନ୍ତୁ ପାକିସ୍ତାନ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛି। ପାକିସ୍ତାନ ସୂଚନା ମନ୍ତ୍ରୀ ଅତାଉଲ୍ଲା ତରାର କହିଛନ୍ତି ଯେ, ସେମାନେ କେବଳ କାବୁଲର ଓ ନଙ୍ଗରହାର ପ୍ରଦେଶରେ ଆତଙ୍କବାଦୀ ସଂଗଠନକୁ ସହାୟତା କରୁଥିବା ସାମରିକ ପ୍ରତିଷ୍ଠାନ ଓ ଗୋଳାବାରୁଦ ଭଣ୍ଡାର ଉପରେ ହିଁ ଆକ୍ରମଣ

**ଆକ୍ରମଣକୁ ଭାରତର ତୀବ୍ର ନିନ୍ଦା**



କରିଛନ୍ତି। କୌଣସି ହସ୍ପିଟାଲକୁ ଟାର୍ଗେଟ କରାଯାଇନାହିଁ। ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଘୋଷଣା କରିଛନ୍ତି ଯେ, ପାକିସ୍ତାନ ବର୍ତ୍ତମାନ ଆଫଗାନିସ୍ତାନ ସହିତ 'ଖୋଲା ଯୁଦ୍ଧ' ସ୍ଥିତିରେ ରହିଛି। ଗତ ଫେବୃଆରୀ ମାସରୁ ଦୁଇ ଦେଶ ମଧ୍ୟରେ ସୀମା ବିବାଦକୁ ନେଇ ସଂଘର୍ଷ ଜାରି ରହିଛି, ଯାହା ଗତ ତିନି ସପ୍ତାହ ହେବ ଅଧିକ ଭୟଙ୍କର ରୂପ ଧାରଣ କରିଛି।

କାବୁଲ ମେଡିକାଲରେ ପାକିସ୍ତାନର ବିମାନ ଆକ୍ରମଣକୁ ଭାରତ କଡ଼ା ଭାଷାରେ ନିନ୍ଦା କରିଛି। ଏହି ଆକ୍ରମଣକୁ ଭାରତ ବର୍ବର ଓ କାପୁରୁଷୋଚିତ ବୋଲି କହିବା ସହ ଏହା ଆଞ୍ଚଳିକ ଶାନ୍ତି ପ୍ରତି ସିଧାସଳଖ ବିପଦ ବୋଲି ବର୍ଣ୍ଣାନ କରିଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଚିକିତ୍ସାଳୟରେ ସାଧାରଣ ନାଗରିକଙ୍କୁ ହତ୍ୟା କରିବା ଏକ ଅକ୍ଷମଣୀୟ ଅପରାଧ। କିନ୍ତୁ ପାକିସ୍ତାନ ଏହି ନରସଂହାରକୁ ସାମରିକ ଅପରେସନର ରୂପ ଦେବାକୁ ଚେଷ୍ଟା କରିଛି। ଭାରତ ଏହାକୁ ଆଫଗାନିସ୍ତାନର ସାର୍ବଭୌମତ୍ୱ ଉପରେ ଏକ ଖୋଲଖୋଲି ଆକ୍ରମଣ ବୋଲି କହିଛି। ପାକିସ୍ତାନ ନିଜର ଅଭ୍ୟନ୍ତରୀଣ ବିଫଳତାକୁ ଲୁଚାଇବା ପାଇଁ ସୀମା ବାହାରେ ଏଭଳି ଅମାନବୀୟ କାର୍ଯ୍ୟ କରୁଛି। ପବିତ୍ର ରମଜାନ ମାସରେ ହସ୍ପିଟାଲ ଓ ରୋଗୀଙ୍କୁ ଟାର୍ଗେଟ କରିବା ଅତ୍ୟନ୍ତ ନିନ୍ଦନୀୟ। ଏଭଳି କାର୍ଯ୍ୟକୁ କୌଣସି ଧର୍ମ ସମର୍ଥନ କରେନାହିଁ ବୋଲି ଭାରତ ସ୍ପଷ୍ଟ କରିଛି।

---

**ଏସ୍‌ସିବିରେ ନିଆଁ**

# ବିଧାନସଭାରେ ତାତି

## ରୋଗୀ ମୃତ୍ୟୁ ସମୟରେ ମନ୍ତ୍ରୀ ନାଚୁଛନ୍ତି: ବିରୋଧୀ

■ ଭୁବନେଶ୍ୱର,୧୭।୩(ସମିସ): ଏସସିବି ମେଡିକାଲ ଅଗ୍ନିକାଣ୍ଡରେ ୧୨ ଜଣଙ୍କ ମୃତ୍ୟୁ ଘଟଣାରେ ମଙ୍ଗଳବାର ବିଧାନସଭା ଅଚଳ କରିଛନ୍ତି ବିରୋଧୀ। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ତୁରନ୍ତ ଇସ୍ତଫା ଓ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ସହାୟତା ଦାବିରେ ବିରୋଧୀ ଗୃହକୁ କମ୍ପମାନ କରିଛନ୍ତି। ଫଳରେ ପ୍ରଥମାର୍ଦ୍ଧରେ ଗୃହ ମାତ୍ର ୨୨ ମିନିଟ ଚାଲିପାରିଛି ଓ ଦ୍ୱିତୀୟାର୍ଦ୍ଧରେ ଗୃହ କାର୍ଯ୍ୟରେ ବିରୋଧୀ ଭାଗ ନେଇ ନାହାନ୍ତି। ଅପରାହ୍ନରେ ବିନା ବିରୋଧୀରେ ଦୁଇ ବିଭାଗର ଖର୍ଚ୍ଚଦାବି ପାରିତ ହୋଇଛି।

ମଙ୍ଗଳବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ବିଧାୟକମାନେ ହାତରେ ପୋଷ୍ଟର ଧରି ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ବିଭିନ୍ନ ପୋଷ୍ଟର ପ୍ରଦର୍ଶନ କରି ଗୃହରେ ନାରାବାଜି କରିଥିଲେ। କଂଗ୍ରେସର ବିଧାୟକମାନେ ସମାନ ପ୍ରସଙ୍ଗକୁ ନେଇ ଗୃହର ମଧ୍ୟଭାଗରେ ପ୍ରବଳ ହୋ ହଲ୍ଲା କରିଥିଲେ। ପ୍ରଶ୍ନକାଳ ଅଚଳ ହୋଇ ଯାଇଥିଲା। ଫଳରେ ବାଚସ୍ପତି ୧୦ଟା ୩୭ରୁ ୧୨ଟା ଯାଏଁ



ମୁଲତବୀ ରଖିଥିଲେ। ୧୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଉଭୟ ଦଳର ସଦସ୍ୟ ଗୃହ ମଧ୍ୟରେ ତୁମୁଳ ହଟ୍ଟଗୋଳ କରିଥିଲେ। ଫଳରେ ବାଚସ୍ପତି ୧୨ଟା ୧୫ରୁ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧୀ ସମାନ ଭାବରେ ଗୃହରେ ହଟ୍ଟଗୋଳ, ନାରାବାଜି କରିବା ସହ ଖଣି ଓ ଇସ୍ପାତ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ଖର୍ଚ୍ଚଦାବୀ ଆଲୋଚନାରେ ଭାଗ ନେଇନଥିଲେ। ଏନେଇ ଗୃହ ବାହାରେ ପ୍ରତିକ୍ରିୟା ରଖି ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ଓଡ଼ିଶାର ସ୍ୱାସ୍ଥ୍ୟସେବାର ଯେଉଁ ବିକଳ ଚିତ୍ର ଆସୁଛି ସେନେଇ ସରକାର ସଚେତନ ଅଛନ୍ତି ତ ? ଏସସିବିରେ ନିଆଁ ଲାଗିବା ଏବଂ ଏଥିରେ ରୋଗୀ ପୋଡ଼ି ହୋଇ ମରିବା ଘଟଣା ଏହାର ନଗ୍ନ ଉଦାହରଣ। ଏଥିରେ ସରକାର କଣ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ? ଘଟଣାରେ ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ▶ପୃଷ୍ଠା-୭

## ଇସ୍ତଫା ଦିଅନ୍ତୁ ସ୍ୱାସ୍ଥ୍ୟମନ୍ତ୍ରୀ: ନବୀନ

■ ଭୁବନେଶ୍ୱର,୧୭।୩(ସମିସ): କଟକ ଏସସିବି ମେଡିକାଲ କଲେଜରେ ଭୟାବହ ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବି କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ମଙ୍ଗଳବାର

- ଭୟଙ୍କର ବ୍ୟବସ୍ଥାଗତ ତ୍ରୁଟି
- 'ତଦନ୍ତ' ଆଳରେ ନିଜକୁ ଲୁଚାଇ ପାରିବନି ସ୍ୱାସ୍ଥ୍ୟ ବିଭାଗ
- ମୃତକଙ୍କ ପରିବାର ପାଇଁ ଦିଆଯାଉ ୫୦ ଲକ୍ଷ ଟଙ୍କା ସହାୟତା



ବିଧାନସଭାର ଶୂନ୍ୟକାଳରେ ନବୀନ କହିଛନ୍ତି ଯେ ଏସ୍‌ସିବି ମେଡିକାଲ କଲେଜ ଭୟାବହ ଅଗ୍ନିକାଣ୍ଡ ଘଟଣା ମୋତେ ବ୍ୟଥିତ କରିଛି। ଗତକାଲି ମୁଁ କଟକର ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରିଥିଲି। ସେଠାରେ ମୁଁ ଯାହା ଦେଖିଲି, ତାହା କେବଳ ଏକ ଦୁଃଖଦ ଦୁର୍ଘଟଣାର ଦୃଶ୍ୟ ନ ଥିଲା, ବରଂ ଆମ ରାଜ୍ୟର ଏହି ପ୍ରମୁଖ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ବିପର୍ଯ୍ୟସ୍ତ ସୁରକ୍ଷା ବ୍ୟବସ୍ଥାର ଏକ ନଗ୍ନ ଚିତ୍ର ଥିଲା। ସୋମବାର ଭୋର ସମୟରେ ଟ୍ରମା କେୟାର ଆଇସିୟୁରେ ▶ପୃଷ୍ଠା-୭

**ଇରାନ ଯୁଦ୍ଧ: ହାତଛାଡ଼ିଲେ ସହଯୋଗୀ**

# ଟ୍ରମ୍ପଙ୍କୁ ଝଟ୍‌କା

■ ୱାସିଂଟନ, ୧୭।୩(ଏଜେନ୍ସି): ଇସ୍ରାଏଲ କଥାରେ ପଡ଼ି ଇରାନ ଉପରେ ଆକ୍ରମଣ କରି ସଙ୍କଟରେ ପଡ଼ିଯାଇଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଆକ୍ରମଣ ହେଲେ ଆମେରିକା ଉପରେ ଇରାନ ଏମିତି ପାଲଟା ଆକ୍ରମଣ କରିବ ବୋଲି ସେ କେବେହେଲେ କଳ୍ପନା କରିନଥିଲେ। ଆଜି ଏହା ସ୍ୱୀକାର କରିଛନ୍ତି ଟ୍ରମ୍ପ। ଏଭଳି ସଙ୍କଟରେ ଇରାନର ମୁକାବିଲା ପାଇଁ ସେ ଆମେରିକାର ସହଯୋଗୀ ଦେଶ ଏବଂ ବିଶେଷ କରି ୟୁରୋପୀୟ



- କାଉଣ୍ଟର ଟେରୋରିଜମ୍ ମୁଖ୍ୟ ପଦରୁ ଯୋଶେଫଙ୍କ ଇସ୍ତଫା
- ୟୁରୋପୀୟ ଦେଶ ମଧ୍ୟ ସମର୍ଥନ କରିବାକୁ ମନାକଲେ
- ଆମକୁ କାହାର ସାହାଯ୍ୟ ଦରକାର ନାହିଁ: ଟ୍ରମ୍ପ

ଦେଶଙ୍କ ଠାରୁ ସହାୟତା ଲୋଡ଼ିଥିଲେ। କିନ୍ତୁ ସହାୟତା କରିବାକୁ ସେମାନେ ରୋକଠୋକ ମନା କରିଦେଇଛନ୍ତି। ଏହାକୁ ନେଇ ଭୀଷଣ ବ୍ୟସ୍ତ ଓ ବିବ୍ରତ ଥିବା ଟ୍ରମ୍ପଙ୍କୁ ଆଜି ଆଉ ଏକ ଝଟକା ଲାଗିଛି। ଏହି ଝଟକା ଦେଇଛନ୍ତି ତାଙ୍କର ଘନିଷ୍ଠ ସହଯୋଗୀ ତଥା ଆମେରିକାର ଜାତୀୟ ଆତଙ୍କବାଦ ମୁକାବିଲା କେନ୍ଦ୍ର (କାଉଣ୍ଟର ଟେରୋରିଜମ୍ ସେଣ୍ଟର)ର ମୁଖ୍ୟ ଯୋଶେଫ କେଣ୍ଟ। ଇରାନ ଯୁଦ୍ଧର ପ୍ରତିବାଦ କରି ସେ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ସେ କହିଛନ୍ତି ଯେ ଇରାନ କେବେହେଲେ ଆମେରିକା ପ୍ରତି ବିପଦ ନଥିଲା ଏବଂ ଇସ୍ରାଏଲ ଚାପରେ ପଡ଼ି ଟ୍ରମ୍ପ ଇରାନ ଉପରେ ଆକ୍ରମଣ କରି ଭୁଲ କରିଛନ୍ତି। ଏଭଳି ସ୍ଥିତିରେ ଟ୍ରମ୍ପ ପ୍ରଶାସନକୁ ସହାୟତା କରିବାରେ ବିବେକ ତାଙ୍କୁ ବାଧା ଦେଉଛି। ତେଣୁ ସେ ଇସ୍ତଫା ଦେବାକୁ ବାଧ୍ୟ ହେଉଛନ୍ତି ବୋଲି ଇସ୍ତଫା ପତ୍ରରେ ଯୋଶେଫ ଉ।ାଲ୍ଲେଖ କରିଛନ୍ତି।

ଅନ୍ୟପଟେ ଇରାନ ଦ୍ୱାରା ଅବରୋଧ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ତୈଳ ▶ପୃଷ୍ଠା-୭

---

# କ୍ରସ୍‌ଭୋଟିଂ: ଦଳ ପିଠିରେ ଛୁରି

## ୬ ବିଧାୟକଙ୍କୁ ବିଜେଡିର ନୋଟିସ୍

■ ଭୁବନେଶ୍ୱର,୧୭।୩(ସମିସ): ରାଜ୍ୟସଭା ନିର୍ବାଚନରେ ଦଳୀୟ ନିଷ୍ପତ୍ତି ଉଲ୍ଲଂଘନ କରି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ କ୍ରସ ଭୋଟିଂ କରିଥିବା ୬ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ

**୩ ଦିନରେ ଉତ୍ତର ଦେବାକୁ ନିର୍ଦ୍ଦେଶ**

ଜାରି କରିଛି ବିଜେଡି। ବିଜେଡି ବିଧାୟକ ଦଳ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ବିରୋଧରେ ଯାଇଥିବା ଦୃଷ୍ଟିରୁ କାହିଁକି ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଓ ଦଳରୁ ନିଲମ୍ବନ କରାଯିବ ନାହିଁ, ସେ ସମ୍ପର୍କରେ ୩ ଦିନ ମଧ୍ୟରେ ଉତ୍ତର ଦେବାକୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ



ଚିଠି ଲେଖିଛନ୍ତି । ଯଦି ୩ ଦିନ ମଧ୍ୟରେ ସେମାନେ ଏହାର ଉତ୍ତର ନ ଦିଅନ୍ତି, ତେବେ ସେମାନେ କୌଣସି ଉତ୍ତର ଦେବାକୁ ଚାହୁଁ ନାହାନ୍ତି ବୋଲି ଶ୍ରୀମତୀ ମଲ୍ଲିକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି । ଦଳ ଏକପାଖିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ତଥା ଆଇନ ଓ ▶ପୃଷ୍ଠା-୭

## କଂଗ୍ରେସରୁ ୩ ବିଧାୟକ ନିଲମ୍ବିତ

■ ଭୁବନେଶ୍ୱର,୧୭।୩(ସମିସ): ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ୩ ବିଧାୟକ ରମେଶ ଜେନା, ଦାଶରଥି ଗମାଙ୍ଗୋ ଓ ସୋଫିଆ ଫିରଦୋସଙ୍କୁ ଦଳରୁ ନିଲମ୍ବିତ କରିଛି କଂଗ୍ରେସ। ଦଳୀୟ ହୁଇପ୍ ଭଙ୍ଗ ଯୋଗୁଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସେମାନଙ୍କୁ ନିଲମ୍ବନ କରାଯାଇଥିବା ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ



ସୁଜିତ କୁମାର ପାଢ଼ୀ ସୂଚନା ଦେଇଛନ୍ତି । ଅନୁରୂପ ଭାବରେ ଦଳୀୟ ଅନୁଶାସନ ଭଙ୍ଗ ଓ ବିଶୃଙ୍ଖଳା ସୃଷ୍ଟି ଅଭିଯୋଗରେ କଟକ ନଗର ସଭାନେତ୍ରୀ ଗିରିବାଳା ବେହେରାଙ୍କୁ ଦଳରୁ ବହିଷ୍କାର କରାଯାଇଛି ।

ଶ୍ରୀ ପାଢ଼ୀଙ୍କ ସୂଚନା ଅନୁସାରେ କଂଗ୍ରେସର ସମସ୍ତ ବିଧାୟକଙ୍କୁ ୧୩ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ରହି ଯୋଗାଯୋଗରେ ରହିବାକୁ ହୁଇପ ଜାରି କରାଯାଇଥିଲା। ଏହାସହିତ ଦଳର ▶ପୃଷ୍ଠା-୭

**ଆମେରିକାର ଉଦ୍‌ବେଗ**

# ଓଡ଼ିଶାରେ ବଢୁଛି ସାଂପ୍ରଦାୟିକ ହିଂସା

## ରିପୋର୍ଟକୁ ନେଇ ପ୍ରତିବାଦ ଜଣାଇଲେ ଭାରତ ସରକାର

■ ନୂଆଦିଲ୍ଲୀ,୧୭।୩(ଏଜେନ୍ସି): ଓଡ଼ିଶା ସମେତ ଉତ୍ତର ପ୍ରଦେଶ ଓ ମହାରାଷ୍ଟ୍ରରେ ସାଂପ୍ରଦାୟିକ ହିଂସା ବୃଦ୍ଧି ପାଇବାରେ ଲାଗିଛି। ଏହାପଛରେ ଆର୍‌ଏସ୍‌ଏସ୍‌ର ସହଯୋଗୀ ସଂଗଠନ ବିଶ୍ୱ ହିନ୍ଦୁ ପରିଷଦର ହାତ ରହିଛି। ଏଭଳି ସଂଗଠନକୁ ନିଷିଦ୍ଧ କରାଯାଉ ବୋଲି ଆମେରିକାର ଧାର୍ମିକ ସ୍ୱାଧୀନତା କମିସନ ଟ୍ରମ୍ପ ପ୍ରଶାସନକୁ ସୁପାରିସ କରିଛି। ତେବେ ଆମେରିକୀୟ କମିସନ୍‌ର ଏଭଳି ରିପୋର୍ଟକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଭାରତ ସରକାର କହିଛନ୍ତି ଯେ କମିସନ୍ ମନଗଢ଼ା କାହାଣୀ ଶୁଣାଉଛି ଏବଂ ଏଥିରେ କୌଣସି ସତ୍ୟତା ନାହିଁ।

ଆମେରିକା ସରକାରଙ୍କ ଦ୍ୱାରା ନିଯୁକ୍ତ ୟୁଏସ୍ କମିସନ ଅନ୍ ଇଣ୍ଟରନେସନାଲ ରେଲିଜିୟସ ଫ୍ରିଡମ୍ (ୟୁଏସ୍‌ସିଆଇଆର୍‌ଏଫ୍) ଗତକାଲି ରାଷ୍ଟ୍ରପତି ଟ୍ରମ୍ପଙ୍କୁ ବାର୍ଷିକ ରିପୋର୍ଟ ପ୍ରଦାନ କରିଥିଲା। ଏଥିରେ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

NURSING PROGRAMMES
- B.Sc. (Nursing) (Basic)
- B.Sc. (Nursing) (Post Basic)
- M.Sc. (Nursing)

APPROVAL & RECOGNITIONS
- Approved by UGC, ONMRC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 15th Best in Medical Category
- 09th Best in Dental Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


---

# ବିଶ୍ୱବ୍ୟାଙ୍କ ଋଣୀ ଦେଶ ସୂଚୀ ଶୀର୍ଷରେ ଭାରତ

## ଦେଶ ଉପରେ ୩.୬୩ଲକ୍ଷ କୋଟି ଋଣ ବୋଝ; ବର୍ଷକରେ ବଢ଼ିଲା ୧.୩୮ ଲକ୍ଷ କୋଟି ଟଙ୍କା

■ ନୂଆଦିଲ୍ଲୀ,୧୭।୩(ଏଜେନ୍ସି): ଦେଶ ଉପରେ ଦିନକୁ ଦିନ ବଢୁଛି କରଜ ବୋଝ। ଅନ୍ୟାନ୍ୟ ସୂତ୍ରରୁ ଓ ଖୋଲା ବଜାରରୁ କେନ୍ଦ୍ର ସରକାର ଯାହା ଋଣ ସହ ଭାରତ ବିଶ୍ୱବ୍ୟାଙ୍କରୁ ବିପୁଳ ଋଣ କରିଛି । ଗତବର୍ଷ ଭାରତ ଏହି ଋଣୀ ଦେଶ ସୂଚୀରେ ଶୀର୍ଷରେ ଥିଲା ଓ ଚଳିତ ବର୍ଷ ମଧ୍ୟ ପୂର୍ବ ପରି ଶୀର୍ଷରେ ରହିଛି। ତେବେ କୌତୂହଳର କଥା ହେଉଛି ଗତ ବର୍ଷକ ମଧ୍ୟରେ ଭାରତର ଋଣ ପରିମାଣ ପ୍ରାୟ ୧.୩୮ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି । ଗତବର୍ଷ ଭାରତ ଉପରେ ୨୪.୪ ବିଲିଅନ ଡ଼ଲାର ଋଣ ଥିବା ସମୟରେ ଏବେ ତାହା ବୃଦ୍ଧି ପାଇ ୩୯.୩ ବିଲିଅନ ଡ଼ଲାର ବା ୩.୬୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି । ବିଶ୍ୱବ୍ୟାଙ୍କ ସୂଚୀ ଅନୁସାରେ ତୁର୍କୀ, ମେକ୍ସିକୋ, ଚୀନ ଓ ଯୁଦ୍ଧ ବିଧ୍ୱଂସ ତୁର୍କୀ ପରି ଦେଶଗୁଡ଼ିକର ଋଣ ପୂର୍ବାପେକ୍ଷା ହ୍ରାସ ପାଇଛି ବା ସ୍ଥିର ରହିଛି । ସେହିପରି ପାକିସ୍ତାନ, ବ୍ରାଜିଲ୍, ବାଂଲାଦେଶ ପରି ଦେଶଗୁଡ଼ିକର ବିଶ୍ୱବ୍ୟାଙ୍କ ଋଣ ପରିମାଣ ଭାରତଠାରୁ ଯଥେଷ୍ଟ କମ୍ ରହିଛି।

ପରିସଂଖ୍ୟାନ ଅନୁଯାୟୀ ଭାରତ ବିଶ୍ୱ ବ୍ୟାଙ୍କର ସବୁଠାରୁ ବଡ଼ ଋଣଗ୍ରସ୍ତ ରାଷ୍ଟ୍ର ଭାବରେ ଉଭା ହୋଇଛି। ଭାରତର ମୋଟ ଋଣ ପରିମାଣ ୨୦୨୬ ପ୍ରାରମ୍ଭରେ ୩୯.୩ ବିଲିୟନ୍ ଡଲାର (୩.୬୩ ଲକ୍ଷ କୋଟି ଟଙ୍କାରୁ ଅଧିକ) ରହିଛି। ୨୦୨୫ରେ ଭାରତର ମୋଟ ଋଣ ପରିମାଣ ୨୪.୪ ବିଲିୟନ୍ ଡଲାର (୨.୨୫ ଲକ୍ଷ କୋଟି ଟଙ୍କା) ରହିଥିଲା। ଭାରତ ବିଶ୍ୱ ବ୍ୟାଙ୍କରୁ ନେଇଥିବା ଏହି ଅର୍ଥ ଭିତ୍ତିଭୂମି, ସ୍ୱାସ୍ଥ୍ୟ ଏବଂ ବିକାଶ ପ୍ରକଳ୍ପ କ୍ଷେତ୍ରରେ ବ୍ୟବହାର କରୁଥିବା କୁହାଯାଉଥିଲେ ହେଁ ବାସ୍ତବତଃ ଏହାକୁ ମାଗଣା ବଣ୍ଟନ, ତୁଷ୍ଟୀକରଣ ଓ ଭୋଟ ପାଇଁ ବ୍ୟବହାର କରାଯାଉଥିବା ଅର୍ଥନୀତିଜ୍ଞମାନେ ମନେ କରୁଛନ୍ତି। ଏହି ଋଣ ଭାରତ ଉଭୟ ଅନ୍ତର୍ଜାତୀୟ ପୁନର୍ଗଠନ ଓ ବିକାଶ ବ୍ୟାଙ୍କ (ଆଇବିଆର୍‌ଡି) ଏବଂ ଆନ୍ତର୍ଜାତୀୟ ବିକାଶ ସଂଘ (ଆଇଡିଏ)ରୁ ନେଇଛି। ବିଶ୍ୱ ବ୍ୟାଙ୍କରୁ ଋଣ ନେବାରେ ଭାରତ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି ଇଣ୍ଡୋନେସିଆ। ଏହି ଦେଶର ମୋଟ ଋଣ ପରିମାଣ ୨୨.୨ ବିଲିୟନ୍ ଡଲାର।




ବିଶ୍ୱ ବ୍ୟାଙ୍କର ସବୁଠୁ ଅଧିକ ଋଣୀ ଦେଶ ସୂଚୀରେ ତୃତୀୟ ସ୍ଥାନରେ ରହିଛି ପାକିସ୍ତାନ। ପାକିସ୍ତାନର ମୋଟ ଋଣ ପରିମାଣ ୨୦ ବିଲିୟନ୍ ଡଲାର (୧.୮୪ ଲକ୍ଷ କୋଟି ଟଙ୍କା) । ୨୦୨୫ରେ ବିଶ୍ୱ ବ୍ୟାଙ୍କର ସବୁଠୁ ଅଧିକ ଋଣକାରୀ ୧୦ ଦେଶ ତାଲିକାରେ ପାକିସ୍ତାନ ନ ସ୍ଥାନ ପାଇନ ଥିଲା। ମାତ୍ର ଚଳିତ ବର୍ଷ ଏହା ସାରା ବିଶ୍ୱରେ ୩ୟ ଋଣୀ ରାଷ୍ଟ୍ର ଭାବରେ ଉଭା ହୋଇଛି। ଚତୁର୍ଥ ସ୍ଥାନରେ ଥିବା ବାଂଲାଦେଶ ଉପରେ ମୋଟ ୧୯.୮ ବିଲିୟନ୍ ଡଲାର(୧.୮୨ ଲକ୍ଷ କୋଟି ଟଙ୍କା) ଋଣଭାର ରହିଛି। ରୁଷ ସହ ଯୁଦ୍ଧରେ ଲିପ୍ତ ଥିବା ସତ୍ତ୍ୱେ ▶ପୃଷ୍ଠା-୭



ସକାଳ
www.sakalaepaper.com

# ୮ ଲୋକସଭା ସାଂସଦଙ୍କ ନିଲମ୍ବନ ପ୍ରତ୍ୟାହାର

ନୂଆଦିଲ୍ଲୀ, ୧୭ ।୩(ଏଜେନ୍ସି): ଲୋକସଭାରେ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ୮ ଜଣ ବିରୋଧୀ ସାଂସଦଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରି ନିଆଯାଇଛି। ଏମାନଙ୍କ ମଧ୍ୟରେ କଂଗ୍ରେସର ୭ ଓ ବାମପନ୍ଥୀ ଦଳର ଜଣେ ସାଂସଦ ରହିଛନ୍ତି। ଗତ ଫେବୃଆରୀ ୪ରେ ବଜେଟ ଅଧିବେଶନ ସମୟରେ ଏହି ସାଂସଦମାନଙ୍କୁ ନିଲମ୍ବିତ କରାଯାଇଥିଲା। ସେହି ସମୟରେ ରାହୁଲ ଗାନ୍ଧୀ ପୂର୍ବ ଲଦାଖରେ ଭାରତ- ଚୀନ୍ ସୀମା ବିବାଦ ପ୍ରସଙ୍ଗ ଉଠାଇଥିଲେ। ହଙ୍ଗାମା ସମୟରେ ଏହି ସାଂସଦମାନେ ବାଚସ୍ପତିଙ୍କ ଆସନ ଆଡ଼କୁ ମାଡ଼ିଯିବା ସହ କାଗଜ ଫିଙ୍ଗିଥିବା ଅଭିଯୋଗ ହୋଇଥିଲା। ମଙ୍ଗଳବାର କଂଗ୍ରେସ ସାଂସଦ କେ ସୁରେଶ ଓ ଅନ୍ୟ ଦୁଇଜଣ ସାଂସଦ ନିଲମ୍ବନ ଆଦେଶ ପାଇଁ ପ୍ରସ୍ତାବ ଆଣିଥିଲେ। ଧ୍ୱନିମତରେ ଏହି ପ୍ରସ୍ତାବ ପାରିତ ହେବା ପରେ ସେମାନଙ୍କ ଉପରୁ କଟକଣା ହଟାଇ ଦିଆଯାଇଛି। ସମାଜବାଦୀ ପାର୍ଟି ସାଂସଦ ଧର୍ମେନ୍ଦ୍ର ଯାଦବ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ନିଲମ୍ବନ ପ୍ରତ୍ୟାହାର ସମୟରେ ବାଚସ୍ପତି ଓମ୍ ବିର୍ଲା ସମସ୍ତ ସାଂସଦଙ୍କୁ ଗୃହର ମର୍ଯ୍ୟାଦା ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ପୁଣି ସଦନ ମଧ୍ୟରେ କୌଣସି ପ୍ରକାର ପୋଷ୍ଟର କିମ୍ବା ପ୍ଲାକାର୍ଡ ପ୍ରଦର୍ଶନ କରାଯାଇପାରି ନାହିଁ ବୋଲି ସେ କହିଥିଲେ।

**ପୋଷ୍ଟର, ଏଆଇ ଫଟୋ ନଦେଖାଇବାକୁ ବାଚସ୍ପତିଙ୍କ ନିର୍ଦ୍ଦେଶ**

# ପଞ୍ଚାୟତ ବୈଠକରେ ଶାଶୂ, ଶଳାକୁ ହତ୍ୟା କଲା ଜ୍ୱାଇଁ

## ପୁଲିସ ଏନ୍‌କାଉଣ୍ଟରରେ ମୃତ

ବରେଲି, ୧୭ ।୩(ଏଜେନ୍ସି): ଉତ୍ତର ପ୍ରଦେଶର ବରେଲି ଜିଲ୍ଲାରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହର ସମାଧାନ ପାଇଁ ବସିଥିବା ପଞ୍ଚାୟତ ବୈଠକରେ ଜଣେ ବ୍ୟକ୍ତି ନିଜ ଶାଶୁ ଓ ଶଳାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛି। ଅଭିଯୁକ୍ତ ଜଣକ ପୁଲିସ ଏନକାଉଣ୍ଟରରେ ପ୍ରାଣ ହରାଇଥିବା ସୂଚନା ମିଳିଛି। ଅଭିଯୁକ୍ତ ଅଫସର ଖାନ (୪୦) ଓ ସାଇମା (୨୮)ଙ୍କର ୯ ବର୍ଷ ପୂର୍ବେ ବିବାହ ହୋଇଥିଲା। ପାରିବାରିକ କଳହ ଯୋଗୁଁ ୫ ଦିନ ତଳେ ସାଇବା ନିଜ ବାପଘରକୁ ଚାଲିଆସିଥିଲେ। ସେମାନଙ୍କ ମଧ୍ୟ ବୁଝାମଣା କରିବା ପାଇଁ ସୋମବାର ପଞ୍ଚାୟତ ବୈଠକ ବସିଥିଲା। କିନ୍ତୁ ବୈଠକ ଚାଲିଥିବା ସମୟରେ ଅଫସର ହଠାତ ଉତ୍ତ୍ୟକ୍ତ ହୋଇ ନିଜ ଶାଶୂ ଆସମା (୫୪) ଓ ଶଳା ଆଦିଲ (୨୦)ଙ୍କୁ ଛୁରୀ ଭୁସି ହତ୍ୟା କରିଥିଲେ। ସେ ନିଜ ପତ୍ନୀଙ୍କୁ ମଧ୍ୟ ଆକ୍ରମଣ କରିଥିଲେ, ସେ ଏବେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ହତ୍ୟା ପରେ ଅଫସର ଫେରାର ହୋଇଯାଇଥିଲା। ମଙ୍ଗଳବାର ସକାଳେ ପୁଲିସ ତାଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଆତ୍ମସମର୍ପଣ କରିବା ବଦଳରେ ସେ ପୁଲିସ ଉପରକୁ ଗୁଳି ଚଳାଇଥିଲା। ପୁଲିସର ପାଲଟା ଗୁଳିମାଡ଼ରେ ଅଫସର ଗୁରୁତର ଆହତ ହୋଇ ପ୍ରାଣ ହରାଇଛି। ଦୁଇ ପୁଲିସ କର୍ମଚାରୀ ମଧ୍ୟ ଏହି ଗୁଳି ବିନିମୟରେ ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଅଫସର ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ଥିଲା। ୨୦୦୯ରେ ସେ ନିଜର ମାମୁଁଙ୍କୁ ହତ୍ୟା ଅଭିଯୋଗରେ କାରାଦଣ୍ଡ ଭୋଗୁଥିଲା ଓ କୋର୍ଟରୁ ଜାମିନ ପାଇ ବାହାରକୁ ଆସିଥିଲା।

# ରିଲ୍ସ ପାଇଁ ଗଲା ଜୀବନ

## ହସି ହସି ନିଜ ଛାତିକୁ ଗୁଳି କଲେ ଯୁବକ



ନୂଆଦିଲ୍ଲୀ, ୧୭ ।୩(ଏଜେନ୍ସି): ପୂର୍ବର ଦିଲ୍ଲୀର ଦଲ୍ଲୁପୁରା ଅଞ୍ଚଳରେ ଏକ ଅତ୍ୟନ୍ତ ଦୁଃଖଦାୟକ ଘଟଣା ଘଟିଛି। ସୋସିଆଲ ମିଡ଼ିଆ ରିଲ୍ସ ପାଇଁ ପ୍ରସ୍ତୁତ କରିବା ସମୟରେ ଜଣେ ଯୁବକ ନିଜ ଛାତିକୁ ଗୁଳି କରି ପ୍ରାଣ ହରାଇଛନ୍ତି। ମୃତ ଯୁବକଙ୍କ ନାମ ହେଉଛି ପବନ। ପବନ ଏକ ବନ୍ଧୁକ ଷ୍ଟଣ୍ଟ ପ୍ରଦର୍ଶନ କରୁଥିବା ବେଳେ ତାଙ୍କ ସାଙ୍ଗ ଏହାର ଭିଡ଼ିଓ ରେକର୍ଡିଂ କରୁଥିଲେ। ଭିଡ଼ିଓରେ ଦେଖିବାକୁ ମିଳିଛି ଯେ ପବନ ହସି ହସି ବନ୍ଧୁକଟିକୁ ନିଜ ଛାତିରେ ଲଗାଇଥିଲେ। ପବନ ଭାବିଥିଲେ ଯେ ବନ୍ଧୁକଟି ଲକ୍ ଅଛି, କିନ୍ତୁ ଦୁର୍ଭାଗ୍ୟବଶତଃ ତାହା ହୋଇ ନଥିଲା। ଗୁଳିଟି ସିଧା ପବନଙ୍କ ଛାତିରେ ବାଜିଥିଲା। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲେ ହେଁ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଭିଡ଼ିଓ କରୁଥିବା ସାଙ୍ଗ ଜଣକ ପବନଙ୍କୁ ବନ୍ଧୁକ କିପରି ଲୋଡ୍ କରାଯାଏ ସେ ନେଇ ଟିପ୍ସ ଦେଉଥିଲେ ଓ ଗୁଳି ନ ଚଳାଇବାକୁ ଚେତାବନି ମଧ୍ୟ ଦେଉଥିଲେ। ପୁଲିସ ସୂଚନା ଅନୁଯାୟୀ, ବ୍ୟବହୃତ ପିସ୍ତଲଟି ଲାଇସେନ୍ସପ୍ରାପ୍ତ ଓ ତାହା ଭିଡ଼ିଓ ସୁଟିଂ କରୁଥିବା ସାଙ୍ଗଙ୍କର ଥିଲା। ପୁଲିସ ପ୍ରାଥମିକ ତଦନ୍ତ ପରେ କହିଛି ଯେ ବନ୍ଧୁକ ସହ ଷ୍ଟଣ୍ଟ କରିବା ପବନଙ୍କ ପାଇଁ କାଳ ହେଲା। ପୁଲିସ ଏହି ଘଟଣା ଅଧିକ ତଦନ୍ତ ଜାରି ରଖିଛି ଓ ସାଙ୍ଗଙ୍କ ବୟାନ ରେକର୍ଡ କରାଯାଇଛି।

**ମଧ୍ୟପ୍ରାଚ୍ୟ ମହାଯୁଦ୍ଧ**

# ଇରାନ ଆକ୍ରମଣ ଅପ୍ରତ୍ୟାଶିତ ଥିଲା: ଟ୍ରମ୍ପ

ୱାଶିଂଟନ/ତେହରାନ, ୧୭ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅସନ୍ତୋଷକୁ ପଦାରେ ପକାଇଛି। ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନ ଦ୍ୱାରା ଉପସାଗରୀୟ ଦେଶଗୁଡ଼ିକ ଉପରେ ହୋଇଥବା ପ୍ରତିଶୋଧମୂଳକ ଆକ୍ରମଣ ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଥିଲା। ମାତ୍ର ଗୁପ୍ତଚର ରିପୋର୍ଟ ଓ ବିଶେଷଜ୍ଞମାନେ ତାଙ୍କୁ ପୂର୍ବରୁ ଏ ନେଇ ଚେତାବନୀ ଦେଇଥିଲେ। ତେହେରାନ ଆଞ୍ଚଳିକ ଦେଶଗୁଡ଼ିକୁ ଲକ୍ଷ୍ୟ କରି ଏହି ବିବାଦକୁ ବଢ଼ାଇପାରେ ବୋଲି କହିଥିଲେ। ବୁଦ୍ଧିଜୀବୀ ଓ ସାମରିକ ବିଶେଷଜ୍ଞମାନେ ଏହାକୁ ଖଣ୍ଡନ କରି କହିଛନ୍ତି ଯେ ସେମାନେ ଏଭଳି ପରିସ୍ଥିତି ସୃଷ୍ଟି ହେବା ନେଇ ରାଷ୍ଟ୍ରପତିଙ୍କୁ ଆଗୁଆ ସତର୍କ କରାଇଥିଲେ। ଟ୍ରମ୍ପ କହିଛନ୍ତି,କେହିବି ଭାବି ନଥିଲେ ଯେ ଇରାନ ଅନ୍ୟ ମଧ୍ୟ-ପ୍ରାଚ୍ୟ ଦେଶଗୁଡ଼ିକ ଉପରେ ଆକ୍ରମଣ କରିବ। ଏହା ଦେଖି ଆମେ ସମସ୍ତେ ସ୍ତବ୍ଧ ହୋଇଥିଲୁ। ଏହା ଆମପାଇଁ ଏକ ବଡ଼ ଧକ୍କା ସଦୃଶ ଥିଲା। ଇରାନ ସହିତ ଥିବା ସମ୍ପର୍କ କ୍ଷେତ୍ରରେ ଏହି ଦେଶଗୁଡ଼ିକ ନିରପେକ୍ଷ ବୋଲି ବର୍ଣ୍ଣନା କରିଥିଲେ। ରଏଟର୍ସର ରିପୋର୍ଟ ଅନୁଯାୟୀ, ଯୁଦ୍ଧ ପୂର୍ବରୁ ଗୁପ୍ତଚର ବିଭାଗ ରିପୋର୍ଟ ଦେଇଥିଲା ଯେ ଇରାନ ସାଉଦି ଆରବ, କାତାର, ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ), ବାହାରିନ ଓ କୁଏତ ଭଳି ଦେଶଗୁଡ଼ିକୁ ଟାର୍ଗେଟ କରିପାରେ, କାରଣ ସେଠାରେ ଆମେରିକୀୟ ଘାଟି ରହିଛି। ଟ୍ରମ୍ପ ଏହି ଦେଶଗୁଡ଼ିକୁ ନିରପେକ୍ଷ ବୋଲି ବର୍ଣ୍ଣନା କରିଥିଲେ ଓ ସେମାନଙ୍କ ଉପରେ ଆକ୍ରମଣ ହେବ ବୋଲି କେହି ଆଶା କରି ନଥିଲେ। ଆମେରିକା ବୈଦେଶିକ ବିଭାଗର ପୂର୍ବତନ ଅଧିକାରୀ ନେଟ୍ ସ୍ୱାନସନ ଆକ୍ରମଣର ୪ ଦିନ ପୂର୍ବରୁ ଏକ ପ୍ରବନ୍ଧରେ ଲେଖିଥିଲେ ଯେ ଇରାନ ନିଜର ଅସ୍ତିତ୍ୱ ରକ୍ଷା କରିବା ପାଇଁ ଅଧିକ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିପାରେ। ଟ୍ରମ୍ପ ଇରାନର ସ୍ଥିତି ବୁଝିବାରେ ବିଫଳ ହୋଇଥିବା ସେ ମତ ଦେଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଯେଉଁ ବିଶେଷଜ୍ଞମାନେ ଆଗୁଆ ସତର୍କବାଣୀ ଶୁଣାଇଥିଲେ, ସେମାନଙ୍କ ମଧ୍ୟରୁ କେତେକଙ୍କୁ ଟ୍ରମ୍ପ ଗତବର୍ଷ ଚାକିରିରୁ ବାହାର କରିଦେଇଥିଲେ। ବିଶେଷଜ୍ଞମାନେ ପୂର୍ବରୁ ଚେତାବନୀ ଦେଇଥିଲେ ଯେ ଇରାନ ହର୍ମୁଜ ପ୍ରଣାଳୀ ବନ୍ଦ କରିଦେବ, ଯାହା ବିଶ୍ୱ ଅର୍ଥନୀତି ଉପରେ ଗୁରୁତର ପ୍ରଭାବ ପକାଇବ। ଟ୍ରମ୍ପ ଅବଶ୍ୟ ପରବର୍ତ୍ତୀ ସମୟରେ ଏହି ମାର୍ଗକୁ ମୁକ୍ତ କରିବା ପାଇଁ ସହଯୋଗୀ ଦେଶମାନଙ୍କ ସାହାଯ୍ୟ ମାଗିଥିଲେ।

**ଆମେ ଆଗୁଆ ସତର୍କ କରାଇଥିଲୁ ବୋଲି କହିଲେ ବିଶେଷଜ୍ଞ**

# ଅମେରିକୀୟ ସେନା ଉପରେ ଆକ୍ରମଣ ପାଇଁ ତଥ୍ୟ ଦେଉଛି ରୁଷ ଉପଗ୍ରହ



ୱାଶିଂଟନ/ତେହେରାନ, ୧୭ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଏବେ ମହାକାଶରୁ ନିୟନ୍ତ୍ରିତ ହେଉଛି। ଆମେରିକୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ରୁଷିଆ ଏବେ ଇରାନକୁ ଗୁରୁତ୍ୱପୂର୍ଣ୍ଣ ଉପଗ୍ରହ ତଥା ସାଟେଲାଇଟ୍ ଗୁପ୍ତଚର ତଥ୍ୟ ପ୍ରଦାନ କରୁଛି। ଯାହା ଫଳରେ ଇରାନ ଆମେରିକାର ଯୁଦ୍ଧ ଜାହାଜ ଓ ସାମରିକ ଘାଟି ଉପରେ ଅତି ସଠିକ ଭାବେ ଟାର୍ଗେଟ କରିବାକୁ ସକ୍ଷମ ହେଉଛି। 'ଦି ୱାଶିଂଟନ ପୋଷ୍ଟ' ଅନୁଯାୟୀ, ରୁଷିଆ ନିଜର ସାଟେଲାଇଟ୍ ନେଟୱର୍କ ମାଧ୍ୟମରେ ଆମେରିକୀୟ ସୈନ୍ୟ ଓ ଜାହାଜର ଗତିବିଧି ସମ୍ପର୍କିତ ତଥ୍ୟ ଇରାନ ସହ ସେୟାର କରୁଛି। ଯଦିଓ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏହାକୁ ଅସ୍ୱୀକାର କରିଛନ୍ତି, ତଥାପି ମସ୍କୋ ଓ ତେହେରାନ ମଧ୍ୟରେ ବଢୁଥିବା ସାମରିକ ବନ୍ଧୁତା ଏହାକୁ ସ୍ପଷ୍ଟ କରୁଛି। ନିକଟରେ କୁଏତରେ ଥିବା ଏକ ଆମେରିକୀୟ ସାମିରକ ଘାଟି ଉପରେ ଇରାନର ଡ୍ରୋନ ଆକ୍ରମଣରେ ୬ ଜଣ ସୈନ୍ୟ ମୃତ୍ୟୁବରଣ କରିଛନ୍ତି। ଏହି ଆକମଣରେ ଯେଉଁ ପ୍ରକାର ସଠିକତା ଦେଖିବାକୁ ମିଳିଛି, ତାହା ରୁଷର ସାଟେଲାଇଟ୍ ଡାଟାର ବ୍ୟବହାର ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ଅନ୍ୟପଟେ ଚୀନ୍ ଏହି ସଂଘର୍ଷରେ ଅତି ସତର୍କତା ଅବଲମ୍ବନ କରୁଛି। ଚୀନ ଇରାନକୁ ଆର୍ଥିକ ସହାୟତା ଓ ମିସାଇଲ ଅଂଶ ଯୋଗାଇବାକୁ ପ୍ରସ୍ତୁତ ହେଉଥିଲେ ମଧ୍ୟ ହର୍ମୁଜ ପ୍ରଣାଳୀରେ ତେଲ ପରିବହନ ବାଧାପ୍ରାପ୍ତ ହେବା ଭୟରେ କୌଣସି ବଡ଼ ପଦକ୍ଷେପ ନେବାରୁ ଦୂରେଇ ରହିଛି। ସୂଚନାଯୋଗ୍ୟ ଯେ, ଗତ କିଛିବର୍ଷ ଧରି ଇରାନ ରୁଷିଆକୁ ୟୁକ୍ରେନ ଯୁଦ୍ଧ ପାଇଁ ଡ୍ରୋନ ଓ ମିସାଇଲ ଯୋଗାଇ ଆସୁଛି। ବର୍ତ୍ତମାନ ରୁଷିଆ ଏହାର ପ୍ରତିବଦଳରେ ଇରାନକୁ ଉନ୍ନତ ସାମରିକ ସୂଚନା ଦେଇ ଆସୁଛି। ଫଳରେ ଆମେରିକା ପାଇଁ ନିଜର ସମ୍ପତ୍ତି ଓ ସୈନ୍ୟଙ୍କୁ ରକ୍ଷା କରିବା ଏକ ବଡ଼ ଆହ୍ୱାନ ପାଲଟିଛି।



# ଇରାନର ସୁରକ୍ଷା ମୁଖ୍ୟ ଲାରିଜାନୀଙ୍କୁ ହତ୍ୟା କରିଛୁ: ଇସ୍ରାଏଲ

ତେହେରାନ/ଜେରୁଜେଲମ୍, ୧୭ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକ- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଭୟଙ୍କର ଯଦ୍ଧ ମଙ୍ଗଳବାର ଅଷ୍ଟାଦଶ ଦିବସରେ ପହଞ୍ଚିଛି। ଇସ୍ରାଏଲ ସେନା ଦାବି କରିଛି ଯେ ସେମାନେ ଇରାନର ଶୀର୍ଷ ସୁରକ୍ଷା ମୁଖ୍ୟ ଅଲି ଲାରିଜାନୀଙ୍କୁ ଟାର୍ଗେଟ କରିଛନ୍ତି। ତେବେ ସେ ଏହି ଆକ୍ରମଣରେ ମୃତ କିମ୍ବା ଆହତ, ତାହାର ସ୍ପଷ୍ଟ ସୂଚନା ମିଳିନାହିଁ। ଅନ୍ୟପଟେ ଇରାନ ଇସ୍ରାଏଲର ଏହି ଦାବିକୁ ଅସ୍ୱୀକାର କରିଛି ଓ ଲାରିଜାନୀଙ୍କ ସୋସିଆଲ ମିଡ଼ିଆ ଆକାଉଣ୍ଟରେ ଏକ ହାତଲେଖା ଚିଠି ସେୟାର କରିଛି। ଇସ୍ରାଏଲର ଏହି ଗୁରୁତ୍ୱପୂର୍ଣ୍ଣ ଦାବି ମଧ୍ୟରେ ଲାରିଜାନୀଙ୍କ 'ଏକ୍ସ' ଆକାଉଣ୍ଟରେ ଏକ ନୋଟ୍ ପ୍ରକାଶ ପାଇଛି। ଏଥିରେ ସେ ନିକଟରେ ଆମେରକା ଆକ୍ରମଣରେ ସହିଦ ହୋଇଥିବା ଇରାନୀ ନାବିକଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଯଦି ଏହି ଖବର ସତ୍ୟ ହୁଏ, ତେବେ ଯୁଦ୍ଧର ପ୍ରଥମ ଦିନରେ ସର୍ବୋଚ୍ଚ ନେତା ଆୟୋତୁଲ୍ଲା ଖାମନେଇଙ୍କ ମୃତ୍ୟୁପରେ ଲାରିଜାନୀ ହେଉଛନ୍ତି ସବୁଠାରୁ ବଡ଼ ଇରାନୀ ନେତା ଯିଏ ଏହି ସଂଘର୍ଷରେ ପ୍ରାଣ ହରାଇଛନ୍ତି। ଲାରିଜାନୀଙ୍କ ସହ ବାସିଜ୍ ପାରାମିଲିଟାରୀ ଫୋର୍ସର କମାଣ୍ଡର ଗୋଲାମରେଜା ସୋଲମାନି ଓ ଅନ୍ୟ କେତେକ ବରିଷ୍ଠ ଅଧିକାରୀ ମଧ୍ୟ ନିହତ ହୋଇଥିବା ଇସ୍ରାଏଲ ଦାବି କରିଛି। ବାସିଜ ସେନାର ୩୦୦ ଯବାନ ମଧ୍ୟ ପ୍ରାଣ ହରାଇଥିବା କୁହାଯାଇଛି। ଇସ୍ରାଏଲ ଅଧିକାରୀଙ୍କ ଅନୁଯାୟୀ, ଲାରିଜାନୀ ନିଜ ପୁଅ ସହ ଏକ ଗୁପ୍ତ ଆପାର୍ଟମେଣ୍ଟରେ ଲୁଚି ଥିବା ବେଳେ ଆକ୍ରମଣ କରାଯାଇଥିଲା। ଗୁପ୍ତଚର ସୂଚନା ପାଇବା ମାତ୍ରେ ସଠିକ ସମୟରେ ବୋମା ମାଡ଼ କରାଯାଇଥିଲା। ଲାରିଜାନୀ ଦଶନ୍ଧି ଧରି ଇରାନ ସଂସଦର ବାଚସ୍ପତି ଭାବେ କାର୍ଯ୍ୟ କରିଥିଲେ। ପାଶ୍ଚାତ୍ୟ ଦେଶଗୁଡ଼ିକ ସହ ପରମାଣୁ ଚୁକ୍ତି ଆଲୋଚନାରେ ମୁଖ୍ୟ ଭୂମିକା ନେଇଥିଲେ। ୨୦୨୫ରେ ତାଙ୍କୁ ପୁଣିଥରେ ଜାତୀୟ ସୁରକ୍ଷା ପରିଷଦର ସଚିବ ଭାବେ ନିଯୁକ୍ତି କରାଯାଇଥିଲା। ଖାମନେଇଙ୍କ ମୃତ୍ୟୁ ପରେ ସେ ଇରାନର ଯୁଦ୍ଧ ରଣନୀତି ପ୍ରସ୍ତୁତ କରିବାରେ ପ୍ରମୁଖ ବ୍ୟକ୍ତି ଥିଲେ। ଲାରିଜାନୀଙ୍କ ଭଳି ୧୦ ଜଣ ଶୀର୍ଷ ଇରାନୀ ଅଧିକାରୀଙ୍କ ସମ୍ପର୍କରେ ସୂଚନା ଦେବାକୁ ଆମେରିକା କୋଟିଏ ଡଲାରର ପୁରସ୍କାର ଘୋଷଣା କରିଥିଲା। ଯୁଦ୍ଧ ଆରମ୍ଭରୁ ଏପର୍ଯ୍ୟନ୍ତ ଇସ୍ରାଏଲ ଇରାନର ପ୍ରାୟ ୧୦ଜଣ ଅଧିକାରୀଙ୍କୁ ହତ୍ୟା କରି ସାରିଲାଣି। ଏଥିରେ ଖାମନେଇଙ୍କ ବ୍ୟକ୍ତିଗତ ପରାମର୍ଶଦାତା ଅଲି ଶାମଖାନି ମଧ୍ୟ ସାମିଲ ଅଛନ୍ତି।

ମଙ୍ଗଳବାର ଇସ୍ରାଏଲ ସେନା ତେହରାନ ଉପରେ ବଡ଼ଧରଣର ଆକ୍ରମଣ କରିଛି। ଇରାନ ସରକାରଙ୍କ ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ଧ୍ୱଂସ କରିବା ଏହି ଆକ୍ରମଣ ଲକ୍ଷ୍ୟ। ସେପଟେ ଶ୍ରୀଲଙ୍କା ନିକଟରେ ଆମେରିକାର ଟର୍ପିଡ଼ୋ ଆକ୍ରମଣରେ ବୁଡ଼ି ଯାଇଥିବା ଇରାନର ଯୁଦ୍ଧ ଜାହାଜ 'ଆଇଆରଆଇଏସ୍ ଡେନା'ର ୮୪ ଜଣ ମୃତ ନାବିକଙ୍କ ଅନ୍ତିମ ସଂସ୍କାର ମଙ୍ଗଳବାର କରାଯାଇଛି। ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ତେହରାନବାସୀଙ୍କୁ ଏହି ଶୋଭାଯାତ୍ରାରେ ସାମିଲ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟପଟେ ହର୍ମୁଜ ପ୍ରଣାଳୀରେ ସୃଷ୍ଟି ହୋଇଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ଭାରତ ଏହି ଅଞ୍ଚଳରେ ନିଜର ଦୁଇଟି ଯୁଦ୍ଧ ଜାହାଜ ମୁତୟନ କରିଛି। ଏହି ଜାହାଜଗୁଡ଼ିକ ଭାରତକୁ ତେଲ ଓ ଗ୍ୟାସ ଆଣୁଥିବା ବାଣିଜ୍ୟିକ ଜାହାଜଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବ।

# ଭାରତରେ ୭ ବିଦେଶୀ ନାଗରିକ ଗିରଫ, ପ୍ରତିବାଦ ଜଣାଇଲା ୟୁକ୍ରେନ

ନୂଆଦିଲ୍ଲୀ, ୧୭।୩ (ଏଜେନ୍ସି): ଭାରତ ବିରୋଧରେ ବଡ଼ ଷଡ଼ଯନ୍ତ୍ର ଚାଲିଛି। ଏଥିରେ ସାମିଲ ଥିବା ଜଣେ ଆମେରିକୀୟ ଏବଂ ୟୁକ୍ରେନର ୬ ଜଣ ନାଗରିକଙ୍କୁ ଏନ୍‌ଆଇଏ ଗିରଫ କରିଛି। ଏମାନେ ଭାରତ ଦେଇ ମ୍ୟାଁମାରରେ ପ୍ରବେଶ କରିବାକୁ ପ୍ରୟାସ କରୁଥିଲେ। ସେଠାରେ ଯାଇ ଆତଙ୍କବାଦୀ ଗୋଷ୍ଠୀଙ୍କୁ ଡ୍ରୋନ ଯୁଦ୍ଧର ପ୍ରଶିକ୍ଷଣ ଦେଇଥାନ୍ତେ। ଏମାନଙ୍କୁ ଗିରଫ କରାଯାଇଥିବାରୁ ୟୁକ୍ରେନ ଭାରତ ନିକଟରେ ଦୃଢ଼ ପ୍ରତିବାଦ ଜଣାଇଥିବା ବେଳେ ଆମେରିକା କହିଛି ଯେ ଘଟଣା ଉପରେ ଏହା ନଜର ରଖିଛି। ଭାରତ ବିରୋଧୀ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିବା ପାଇଁ ଏନଆଇଏ ଉକ୍ତ ୭ ଜଣଙ୍କୁ ୧୧ ଦିନ ପାଇଁ ହେପାଜତକୁ ନେଇଛି। ଆଜି ଅଭିଯୁକ୍ତଙ୍କୁ ଦିଲ୍ଲୀର ପଟିଆଲା ହାଉସ କୋର୍ଟରେ ହାଜର କରାଯାଇଥିଲା। ପରେ କୋର୍ଟ ହେପାଜତରେ ନେବାକୁ ଅନୁମତି ଦେଇଥିଲେ। ସୂଚନା ଅନୁଯାୟୀ, ଆମେରିକୀୟ ନାଗରିକ ମାଥ୍ୟୁ ଭାନଡେକକୁ କୋଲକାତାରୁ, ତିନି ୟୁକ୍ରେନୀୟ ନାଗରିକଙ୍କୁ ଲକ୍ଷ୍ନୌ ଏବଂ ଅନ୍ୟ ତିନି ଜଣଙ୍କୁ ଦିଲ୍ଲୀରୁ ଗିରଫ କରାଯାଇଥିଲା। ଏମାନେ ହେଲେ ହୁର୍ବା ପେଟ୍ରୋ, ସ୍ଲିଭିୟାକ ଟରାସ, ଇଭାନ ସୁକମାନଭିସ୍କି, ଷ୍ଟେଫାନକିଭ ମରିନ, ହନଚରୁକ ମକସିମ ଏବଂ କାମିନସ୍କି ଭିକ୍ଟର। ପର୍ଯ୍ୟଟକ ଭିସାରେ ୧୪ ଜଣ ୟୁକ୍ରେନ ନାଗରିକ ଭାରତରେ ପ୍ରବେଶ କରିଥିଲେ। ସେମାନେ ପ୍ରଥମେ ଗୌହାଟୀ ଏବଂ ପରେ ମିଜୋରାମ ଦେଇ ବିନା କାଗଜପତ୍ରରେ ମ୍ୟାଁମାରରେ ପ୍ରବେଶ କରିଥିଲେ।

ଏନ୍‌ଆଇଏ ସନ୍ଦେହ କରୁଛି ଯେ ଏହି ଗୋଷ୍ଠୀ ଭାରତରେ ସକ୍ରିୟ ଥିବା ବିଦ୍ରୋହୀ ଏବଂ ଆତଙ୍କବାଦୀ ସଂଗଠନଗୁଡ଼ିକୁ ଡ୍ରୋନ୍ ଯୁଦ୍ଧ କୌଶଳର ପ୍ରଶିକ୍ଷଣ ଦେବା ପାଇଁ ଏଠାକୁ ଆସିଥିଲେ। ଏହି ଗୋଷ୍ଠୀଗୁଡ଼ିକ ପାଇଁ ୟୁରୋପରୁ ଭାରତ ଦେଇ ମିଆଁମାରକୁ ବିପୁଳ ପରିମାଣର ଡ୍ରୋନ୍ ପଠାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। କୋର୍ଟରେ ଏନଆଇଏ କହିଛି ଯେ ଜବତ ହୋଇଥିବା ମୋବାଇଲ୍ ଫୋନ୍ ଏବଂ ଡିଜିଟାଲ୍ ପ୍ରମାଣର ଫୋରେନସିକ୍ ଯାଞ୍ଚ ଚାଲିଛି। ତଦନ୍ତ ପାଇଁ ଅଭିଯୁକ୍ତଙ୍କୁ ବିଭିନ୍ନ ସ୍ଥାନକୁ ନେବାର ଆବଶ୍ୟକତା ରହିଛି। ଇତିମଧ୍ୟରେ ଭାରତର ଏହି କାର୍ଯ୍ୟାନୁଷ୍ଠାନ ନେଇ ପ୍ରତିକ୍ରିୟା ଜଣାଇଛନ୍ତି ୟୁକ୍ରେନ ସରକାର ଓ ଆମେରିକା ପ୍ରଶାସନ। ଆ।।ମେରିକା ଦୂତାବାସ ପକ୍ଷରୁ କୁହାଯାଇଛି ଯେ ପରିସ୍ଥିତି ଉପରେ ପ୍ରଶାସନ ନଜର ରଖିଛି, କନ୍ତୁ ଏବେ କିଛି କୁହାଯିବ ନାହିଁ। ସେହିଭଳି ୟୁକ୍ରେନ ଏହାର ପ୍ରତିବାଦ କରିବା ସହିତ କହିଛି ଯେ ଭାରତ ସରକାର ଏବଂ ଅଭିଯୁକ୍ତଙ୍କ ପରିବାର ସହିତ ସଂପର୍କ ସ୍ଥାପନ କରାଯାଇଛି।

# ଭବାନୀପୁରରେ ମମତା-ଶୁଭେନ୍ଦୁ ଲଢ଼େଇ



■ ଗତ ଥର ନନ୍ଦିଗ୍ରାମରୁ ହାରିଥିଲେ ମୁଖ୍ୟମନ୍ତ୍ରୀ
■ ପ୍ରଥମ ତାଲିକା ଜାରି କଲା ଟିଏମସି

କୋଲକାତା, ୧୭।୩ (ଏଜେନ୍ସି): ନିର୍ବାଚନ କମିଶନ (ଇସି)ଙ୍କ ତାରିଖ ଘୋଷଣା ପରେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପାଇଁ ଲଢ଼େଇ ଆରମ୍ଭ ହୋଇଯାଇଛି। ବିରୋଧୀ ବିଜେପି ପ୍ରଥମ ପ୍ରାର୍ଥୀ ତାଲିକା ଜାରି କରିବାର ଦିନକ ପରେ ଶାସକ ଟିଏମସି ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରିଛି। ମୋଟ ୨୯୪ ଆସନରୁ ୨୯୧ଟି ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଅନ୍ୟ ତିନୋଟି ଆସନ ସହଯୋଗୀ ବିଜିପିଏମ ପାଇଁ ଟିଏମସି ଛାଡ଼ି ଦେଇଛି। ଗତ ବିଧାନସଭା ନିର୍ବାଚନ ପରି ଚଳିତ ଥର ମଧ୍ୟ ଦୁଇ ପୂର୍ବତନ ସହଯୋଗୀଙ୍କ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିବ। ନିଜର ପୂର୍ବତନ ସହଯୋଗୀ ତଥା ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ବିରୋଧରେ ଲଢ଼ିବାକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଷ୍ପତ୍ତି ନେଇଛନ୍ତି। ମମତା ଭବାନିପୁରରୁ ଲଢ଼ିବେ। ସାମ୍ବାଦିକ ସମ୍ମିଳନୀରେ ମମତା କହିଥିଲେ ଯେ ବିଜେପି କାହିଁକି ଡରୁଛି? ଯଦି ଲଢ଼ିବାକୁ ଚାହୁଁଛ ତେବେ ଗ୍ୟାସ ସଙ୍କଟ ସୃଷ୍ଟି କରନାହିଁ। ମୈଦାନକୁ ଓହ୍ଲାଇ ସଠିକ ଭାବେ ମୁକାବିଲା କର। ଏହି ବିଧାନସଭା ନିର୍ବାଚନ ରାଜ୍ୟ ଅସ୍ତିତ୍ୱର ଲଢ଼େଇ। ଏଥିରେ ପଶ୍ଚିମବଙ୍ଗ ହିଁ ଜିତିବ। ଦିଲ୍ଲୀର ଲଡୁ ପରାଜିତ ହେବ।

ଚଳିତ ଥର ଟିଏମସିର ସେଲିବ୍ରିଟିଙ୍କୁ ବିଶେଷ ପ୍ରାଧାନ୍ୟ ଦେଇନାହିଁ। ତୃଣମୂଳସ୍ତରର ନେତା ଏବଂ କର୍ମୀଙ୍କ ଉପରେ ଦଳ ଭରସା ପ୍ରକଟ କରିଛି। ୨୦୨୧ରେ ଟିଏମସି ୧୫ ସେଲିବ୍ରିଟିଙ୍କୁ ଟିକଟ ଦେଇଥିଲା। ମାତ୍ର ଚଳିତ ଥର କେବଳ ୨ ଜଣଙ୍କୁ ଟିକଟ ମିଳିଛି। ସେହିପରି ୪୨ ମହିଳାଙ୍କୁ ପ୍ରାର୍ଥୀ କରାଯାଇଛି। ୪୭ ପ୍ରାର୍ଥୀ ସଂଖ୍ୟାଲଘୁ ସମ୍ପ୍ରଦାୟରୁ ଆସୁଛନ୍ତି। ଏହା ବ୍ୟତୀତ ଏସସି/ ଏସଟି ବର୍ଗର ୯୫ ପ୍ରାର୍ଥୀଙ୍କୁ ଟିକଟ ଦିଆଯାଇଛି।

ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ବିଜେପିକୁ ବଡ଼ ଝଟ୍‌କା ଲାଗିଛି। ବରିଷ୍ଠ ନେତା ଶୁଭେନ୍ଦୁ ଅଧିକାରୀଙ୍କ ଘନିଷ୍ଠ ସହଯୋଗୀ ତଥା ବିଜେପି ପଞ୍ଚାୟତ ମୁଖ୍ୟ ପବିତ୍ର କର ମଙ୍ଗଳବାର ପୁଣି ଟିଏମସିରେ ସାମିଲ ହୋଇଛନ୍ତି। ଆଗାମୀ ବିଧାନସଭା ନିର୍ବାଚନରେ ସେ ନନ୍ଦୀଗ୍ରାମରୁ ବିରୋଧୀ ଦଳ ନେତା ଶୁଭେନ୍ଦୁଙ୍କ ବିରୋଧରେ ଲଢ଼ିବେ ବୋଲି କୁହାଯାଉଛି। ପୂର୍ବ ମେଦିନିପୁର ଜିଲ୍ଲା ନନ୍ଦୀଗ୍ରାମ-୨ ବ୍ଲକ ଅନ୍ତର୍ଗତ ବୋୟାଲ-୧ ଗ୍ରାମ ପଞ୍ଚାୟତର ପୂର୍ବତନ ପଞ୍ଚାୟତ ମୁଖ୍ୟ ପବିତ୍ର କର ଟିଏମସିର ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ଉପସ୍ଥିତିରେ ମମତାଙ୍କ ଦଳକୁ ଫେରିଛନ୍ତି। ବିଜେପିର ଜନବିରୋଧୀ ଆଭିମୁଖ୍ୟ ପାଇଁ ସେ ଅସନ୍ତୁଷ୍ଟ ଥିଲେ ବୋଲି ଟିଏମସି ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ପବିତ୍ର ୨୦୨୦ ନଭେମ୍ବରରେ ଟିଏମସି ଛାଡି ବିଜେପିରେ ଯୋଗ ଦେଇଥିଲେ। ବୋୟାଲ-୧ ଅଞ୍ଚଳରେ ବିଜେପି ସଂଗଠନକୁ ମଜବୁତ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୨୦୨୧ ବିଧାନସଭା ନିର୍ବାଚନରେ ଏହି ଅଞ୍ଚଳରେ ବିଜେପିକୁ ଅଗ୍ରଣୀ କରାଇବାରେ ତାଙ୍କର ବଡ଼ ହାତ ଥିଲା ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ ଗତ ନିର୍ବାଚନରେ ଶୁଭେନ୍ଦୁ ଅଧିକାରୀ ନନ୍ଦୀଗ୍ରାମରୁ ମମତାଙ୍କୁ ୧,୯୦୦ରୁ ଅଧିକ ଭୋଟ୍‌ର ପରାସ୍ତ କରିଥିଲେ।

# ଶିଶୁ ପୋଷ୍ୟ ନେଲେ ବି ମିଳିବ ସମ୍ପୂର୍ଣ୍ଣ ମାତୃତ୍ୱ ଛୁଟି: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୭।୩ (ଏଜେନ୍ସି): ସୁପ୍ରିମକୋର୍ଟ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଯେକୌଣସି ବୟସର ଶିଶୁଙ୍କୁ ପୋଷ୍ୟ କଲେ ମହିଳାଙ୍କୁ ସମ୍ପୂର୍ଣ୍ଣ ୧୨ ସପ୍ତାହର ମାତୃତ୍ୱ ଛୁଟି ମିଳିବ। କେବଳ ତିନି ମାସରୁ କମ୍ ବୟସର ଶିଶୁକୁ ପୋଷ୍ୟ କଲେ ମାତୃତ୍ୱ ଛୁଟି ଦେବାର ବ୍ୟବସ୍ଥାକୁ ସୁପ୍ରିମକୋର୍ଟ ଭୁଲ୍ ବୋଲି କହିଛନ୍ତି। ସୋସିଆଲ ସିକ୍ୟୁରିଟି କୋଡ-୨୦୨୦ ସମ୍ବନ୍ଧିତ ମାମଲାର ଶୁଣାଣି କରି ଜଷ୍ଟିସ ଜେପି ପାରଦିୱାଲା ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଧାରା ୬୦(୪)କୁ ଖଣ୍ଡପୀଠ ଅସାମ୍ବିଧାନିକ କହିଛନ୍ତି। ଏଥି ସହିତ ୩ ମାସର ଶିଶୁ ପୋଷ୍ୟ ନେଲେ ଥିବା ଛୁଟିର ବ୍ୟବସ୍ଥାକୁ ରଦ୍ଦ କରିଦେଇଛନ୍ତି।

ଏହି ମାମଲାକୁ ନେଇ ହଂସାନନ୍ଦିନୀ ନନ୍ଦୁରୀ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ସେ କହିଥିଲେ ଯେ ବୟସ ଆଧାରରେ ଛୁଟି ଦେବା ଭୁଲ୍ ଏବଂ ଏହା ସମ୍ବିଧାନର ଅନୁଚ୍ଛେଦ ୧୪ (ସମାନତା ଅଧିକାର) ର ଉଲ୍ଲଂଘନ କରୁଛି। ଏହା ବ୍ୟତୀତ କୋର୍ଟ କେନ୍ଦ୍ର ସରକାରଙ୍କୁ ପିତୃତ୍ୱ ଛୁଟିକୁ ମଧ୍ୟ ଆଇନରେ ଅନ୍ତର୍ଭୁକ୍ତ କରବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଏହାର ଅବଧି ପିତାମାତା ଏବଂ ସନ୍ତାନର ଆବଶ୍ୟକତା ଅନୁଯାୟୀ ସ୍ଥିର କରାଯିବା ଉଚିତ। ପିତୃତ୍ୱ ଅବକାଶ ମଧ୍ୟ ଜରୁରୀ। କାରଣ ଶିଶୁର ପ୍ରାରମ୍ଭିକ ପର୍ଯ୍ୟାୟରେ ମାତାପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହା ଦ୍ୱାରା ଶିଶୁର ଯତ୍ନ ନେବାରେ ମାତାପିତାଙ୍କ ସକ୍ରିୟ ସହଯୋଗ ରହିଥାଏ। ପିତୃତ୍ୱ ଅବକାଶକୁ ସାମାଜିକ ସୁରକ୍ଷା ଲାଭ ଭାବରେ ମାନ୍ୟତା ଦେବା ପାଇଁ କେନ୍ଦ୍ର ସରକାର ଆଇନ ପ୍ରଣୟନ କରନ୍ତୁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ। ସୂଚନାଯୋଗ୍ୟ ଯେ ଏବେ କେବଳ ୩ ମାସରୁ କମ୍ ବୟସର ଶିଶୁକୁ ପୋଷ୍ୟ ନେଉଥିବା ମାଆଙ୍କୁ ଛୁଟି ଦିଆଯାଉଛି।

# ହରିୟାଣାରେ ବିଜେପି ରଣନୀତି ଫେଲ୍: କ୍ରସ୍‌ଭୋଟିଂ ସତ୍ତ୍ୱେ କଂଗ୍ରେସର ବିଜୟ



ଚଣ୍ଡିଗଡ଼, ୧୭ ।୩(ଏଜେନ୍ସି): ହରିୟାଣାର ଦୁଇଟି ରାଜ୍ୟସଭା ଆସନ ପାଇଁ ଅନୁଷ୍ଠିତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ କରମବୀର ସିଂହ ବୌଦ୍ଧ ଅତି କଷ୍ଟରେ ବିଜୟୀ ହୋଇଛନ୍ତି। କଂଗ୍ରେସର ୫ ଜଣ ବିଧାୟକ ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ (କ୍ରସ ଭୋଟିଂ) ଭୋଟ ଦେଇଥିବା ବେଳେ ୪ ଜଣଙ୍କ ଭୋଟ ଅସିଦ୍ଧ ଘୋଷଣା ହୋଇଥିଲା। ବିଜେପିର ସଞ୍ଜୟ ଭାଟିଆ ୩୯ଟି ପ୍ରଥମ ପସନ୍ଦ ଭୋଟ ପାଇ ସହଜରେ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ଆସନ ପାଇଁ କଂଗ୍ରେସର ବୌଦ୍ଧ ବିଜେପି ସମର୍ଥିତ ପ୍ରାର୍ଥୀ ସତୀନ ନନ୍ଦଲଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ବୌଦ୍ଧଙ୍କୁ ୨୮ଟି ଭୋଟ ମିଳିଥିବା ବେଳେ ନନ୍ଦଲଙ୍କୁ ୧୭ଟି ଭୋଟ ମିଳିଥିଲା। ୯୦ ଜଣିଆ ବିଧାନସଭାରେ ୮୮ଟି ଭୋଟ ପଡ଼ିଥିଲା। ୨ ଜଣ ଆଇଏନ୍‌ଏଲ୍‌ଡ଼ି ବିଧାୟକ ଅନୁପସ୍ଥିତ ଥିଲେ। ୫ଟି ଭୋଟ ଅସିଦ୍ଧ ବୋଲି ଘୋଷଣା କରାଯାଇଥିଲା। କଂଗ୍ରେସର ୫ ଜଣ ବିଧାୟକ ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ ନନ୍ଦଲଙ୍କୁ ଭୋଟ୍ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇଜଣ ମେଓ-ମୁସଲିମ, ଜଣେ ଶିଖ ଏବଂ ଉତ୍ତର ହରିୟାଣାର ଦୁଇଜଣ ମହିଳା ବିଧାୟକ ସାମିଲ ଥିଲେ। ୫ଟି ଭୋଟ ନାକଚ ହୋଇଥିଲା। ଯେଉଁଥିରେ କଂଗ୍ରେସର ୪ଟି ଓ ବିଜେପିର ଗୋଟିଏ ଭୋଟ ସାମିଲ ରହିଛି। ଗୁପ୍ତ ବାଲଟ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ନର୍ବାଚନ କମିଶନ କଂଗ୍ରେସ ବିଧାୟକ ପରମବୀର ସିଂହଙ୍କ ଭୋଟ୍‌କୁ ରଦ୍ଦ କରିଥିଲେ। ସୂଚନାଯୋଗ୍ୟ ଯେ ସୋମବାର ଅପରାହ୍ଣ ୪ଟାରେ ଭୋଟ୍ ଗଣତି ହେବାର ଥିଲା, କିନ୍ତୁ ବିଜେପି ଓ କଂଗ୍ରେସ କଳି ଯୋଗୁଁ ଏହା ୯ ଘଣ୍ଟା ବିଳମ୍ବ ହୋଇଥିଲା। ଶେଷରେ ରାତି ୧ଟା ସମୟରେ ଫଳାଫଳ ଘୋଷଣା କରାଯାଇଥିଲା। ହରିୟାଣା କଂଗ୍ରେସର ନେତା ଭୂପିନ୍ଦର ସିଂ ହୁଡ୍ଡା କହିଛନ୍ତି ଯେ ବିଜେପି ଷଡ଼ଯନ୍ତ୍ର ସତ୍ତ୍ୱେ ଗଣତନ୍ତ୍ରର ବିଜୟ ହୋଇଛି। କିନ୍ତୁ ଦଳ ମଧ୍ୟରେ ହୋଇଥିବା ବିଦ୍ରୋହ କଂଗ୍ରେସ ପାଇଁ ଚିନ୍ତାର ବିଷୟ ପାଲଟି ଯାଇଛି ବୋଲି ସେ ସ୍ୱୀକାର କରିଛନ୍ତି।

# ବର୍ଷିଲା ବିଜେଡି: ବିଶ୍ୱାସଘାତକତା କିଛି ନେତାଙ୍କ ବଂଶାନୁଗତ

## ବିଜୁଙ୍କ ପ୍ରତି ବିଶ୍ୱାସଘାତକତା କରିଥିଲେ ବାପା, ନବୀନଙ୍କ ସହ ପୁଅ କଲେ ବିଶ୍ୱାସଘାତ

ଭୁବନେଶ୍ୱର,୧୭।୩(ସମିସ): ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାରରେ ସାମିଲ ହୋଇ କ୍ରସ ଭୋଟିଂ କରିଥିବା ଦଳର ବିଧାୟକମାନଙ୍କ ଉପରେ ବର୍ଷିଛି ବିଜେଡି। ଦଳର ନୀତି, ଆଦର୍ଶ ବିରୋଧରେ ଯାଇ ବିଜେଡିର କିଛି ବିଧାୟକ ରାଜ୍ୟସଭା ନିର୍ବାଚନରେ ବିପୁଳ ଟଙ୍କା ନେଇ ଘୋଡ଼ା ବେପାରରେ ସାମିଲ ହୋଇଛନ୍ତି ଓ କ୍ରସ ଭୋଟିଂ କରିଛନ୍ତି ବୋଲି କହିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ବ୍ୟୋମକେଶ ରାୟ ଓ ବିଧାୟକ ଧ୍ରୁବ ଚରଣ ସାହୁ । ଯିଏ ବିଜୁ ବାବୁଙ୍କ ସହ ବିଶ୍ୱାସଘାତକତା କରିଥିଲେ, ତାଙ୍କ ପୁଅ ଏବେ ନବୀନ ବାବୁଙ୍କ ସହ ବିଶ୍ୱାସଘାତକତା କରିଛନ୍ତି ଏବଂ ଏହା ବଂଶାନୁଗତ ବୋଲି ବିଜେଡି ନେତାମାନେ କହିଛନ୍ତି ।

ପ୍ରମିଳା ମଲ୍ଲିକ କହିଛନ୍ତି ଯେ ରାଜ୍ୟସଭା ନିର୍ବାଚନରେ ଯେଉଁ ବିଧାୟକମାନେ କ୍ରସ ଭୋଟିଂ କରି ବିଜେପିସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଲେ, ଆଜି ସେମାନେ ଲୋକଲଜ୍ଜାରୁ ବଞ୍ଚିବା ପାଇଁ ବିଜୁ ଲିଗାସୀର କଥା କହୁଛନ୍ତି । ଢ଼େଲା ଓ ଅଣ୍ଡା ଫିଙ୍ଗିଥିବା ଲୋକଙ୍କୁ ନବୀନ କ୍ଷମା କରିଥିଲେ ଓ କଟକ ଭଳି ଜିଲ୍ଲାରେ ତାଙ୍କ ପତ୍ନୀଙ୍କୁ ଜିଲ୍ଲାପରିଷଦ ସଭାପତି କରିଥିଲେ। ତାଙ୍କୁ ଓ ତାଙ୍କ ପୁଅକୁ ଟିକଟ ଦେଇ ବିଧାୟକ କରିଥିଲେ। ମାତ୍ର ଆଜି ସେମାନେ ନବୀନଙ୍କ ସହ ବିଶ୍ୱାସଘାତକତା କରିଛନ୍ତି ଓ କିଛି ଟଙ୍କା ପାଇଁ ନିଜକୁ ବିକ୍ରି କରିଛନ୍ତି । ବିଜୁ ବାବୁ ସବୁବେଳେ ନୀତି, ନୈତିକତା ଓ ଆଦର୍ଶର କଥା କହୁଥିଲେ । ଏମାନେ ଅର୍ଥ ଓ କ୍ଷମତା ବିନା ରହିପାରିବେ ନାହିଁ ବୋଲି ପ୍ରମାଣିତ କରି ଆଜି ଦଳ ବିରୋଧରେ ଯାଇ କ୍ରସ ଭୋଟିଂ କରିଛନ୍ତି। ଏହା କ'ଣ ବିଜୁ ଲିଗାସୀ ବୋଲି ପ୍ରମିଳା ପ୍ରଶ୍ନ କରିଛନ୍ତି ।



ବ୍ୟୋମକେଶ ରାୟ କହିଥିଲେ ଯେ ଗତକାଲି ହୋଇଥିବା ରାଜ୍ୟସଭା ନିର୍ବାଚନରେ ବିଜେଡିର କିଛି ବିଧାୟକ ଘୋଡ଼ା ବେପାରରେ ସାମିଲ ହୋଇ କ୍ରସ ଭୋଟିଂ କଲେ । ଏହି ଘୋଡ଼ା ବେପାରରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ବିଧାୟକମାନଙ୍କୁ ତାଙ୍କ ସରକାରୀ ବାସଭବନରେ ଲୁଚାଇ ରଖିଥିଲେ। ବିଜେପି ଓ ଏହାର ପ୍ରାର୍ଥୀଙ୍କଠାରୁ ବିପୁଳ ଟଙ୍କା ନେଇ ବିଧାୟକ ମାନେ ଭୋଟ ଦେଲେ। ବାଙ୍କୀର ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ କହୁଛନ୍ତି ତାଙ୍କ ବାପା ଅଣକଂଗ୍ରେସ ରାଜନୀତିରୁ ଆସିଛନ୍ତି, ତେଣୁ ସେ ବିଜେଡି ଓ କଂଗ୍ରେସର ମେଣ୍ଟ ବିରୋଧରେ ଯାଇ ବିବେକାନୁମୋଦିତ ଭାବେ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଲେ । ୧୯୯୬ ମସିହାରେ ତତ୍କାଳୀନ ବିଧାୟକ ପ୍ରଭାତ ତ୍ରିପାଠୀ ବିଜୁ ବାବୁଙ୍କ ସହିତ ବିଶ୍ୱାସଘାତକତା କରି ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଜୟନ୍ତୀ ପଟ୍ଟନାୟକଙ୍କୁ ଭୋଟ ଦେଇ ଯେଉଁ ପରମ୍ପରା ସୃଷ୍ଟି କରିଥିଲେ, ସେହି ରାସ୍ତାରେ ଦେବୀ ରଞ୍ଜନ ତ୍ରିପାଠୀ। ଲୋକଲଜ୍ଜାରୁ ବର୍ତ୍ତିବା ପାଇଁ ସେ ଆଜି ବିଜୁ ଲିଗାସୀ କଥା କହୁଛନ୍ତି।

ଧ୍ରୁବଚରଣ ସାହୁ କହିଥିଲେ ଯେ ଆମେ ରେଙ୍ଗାଲୀ ବିଧାୟକଙ୍କୁ ସାଲ୍ୟୁଟ କରୁଛୁ । ତାଙ୍କୁ ୧୫ କୋଟି ଟଙ୍କା ଯଚା ଯାଇଥିଲା ଦଳ ବିରୋଧରେ ଭୋଟ ଦେବା ପାଇଁ, କିନ୍ତୁ ସେ ସଚ୍ଚୋଟତାର ପରିଚୟ ଦେଇ ଦଳ ସପକ୍ଷରେ ଭୋଟ ଦେଇଥିଲେ । ଏବେ ବିଜୁ ଲିଗାସୀ କଥା କହୁଥିବା ନେତାମାନେ ୧୯୯୫ ମସିହାରେ ବିଜୁ ବାବୁଙ୍କୁ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇ ନ ଦେବା ପାଇଁ ୩୦ଟି ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଛିଡ଼ା କରାଇ କଂଗ୍ରେସକୁ କ୍ଷମତାକୁ ଆଣିବାକୁ ବାଟ ଫିଟାଇଥିଲେ । ସେହି ବିଜୟ ମହାପାତ୍ର ଆଜି ସ୍ୱୀକାର କରିଛନ୍ତି ଯେ ୩ ମାସ ତଳୁ ଦଳକୁ ଭାଙ୍ଗିବା ପାଇଁ ସେ ଯୋଜନାବଦ୍ଧ ବ୍ଲୁ ପ୍ରିଣ୍ଟ ତିଆରି କରୁଥିଲେ । ଯାହାକୁ ନବୀନ ବାବୁ ଜାଣିବା ପରେ ପାଟକୁରାର ବିଜେଡି

### ତିନି ମାସ ତଳୁ ବିଜେଡିକୁ ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର ଚଳାଇଥିଲେ ବିଜୟ ମହାପାତ୍ର

ବିଧାୟକ ଥିବା ତାଙ୍କ ପୁଅ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବିତ କରିଥିଲେ । ନବୀନ ସରକାରରେ ଯେଉଁ ନେତାମାନେ ଚିଟଫଣ୍ଡରେ ଦୁର୍ନୀତି ଓ ବିଭିନ୍ନ ଦୁର୍ନୀତି ମାମଲାରେ ସମ୍ପୃକ୍ତ ରହି ଜେଲ ଯାଇଥିଲେ, ନବୀନ ବାବୁ ତାଙ୍କ ବିଶାଳ ହୃଦୟର ପରକାଷ୍ଠା ଦେଖାଇ ସେମାନଙ୍କ ପିଲାମାନଙ୍କୁ ନିର୍ବାଚନରେ ଟିକେଟ ଦେଇ ଓ ତାଙ୍କ ପାଇଁ ପ୍ରଚାର କରି ଦୁଇ ଦୁଇ ଥର ବିଧାୟକ କରାଇଥିଲେ । ଆଜି ସେହିମାନେ ନବୀନ ବାବୁଙ୍କ ସହିତ ବିଶ୍ୱାସଘାତକତା କରି ଦଳ ବିରୋଧରେ ଯାଇ କ୍ରସ ଭୋଟିଂ କରିଛନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

# ୩ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ କଂଗ୍ରେସର ଚିଠି

ଭୁବନେଶ୍ୱର,୧୭।୩(ସମିସ): ରାଜ୍ୟସଭା ନିର୍ବାଚନରେ ଦଳୀୟ ହ୍ୱିପ୍ ବିରୋଧରେ ଯାଇ କ୍ରସ୍ ଭୋଟିଂ କରିଥିବା ୩ କଂଗ୍ରେସ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଦାବି କରିଛନ୍ତି। ଏନେଇ ଶ୍ରୀ କାଡାମ ବାଚସ୍ପତି ସୁରମା ପାଢ଼ୀଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି ଯେ ବିଧାୟକ ଦାଶରଥି ଗୋମାଙ୍ଗୋ, ସୋଫିଆ

### ନିଲମ୍ବିତ ବିଧାୟକଙ୍କ ଆସନ ବଦଳାଇବାକୁ ନିବେଦନ

ଫିରୋଦସ ଏବଂ ରମେଶ ଜେନା ଭାରତୀୟ ଜାତୀୟ କଂଗ୍ରେସ ପ୍ରତିନିଧିତ୍ୱ କରି ଓଡ଼ିଶା ବିଧାନସଭାକୁ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ସେମାନେ କଂଗ୍ରେସ ବିଧାୟକ ଦଳର ଅଂଶ ରହିଛନ୍ତି। ମାତ୍ର ଗତ ୧୬ ତାରିଖ ରାଜ୍ୟସଭା ନିର୍ବାଚନରେ ସେମାନେ କ୍ରସ୍ ଭୋଟିଂରେ ସଂଶ୍ଳିଷ୍ଟ ହୋଇଛନ୍ତି। ଏଭଳି କାର୍ଯ୍ୟ ଦଳୀୟ ହ୍ୱିପ୍‌ର ସ୍ପଷ୍ଟ ଉଲ୍ଲଙ୍ଘନ ଓ ଭାରତ ସମ୍ବିଧାନର ଦଶମ ଅନୁଚ୍ଛେଦ (ଦଳବଦଳ ନିଷେଧ ଆଇନ)ର ବ୍ୟବସ୍ଥା ଅନୁଯାୟୀ ଦଳବଦଳ ବୋଲି ଗଣାଯାଏ। ସେମାନଙ୍କର ଏହି ଆଚରଣ କେବଳ ଦଳୀୟ ଅନୁଶାସନକୁ ଦୁର୍ବଳ କରିନାହିଁ ବରଂ ଗଣତାନ୍ତ୍ରିକ ବ୍ୟବସ୍ଥା ବିରୋଧୀ। ତେଣୁ ବାଚସ୍ପତି ଏହି ଘଟଣାର ସବିଶେଷ ତଥ୍ୟ ସଂଗ୍ରହ କରି ଉକ୍ତ ସଦସ୍ୟମାନଙ୍କୁ ଦଳବଦଳ ନିଷେଧ ଆଇନର ବ୍ୟବସ୍ଥା ଅନୁଯାୟୀ ଓଡ଼ିଶା ବିଧାନସଭାର ସଦସ୍ୟପଦରୁ ଅଯୋଗ୍ୟ ଘୋଷଣା ପାଇଁ ଯଥୋଚିତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରନ୍ତୁ ବୋଲି ଶ୍ରୀ କାଡାମ ଚିଠିରେ ନିବେଦନ କରିଛନ୍ତି।

ଏହା ବ୍ୟତୀତ ଅନ୍ୟ ଏକ ଚିଠିରେ ଶ୍ରୀ କାଡାମ ବାଚସ୍ପତିଙ୍କୁ ଏହି ୩ ଜଣ ବିଧାୟକଙ୍କ ସିଟ୍ ବଦଳ ନେଇ ମଧ୍ୟ ନିବେଦନ କରିଛନ୍ତି। କାଡାମ ନିଜ ଦ୍ୱିତୀୟ ପତ୍ରରେ ଦର୍ଶାଇଛନ୍ତି ଯେ, କଂଗ୍ରେସ ଦଳକୁ ପ୍ରତିନିଧିତ୍ୱ କରି ଏହି ୩ ଜଣ ସଦସ୍ୟ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। କ୍ରସ୍ ଭୋଟିଂ ପରେ ସେମାନଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ନିଲମ୍ବନ ପରେ, ସେମାନେ ଏବେ ଗୃହରେ କଂଗ୍ରେସ ବିଧାୟକ ଦଳର ଅଂଶ ରହିବେ ନାହିଁ। ପ୍ରତିଷ୍ଠିତ ନିୟମ, ପରମ୍ପରା ଏବଂ ଉକ୍ତ ସଦସ୍ୟମାନଙ୍କର ବର୍ତ୍ତମାନର ସ୍ଥିତି ଅନୁଯାୟୀ ବିଧାନସଭାରେ ସେମାନଙ୍କର ବସିବା ବ୍ୟବସ୍ଥା ପରିବର୍ତ୍ତନ କରିବା ପାଇଁ ଶ୍ରୀ କାଡାମ ନିବେଦନ କରିଛନ୍ତି।

# ଏସ୍‌ସିବି ଅଗ୍ନିକାଣ୍ଡ: ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

ଭୁବନେଶ୍ୱର,୧୭।୩(ସମିସ): କଟକ ବଡ଼ଡ଼ାକ୍ତରଖାନା ଆଇସିୟୁରେ ନିଆଁ ଲାଗି ୧୨ ଜୀବନ ଯିବା ଘଟଣାର ୪୮ ଘଣ୍ଟା ପରେ ମୁହଁ ଖୋଲିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ଉନ୍ନୟନ କମିଶନର ଡ଼ି.କେ.ସିଂହଙ୍କ ଅଧ୍ୟକ୍ଷତାରେ ଗଠିତ ତଦନ୍ତ କମିଟିର ରିପୋର୍ଟ ଆସିବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାନସଭାରେ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ । ସେ କହିଛନ୍ତି ଯେ କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ଘଟି ଯାଇଥିବା ଦୁର୍ଘଟଣା ଅତି ଦୁଃଖଦାୟକ। ଏହି ଦୁର୍ଘଟଣାରେ ୧୨ ଜଣଙ୍କର ମୃତ୍ୟୁ ଘଟିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ଏହି ଦୁର୍ଘଟଣାର ତଦନ୍ତ ପାଇଁ ଏକ ଆନ୍ତଃ ବିଭାଗସ୍ତରୀୟ ତଥ୍ୟ ଅନୁସନ୍ଧାନକାରୀ ଟିମ୍ ଗଠନ କରିଛନ୍ତି। ଉନ୍ନୟନ କମିଶନର ଡି କେ ସିଂହ ଏହି କମିଟିର ଅଧ୍ୟକ୍ଷ ଅଛନ୍ତି। ଏହି କମିଟିର ତଦନ୍ତ ରିପୋର୍ଟ ଆସିଲାପରେ ଏହି ଦୁର୍ଘଟଣା ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏସସିବି ମେଡିକାଲ ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ ପ୍ରତ୍ୟକ୍ଷ ଭାବେ ତଦାରଖ କରି ତୁରନ୍ତ ଫାୟାର କମ୍ପ୍ଲିଆଣ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଗ୍ନିଶମ ମହା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭବିଷ୍ୟତରେ ଏପରି ଦୁଃଖଦ ଘଟଣାର ଯେପରି ପୁନରାବୃତ୍ତି ନହୁଏ ସେଥି ପ୍ରତି ସତର୍କ ରହିବା ପାଇଁ ସମସ୍ତ ହସ୍ପିଟାଲର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରୋଗୀମାନଙ୍କ ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଥିବା ମେଡିକାଲର କର୍ମଚାରୀମାନଙ୍କ ମଧ୍ୟରୁ ୧୧ ଜଣ ନିଆଁ ପ୍ରଭାବରେ ଆହତ ହୋଇଛନ୍ତି। ସମସ୍ତ ଆହତମାନଙ୍କ ସହ ନିଜେ ବ୍ୟକ୍ତିଗତ ଭାବେ କଥା ହେବା ସହ ସେମାନଙ୍କ ପାଇଁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଓ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ପିଏମଏନଆରଏଫରୁ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତ ମାନଙ୍କ ପାଇଁ ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏହି ଅଭାବନୀୟ ଦୁର୍ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଅବସରପ୍ରାପ୍ତ ବିଚାରପତି ଲକ୍ଷ୍ମୀଧର ବିଶ୍ୱାଳ ନ୍ୟାୟିକ ତଦନ୍ତ କରିବେ ଏବଂ ଏହି ତଦନ୍ତରେ ସଂପୂର୍ଣ୍ଣ ସହଯୋଗ କରିବା ପାଇଁ ଏସସିବିର ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

# ବିଧାନସଭାରେ ୧୦ ବିଧାୟକ ଅନୁପସ୍ଥିତ

ଭୁବନେଶ୍ୱର,୧୭।୩(ସମିସ): ସୋମବାର ରାଜ୍ୟସଭା ନିର୍ବାଚନରେ ବିଜେଡି ଓ କଂଗ୍ରେସର ମୋଟ ୧୧ ଜଣ ବିଧାୟକ କ୍ରସ ଭୋଟିଂ କରିଥିଲେ। ଏଥିରେ ବିଜେଡିର ୨ ନିଲମ୍ବିତ ବିଧାୟକଙ୍କୁ ମିଶାଇ ଦଳର ୮ ଜଣ ଏବଂ କଂଗ୍ରେସର ୩ ଜଣ ବିଧାୟକ ସାମିଲ ଥିଲେ। ମଙ୍ଗଳବାର ବିଧାନସଭାରେ ସେହି ବିଧାୟକମାନଙ୍କୁ ସମସ୍ତେ ଅପେକ୍ଷା କରିଥିଲେ। ସେମାନଙ୍କର ହାବଭାବ, ବ୍ୟବହାର କିପରି ରହିବ, ସେନେଇ ରାଜନୈତିକ ବିଶେଷଜ୍ଞଙ୍କଠାରୁ ଆରମ୍ଭ କରି ରାଜ୍ୟବାସୀଙ୍କର ଆଖି ଥିଲା। ମାତ୍ର ମଙ୍ଗଳବାର କେବଳ ପାଟକୁରାର ନିଲମ୍ବିତ ବିଜେଡି ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଛାଡ଼ିଦେଲେ ଅନ୍ୟ ୧୦ ଜଣ ବିଧାନସଭାରେ ଅନୁପସ୍ଥିତ ରହିଛନ୍ତି।

ସୋମବାର ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବିଜେଡିର ନିଲମ୍ବିତ ୨ ଜଣ ବିଧାୟକ ଯଥା ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ର କ୍ରସ ଭୋଟିଂ କରିଥିଲେ। ଏମାନଙ୍କ ବ୍ୟତୀତ ଦଳୀୟ ବିଧାୟକ ଚକ୍ରମଣି କହଁର, ସୁବାସିନୀ ଜେନା, ସୌଭିକ ବିଶ୍ୱାଳ, ନବ ଚରଣ ମଲ୍ଲିକ, ରମାକାନ୍ତ ଭୋଇ ଓ ଦେବୀ ରଞ୍ଜନ ତ୍ରିପାଠୀ ମଧ୍ୟ ଦଳ ନିଷ୍ପତ୍ତି ବିରୋଧରେ ଯାଇ ମତଦାନ କରିଥିଲେ। ସେହିପରି କଂଗ୍ରେସର ରମେଶ ଜେନା, ଦାଶରଥି ଗମାଙ୍ଗୋ ଓ ସୋଫିଆ ଫିରଦୋସ ମଧ୍ୟ ଦଳୀୟ ହ୍ୱଇପ ବିରୋଧରେ ମତଦାନ କରିଥିଲେ। ମଙ୍ଗଳବାର ବିଧାନସଭାରେ ଏମାନଙ୍କର ଆଚରଣ କଣ ରହିବ, ନିଜ ଦଳର ବିଧାୟକମାନେ ଏମାନଙ୍କ ସହ କିପରି ବ୍ୟବହାର କରିବେ, ଗୃହକାର୍ଯ୍ୟରେ ଏମାନେ କିପରି ଭାଗ ନେବେ, ସରକାରଙ୍କ ବିରୋଧରେ କହିବେ କି ନାହିଁ, ସେ

### ■ ସାମାଜିକ ଗଣମାଧ୍ୟମରେ ବିଜେଡି ବିଧାୟକଙ୍କ ତାତ୍ସଲ୍ୟ
### ■ ବିଭିନ୍ନ ସ୍ଥାନରେ ଦାଗୀ ବିଧାୟକଙ୍କ କୁଶ ପୁତ୍ତଳିକା ଦାହ

ନେଇ ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଥିଲା। ସେଥିପାଇଁ ମଙ୍ଗଳବାର ବିଧାନସଭା ଅଧିବେଶନକୁ ସମସ୍ତେ ଉତ୍କଣ୍ଠାର ସହ ଅନାଇ ବସି ରହିଥିଲେ। ମାତ୍ର ମଙ୍ଗଳବାର ଗୃହରେ କେବଳ ଅରବିନ୍ଦଙ୍କ ବ୍ୟତୀତ ଅନ୍ୟ କାହାର ଦେଖା ଦର୍ଶନ ମିଳିନଥିଲା। ଯାହାକୁ ନେଇ ସାଧାରଣରେ ଖୁବ୍ ଆଲୋଚନା ହେଉଛି।

ଏନେଇ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ। ଯେଉଁ ବିଧାୟକମାନେ ନିଜ ଦଳକୁ ଧୋକା ଦେଇ କ୍ରସ ଭୋଟିଂ କଲେ ଏବଂ ଟିଭି ଆଗରେ ଜ୍ଞାନ ବାଣ୍ଟୁଥିଲେ, ଆଜି ସେମାନେ ବିଧାନସଭାକୁ ଆସିଲେନି କାହିଁକି ବୋଲି ପ୍ରଶ୍ନ କରିଛନ୍ତି। ଆଗକୁ ନିଜ ନିର୍ବାଚନମଣ୍ଡଳୀରେ ବି ସେମାନଙ୍କୁ ପଶିବାକୁ କଷ୍ଟ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି। ଅପରପକ୍ଷେ ଘୋଡ଼ା ବେପାରରେ ସାମିଲ ଥିବା ବିଭିନ୍ନ ବିଧାୟକଙ୍କ କୁଶ ପୁତ୍ତଳିକା ସେମାନଙ୍କର ନିର୍ବାଚନମଣ୍ଡଳୀରେ ପୋଡ଼ା ଯାଉଥିବା ନେଇ ମଧ୍ୟ ଦେଖିବାକୁ ମିଳୁଛି। ବସ୍ତାରେ ସୁବାସିନୀ ଜେନା, ବାଙ୍କିରେ ଦେବୀ ରଞ୍ଜନ ତ୍ରିପାଠୀ, ତିର୍ତ୍ତୋଲରେ ରମାକାନ୍ତ ଭୋଇଙ୍କ ବିରୋଧରେ କର୍ମୀମାନେ ବିକ୍ଷୋଦଗାର କରିବା ସହ ସେମାନଙ୍କ ପିତୁଳା ପୋଡ଼ିଛନ୍ତି ।

# ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ ଅନୁଦାନ ହ୍ରାସ

ଭୁବନେଶ୍ୱର,୧୭।୩(ସମିସ): ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲଗାତାର ଭାବେ ଓଡ଼ିଶାକୁ ଅର୍ଥ କମ୍ ମଞ୍ଜୁର କରାଯାଉଛି। ୨୦୨୨-୨୩ ମସିହାରେ ୨୧୧କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ମଞ୍ଜୁର କରାଯାଇଥିଲା ବେଳେ ୨୦୨୩-୨୪ ମସିହାରେ ୧୭୧ କୋଟି ଟଙ୍କା ଅନୁଦାନ ମିଳିଛି। ସେହିପରି ୨୦୨୪-୨୫ରେ ଏହା ଆହୁରି ହ୍ରାସ ପାଇଛି ଓ ଅନୁଦାନ ମାତ୍ର ୧୪୯ କୋଟିରେ ପହଞ୍ଚିଛି। ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରତି ସମ୍ବେଦନଶୀଳତା ବଢୁଥିଲା ବେଳେ ଭିତ୍ତିଭୂମି ମିଶନରେ ଏଭଳି କେନ୍ଦ୍ରୀୟ ଅନୁଦାନ ହ୍ରାସକୁ ନେଇ ସଂସଦରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ନେଇ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ। ୨୦୨୨ ମସିହାରୁ ୨୦୨୫ ମଧ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାରେ ମୋଟ କେତେ କେନ୍ଦ୍ରୀୟ ଗ୍ରାଣ୍ଟ ପ୍ରଦାନ କରାଯାଇଛି। ଯୋଜନା-ୱାରୀ ଏବଂ କ୍ଷେତ୍ର-ୱାରୀ ବିଭକ୍ତୀକରଣ ଓ କେନ୍ଦ୍ର ପକ୍ଷରୁ ଓଡ଼ିଶାକୁ ଅତିରିକ୍ତ ରାଶି ପ୍ରଦାନ ପ୍ରସଙ୍ଗରେ କେଉଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଶ୍ରୀ ମଙ୍ଗରାଜ ପ୍ରଶ୍ନ କରିଛନ୍ତି ।

କେନ୍ଦ୍ରସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି ଯେ ସମାନ, ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସେବା ପାଇଁ ସାର୍ବଜନୀନ ପ୍ରବେଶ ହାସଲ କରିବା ଲକ୍ଷ୍ୟରେ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ

### ସାଂସଦ ମାନସଙ୍କ ଉଦ୍‌ବେଗ



ମନ୍ତ୍ରଣାଳୟ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକାରୀ କରୁଛି। ସରକାର ରାଜ୍ୟ, କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଉନ୍ନତି, ସ୍ୱାସ୍ଥ୍ୟ ସୁବିଧା ପାଇଁ ପର୍ଯ୍ୟାପ୍ତ ମାନବ ସମ୍ବଳର ଉପଲବ୍ଧତା, ବିଶେଷକରି ଅବହେଳିତ ଏବଂ ଅବହେଳିତ ଗୋଷ୍ଠୀ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ଉପଲବ୍ଧତା ଏବଂ ସୁଗମତାକୁ ଉନ୍ନତ କରିବା ପାଇଁ ବୈଷୟିକ ଏବଂ ଆର୍ଥିକ ସହାୟତା ପ୍ରଦାନ କରନ୍ତି। ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ(ପିଏମ୍ ଅଭିମ୍) ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନ; ଯାହା କିଛି କେନ୍ଦ୍ରୀୟ କ୍ଷେତ୍ର ଉପାଦାନ ସହିତ ରହିଛି ଯାହାର ଯୋଜନା ଅବଧି (୨୦୨୧-୨୨ ରୁ ୨୦୨୫-୨୬) ପାଇଁ ୬୪,୧୮୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ପିଏମ୍ ଅଭିମ୍ ଅଧୀନରେ ପଦକ୍ଷେପଗୁଡ଼ିକ ପ୍ରାଥମିକ, ମାଧ୍ୟମିକ ଏବଂ ତୃତୀୟ ସ୍ତରର ସମସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ପ୍ରତିଷ୍ଠାନଗୁଡ଼ିକର ଦକ୍ଷତା ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରେ, ଯାହା ଦ୍ୱାରା ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ବର୍ତ୍ତମାନ ଏବଂ ଭବିଷ୍ୟତର ମହାମାରୀ ବା ବିପର୍ଯ୍ୟୟର ପ୍ରଭାବଶାଳୀ ପ୍ରତିକ୍ରିୟା ପାଇଁ ପ୍ରସ୍ତୁତ କରାଯାଇପାରିବ। ପିଏମ-ଅଭିମ୍‌ରେ ରାଜ୍ୟକୁ ଲଗାତାର କମ୍ ଅର୍ଥ ରିଲିଜ କରାଯାଇଥିବା ସେ ସ୍ୱୀକାର କରିଛନ୍ତି । ତେବେ ଜାତୀୟ ସ୍ୱାସ୍ଥ୍ୟ ମିଶନରେ ରାଜ୍ୟକୁ ଅଧିକ ଅର୍ଥ ଦିଆଯାଇଥିବା ଉଲ୍ଲେଖ କରି ମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରସଙ୍ଗକୁ ଏଡ଼ାଇ ଯାଇଛନ୍ତି ।

# ବାପାଙ୍କ ଶବ ସତ୍କାର କରି ଫେରିବା ବେଳେ ପୁଅର ମୃତ୍ୟୁ

ଢେଙ୍କାନାଳ, ୧୭ ।୩ (ସମିସ): ବାପାଙ୍କ ଶବ ସତ୍କାର କରି ଫେରିବା ବେଳେ ପୁଅର ମୃତ୍ୟୁ। ଢେଙ୍କାନାଳ ଜିଲ୍ଲା ଟାଉନ୍ ଥାନା ଅନ୍ତର୍ଗତ କୋରିଆ ଗ୍ରାମରେ ଆଜି ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ବୁଲା ସାହୁ (୮୫)ଙ୍କ ପୁଅ ସୁଶାନ୍ତ ସାହୁ। ସୂଚନାନୁଯାୟୀ, ମଙ୍ଗଳବାର ସକାଳେ ବୁଲାଙ୍କ ପରଲୋକ ଘଟିଥିଲା। ଗାଁ ମଶାଣିରେ ତାଙ୍କ ଶବ ସତ୍କାର କରାଯାଇଥିଲା। ଶବଦାହ ସରିବା ପରେ ସମସ୍ତେ ନିକଟରେ ଥିବା ପୋଖରୀରେ ଗାଧୋଇଥିଲେ। ଏହି ସମୟରେ ବୁଲାଙ୍କ ସାନ ପୁଅ ସୁଶାନ୍ତ ସାହୁଙ୍କର ଅସାବଧାନତାରୁ ଗୋଡ଼ ଖସିଯିବାରୁ ସେ ପୋଖରୀରେ ବୁଡ଼ି ଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଥିଲେ। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏକାସାଙ୍ଗରେ ବାପା ଓ ପୁଅଙ୍କ ମୃତ୍ୟୁକୁ ନେଇ ଗାଁରେ ଶୋକର ଛାୟା ଖେଳିଯାଇଛି।

# ୪୫୧୦ କୋଟିର ୨୩ ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର,୧୭।୩(ସମିସ): ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୪୫ ତମ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥୋରିଟି ବୈଠକରେ ୨୩ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହିସବୁ ପ୍ରକଳ୍ପରେ ୪୫୧୦ କୋଟି ୬୫ ଲକ୍ଷ ଟଙ୍କାର ନିବେଶ ହେବା ସହ ୧୦ହଜାର ୧୨୨ ଜଣ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବା ଫଳରେ ରାଜ୍ୟର ଅର୍ଥନୈତିକ ବିକାଶରେ ସହଯୋଗ କରିବା ସହ ଦେଶର ପ୍ରମୁଖ ଶିଳ୍ପ କେନ୍ଦ୍ର ଭାବେ ରାଜ୍ୟକୁ ପ୍ରତିଷ୍ଠିତ କରିବ ବୋଲି ସରକାର ଆଶା ରଖିଛନ୍ତି। ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପଗୁଡିକ ମୁଖ୍ୟତଃ ରସାୟନ, ପୋଷାକ, ବୟନ, ଔଷଧ, ମେଡିକାଲ ଉପକରଣ, ଉତ୍ପାଦନ, ବୈଦ୍ୟୁତିକ ଉପକରଣ, ଏବଂ ଆଲୁମିନିୟମ ଓ ଧାତବ୍ୟ ଆନୁସଙ୍ଗିକ ଶିଳ୍ପ ସାମିଲ ରହିଛି। ଏହି ପ୍ରକଳ୍ପଗୁଡିକ ବାଲେଶ୍ୱର, ବଲାଙ୍ଗୀର, କଟକ, ଜଗତସିଂହପୁର, କଳାହାଣ୍ଡି, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ ଆଦି ୧୧ଟି ଜିଲ୍ଲାରେ ପ୍ରତିଷ୍ଠା ହେବ।

ଅନୁମୋଦିତ ପ୍ରକଳ୍ପ ମଧ୍ୟରେ ସେଞ୍ଚୁରୀ ପ୍ଲାଏଉଡ ପକ୍ଷରୁ କୋରାପୁଟରେ ୮୭୦ କୋଟି ୮୨ ଲକ୍ଷର ପୁଞ୍ଜି ନିବେଶରେ ଏକ କାଠ ସାମଗ୍ରୀ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବ। ପିଡିଲାଇଟ ପକ୍ଷରୁ ବାଲେଶ୍ୱରରେ ଏକ ଉତ୍ପାଦନଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରାଯିବ। ଏହି ପ୍ରକଳ୍ପ ପାଇଁ ୬୧ କୋଟି ଟଙ୍କାର ନିବେଶ ହେବ। ଖୋର୍ଦ୍ଧାରେ ସୋନା ସିଲେକ୍ସନ ପକ୍ଷରୁ ୧୩୦ କୋଟିର ନିବେଶରେ ଏକ କପଡା ଉତ୍ପାଦନ ଓ ଆଲ୍ଫାଟେକ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଖୋର୍ଦ୍ଧାରେ ୧୮୦ କୋଟି ନିବେଶରେ ଏକ ଟେକ୍ସଟାଇଲ ୟୁନିଟ ପ୍ରତିଷ୍ଠା କରାଯିବ, ସେହିଭଳି ଅଲଟେମ୍ପୁସ ଲାଇଫ ପକ୍ଷରୁ କଟକରେ ଏକ ଔଷଧ କାରଖାନା ପ୍ରତିଷ୍ଠା କରାଯିବ। ଏଥିରେ ୨୩୬ କୋଟିର ନିବେଶ ସହ ୫୪୯ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

● ୧୦୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣା

# ଦୀପକ କିଣ୍ଡୋଙ୍କ ଜାମିନ ଆବେଦନ ଖାରଜ

କଟକ, ୧୭।୩ (ସମିସ): ଜମାକାରୀଙ୍କ ୧୦୯ କୋଟି ଟଙ୍କା ଠକେଇ ଅଭିଯୋଗରେ ଗିରଫ ହୋଇଥିବା ସମୃଦ୍ଧ ଫିନସର୍ଭ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ଏଫ୍‌ପିଏଲ)ର ପରିଚାଳନା ନିର୍ଦ୍ଦେଶକ ଦୀପକ କିଣ୍ଡୋଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଆସନ୍ତା ୬ ମାସ ମଧ୍ୟରେ କଟକ ଓପିଆଇଡି ଅଦାଲତ ଏହି ମାମଲାରେ ସମସ୍ତ ସାକ୍ଷୀଙ୍କୁ ଜେରା ପ୍ରକ୍ରିୟା ଶେଷ କରିବେ। ଏହା ପରେ ଆବେଦନକାରୀ ସାନି ଜାମିନ ଆବେଦନ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଶ୍ରୀ କିଣ୍ଡୋଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଅନ୍ୟ ରାଜ୍ୟଗୁଡ଼ିକରେ ୬ଟି ଫୌଜଦାରୀ ମାମଲାରେ ୧୪୧.୮୮ କୋଟି ଟଙ୍କା ଠକେଇ ଘଟଣାରେ ସମ୍ପୃକ୍ତ ଥିବାରୁ ତାଙ୍କୁ ଜାମିନ୍ ପ୍ରଦାନ ପାଇଁ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଭୁବନେଶ୍ୱର ଇଓଡବ୍ଲୁରେ ରୁଜୁ ମାମଲା ଆଧାରରେ ଶ୍ରୀ କିଣ୍ଡୋ ଗତ ୨୦୨୨ ଜାନୁଆରୀରେ ଗିରଫ ହୋଇଥିଲେ। ଏଏଫପିଏଲ୍ (ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରାଇଭେଟ ଲିମିଟେଡ୍) ନାମକ ଅନ୍ୟ ଏକ ସଂସ୍ଥାଠାରୁ ୫ କୋଟି ଟଙ୍କା ଋଣ ନେଇ ଏସ୍‌ଏଚ୍‌ଜିମାନଙ୍କୁ ପ୍ରଦାନ ସହ ସହଭାଗିତାରେ କାର୍ଯ୍ୟ କରିବାକୁ ଏସ୍‌ଏଫ୍‌ପିଏଲ୍ ଆଗ୍ରହ ପ୍ରକାଶ କରିଥିଲା। ଋଣ ଗ୍ରହଣ ବେଳେ ସମ୍ପୃକ୍ତ ସଂସ୍ଥାର ବ୍ୟାଙ୍କ ଜମା ରାଶି କମ ଥିଲେ ସୁଦ୍ଧା ଅଧିକ ଥିବା ଜାଲିଆତି ପୂର୍ବକ ଦର୍ଶାଯାଇଥିଲା। ଋଣ ଟଙ୍କା ପରିଶୋଧ ନ କରିବାରୁ ଏଏଫ୍‌ପିଏଲ୍ ପକ୍ଷରୁ ଇଓଡବ୍ଲ୍ୟୁରେ ଅଭିଯୋଗ କରାଯାଇଥିଲା। ଏସ୍‌ଏଫ୍‌ପିଏଲ୍ ବିଭିନ୍ନ ରାଜ୍ୟରେ ବିଭିନ୍ନ ସଂସ୍ଥା ଓ ଜମାକାରୀଙ୍କୁ ୧୦୯ କୋଟି ଟଙ୍କା ଠକିଥିବା ନେଇ ତଦନ୍ତକାରୀ ସଂସ୍ଥା ଜାଣିବାକୁ ପାଇଥିଲା ଓ ସମାନ ଠକେଇ ଘଟଣାରେ ଅନ୍ୟ ୭ଟି ଏତଲା ରୁଜୁ ହୋଇଥିଲା।

### ଉନ୍ମୋଚିତ ହେଲା ଡାକ୍ତର ବାବୁ ପୁସ୍ତକର ଓଡ଼ିଆ ଓ ହିନ୍ଦୀ ସଂସ୍କରଣ

# ଦେବେନ୍ଦ୍ର ଜନହିତକର କାର୍ଯ୍ୟ ପାଇଁ ପରିଚିତ ଥିଲେ: ରାଜନାଥ

ଭୁବନେଶ୍ୱର, ୧୭।୩(ସମିସ): ଡାକ୍ତର ଦେବେନ୍ଦ୍ର ପ୍ରଧାନ ଓଡ଼ିଶା ବିଜେପିର ଭୀଷ୍ମ ପିତାମହ ଥିଲେ। ସେ କେବଳ ଜଣେ ରାଜନେତା ନଥିଲେ; ଜଣେ ସ୍ପଷ୍ଟବାଦୀ, ସରଳ ଓ ନିରାଡ଼ମ୍ବର ବ୍ୟକ୍ତିତ୍ୱ ଥିଲେ। ଯାହା କହୁଥିଲେ, ତାହା କରୁଥିଲେ। ଲୋକଙ୍କୁ କେବେ ମିଛ ପ୍ରତିଶ୍ରୁତି ଦେଉନଥିଲେ। ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ

### ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ : ମୁଖ୍ୟମନ୍ତ୍ରୀ

ସାଙ୍ଗରେ ନେଇ ଚାଲିବାର ବିରଳ ମଣିଷ ଥିଲେ ବୋଲି କହିଛନ୍ତି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ।

ମଙ୍ଗଳବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଭୁବନେଶ୍ୱରସ୍ଥିତ ଓୟୁଏଟି କ୍ୟାମ୍ପସରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ



ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଡାକ୍ତର ଦେବେନ୍ଦ୍ର ପ୍ରଧାନ ସ୍ମୃତି ସମିତିର ସଭାପତି ସମୀର ମହାନ୍ତି ଉପସ୍ଥିତ ଥିଲେ। ଉତ୍ସବର ପ୍ରାରମ୍ଭରେ ସ୍ୱର୍ଗତ ପ୍ରଧାନଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଧାରିତ ସ୍ମୃତି ପୁସ୍ତକ 'ଡାକ୍ତର ବାବୁ'ର ଓଡ଼ିଆ ଏବଂ ହିନ୍ଦୀ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଜଣେ 'ବିରଳ ବ୍ୟକ୍ତିତ୍ୱ' ଭାବେ ବର୍ଣ୍ଣନା କରି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ ଯେ ସେ ଆକ୍ରମଣାତ୍ମକ ନୁହେଁ, ବରଂ ଜନହିତକର ରାଜନୀତି ପାଇଁ ପରିଚିତ ଥିଲେ। ସରଳ ଓ ନିରାଡ଼ମ୍ବର ଜୀବନ ଜିଉଁଥିବା ଏହି ନେତା ଯାହା କହୁଥିଲେ, ତାହା କରି ଦେଖାଉଥିଲେ। କହିବା ଏବଂ କରିବା ଏହି ଦୁଇଟି କାର୍ଯ୍ୟ ମଧ୍ୟରେ ସମ୍ପୂର୍ଣ୍ଣ ସମନ୍ୱୟ ରଖୁଥିବା ମଣିଷ ଥିଲେ ଡାକ୍ତର ପ୍ରଧାନ। ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଶକ୍ତି ଏବଂ ରୋଜଗାର କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ୩୦ବର୍ଷ ତଳେ ରାମମନ୍ଦିର ନିର୍ମାଣ ପାଇଁ 'ଇଟା ସଂଗ୍ରହ ଅଭିଯାନ'ରେ ତାଙ୍କର ଭୂମିକା ଏବଂ ସଂସଦରେ ଓଡ଼ିଆ ଭାଷାରେ ଶପଥ ଗ୍ରହଣ ତାଙ୍କର ଆଞ୍ଚଳିକ ପ୍ରୀତିର ପରିଚୟ ଦିଏ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂ ମତବ୍ୟକ୍ତ କରିଥିଲେ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କୁ ସେବା, ତ୍ୟାଗ ଓ ନିଷ୍ଠାର ପ୍ରତୀକ ଭାବେ ଅଭିହିତ କରିଥିଲେ। ସେ କହିଥିଲେ ଯେ ବିନମ୍ରତା ଓ ଆତ୍ମୀୟଭାବ ଥିଲା ଡାକ୍ତର ପ୍ରଧାନଙ୍କ ବ୍ୟକ୍ତିତ୍ୱର ସବୁଠାରୁ ବଡ଼ ଆକର୍ଷଣ। ବିଜେପିର ନୀତି ଓ ଆଦର୍ଶ ପ୍ରତି ସେ ସମ୍ପୂର୍ଣ୍ଣ ସମର୍ପିତ ଥିଲେ। କେବଳ ଜଣେ ରାଜନେତା ନୁହେଁ, ଜଣେ ଉତ୍ତମ ମଣିଷ ଭାବେ ସେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଥିଲେ ଯେ ଡାକ୍ତର ପ୍ରଧାନ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ପାଇଁ ପ୍ରେରଣାର କେନ୍ଦ୍ର ଥିଲେ। ଅସୀମ ଧୈର୍ଯ୍ୟ ଏବଂ ଆତ୍ମବିଶ୍ୱାସର ସହ କଠିନ ସ୍ଥିତିରେ କାର୍ଯ୍ୟକର୍ତ୍ତାଙ୍କୁ ସାଙ୍ଗରେ ନେଇ ଚାଲିବାର କଳା ତାଙ୍କୁ ସ୍ୱତନ୍ତ୍ର କରିଥିଲା ବୋଲି ସେ ମତବ୍ୟକ୍ତ କରିଥିଲେ।

## ଉତ୍କଳ ଦିବସ ପାଇଁ ପ୍ରସ୍ତୁତି ବୈଠକ



ତାଳଚେର,୧୭।୩(ସମିସ): ଉତ୍କଳ ଦିବସକୁ ତାଳଚେର ଉପଖଣ୍ଡରେ ପାଳନ କରିବା ନିମନ୍ତେ ଆଜି ଏକ ପ୍ରସ୍ତୁତି ବୈଠକ ସହକାରୀ ଉପଜିଲ୍ଲାପାଳ ଡାଲିଏନ୍ ଏକ୍କାଙ୍କ ଅଧ୍ୟକ୍ଷତାରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉତ୍କଳ ଦିବସ ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ୧ଏପ୍ରିଲରେ ଉତ୍କଳ ଦିବସ ଅବସରରେ ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତା କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶୋଭାଯାତ୍ରାରେ ତାଳଚେର ଉପଖଣ୍ଡର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ସ୍କୁଲରୁ ୩ ଜଣ ଲେଖାଏଁ ଭାଗ ନେବେ। କାର୍ଯ୍ୟକ୍ରମକୁ ପାଳନ କରିବାନେଇ ପୁଲିସ, ଅଗ୍ନିଶମ, ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟାନ୍ୟ ବିଭାଗମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମସ୍ତ ବିଭାଗ ଓ ଅନୁଷ୍ଠାନଗୁଡ଼ିକର ସହଯୋଗରେ ଉତ୍କଳ ଦିବସକୁ ସୁନ୍ଦରସରସ ଭାବେ ପାଳନ କରିବାକୁ ମତପ୍ରକାଶ ପାଇଥିଲା। ଏହି ବୈଠକରେ ଡେପୁଟି କଲେକ୍ଟର ଧର୍ମେନ୍ଦ୍ର ଶତପଥୀ, ଡା. ଗଙ୍ଗାଧର ବେହେରା, ଖଗେଶ୍ୱର ବେହେରା, କାଳନ୍ଦୀ ସାହୁ, ରାକେଶ ସେଠୀଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ଗଣମାଧ୍ୟମ ଓ ସମାଜସେବୀ ଉପସ୍ଥିତ ଥିଲେ।

### ଏସ୍‌ସିବିରେ ରୋଗୀ ଜୀବନ୍ତ ଦଗ୍ଧ ଘଟଣା

# ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ଏସ୍‌ୟୁସିଆଇ

ଅନୁଗୋଳ,୧୭।୩(ସମିସ): କଟକ ଏସ୍‌ସିବି ମେଡିକାଲ କଲେଜ ଟ୍ରମା କେୟାର ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଘଟଣାରେ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ଏ କ୍ଷେତ୍ରରେ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ସାଙ୍ଗକୁ କ୍ରମାଗତ ସରକାରୀ ଅବହେଳା, ପ୍ରାୟ ୬୦ ଭାଗ ପଦବୀ ଖାଲି ପଡ଼ିବା ଏବଂ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଠିକା ଓ ଆଉଟ୍ ସୋର୍ସିଂ ନିଯୁକ୍ତି ପାଇଁ ସରକାର ହିଁ ମୁଖ୍ୟତଃ ଦାୟୀ। ଏସ୍‌ୟୁସିଆଇ ଓଡ଼ିଶା ରାଜ୍ୟ ସମ୍ପାଦକ ଶଙ୍କର ଦାଶଗୁପ୍ତ ଜଣାଇଛନ୍ତି ଯେ ଖୋଦ୍ ରାଜ୍ୟର ସବୁଠାରୁ ବଡ଼ ସରକାରୀ ଡାକ୍ତରଖାନା ଏସ୍‌ସିବି ମେଡିକାଲ କଲେଜରେ ପୂର୍ବରୁ ବହୁବାର ଅଗ୍ନିକାଣ୍ଡ ଘଟିଥିବା ବେଳେ ଏହାକୁ ରୋକିବାର କୌଣସି ସ୍ଥାୟୀ ପ୍ରତିକାର ନ ହେବା ଫଳରେ ଆଜି ଏହିଭଳି ଭୟଙ୍କର ଅଗ୍ନିକାଣ୍ଡ ଘଟି ଏତେ ଗୁଡ଼ିଏ ଜୀବନ ହାନି ଘଟିଲା। ଏହି ଘଟଣାକୁ ତୀବ୍ର ନିନ୍ଦା କରାଯିବା ସଙ୍ଗେ ସଙ୍ଗେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରିବା, ମୃତକଙ୍କ ପରିବାରକୁ ଏକ କୋଟି ଲେଖାଏଁ କ୍ଷତିପୂରଣ ଦେବା, ଆହତଙ୍କୁ ଉପଯୁକ୍ତ ଚିକିତ୍ସା ସହ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରାଯାଇଛି। ଏହା ସାଙ୍ଗକୁ ରାଜ୍ୟର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସୁଧାର ଆଣିବାକୁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଅନୁଗୁଳ ଜିଲ୍ଲା କମିଟି ସଦସ୍ୟ ନବକିଶୋର ପ୍ରଧାନ, ଜୟସେନ ମେହେର, ପ୍ରହ୍ଲାଦ ସାହୁ, ବ୍ରଜବନ୍ଧୁ ସାହୁ, ସୁବାସ ପ୍ରଧାନ, ତୀର୍ଥବାସୀ ଭୋଇ, ମାନସ ପାଳ, ମନ୍ଦୋଦରୀ ରାଉଳ, ରଣଜିତ୍ ପ୍ରଧାନ, ମାନସୀ ସ୍ୱାଇଁ, ସରୋଜିନୀ ନାୟକ, କୈଳାସ ସାହୁ, ପରମାନନ୍ଦ ସାହୁ, ସଞ୍ଜୟ ସାହୁ, ଟୁନା ନାଏକ, ଚିତ୍ତରଞ୍ଜନ ମେଣ୍ଡୁଳି ପ୍ରମୁଖ ଦାବି କରିଛନ୍ତି।

## ଆଖିବୁଜିଲେ ବଣ୍ଟଁରପାଳର ସୁମନ ସୁକୁମାର



ବଣ୍ଟଁରପାଳ,୧୭।୩(ସମିସ): ବଞ୍ଚିବାର ଆଶା ନେଇ କଟକ ବଡ଼ ଡାକ୍ତରଖାନାକୁ ଆସିଥିଲେ। ହେଲେ ଜୀବନ ଫେରିବା ବଦଳରେ ଶବ ହୋଇଗଲେ। ରବିବାର ବିଳମ୍ବିତ ରାତିରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡରେ ଅନେକ ରୋଗୀ ଗୁରୁତର ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ଥିଲେ ଅନୁଗୋଳର ଚେରୁ ପରିଡ଼ା, ବଣ୍ଟଁରପାଳ ବ୍ଲକ୍ ବନ୍ଧା ଗ୍ରାମର ବିଜୟ ସାହୁଙ୍କ ୩୫ ବର୍ଷୀୟ ପୁଅ ସୁମନ ସୁକୁମାର ସାହୁ।

ଗତମାସ ୨୫ ତାରିଖରେ ଏକ ଦୁର୍ଘଟଣାର ଶିକାର ହୋଇ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ (ଏସ୍‌ସିବି) କଲେଜ ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଅପରେସନ ପରେ ସୁମନଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତେବେ ଟ୍ରମା କେୟାରରେ ନିଆଁ ଲାଗି ଅନ୍ୟତ୍ର ସ୍ଥାନାନ୍ତର ଫଳରେ ସୁମନଙ୍କ ଶରୀର ଅଧିକ ଅସୁସ୍ଥ ହୋଇ ସେ ଅକାଳ ବିୟୋଗର ଶିକାର ହୋଇଛନ୍ତି। ତେବେ ଗ୍ରାମରେ ସୁମନଙ୍କ ବିୟୋଗ ଖବର ପାଇବା ପରେ ଶୋକର ଛାୟା ଖେଳିଯାଇଛି।

## ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ତାଳଚେର,୧୭।୩ (ସମିସ): ରାଜ୍ୟ ବିଜେପିକୁ ନୂତନ ଦିଶା ପ୍ରଦାନ କରିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପିତା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ତାଳଚେର ପୌରାଞ୍ଚଳ ୧୮ ନମ୍ବର ୱାର୍ଡ ମାଉସୀ ମା' ମନ୍ଦିରସ୍ଥିତ ଦେଉଳବେଢ଼ା ତେଲି ସାହି ଠାରେ ଏକ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଡାକ୍ତର ଦେବେନ୍ଦ୍ର ପ୍ରଧାନ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ମନ୍ତ୍ରୀ ରବି ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ପର୍ଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତାଳଚେର ପୌର ପରିଷଦର ନଗରପାଳ ପବିତ୍ର ଭୂତିଆ, ଅନୁଗୋଳ ଜିଲ୍ଲା ବିଜେପି ସଭାପତି ଯଯାତି କେଶରୀ ପଟ୍ଟନାୟକ, ଢେଙ୍କାନାଳ ଜିଲ୍ଲା ବିଜେପି ସଭାପତି ରାହାସ ବିହାରୀ ଜେନା, ବିଜେପି ନେତା ମନୋଜ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍ମୃତି ପରିଷଦର ସଭାପତି ତୁଷାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ରାଜନୈତିକ ଜୀବନୀ, ବିଜେପି ଦଳ ପ୍ରତି ତାଙ୍କର ଅବଦାନ ଓ ତାଙ୍କ ସମୟରେ ନିଆଯାଇଥିବା ବିକାଶ ମୂଳକ ପଦକ୍ଷେପ ସମ୍ପର୍କରେ ଅତିଥିମାନେ କହିଥିଲେ। ସ୍ମୃତି ପରିଷଦର ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ କମିଟି ସଭାପତି ନବ କିଶୋର ସାହୁ, ତାଳଚେର ପୌରାଞ୍ଚଳ କାଉନସିଲର, ତାଳଚେର ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଶତାଧିକ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ।

## ବନ୍ତଳା ବଜାର ପୋଡ଼ି ଘଟଣାରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର



ଅନୁଗୋଳ,୧୭।୩(ସମିସ): ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗତ ୧୨ତାରିଖରେ ବନ୍ତଳା ବଜାରରେ ହୋଇଥିବା ଭୟାବହ ଅଗ୍ନି କାଣ୍ଡକୁ ନେଇ ଜିଲ୍ଲାପାଳଙ୍କୁ ଅବଗତ କରାଇବା ସହ ବିହିତ ପଦକ୍ଷେପ ନେବାପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଉକ୍ତ ସ୍ମାରକପତ୍ର ଗ୍ରହଣ କରିଥିଲେ। ବନ୍ତଳା ବଜାରରେ ବହୁତଗୁଡ଼ିଏ ଦୋକାନ ଜଳି ଯାଇଥିବାବେଳେ ବହୁ ସମ୍ପତ୍ତି ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଥିଲା। ଫଳରେ ବହୁ ଅବ୍ୟବସ୍ଥା ଦେଖାଯାଇଥିଲା। ନିଆଁକୁ ଆୟତ କରିବାରେ ବିଳମ୍ବ ହୋଇଥିଲା ବୋଲି ସାଧାରଣରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ବନ୍ତଳା ଅଞ୍ଚଳରେ ବାରମ୍ବାର ଅଗ୍ନିକାଣ୍ଡ ହେଉଥିବା ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ନିଆଁଲିଭା କେନ୍ଦ୍ର ସ୍ଥାପନ ପାଇଁ ଦାବି ହୋଇ ଆସୁଥିଲା ଓ ଅଞ୍ଚଳବାସୀଙ୍କ ଦାବିକୁ ସମ୍ମାନ ଦେଇ ସରକାର ଦମକଳ କେନ୍ଦ୍ର ସ୍ଥାପନ କରିଥିଲେ ମଧ୍ୟ ଅଞ୍ଚଳବାସୀଙ୍କ ଇଚ୍ଛାକୁ ଉକ୍ତ ଦମକଳ କେନ୍ଦ୍ର ପୂରଣ କରି ପାରିଲାନାହିଁ। ବଜାରର ଅତି ନିକଟରେ ଦମକଳ କେନ୍ଦ୍ର ଥାଇ ପ୍ରାୟ ୪୫ ମିନିଟ ପରେ ଆସିବା ବେଳକୁ ନିଆଁ ଉଗ୍ରରୂପ ଧାରଣ କରି ସାରିଥିଲା। ଫଳରେ ନିଆଁକୁ ଆୟତ କରିବା ସମ୍ଭବ ହୋଇ ପାରିଲା ନାହିଁ। ପରେ ଅନୁଗୋଳ ଓ ଜିନ୍ଦଲର ସହଯୋଗ ନେବାକୁ ପଡିଲା ଓ ବହୁ ବିଳମ୍ବରେ ନିଆଁକୁ ଆୟତ କରାଗଲା। ଦମକଳ କେନ୍ଦ୍ର ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ନ ଥିବା ଦେଖାଯାଇଥିଲା। ଯେତିକି ଟାଙ୍କିରେ ଜଳ ରହିବା କଥା ଉକ୍ତ ଗଡିରେ ସେତିକି ଜଳ ନ ଥିଲା, ଫଳରେ ନିଆଁଲିଭା କାର୍ଯ୍ୟ ବ୍ୟାହତ ହୋଇଥିଲା ବୋଲି ଦଳ ପକ୍ଷରୁ ଅଭିଯୋଗ ହୋଇଛି। ତେଣୁ ସରକାରଙ୍କ ପକ୍ଷରୁ ଯଥାଶୀଘ୍ର କ୍ଷୟକ୍ଷତି ଆକଳନ କରି ଉପଯୁକ୍ତ କ୍ଷତି ପୂରଣ ପ୍ରଦାନ କରିବାକୁ ଜିଲ୍ଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ବରିଷ୍ଠ କଂଗ୍ରେସ ନେତା ଗୋପାଳ ଚନ୍ଦ୍ର ନାଥ, ରାଜକିଶୋର ସାହୁ, ବଲବୀର ସିଂହ, ବ୍ଲକ କଂଗ୍ରେସ ସଭାପତି ରାକେଶ ମିଶ୍ର, ବିନୋଦ ମାଝୀ, ଧର୍ମେନ୍ଦ୍ର ନାଥ ମିଶ୍ର, ସୁଦୀପ ମିଶ୍ର, ସଞ୍ଜୀବ ମାଣ୍ଡୋଠିଆ, ପ୍ରଦ୍ୟୁମ୍ନ ସାହୁ, ରଶ୍ମିରଞ୍ଜନ ସାହୁ, ବାସୁଦେବ ସାମଲ, ଅଳକାରାଣୀ ମହାପାତ୍ର, ଲିଲି ବେହେରା, ସଂଗ୍ରାମ ବେହେରା, ଅଲେଖ ବେହେରା, ଅରୂପ ସାମଲ, ଦୁଷ୍ମନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

ଅନୁଗୋଳ,୧୭।୩(ସମିସ): ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଆଜି ଜିଲ୍ଲା ଜଳ ପରିମଳ



ସମ୍ମିଳନୀ ପ୍ରକୋଷ୍ଠ ଠାରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ମୁତାବକ ଓଡ଼ିଶା ଦିବସ ଦିନ ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ "ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇ ସହର ପରିକ୍ରମା କରାଯିବ। ଏଥିସହ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରୀ କରାଯିବ। ସହରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମୁଖ୍ୟ ଅତିଥି ଓ ଜିଲ୍ଲାପାଳଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯିବ। ଓଡ଼ିଶା ଦିବସ ଉପଲକ୍ଷେ ବକ୍ତୃତା ଓ ଦେଶାତ୍ମବୋଧ କଣ୍ଠ ସଙ୍ଗୀତ ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ରକ୍ତଭଣ୍ଡାରଠାରେ ରକ୍ତଦାନ ଶିବିର ଆୟୋଜନ କରାଯିବ। ସନ୍ଧ୍ୟାରେ ସ୍ଥାନୀୟ ସଭାଘର ଠାରେ ସାଧାରଣ ସଭା ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ପରେ ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସେହିପରି ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ କରିବା ନିମନ୍ତେ ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ, ଶିଳ୍ପ ସଂସ୍ଥା, ବ୍ୟାଙ୍କ ଓ ବ୍ୟବସାୟ ପ୍ରତିଷ୍ଠାନର ଗୃହ ଗୁଡ଼ିକରେ ମାର୍ଚ୍ଚ ୩୧ ଓ ଏପ୍ରିଲ ୧ ତାରିଖରେ ନିଜ ନିଜ ବିଭାଗ ଦ୍ୱାରା ଆଲୋକମାଳା ସଜାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଜିତ୍ ଧଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉପଖଣ୍ଡ ପୁଲିସ ଅଧିକାରୀ ରମାକାନ୍ତ ମହାଳିକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

କଣିହାଁ,୧୭।୩(ସମିସ): ଅନୁଗୁଳ ଜିଲ୍ଲା ରେଙ୍ଗାଳି ଡ୍ୟାମସାଇଡ୍ ଥାନା ନାକଟିଦେଉଳ ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଗଣେଶ୍ୱର ଦେହୁରୀ (୪୫)। ସୂଚନା ଅନୁଯାୟୀ, ଗଣେଶ୍ୱର ବରପଦା ଗ୍ରାମକୁ ଶ୍ରମିକ କାମରେ ଯାଇଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ରେଙ୍ଗାଳି ପୁଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି। ପାରିବାରିକ କଳହ ଯୋଗୁଁ ବିଷାକ୍ତ ପଦାର୍ଥ ସେବନ କରିଥିବା ସନ୍ଦେହ କରାଯାଉଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ,୧୭।୩ (ସମିସ): ସ୍ଥାନୀୟ ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସଚେତନତା ମୂଳକ କାର୍ଯ୍ୟକ୍ରମ ବିଦ୍ୟାଳୟ ନିକଟସ୍ଥ ଗୁରଙ୍ଗ ଗ୍ରାମରେ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ସିଦ୍ଧାର୍ଥ ଶଙ୍କର ବରାଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗୁରଙ୍ଗ ଗ୍ରାମର ସଭାପତି ବିଶ୍ୱଜିତ୍ ନାୟକ, ସମ୍ପାଦକ କାର୍ତ୍ତିକ ନାୟକ ଓ ଗ୍ରାମ୍ୟ ସମିତିର ସମସ୍ତ ସଦସ୍ୟ ଯୋଗଦାନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଗ୍ରାମର ବୃଦ୍ଧ ବ୍ୟକ୍ତିମାନଙ୍କୁ ଟର୍ଚ୍ଚ ବିତରଣ କରାଯାଇଥିଲା। ଷ୍ଟାଫ୍‌ନର୍ସ ଚିରସ୍ମିତା ଦାସଙ୍କ ଦ୍ୱାରା ଗ୍ରାମବାସୀଙ୍କ ରକ୍ତଚାପ ଓ ଓଜନ ମାପ କରାଯାଇଥିଲା। ପରେ ସ୍ୱାସ୍ଥ୍ୟ ଜନିତ ସମସ୍ୟାର ସମାଧାନ ପାଇଁ ପରାମର୍ଶ





ଦିଆଯାଇଥିଲା। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ନାରୀମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ଷ୍ଟାଫ୍‌ନର୍ସ ଓ ଛାତ୍ରୀଙ୍କ ଦ୍ୱାରା ସଚେତନ କରାଯାଇଥିଲା। ବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ଶିକ୍ଷକ ସୁଶାନ୍ତ କୁମାର ବେହେରା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶ୍ରୀ ବିଭୂତି ରଞ୍ଜନ ମିଶ୍ର ସଂଯୋଜନା କରିଥିଲେ। ଗ୍ରାମର ସଭାପତି ବିଶ୍ୱଜିତ ନାୟକ, ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ଏଥିସହ ଜଙ୍ଗଲ ସୁରକ୍ଷା ଦିଗରେ ବିଦ୍ୟାଳୟର ସହଯୋଗ କାମନା କରିଥିଲେ। ଆଗାମୀ ଦିନରେ ଏକ ମେଗା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରିବାକୁ ଅଧ୍ୟକ୍ଷ ଶ୍ରୀ ବରାଳ ପ୍ରତିଶ୍ରୁତି ଦେଇଥିଲେ।

## ଗଣିତ ବିଜ୍ଞାନର ବର୍ତ୍ତମାନର ସ୍ଥିତି ଓ ପ୍ରୟୋଗ ସମ୍ପର୍କିତ ଆଲୋଚନାଚକ୍ର



ଅନୁଗୋଳ,୧୭।୩(ସମିସ): ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳର ସ୍ନାତକୋତ୍ତର ଗଣିତ ବିଭାଗ ଆନୁକୂଲ୍ୟରେ ଆଜି ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ 'ଗଣିତ ବିଜ୍ଞାନର ବର୍ତ୍ତମାନର ସ୍ଥିତି ଓ ପ୍ରୟୋଗ' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର(ଡକ୍ଟର) ବସନ୍ତ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ଶ୍ରୀ ସାହୁ ନିମନ୍ତ୍ରିତ ମୁଖ୍ୟ ବକ୍ତା ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱରର ଗଣିତ ବିଭାଗ ମୁଖ୍ୟ ଡକ୍ଟର ସରୋଜକାନ୍ତ ପ୍ରଧାନଙ୍କୁ ସ୍ୱାଗତ କରିଥିଲେ। ସ୍ନାତକୋତ୍ତର ଗଣିତ ବିଭାଗର ମୁଖ୍ୟ ଡକ୍ଟର ସ୍ମିତା ତପସ୍ୱିନୀ ଆଲୋଚନାଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଡ. ପ୍ରଧାନ ଗଣିତ ବିଜ୍ଞାନ ଶିକ୍ଷାର ପ୍ରୟୋଗାତ୍ମକ ଦିଗ ଉପରେ ମତ ରଖିଥିଲେ। ବର୍ତ୍ତମାନ ଯୁବପିଢ଼ି ଗଣିତ ବିଜ୍ଞାନକୁ ଉପଯୋଗ କରି ଏକ ବିକଶିତ ଭାରତ ଗଠନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ଏହି ଅବସରରେ ଅଧ୍ୟକ୍ଷ ଡକ୍ଟର ସାହୁ ଗଣିତ ବିଭାଗର ଛାତ୍ରଛାତ୍ରୀଙ୍କୁ ଗଣିତ ଶିକ୍ଷାକୁ ଆଗ୍ରହର ସହିତ ଗ୍ରହଣ କରି ଏହାକୁ ଏକ ବ୍ରତ ଭାବରେ ଜୀବନରେ ଉପଯୋଗ କରିବା ଲାଗି ପ୍ରେରିତ କରିଥିଲେ। ଇତି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର(ଡକ୍ଟର) ବସନ୍ତ କୁମାର ସାହୁ ନିମନ୍ତ୍ରିତ ମୁଖ୍ୟ ବକ୍ତା ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱରର ଗଣିତ ବିଭାଗର ମୁଖ୍ୟ ଡକ୍ଟର ସରୋଜକାନ୍ତ ପ୍ରଧାନଙ୍କୁ ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସ୍ନାତକୋତ୍ତର ଗଣିତ ବିଭାଗର ମୁଖ୍ୟା ଡକ୍ଟର ସ୍ମିତା ତପସ୍ୱିନୀ, ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଆଲୋଚନଚକ୍ରର ଉପଦେଷ୍ଟା ପ୍ରଫେସର(ଡକ୍ଟର) ବସନ୍ତ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଲୋଚନାଚକ୍ରର ଶେଷ ଭାଗରେ ସ୍ନାତକୋତ୍ତର ଗଣିତ ବିଭାଗର ସହକାରୀ ପ୍ରଫେସର ନିବେଦିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରକୁ ଗଣିତ ବିଭାଗର ସହକାରୀ ପ୍ରଫେସର ଡକ୍ଟର ପ୍ରଭାସ ଜେନା ଓ ଡକ୍ଟର ଦୁଷ୍ମନ୍ତ ମଲ୍ଲିକ ପରିଚାଳନା କରିଥିଲେ। ଆଲୋଚନାଚକ୍ରରେ ଗଣିତ ବିଭାଗର ୧୦୦ ରୁ ଊର୍ଦ୍ଧ୍ୱ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଦଣ୍ଡଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଅନୁଗୋଳ,୧୭।୩(ସମିସ): ଅନୁଗୋଳ ବ୍ଲକ୍ ଗୁରଙ୍ଗ ଗ୍ରାମରେ ଚଳିତ ବର୍ଷର ପ୍ରସିଦ୍ଧ ଦଣ୍ଡ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅଞ୍ଚଳର ଆରାଧ୍ୟା ଦେବୀ ମା' ପାଞ୍ଚଖଣ୍ଡାଙ୍କ ଝାମୁଯାତ୍ରାକୁ ଅତି ଶ୍ରଦ୍ଧାରେ ପାଳନ କରାଯିବାକୁ ବୈଠକରେ ଆଲୋଚନା ହୋଇଛି। ଚଳିତ ବର୍ଷ ଯାତ୍ରାରେ କିଛି ନୂଆ କରିବା ପାଇଁ କମିଟି ନିଷ୍ପତ୍ତି ନେଇଛି। ଏହି କ୍ରମରେ ଚଳିତ ବର୍ଷର ମୁଖ୍ୟ ଆକର୍ଷଣ ସାଜିବ ଗୀତିନାଟ୍ୟ "ଦେବ ଦାନବ ମହାସଂଗ୍ରାମ'। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଏହି ନାଟକକୁ ଅତ୍ୟାଧୁନିକ କଳା କୌଶଳ ଓ ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ନିକଟରେ ପହଞ୍ଚାଇବାକୁ କମିଟି ଲକ୍ଷ୍ୟ ରଖିଛି। ଏହି ପ୍ରସ୍ତୁତି ସମ୍ପର୍କରେ ଗ୍ରାମର ସଭାପତି ବ୍ୟକ୍ତି ବିଷ୍ଣୁ ନାଏକ କହିଛନ୍ତି ଯେ, ମା' ପାଞ୍ଚଖଣ୍ଡାଙ୍କ ଅପାର କୃପାରୁ ପ୍ରତିବର୍ଷ ଏହି ଯାତ୍ରା ସଫଳତାର ସହ ସମ୍ପନ୍ନ ହୋଇଥାଏ। ଚଳିତ ବର୍ଷ ମଧ୍ୟ ମା'ଙ୍କ ଆଶୀର୍ବାଦରୁ ଝାମୁଯାତ୍ରା ଅଧିକ ଧୂମଧାମରେ ଅନୁଷ୍ଠିତ ହେବ। ସେହିପରି ପରିଚାଳନା କମିଟିର ମୁଖ୍ୟ ପ୍ରଦୀପ ନାଏକ କହିଛନ୍ତି, "ଗୁରଙ୍ଗ ଗ୍ରାମର ଝାମୁଯାତ୍ରା ଅଞ୍ଚଳରେ ବେଶ୍ ଜଣାଶୁଣା। ଚଳିତ ବର୍ଷ ଆମେ ପ୍ରସ୍ତୁତ କରିଥିବା ଗୀତିନାଟ୍ୟ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନକୁ ବେଶ୍ ଛୁଇଁବ। ବୈଠକରେ ସନ୍ତୋଷ ନାଏକ, ସରୋଜ କୁମାର ନାଏକ, ଶିବୁ ନାଏକ, ଅଜୁ ନାଏକ, ଅଜୟ ନାଏକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ଅନୁଗୋଳ,୧୭।୩(ସମିସ):



ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ନେତା ଓ କର୍ମୀ ସ୍ଥାନୀୟ କଂଗ୍ରେସ ଭବନଠାରୁ ଏକ ବାଇକ୍ ରାଲିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପାଖକୁ ଆସି କେନ୍ଦ୍ର ସରକାରଙ୍କ ଅପରିଣାମଦର୍ଶୀ ଓ ବିଫଳତା ସମ୍ପର୍କରେ ନାରାବାଜି କରିଥିଲେ। ଏଥିସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରକୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଗ୍ରହଣ କରିଥିଲେ। ମଧ୍ୟପ୍ରାଚ୍ୟ ଦେଶମାନଙ୍କରେ ଯୁଦ୍ଧ ଚାଲିଥିବା ନେଇ ଦେଶରେ ତୈଳ ଓ ଗ୍ୟାସ ପ୍ରଚୁର ପରିମାଣରେ ମହଜୁଦ ଥିବା ନେଇ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବାହାସ୍ଫୋଟ ମାରୁଛନ୍ତି, କିନ୍ତୁ ଡିଲର ପାଖରେ ଗ୍ୟାସର ଘୋର ଅଭାବ ଦେଖାଦେଇଥିବା କହି ଗ୍ରାହକମାନଙ୍କୁ ବିଭିନ୍ନ ପ୍ରକାରର ହଇରାଣ କରାଯାଉଛି। ଯୋଗାଣ ବିଭାଗର ଏଥିପ୍ରତି କୌଣସି କର୍ତ୍ତୃତ୍ୱ ରହୁ ନ ଥିବା ହେତୁ, ଅଭାବୀ ବିକ୍ରି କରି ବେଶ ଲାଭବାନ ହେଉଛନ୍ତି ଡିଲରମାନେ। ଏ ମଧ୍ୟରେ କେନ୍ଦ୍ର ସରକାର ଜାଳେଣି ଗ୍ୟାସର ଦରବୃଦ୍ଧି କରିଛନ୍ତି। ଯାହାକି ବୋଝ ଉପରେ ଲଳିତା ବିଡ଼ା ସଦୃଶ୍ୟ। ଘରୋଇ ଗ୍ୟାସ ଟାଙ୍କି ପିଛା ୬୦ ଟଙ୍କା ଓ ବାଣିଜ୍ୟିକ ଗ୍ୟାସ ଟାଙ୍କି ପିଛା ୧୨୦ ଟଙ୍କା ବୃଦ୍ଧି ହୋଇଛି। ଗ୍ରାହକଙ୍କୁ ଆବଶ୍ୟକ ଗ୍ୟାସ ଟାଙ୍କି ଠିକ ଭାବରେ ମିଳୁନାହିଁ। ଏଣୁ ସରକାରଙ୍କ ଦୋମୁହାଁ ନୀତିରେ ଗ୍ରାହକମାନେ ଅତିଷ୍ଠ ହୋଇ ଗଲେଣି। ଜିଲ୍ଲାରେ କେତେ ଗ୍ୟାସ ମହଜୁଦ ଅଛି ଓ କେତେ ଆବଶ୍ୟକ ତାର ଏକ ସଠିକ ଖବର ମଧ୍ୟ ଗ୍ରାହକ ପାଇ ପାରୁନାହାନ୍ତି। ଏଣୁ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ବିହୀତ ପଦକ୍ଷେପ ନେବାକୁ ଦାବି କରିଥିଲେ। ଏହି ପ୍ରତିବାଦରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ତପନ ପ୍ରଧାନ, ଗୋପାଳ ଚନ୍ଦ୍ର ନାଥ, ଦିଗାମ୍ବର ଗଡ଼ନାୟକ, ବିରଞ୍ଚି ନାରାୟଣ ଧର, ରୂପାଦୀପ୍ତା ମହାପାତ୍ର, ସନ୍ତୋଷ ପଟ୍ଟନାୟକ, ଅମୂଲ୍ୟ ବେହେରା, ସଞ୍ଜୀବ କୁମାର ମାଣ୍ଡୋଠିଆ, ସୁଦୀପ ମିଶ୍ର, ବିନୋଦ ମାଝୀ, ରାକେଶ ମିଶ୍ର, ରଶ୍ମୀରଞ୍ଜନ ସାହୁ, ଅଜୟ ବେହେରା, ସୁବାସ ଚନ୍ଦ୍ର ସାହୁ, ଧର୍ମେନ୍ଦ୍ର ନାଥ ମିଶ୍ର, ଅଲେଖ ବେହେରା, ସଂଗ୍ରାମ କେଶରୀ କଅଁର, ଉପେନ୍ଦ୍ର ଦେହୁରୀ, ଅଳକାରାଣୀ ମହାପାତ୍ର, ଅଳକା ମହାନ୍ତି, ଲିଲି ବେହେରା, ମାନିନୀ ପ୍ରଧାନ, ପଦ୍ମିନୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଗଣଧାରଣା

କେନ୍ଦ୍ରାପଡ଼ା,୧୭।୩(ସମିସ)



କେନ୍ଦ୍ରାପଡା ଜିଲ୍ଲାରେ ଦୀର୍ଘଦିନ ଧରି ଚାଲିଆସୁଥିବା ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଆଉଥରେ ଜୋରଦାର ରୂପ ନେଇଛି। ଆଜି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲାବାସୀଙ୍କ ପକ୍ଷରୁ ଏକ ବିଶାଳ ଗଣଧାରଣା ଅନୁଷ୍ଠିତ ହୋଇଛି। ଜିଲ୍ଲାର ସମସ୍ତ ଗାଁକୁ ଯାଇ ଲୋକଙ୍କୁ ଏକତ୍ର କରି ଆନ୍ଦୋଳନକୁ ତୀବ୍ର କରିବା ପାଇଁ 'ଗାଁକୁ ଚାଲ' ଆହ୍ୱାନ ଦିଆଯାଇଥିଲା। ସ୍ୱାଧୀନତାର ୭୯ ବର୍ଷ ପରେ ମଧ ଜିଲ୍ଲାରେ ମେଡିକାଲ କଲେଜ ନ ଥିବାକୁ ନେଇ ଜିଲ୍ଲାବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅର୍ଥନୈତିକ ବିକାଶରେ ପଛରେ ପଡ଼ିଥିବା ଏହି ଜିଲ୍ଲାର ଲୋକେ ସାଧାରଣ ସ୍ୱାସ୍ଥ୍ୟ ସେବା ପାଇବାରେ ଅନେକ ସମସ୍ୟା ଭୋଗୁଛନ୍ତି। ୫୩ ନମ୍ବର ଜାତୀୟ ରାଜପଥ ଓ ରେଳପଥ ଯାଇଥିଲେ ମଧ ଉନ୍ନତ ସ୍ୱାସ୍ଥ୍ୟ ପାଇଁ ଲୋକେ କଟକ ବଡ଼ ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ଦୁର୍ଘଟଣା ବା ଗୁରୁତର ରୋଗ ସମୟରେ ସଠିକ୍ ଚିକିତ୍ସା ସୁବିଧା ନ ମିଳିବାରୁ ଅନେକ ସମୟରେ ଜୀବନହାନି ଘଟୁଥିବା ଅଭିଯୋଗ ହୋଇଛି।

୨୦୧୫ରୁ କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ଆରମ୍ଭ ହୋଇଥିବାବେଳେ ବିଭିନ୍ନ ରାଜନୈତିକ ଦଳ, ଗଣସଂଗଠନ, ସାମାଜିକ ସଂଗଠନ ଓ ବୁଦ୍ଧିଜୀବୀ ସମୟ ସମୟରେ ସହଭାଗୀ ହୋଇଆସୁଛନ୍ତି। ଏହି ସମୟ ମଧ୍ୟରେ ରାଜ୍ୟରେ ଅନେକ ନୂତନ ମେଡିକାଲ କଲେଜ ଘୋଷଣା ହୋଇଥିବା ସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲ୍ଲା ଏପର୍ଯ୍ୟନ୍ତ ବଞ୍ଚିତ ରହିଥିବା ନେଇ ଆନ୍ଦୋଳନକାରୀ କ୍ଷୋଭ ପ୍ରକାଶ କରିଥିଲେ। ଏପର୍ଯ୍ୟନ୍ତ ଜିଲ୍ଲାର ଭାଗ୍ୟ ପରିବର୍ତ୍ତନ ହୋଇ ନ ଥିବାରୁ ଏହାକୁ ରାଜନୈତିକ ଅବହେଳା ବୋଲି ଅଭିଯୋଗ କରାଯାଇଥିଲା। ଗଣଧାରଣା ସଭାରେ ଅଧ୍ୟାପକ ଅଜୟ ସାମଲ ସଭାପତିତ୍ୱ କରିଥିବାବେଳେ କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ସିପିଆଇ(ଏମ) ଜିଲ୍ଲା ସମ୍ପାଦକ ଗାୟଧର ଧଳ, କଂଗ୍ରେସର ବରିଷ୍ଠ ନେତା ପ୍ରଫୁଲ୍ଲ ଦାସ, ସିପିଆଇ ଜିଲ୍ଲା ସମ୍ପାଦକ ବିକାଶ ବେଉରା, ସିପିଆଇ(ଏମଏଲ) ଜିଲ୍ଲା ସମ୍ପାଦକ ବିଧାନ ଦାସଙ୍କ ସହିତ ବିଭିନ୍ନ ସଂଗଠନର ନେତା ଓ ସମାଜସେବୀ ଉଦ୍‌ବୋଧନ ଦେଇଥିଲେ। ଆନ୍ଦୋଳନର ତୀବ୍ରତାକୁ ଦେଖି ଗତ ବିଧାନସଭା ବଜେଟ ଅଧିବେଶନରେ କେନ୍ଦ୍ରାପଡ଼ାରେ ସରକାରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା କରାଯାଇଥିଲା। କିନ୍ତୁ ବଜେଟରେ ଏଥିପାଇଁ ଆବଶ୍ୟକ ଅର୍ଥବରାଦ ନ ହେବାରୁ ଏହାକୁ ଜିଲ୍ଲାବାସୀଙ୍କ ସହ ଧୋକା ବୋଲି ଆନ୍ଦୋଳନକାରୀ କହିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ରକୁ ଜିଲ୍ଲାପାଳ ରଘୁରାମ ଆର୍. ଆୟାର ଗଣଧାରଣା ସ୍ଥଳକୁ ଆସି ଗ୍ରହଣ କରିଥିଲେ।

# ରାଜକନିକା ବ୍ଲକ୍ ଯୋଗାଣ କାର୍ଯ୍ୟାଳୟରେ ତାଲା, ଖାଉଟି ହନ୍ତସନ୍ତ

ରାଜକନିକା,୧୭।୩(ସମିସ): ରାଜକନିକାର ଯୋଗାଣ ବିଭାଗ ଏବେ ସ୍ଥାଣୁ ପାଲଟିଛି। ବ୍ଲକରେ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ତାଲା ଝୁଲୁଛି। ପ୍ରାୟ ୮ ଦିନ ହେଲାଣି ଯୋଗାଣ ବିଭାଗ କାର୍ଯ୍ୟାଳୟରେ ତାଲା ପଡ଼ିଥିବା ଦେଖି ଦୈନିକ ଶହ ଶହ ଲୋକ ଫେରୁଛନ୍ତି। ଆଜିକୁ ୮ ଦିନ ହେଲାଣି ରାଜକନିକା ବ୍ଲକର ଯୋଗାଣ ବିଭାଗ କାର୍ଯ୍ୟାଳୟରେ ତାଲା ପଡ଼ିଥିବାରୁ



ପ୍ରତ୍ୟେକ ଦିନ ଆସୁଥିବା ରାସନ କାର୍ଡ ହିତାଧିକାରୀଙ୍କ କୌଣସି କାମ ନ ହେବାରୁ ଫେରି ଯାଉଛନ୍ତି। ଏଥିସହିତ କାହାର ରାସନ କାର୍ଡରେ ଆଧାର ଲିଙ୍କ ତ ଆଉ କାହାର ମୋବାଇଲ ନମ୍ବର ଲିଙ୍କ ଭଳି ଗୁରୁତ୍ୱପୂର୍ଣ୍ଣ କାମ ହୋଇ ନ ପାରିବାରୁ ଅସନ୍ତୋଷ ଦେଖାଦେଉଛି। କେହି ସ୍ଥାୟୀ ଯୋଗାଣ ଅଧିକାରୀ ବା ନିରୀକ୍ଷକ ନିଯୁକ୍ତ ନ ହେବା, କାମଚଳା ଭାବେ ଆଳି ବ୍ଲକ୍‌ର ଏମଆଇ ଏଠାରେ ଦାୟିତ୍ୱରେ ରହିବା ଭଳି ଅବସ୍ଥା ଦିନକୁ ଦିନ ଖାଉଟିଙ୍କୁ ବହୁ ଅସୁବିଧାରେ ପକାଇଛି। ଯୋଗାଣ ଅଧିକାରୀ ରହୁ ନ ଥିବାବେଳେ ଆଉଟସୋର୍ସିଂ କର୍ମଚାରୀ ଏହି ବିଭାଗ ଚଳାଇ ଆସିଥିବାବେଳେ ଏବେ ସେମାନଙ୍କର ଧର୍ମଘଟ ଯୋଗୁଁ ବିଭାଗ ସମ୍ପୂର୍ଣ୍ଣ ଅଚଳ ହୋଇ ତାଲା ପଡିଛି। ଏଭଳି ଅଚଳାବସ୍ଥା ସମୟରେ ରିଟେଲର, ଖାଉଟି ସମସ୍ତେ ହଇରାଣ ହେଉଛନ୍ତି। ରାଜକନିକା ଯୋଗାଣ ବିଭାଗରେ ତାଲା ପଡିବା ଖବର ଜାଣି ବି ବ୍ଲକ ପ୍ରଶାସନ ଚୁପ୍ ରହିବା ସାଧାରଣରେ ଅସନ୍ତୋଷ ବଢ଼ାଇଛି। ଜିଲ୍ଲା ଯୋଗାଣ ଅଧିକାରୀ ଓ ଜିଲ୍ଲାପାଳ ଏଭଳି ଅଚଳାବସ୍ଥା ଦୂର ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି।

# ଶ୍ରୀମୁଖ ସିଂହାର ନୀତି ପାଇଁ ୩ ଘଣ୍ଟା ଦର୍ଶନ ବନ୍ଦ

କେନ୍ଦ୍ରାପଡ଼ା,୧୭।୩(ସମିସ): ଆସନ୍ତା ବୁଧବାର ଅର୍ଥାତ ୧୮ ତାରିଖରେ ମହାପ୍ରଭୁଙ୍କ ପବିତ୍ର ଶ୍ରୀମୁଖ ସିଂହାର ନୀତି ଅନୁଷ୍ଠିତ ହେବ। ଏହି ନୀତି ଗୁପ୍ତ ଧାର୍ମିକ ପ୍ରଥା ହୋଇଥିବାରୁ ସେହିଦିନ ସକାଳ ୭ରୁ ୧୦ଟା ପର୍ଯ୍ୟନ୍ତ ୩ ଘଣ୍ଟା ସର୍ବସାଧାରଣଙ୍କ ପାଇଁ ଦର୍ଶନ ବନ୍ଦ ରହିବ। ବଳଦେବଜୀଉ ମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ଏହି ବିଶେଷ ନୀତିରେ ଚିତ୍ରକର ସେବକ ମହାପ୍ରଭୁଙ୍କ ଶ୍ରୀମୁଖରେ ବିଶେଷ ସିଂହାର କାର୍ଯ୍ୟ ସମ୍ପାଦନ କରିବେ। ଏହା ଏକ ପରମ୍ପରାଗତ ଓ ଗୁପ୍ତ ନୀତି ହୋଇଥିବାରୁ ନୀତି ଚାଲିଥିବା ସମୟରେ ଭକ୍ତଙ୍କ ପ୍ରବେଶ ନିଷେଧ ରହିବ। ମନ୍ଦିର ସୁପରଭାଇଜର ନୃସିଂହ ଚରଣ ପତ୍ରୀ ଏହି ସୂଚନା ଦେଇ କହିଛନ୍ତି ଯେ, ନୀତି ସମାପ୍ତି ପରେ ପୁନର୍ବାର ସାଧାରଣ ଦର୍ଶନ ଚାଲୁ ହେବ। ସେହିପରି ଭକ୍ତଙ୍କୁ ଅନୁରୋଧ ଦର୍ଶନ ପାଇଁ ଆସିବା ସମୟରେ ଏହି ସମୟ ସୀମାକୁ ଧ୍ୟାନରେ ରଖି ଯୋଜନା କରନ୍ତୁ। ଫଳରେ ଅସୁବିଧା ହେବନି।

# ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ତାଲିମ ଆରମ୍ଭ



କେନ୍ଦ୍ରାପଡ଼ା,୧୭।୩(ସମିସ): ଜିଲ୍ଲାର ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ଉଜାଗର କରିବା ଉଦ୍ଦେଶ୍ୟରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆରମ୍ଭ ହୋଇଛି। କ୍ରୀଡ଼ା ଓ ଯୁବ ସେବା ବିଭାଗ ସହଯୋଗରେ ଆୟୋଜିତ ଏହି ତାଲିମ ଶିବିରର ମୂଳ ଲକ୍ଷ୍ୟ ହେଉଛି ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଯୁବ କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରଯୁକ୍ତ ଓ ବୈଜ୍ଞାନିକ ପ୍ରଶିକ୍ଷଣ ଯୋଗାଇବା। ଏହା ମାଧ୍ୟମରେ ଗ୍ରାମାଞ୍ଚଳର ଖେଳାଳିଙ୍କୁ ଜିଲ୍ଲା ଓ ରାଜ୍ୟସ୍ତରରେ ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ମିଳିବ। ଏହି କାର୍ଯ୍ୟକ୍ରମରେ ଦୌଡ଼କୁଦ, ଭଲିବଲ ଓ ଖୋ-ଖୋ ଭଳି ବିଭିନ୍ନ କ୍ରୀଡ଼ା ଶାଖାରେ ପ୍ରତିଭା ଚୟନ କରାଯିବ। ପ୍ରଥମେ ବ୍ଲକ୍ ସ୍ତରରେ ଚୟନ ପ୍ରକ୍ରିୟା ସମ୍ପନ୍ନ ହେବା ପରେ ଚିହ୍ନିତ କ୍ରୀଡାବିତ୍ ଜିଲ୍ଲା ସ୍ତରରେ ଅଧିକ ଉନ୍ନତ ପ୍ରଶିକ୍ଷଣ ପାଇବେ। ଆଜି ତାଲିମ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଶ୍ରୀ ରଘୁରାମ ଆର. ଆୟର ଉଦଘାଟନ କରିଥିଲେ। ସେ କହିଥିଲେ, ଗ୍ରାମାଞ୍ଚଳରେ ଅନେକ କ୍ରୀଡ଼ା ପ୍ରତିଭା ଲୁଚିଥାଏ, ସେମାନଙ୍କୁ ସଠିକ ମଞ୍ଚ ଓ ପ୍ରଶିକ୍ଷଣ ମିଳିଲେ ସେମାନେ ରାଜ୍ୟ ଓ ଦେଶର ନାମ ଉଜ୍ଜ୍ୱଳ କରିପାରିବେ। ଏ ଅବସରରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ଅକମଲ ଅଲ୍ଲୀ ଓ ବିଭିନ୍ନ ବ୍ଲକର କ୍ରୀଡା ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ତାଲିମ ଶିବିରରେ ମାଷ୍ଟର ଟ୍ରେନରଙ୍କୁ କ୍ରୀଡ଼ା ପ୍ରଶିକ୍ଷଣର ନୂତନ ପ୍ରଣାଳୀ ଓ ଚୟନ ପ୍ରକ୍ରିୟା ସମ୍ବନ୍ଧରେ ଅବଗତ କରାଯାଇଥିଲା। ଏହି ପଦକ୍ଷେପ ଜିଲ୍ଲାରେ କ୍ରୀଡ଼ା ପରିବେଶକୁ ସକ୍ରିୟ କରିବା ସହିତ ଯୁବପିଢିଙ୍କୁ କ୍ରୀଡ଼ାମୁଖୀ କରିବାରେ ଏକ ମାର୍ଗଦର୍ଶକ ପଦକ୍ଷେପ ଭାବେ ପରିଗଣିତ ହେଉଛି।

# ମା' କନ୍ତେଇଙ୍କ ପୀଠ ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି ବୈଠକ

ଡେରାବିଶ,୧୭।୩(ସମିସ): ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ବାଙ୍କିମୁଣ୍ଡାଇ ଗ୍ରାମର ଗ୍ରାମଦେବତୀ ମା' କନ୍ତେଇଙ୍କ ପୀଠରେ ୮୨ତମ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଅକ୍ଷୟ ତୃତୀୟା ତିଥିରେ ଏହି ଯଜ୍ଞ ଅନୁଷ୍ଠିତ ହେବ। ଏହା କିପରି ସରସ ସୁନ୍ଦର ହୋଇପାରିବ, ସେ ସମ୍ପର୍କରେ ଆଲୋଚନା ହେବା ସହ ଯଜ୍ଞରେ ଆବଶ୍ୟକ ହେଉଥିବା ବିଶୁଦ୍ଧ ଗାଈ ଘିଅ ଓ ସମିଧ ନିମନ୍ତେ ଭକ୍ତଙ୍କ ଦାନ ଗ୍ରହଣ କରିବା ପାଇଁ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିଲା। ବିଭିନ୍ନ ଦିବସରେ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ସ୍ଥିର କରାଯାଇଥିଲା। ଏଥିନିମନ୍ତେ ବିଭିନ୍ନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ବୈଠକରେ କଳ୍ପତରୁ କର, ପଦ୍ମନାଭ ବେହେରା, ଅରକ୍ଷିତ ସୂତାର, ହୃଷିକେଶ ସାହୁ, କିଶୋର ମହାନ୍ତି, ଅମିତ ମହାନ୍ତି, ଶିଶିର ମହାନ୍ତି, ରଞ୍ଜନ ମହାନ୍ତି, ଦିଲ୍ଲୀପ ମହାନ୍ତି, ନରହରୀ ମହାନ୍ତି, ରତ୍ନାକର ପରିଡ଼ା, ନିରଞ୍ଜନ ରାଉତ, ରମାକାନ୍ତ ପରିଡ଼ାଙ୍କ ସମେତ ଗ୍ରାମର ବହୁ ବ୍ୟକ୍ତି ଯୋଗଦେଇଥିଲେ।

# ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ହୋଟେଲରେ ଚଢ଼ଉ

ଡେରାବିଶ, ୧୭।୩(ସମିସ): ରନ୍ଧନ ଗ୍ୟାସ୍ ସଙ୍କଟ ନେଇ ସାଧାରଣରେ ଆଶଙ୍କା ଦେଖାଦେଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟର ଜିଲ୍ଲାରେ ଗ୍ୟାସ ସିଲିଣ୍ଡରର କଳାବଜାରୀକୁ ରୋକିବା, ଖାଉଟୀ କିପରି



ସୁବିଧାରେ ରନ୍ଧନ ଗ୍ୟାସ୍ ପାଇପାରିବେ ସେ ନେଇ ଜିଲ୍ଲା ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଆଜି ଡେରାବିଶ ବ୍ଲକ୍ ଅଧୀନ ଚାନ୍ଦୋଳ ବଜାରରେ ଥିବା ଗୋରଖନାଥ ହୋଟେଲ ଓ ରଜାଙ୍ଗ ଛକରେ ଥିବା ଗୀତାଞ୍ଜଳି ହୋଟେଲ ଉପରେ ଚଢ଼ଉ କରାଯାଇଥିଲା। ଏହି ହୋଟେଲରେ ବ୍ୟବସାୟିକ ରନ୍ଧନ ଗ୍ୟାସ୍ ସମେତ ଘରୋଇ ରନ୍ଧନ ଗ୍ୟାସ୍ ବ୍ୟବହାର କରାଯାଉଥିବା ଦେଖାଯାଇଥିଲା। ହୋଟେଲରୁ ୪ଟି ଘରୋଇ ଗ୍ୟାସ୍ ସିଲିଣ୍ଡରକୁ ଅଧିକାରୀ ଜବତ କରିଥିଲେ। ଏହି ଚଢ଼ଉ ବେଳେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ ଦାସ, ପ୍ରୀତମ ଦାସ, ସହକାରୀ ଜିଲ୍ଲା ଯୋଗାଣ ଅଧିକାରୀ ଦେବଶ୍ରୀ ମାର୍ଥା, ପୁନମ ଜେନା, ଡେରାବିଶ ବ୍ଲକ୍ ଯୋଗାଣ ନିରୀକ୍ଷକ ସ୍ୱରୁପ ଦାସ ସାମିଲ ଥିଲେ।

**● ଅଜଣା ନମ୍ବରରୁ ଫୋନ କଲ୍‌ରେ ଗର୍ଭବତୀ ମହିଳାଙ୍କ ଆକାଉଣ୍ଟରୁ ଟଙ୍କା ଉଭାନ**

# ଆଶା କର୍ମୀଙ୍କ ସମ୍ପୃକ୍ତି ସନ୍ଦେହ, ଗ୍ରାମାଞ୍ଚଳ ଥାନାରେ ଏତଲା

ପଟ୍ଟାମୁଣ୍ଡାଇ,୧୭।୩(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତ ବାଲିପାଟଣା ଗ୍ରାମରେ ଅଜଣା ନମ୍ବରରୁ ଫୋନ କଲ ଆସି ଜଣେ ଗର୍ଭବତୀ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨ ଥରରେ ୧୮, ୪୦୦ ଟଙ୍କା କଟିଯାଇଥିବା ଭଳି ଖବର ମିଳିଛି। ଏହି ଘଟଣାରେ ସ୍ଥାନୀୟ ଆଶା କର୍ମୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରି ସମ୍ପୃକ୍ତା ମହିଳାଙ୍କ ସ୍ୱାମୀ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନରେ ଏତଲା ଦେଇଛନ୍ତି। ଏଭଳି ଘଟଣା ବଳଭଦ୍ରପୁର ପଞ୍ଚାୟତରେ ଥିବା ଅନ୍ୟ ମହିଳାଙ୍କ କ୍ଷେତ୍ରରେ ଘଟିଥିବା ଚର୍ଚ୍ଚା ଚାଲିଛି।

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ହୋଇଥିବା ଏତଲା ଅନୁଯାୟୀ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବାଲିପାଟଣା ଗ୍ରାମର ଶ୍ରୀକାନ୍ତ ଦାସଙ୍କ ପତ୍ନୀ ମିନତୀ ଦାସ ଗର୍ଭବତୀ ଥିବାରୁ ୬ ଦିନ ତଳେ ତାଙ୍କୁ ପଟ୍ଟାମୁଣ୍ଡାଇ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ମିନତୀଙ୍କ ଏକ କନ୍ୟା ସନ୍ତାନ ଜନ୍ମଲାଭ କରିଥିଲା। ୧୬ ତାରିଖ ୪ଟା ୪୫ ମିନିଟ ସମୟରେ ଏକ ଅଜଣା ଫୋନ ନମ୍ବର ୭୨୬୧୦ ୮୯୩୯୪ରୁ ଗର୍ଭବତୀ ମହିଳା ମିନତୀଙ୍କ ଫୋନକୁ କଲ ଆସିଥିଲା। ମିନତୀ ଫୋନ ଉଠାବାରୁ ଫୋନ କରିଥିବା ଅଜଣା ବ୍ୟକ୍ତି ଜଣଙ୍କ କହିଲେ ଆମେ ଅଙ୍ଗନବାଡି ମୁଖ୍ୟ କାର୍ଯ୍ୟାଳୟରୁ କହୁଛୁ। ତୁମ ଅଙ୍ଗନବାଡି ଆଶାଦିଦିଙ୍କୁ ଲାଇନକୁ ଆଣୁଛୁ ତୁମେ କଥା ହେବ। ପରେ ମିନତୀ ଆଶାଦିଦିଙ୍କ ସହିତ ଫୋନ ଯୋଗେ କଥାବାର୍ତ୍ତା ହେବାରୁ ସ୍ଥାନୀୟ ଆଶା ଦିଦି ମିନତୀଙ୍କୁ କହିଲେ ଆମ ହେଡ ଅଫିସରୁ ବଡ଼ ସାର କଥା ହେଉଛନ୍ତି। ସେ ଯାହା ପଚାରିବେ ଓ କହିବେ ତୁମେ କରିବ ବୋଲି ଆଶା ଦିଦି ଜଣକ ମିନତୀଙ୍କୁ କହିଥିଲେ। ପରେ ବଡସାର କୁହାଯାଉଥିବା ଅଜଣା ବ୍ୟକ୍ତି ଜଣକ ମିନତୀଙ୍କ ଫୋନକୁ ହାଏ କରିଥିଲେ। ହ୍ୱାଟଅପ୍‌ରେ କଥା ହୋଇ ଏକ ଲିଙ୍କ ପଠାଇ ଓକେ କରିବାକୁ କହିଥିଲେ। ଏହି ଲିଙ୍କକୁ ଓକେ କଲେ ତୁମ ଆକାଉଣ୍ଟ ନମ୍ବର ୬୪୨୨୨ ୫୬୦୨୦କୁ ଗର୍ଭବତୀ ସହାୟତା ୯, ୬୦୦ଟଙ୍କା ଆସିବ ବୋଲି କହି ଫୋନ କାଟି ଦେଇଥିଲେ। ପରେ ମିନତୀ ସେହି ଅଜଣା ଲିଙ୍କକୁ ଓକେ କରିବାରୁ ତାଙ୍କ ଆକାଉଣ୍ଟରୁ ପ୍ରଥମେ ୧୭ ହଜାର ୫୦୦ ଓ ପରେ ୯ ଶହ ଟଙ୍କା କଟିଯାଇଥିବା ବ୍ୟାଙ୍କରୁ ମୋବାଇଲକୁ ମ୍ୟାସେଜ ଆସିଥିଲା। ମିନତୀ ଓ ତାଙ୍କ ସ୍ୱାମୀ ଆଶାଦିଦିଙ୍କୁ ଫୋନ କରିବାରୁ ସେ କହିଲେ ମୁଁ ନମ୍ବର ଦେଇଥିଲି ସତ, ମାତ୍ର ଟଙ୍କା କଟିଯିବ ବୋଲି ଜାଣି ନ ଥିଲି ବୋଲି ଆଶା ଦିଦି କହିଥିଲେ। ଏହାପରେ ଆଶା ଦିଦିଙ୍କ ସମ୍ପୃକ୍ତି ସନ୍ଦେହ କରି ଗର୍ଭବତୀ ମହିଳା ମିନତୀଙ୍କ ସ୍ୱାମୀ ଶ୍ରୀକାନ୍ତ ଦାସ ଆଶା ଦିଦି ରୁବି ବେହେରାଙ୍କ ନାମରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଛନ୍ତି। ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକ ଏହି ଏତଲାକୁ ଭିତ୍ତିକରି ୧୪୭ /୨୦୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା,୧୭।୩(ସମିସ): ଆସନ୍ତା ଜିଲ୍ଲାସ୍ତରୀୟ ଓଡିଶା ଦିବସକୁ ଗମ୍ଭୀରତା, ଶୃଙ୍ଖଳା ଓ ଆଡ଼ମ୍ବର ସହିତ ପାଳନ କରିବା ଲକ୍ଷ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଛି। ଏହି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକ, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସମ୍ପୃକ୍ତ ବିଷୟରେ ମତ ବିନିମୟ କରିଥିଲେ।

ଉକ୍ତ ବୈଠକରେ ଓଡ଼ିଶା ଦିବସ ପାଳନ ସମ୍ପର୍କିତ ବିଭିନ୍ନ କାର୍ଯ୍ୟସୂଚୀ ନିମନ୍ତେ ସୂକ୍ଷ୍ମ ଆଲୋଚନା କରାଯାଇଥିଲା। ପ୍ରଭାତ ଫେରୀ ଆୟୋଜନ, ସହରର ବିଭିନ୍ନ ସ୍ଥାନରେ ଅବସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସାଧାରଣ ସଭା, ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ ପ୍ରତିଯୋଗିତାରେ କୃତୀମାନଙ୍କୁ ପୁରସ୍କାର ବଣ୍ଟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାପାଳ ଶ୍ରୀ ଆୟର ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଅଗ୍ରୀମ ଓ ସଂଗଠିତ ପ୍ରସ୍ତୁତି ନେବାକୁ ନିର୍ଦ୍ଦେଶ ଦେଇ କହିଥିଲେ, ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସକୁ ଲୋକଙ୍କ ମନରେ ଗର୍ବ ଓ ଏକତାର ଭାବନା ସୃଷ୍ଟି କରିବା ଭଳି ପାଳନ କରାଯିବା ଉଚିତ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅବସରକୁ ସ୍ମରଣୀୟ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଗ୍ରହଣ କରାଯାଉଥିବାବେଳେ ଚଳିତ ବର୍ଷର ଓଡ଼ିଶା ଦିବସ ପାଳନ କେନ୍ଦ୍ରାପଡ଼ାରେ ଏକ ବିଶେଷ ଆକର୍ଷଣ ରୂପେ ପ୍ରକାଶିତ ହେବ ବୋଲି ଆଶା ପ୍ରକାଶ ପାଇଛି।

**● ପଡ଼ିରହିଛି ହଜାର ହଜାର କ୍ୱିଣ୍ଟାଲ ଧାନ**

# ତେରଗାଁ କୃଷି ସମବାୟ ସମିତିରେ ଚାଷୀଙ୍କ ବିକ୍ଷୋଭ

ମହାକାଳପଡ଼ା,୧୭।୩(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତେରଗାଁ ପ୍ରାଥମିକ କୃଷି ସମବାୟ ସମିତି ସମ୍ମୁଖରେ ଚାଷୀଙ୍କ ହଜାର ହଜାର କ୍ୱିଣ୍ଟାଲ ଧାନ ଦୀର୍ଘ ଦିନ ଧରି ପଡ଼ିରହିଛି। ଟାର୍ଗେଟ ଥିବା ସତ୍ତ୍ୱେ ମିଲର ଆସୁ ନ ଥିବାରୁ ଧାନ ଉଠିପାରୁନାହିଁ। ବହୁଦିନ ଧରି ବାହାରେ ଧାନ ପଡ଼ିରହିଥିବାରୁ ଧାନ ନଷ୍ଟ ହେବା ଆଶଙ୍କା ରହିଛି। ସେପଟେ ତୁହାକୁ ତୁହା ଆସୁଥିବା ଅଦିନିଆ ବର୍ଷା ଚାଷୀଙ୍କ ମୁଣ୍ଡରେ ଚଡ଼କ ପକାଇଛି। ସୋସାଇଟି କର୍ମଚାରୀ ମଧ ଅସହଯୋଗ କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ଆଜି ଚାଷୀ ମିଳିତ ଭାବେ ସୋସାଇଟି ବିକ୍ଷୋଭ ପ୍ରଦର୍ଶନ କରିବା ସହ ନାରାବାଜି କରିଥିଲେ। ଯଦି ଦୁଇଦିନ ମଧ୍ୟରେ ଧାନ ନ ଉଠେ, ତେବେ ଗଦା ହୋଇରହିଥିବା ଧାନରେ ନିଆଁ ଲଗାଇଦେବାକୁ କହିଛନ୍ତି। ଏ ନେଇ କେନ୍ଦ୍ରାପଡ଼ା ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କ ସହିତ ଯୋଗାଯୋଗ କରିବାରୁ ମିଲରଙ୍କୁ ଧାନ ଉଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଟାର୍ଗେଟ ଅନୁଯାୟୀ ପର୍ଯ୍ୟାୟକ୍ରମେ ସମସ୍ତ ଚାଷୀଙ୍କ ଧାନ କ୍ରୟ କରାଯିବ ବୋଲି କହିଛନ୍ତି।

**● ଖଲାରେଶ୍ୱର ଓ ପଞ୍ଚୁପାଣ୍ଡବରେ ବାରୁଣୀଯାତ୍ରା**

# ଲୁଣାନଦୀ ଓ ଗୋବରୀରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

ଡେରାବିଶ/ପଞ୍ଚୁପାଣ୍ଡବ, ୧୭।୩(ସମିସ): ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତ୍ତାମୂଳସ୍ଥ ପ୍ରସିଦ୍ଧ ଶୈବ ପୀଠ ଖଲାରେଶ୍ୱରଙ୍କ ମନ୍ଦିର ବେଢ଼ା ଓ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଧର୍ମପୀଠ ପଞ୍ଚୁପାଣ୍ଡବ ମନ୍ଦିର ବେଢାରେ ଆଜି ଆରମ୍ଭ ହୋଇଛି ବାରୁଣୀ ଯାତ୍ରା। ଲୁଣାନଦୀରେ



ଆଜି ପ୍ରାତଃରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ବାରୁଣୀ ସ୍ନାନ କରି ନିଜର ମାନସିକ ପୂରଣ କରିବା ପାଇଁ ନଦୀକୂଳରେ ଥିବା ଖଲାରେଶ୍ୱରଙ୍କ ପୀଠରେ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା। ଏଣ୍ଡର ପଞ୍ଚାୟତ ଡେରାଢ଼ିହସ୍ଥ ଗୋବରୀ ନଦୀର ତୀର୍ଥକୂଳରେ ଆଜି ପ୍ରାତଃରୁ ଶତାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇବା ସହ ପଞ୍ଚୁପାଣ୍ଡବଙ୍କ ମନ୍ଦିରକୁ ଯାଇ ଦର୍ଶନ କରିବା ସହ ତୀର୍ଥକୂଳରୁ ମନ୍ଦିର ଯାଏ ରାସ୍ତାର ଦୁଇପାଶ୍ୱର୍ରେ ପଡିଥିବା ଚାଦରରେ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ଚାଉଳ ଓ ବିରି ଶସ୍ୟ ପକାଇ ନିଜର ମାନସିକ ପୂରଣ କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଏହି ବାରୁଣୀ ଯାତ୍ରା ପଞ୍ଚୁପାଣ୍ଡବଠାରେ ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବାବେଳେ ଖଲାରେଶ୍ୱରଙ୍କ ପୀଠରେ ତିନିଦିନ ଧରି ଅନୁଷ୍ଠିତ ହେବ ବୋଲି ବାରୁଣୀ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ପବିତ୍ର ବାରୁଣୀ ସ୍ନାନ ତିଥିରେ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ପବିତ୍ର ଲୁଣାନଦୀରେ ସ୍ନାନ କରି ପ୍ରଭୁ ଖଲାରେଶ୍ୱରଙ୍କ ପୂଜାର୍ଚ୍ଚନା କଲେ ସେମାନଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥିବା ବୋଲି ଗଭୀର ବିଶ୍ୱାସ ରହିଛି। ଏହି ଦିନରେ ଶ୍ରଦ୍ଧାଳୁ ସେମାନଙ୍କ ଶିଶୁ ସନ୍ତାନଙ୍କ କେଶଦାନ କରିବା, ନିଜ ଘରେ ବିବାହ ବ୍ରତାଦିରେ ବ୍ୟବହାର କରିଥିବା ଶୁଭମୁକୁଟ, ପଉଡ଼ମଶିଣା ଆଦି ଏହି ଦିନରେ ନଦୀରେ ବିସର୍ଜନ କରିଥା'ନ୍ତି।

# ଜାତୀୟ ରାଜପଥର ରେଲିଂ ଭୁଶୁଡ଼ି ପଡ଼ିଲା

କେନ୍ଦ୍ରାପଡ଼ା,୧୭।୩(ସମିସ): କେନ୍ଦ୍ରାପଡା ଜିଲ୍ଲାର ଶ୍ୟାମସୁନ୍ଦରପୁର ଅଞ୍ଚଳରେ ନିର୍ମାଣାଧୀନ ୫୩ନଂ ଜାତୀୟ ରାଜପଥର ଏକ ଅଂଶ ହଠାତ୍ ଭୁଶୁଡ଼ି ପଡ଼ିଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।



ସୋମବାର ବିଳମ୍ବିତ ରାତିରେ ରାଜପଥ ପାଶ୍ୱର୍ରେ ଥିବା ପ୍ରାୟ ୧୦୦ ମିଟର ଲମ୍ବା କଙ୍କ୍ରିଟ୍ (ଫିକ୍ସନ) ରେଲିଂ ହଠାତ୍ ଧସି ପଡ଼ିଥିଲା। ଘଟଣା ସମୟରେ ସେଠାରେ କୌଣସି ପ୍ରକାର ନିର୍ମାଣ କାମ ଚାଲୁ ନ ଥିଲା। ଫଳରେ କୌଣସି ଧନଜୀବନ ହାନୀ ଘଟି ନ ଥିବା ଜଣାପଡ଼ିଛି। ଯାହାକି ଏକ ବଡ଼ ଦୁର୍ଘଟଣାକୁ ଟାଳି ଦେଇଛି। ତେବେ ନିର୍ମାଣ ହୋଇଥିବା ଏହି ରେଲିଂ ହଠାତ୍ କାହିଁକି ଭୁଶୁଡ଼ି ପଡ଼ିଲା, ତାହାର ସ୍ୱଷ୍ଟ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ସ୍ଥାନୀୟ ଲୋକ ନିର୍ମାଣ କାମର ଗୁଣମାନ ଉପରେ ପ୍ରଶ୍ନ ଉଠାଇଥିବାବେଳେ ଏହାର ପୂର୍ଣ୍ଣ ତଦନ୍ତ ଦାବି କରିଛନ୍ତି। ନିର୍ମାଣ ସଂସ୍ଥାର ସାଇଟ୍ ଇଞ୍ଜିନିୟର ଦୀପକ ସେନ୍ କହିଛନ୍ତି, ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଟେକ୍ନିକାଲ ଟିମ୍ ତଦନ୍ତ କରାଯିବ। ଏହି ଘଟଣା ପରେ ନିର୍ମାଣ କାର୍ଯ୍ୟର ଗୁଣମାନ ଓ ସୁରକ୍ଷା ବ୍ୟବସ୍ଥା ନେଇ ପୁନର୍ବାର ପ୍ରଶ୍ନ ଉଠିଥିବାବେଳେ ସମ୍ବନ୍ଧିତ ବିଭାଗ ଦ୍ୱାରା ଯଥୋଚିତ ପଦକ୍ଷେପ ଗ୍ରହଣ ଦରକାର ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଡେରାବିଶ, ୧୭।୩(ସମିସ): କେନ୍ଦ୍ରାପଡ଼ା ସଦର ଥାନା ବସପୁର ପଞ୍ଚାୟତ ଅନ୍ତର୍ଗତ ଭାଣ୍ଡିଲୋ ଗ୍ରାମ ରାସ୍ତା କଡ଼ରେ ଥିବା ଚାଖୁଣ୍ଡା ଗଛରୁ ଆଜି ସକାଳୁ ଗ୍ରାମର ଜଣେ ଯୁବକଙ୍କ ମୃତଦେହକୁ ଝୁଲୁଥିବା ଅବସ୍ଥାରେ ପୁଲିସ ଉଦ୍ଧାର କରିଛି। ମୃତକ ଜଣକ ଭାଣ୍ଡିଲୋ ଗ୍ରାମର ମହେନ୍ଦ୍ର ମଲିକ (୪୮)। ଗ୍ରାମବାସୀଙ୍କଠାରୁ ଖବର ପାଇ ସଦର ଥାନା ଆଇଆଇସି ପଦ୍ମାଳୟା ପ୍ରଧାନ ପୁଲିସ୍ ଟିମ୍ ସହ ପହଞ୍ଚି ମହେନ୍ଦ୍ରଙ୍କ ମୃତଦେହକୁ ଜବତ କରିଥିଲେ। ପରେ ସାଇଣ୍ଟିଫିକ୍ ଟିମ୍‌ର ଅଧିକାରୀ ପହଞ୍ଚି ଛାନଭିନ୍ କରିଥିଲେ। ମହେନ୍ଦ୍ରଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ମଲିକ ଏ ସମ୍ପର୍କରେ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସେ ତାଙ୍କ ବାପଘର ଦୁହୁରିଆରେ ରହୁଥିବାବେଳେ ତାଙ୍କ ଦିଅର ଅଖିଳ ମହେନ୍ଦ୍ରଙ୍କ ମୃତ୍ୟୁ ସମ୍ପର୍କରେ ଖବର ଦେଇଥିଲା। ଅନ୍ନପୂର୍ଣ୍ଣା ଘଟଣାସ୍ଥଳରେ ପହଞ୍ଚି ତାଙ୍କ ସ୍ୱାମୀଙ୍କୁ କେହି ମାରିଦେଇଛି କିମ୍ବା ସେ ଆତ୍ମହତ୍ୟା କରିଛନ୍ତି ସେ ବିଷୟରେ ପୁଲିସ୍ ତଦନ୍ତ କରିବାକୁ ଅଭିଯୋଗରେ ଦର୍ଶାଇଛନ୍ତି।

# ଭାରତୀୟ ରିଜର୍ଭ ବ୍ୟାଙ୍କର କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ,୧୭।୩(ସମିସ)




ଆରବିଆଇ ଭୁବନେଶ୍ୱର ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇରେ ଆଜି ଏକ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ଲୋକଙ୍କ ମଧ୍ୟରେ ଆର୍ଥିକ ସଚେତନତା ବୃଦ୍ଧି କରିବା ଓ ବ୍ୟାଙ୍କିଙ୍ଗ ସେବା ସମ୍ପର୍କରେ ସଠିକ୍ ଜ୍ଞାନ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଲକ୍ଷ୍ୟ ଥିଲା। ଆରବିଆଇର କ୍ଷେତ୍ରୀୟ ନିର୍ଦ୍ଦେଶକ ଡା. ସାରଦା ପ୍ରସନ୍ନ ମହାନ୍ତି, ମହାପ୍ରବନ୍ଧକ ଶ୍ରୀମତୀ ଅନୀତା ପଟ୍ଟନାୟକ, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅଧ୍ୟକ୍ଷ ହେମନ୍ତ ସାହୁ, ଏସଏଲବିସି ଓଡ଼ିଶାର ଆବାହକ ଗୌତମ ପାତ୍ର ଓ ଏସବିଆଇ ଉପମହାପ୍ରବନ୍ଧକ ପ୍ରଭାତ କୁମାର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।

ଡା. ମହାନ୍ତି ସାଧାରଣ ଲୋକଙ୍କ ପାଇଁ ଆର୍ଥିକ ସାକ୍ଷରତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ସେ ବ୍ୟାଙ୍କ ଖାତାର ପୁନଃ କେୱାଇସି ପ୍ରକ୍ରିୟା ଓ ଦାବିହୀନ ଜମା ରାଶି ପୁନଃପ୍ରାପ୍ତି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଶ୍ରୀମତୀ ପଟ୍ଟନାୟକ ସ୍ୱାଗତ ଭାଷଣରେ ଆରବିଆଇ ଦ୍ୱାରା ସମଗ୍ର ଦେଶ ଓ ବିଶେଷକରି ଭୁବନେଶ୍ୱର କାର୍ଯ୍ୟାଳୟମାଧ୍ୟମରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଦିଗରେ ହେଉଥିବା ପ୍ରୟାସ ବିଷୟରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ସ୍ୱୟଂସହାୟକ ଗୋଷ୍ଠୀ, କୃଷକ, ଉଦ୍ୟୋଗୀ ଓ ବରିଷ୍ଠ ନାଗରିକ ସହିତ ପ୍ରାୟ ୩୦୦ ଜଣ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଆରବିଆଇ କର୍ମଚାରୀଙ୍କ ଦ୍ୱାରା ଆର୍ଥିକ ସଚେତନତା ଉପରେ ଆଧାରିତ ନୁକ୍କଡ ନାଟକ ପରିବେଷଣ କରାଯାଇଥିଲା। ଯାହା ସଭାସ୍ଥ ଲୋକଙ୍କୁ ଆକର୍ଷିତ କରିଥିଲା। ପରବର୍ତ୍ତୀ ଅଧିବେଶନରେ ବ୍ୟାଙ୍କ ଅଧିକାରୀ ସଞ୍ଚୟ, ନିବେଶ, ବୀମା, ସାମାଜିକ ସୁରକ୍ଷା ଯୋଜନା, ପେନସନ ଓ ଶିକ୍ଷା ଋଣ ସମ୍ପର୍କରେ ବ୍ୟାପକ ତଥ୍ୟ ଦେଇଥିଲେ। ଏଥିସହିତ ନକଲି ନୋଟ୍ ଚିହ୍ନଟ କରିବା ଉପାୟ, ବ୍ୟାଙ୍କ ଦ୍ୱାରା ନୋଟ୍ ବିନିମୟ ସୁବିଧା ଓ ବିଭିନ୍ନ ପ୍ରକାର ସାଇବର ଠକେଇ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଅଂଶଗ୍ରହଣକାରୀଙ୍କୁ ଆରବିଆଇ ଅମ୍ବୁଡସମ୍ୟାନ ବ୍ୟବସ୍ଥାରେ ଅଭିଯୋଗ ଦାଖଲ ପ୍ରକ୍ରିୟା ବିଷୟରେ ମଧ ଜଣାଇ ଦିଆଯାଇଥିଲା। ଶେଷରେ ପ୍ରଶ୍ନୋତ୍ତର ଅଧିବେଶନରେ ଉପସ୍ଥିତ ଲୋକଙ୍କ ସନ୍ଦେହ ଦୂର କରାଯାଇଥିଲା। ଜିଲ୍ଲାର ଏଲଡିଏମ୍, ନାବାର୍ଡ ଡିଡିଏମ୍ ଓ ବିଭିନ୍ନ ବ୍ୟାଙ୍କର ଅଧିକାରୀ ମଧ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ତୁମେ ଅନ୍ତତଃ ଦୈନିକ ଥରେ ତୁମ ନିଜ ସହିତ କଥା ହେବାକୁ ଚେଷ୍ଟା କର, ଅନ୍ୟଥା ବିଶ୍ୱର ଜଣେ ବୁଦ୍ଧିମାନ ବ୍ୟକ୍ତିଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ହରାଇବ।
-ବିବେକାନନ୍ଦ

## ଗୁଜବର ଲାଭାର୍ଥୀ

ଉପଭୋକ୍ତା ସାମଗ୍ରୀର ଉତ୍ପାଦନ/ଯୋଗାଣ ସହିତ ଜଡ଼ିତ କୌଣସି ସ୍ଥିତି କିମ୍ବା ଗୁଜବ କିଭଳି ବିକଳ୍ପ ବା ପ୍ରତିପକ୍ଷ କ୍ଷେତ୍ରକୁ ଲାଭାନ୍ୱିତ କରେ ଏବଂ ଉପଭୋକ୍ତା ହିଁ ଅଧିକରୁ ଅଧିକ ଶୋଷିତ ହୁଅନ୍ତି ତାହାର ଆଉ ଏକ ଉଦାହରଣ ଭାରତରେ ଦେଖିବାକୁ ମିଳିଛି। ମଧ୍ୟପ୍ରାଚ୍ୟ ବା ପଶ୍ଚିମ-ଏସିଆରେ ସୃଷ୍ଟ ଯୁଦ୍ଧ ପରିସ୍ଥିତି ଓ ଅନିର୍ଦ୍ଦିଷ୍ଟ ଅସ୍ଥିରତା ଯୋଗୁଁ ସ୍ୱାଭାବିକ ଇନ୍ଧନ ଯୋଗାଣ ବିଶ୍ୱବ୍ୟାପୀ ଯେ ବ୍ୟାହତ ହୋଇଛି, ଏହା ଅସ୍ୱୀକାର କରିବାର ନାହିଁ। କିନ୍ତୁ ଭାରତରେ ଇନ୍ଧନ ସ୍ଥିତି ଯେ ସଙ୍କଟଜନକ ବା ଉଦ୍‌ବେଗଜନକ ସ୍ତରରେ ପହଞ୍ଚିସାରିଛି ତାହା ଏ ପର୍ଯ୍ୟନ୍ତ ସରକାରୀ ଭାବେ ସ୍ପଷ୍ଟ କରାଯାଇନାହିଁ। ଅଥଚ ଅନୌପଚାରିକ ଅନୁମାନ ଆଧାରରେ ଖୁବ୍‌ଶୀଘ୍ର ଭାରତ ଇନ୍ଧନଶୂନ୍ୟ ହେବାକୁ ଯାଉଛି ବୋଲି ଗୁଜବ ଟିଏ ସୃଷ୍ଟି ହୋଇଛି। ଏହି ଗୁଜବ ଆଉ କେଉଁ କ୍ଷେତ୍ରକୁ ପ୍ରଭାବିତ କରୁ ବା ନ କରୁ ସହସା ରୋଷେଇ ଘରେ ପ୍ରତିଫଳିତ ହୋଇ ଶବ୍ଦଠାରୁ ମଧ୍ୟ ଅଧିକ ବେଗରେ କାନକୁ କାନ ଡେଇଁବାରେ ଲାଗିଛି ଯେ ଆଗକୁ ଆଉ ଚୁଲି ଜଳିବ ନାହିଁ କି ରୋଷେଇ ହୋଇପାରିବ ନାହିଁ। ବିଶେଷକରି କର୍ମକ୍ଳାନ୍ତ ସହରୀ ବାସିନ୍ଦାଙ୍କ ଉପରେ ଏହି ଗୁଜବର ପ୍ରଭାବ ଅଧିକ ପଡ଼ିଥିବାରୁ ଏଲ୍‌ପିଜି ସିଲିଣ୍ଡରମାନ କିଣି ପକାଇ ସେମାନେ ଠୁଳ କରିବାରେ ଲାଗିଛନ୍ତି ଏବଂ ସାଧାରଣ ଦୁଇଚକିଆ ଗାଡ଼ିଚାଳକଟିଏ ବିପୁଳ ପରିମାଣର ପଟ୍ରୋଲ୍/ଡିଜେଲ୍ କିଣି ଘରେ ମହଜୁଦ କରୁଥିବା ଦେଖାଯାଉଛି।

କେବଳ ଆମ ରାଜ୍ୟ କଥା ଦେଖାଯାଉ। ଗୁଜବରେ ମାତ୍ରାଧିକ ବିଶ୍ୱାସ କରୁଥିବା ଗୃହିଣୀମାନେ ରୋକ୍‌ଠୋକ୍ ଶୁଣାଇ ସାରିଲେଣି ଯେ ଯେତିକି ଗ୍ୟାସ୍ ରହିଛି ତାହା କେବଳ ଜରୁରୀକାଳୀନ ବ୍ୟବହାର ପାଇଁ ସଂରକ୍ଷିତ ରଖାଯିବ। ଏଣିକି ଅଧିକରୁ ଅଧିକ ବାହାର ବା ହୋଟେଲ୍ ଖାଦ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ। ଏହାର ଫାଇଦା ନେଇ ଏବେ କେତେକ ହୋଟେଲ୍ ଓ ଖାଦ୍ୟ ପ୍ରସ୍ତୁତକାରୀମାନେ ଦାମ୍ ବଢ଼ାଇସାରିଲେଣି। ସେମାନଙ୍କ ଯୁକ୍ତି ଯେ ଏବେ ପୂର୍ବାପେକ୍ଷା ଖାଦ୍ୟ ଚାହିଦା ବଢ଼ିଥିବା ବେଳେ ତଦନୁଯାୟୀ ଗ୍ୟାସ୍ ବ୍ୟବହାର ମଧ୍ୟ ବଢ଼ିଛି। ଅପରପକ୍ଷରେ ଏଲ୍‌ପିଜି ଯୋଗାଣ ସଂକୁଚିତ ହୋଇଥିବାରୁ ଅଧିକ ଦାମ ଦେଇ କିଣିବାକୁ ପଡୁଛି। ତେଣୁ ବ୍ୟୟଭାର ଖାଉଟି ମୁଣ୍ଡାଇବାକୁ ବାଧ୍ୟ। ଏହି ଗୁଜବରୁ ଗ୍ୟାସ୍ ଯୋଗାଣକାରୀ ସଂସ୍ଥାମାନେ ମଧ୍ୟ ମାଲେମାଲ୍ ହୋଇସାରିଲେଣି। ଉତ୍ପାଦନ ଓ ପରିବହନ ଖର୍ଚ୍ଚ ସମାନ ଥାଇ ବିକ୍ରିୟ ଦର ବଢ଼ିଲେ ଦୈନିକ ଯେତିକି ଲାଭ ହେଉଛି ତାହା ପୂର୍ବସମୟର ପ୍ରାୟ ମାସକର ଲାଭ ସହିତ ସମାନ। ଏଲ୍‌ପିଜି ଯୋଗାଣକାରୀ ସଂସ୍ଥାଙ୍କ ଯୁକ୍ତି ଅନୁଯାୟୀ ଚାହିଦା ବଢ଼ିଥିବାରୁ ଅର୍ଥନୀତିର ମୌଳିକ ନିୟମ ଅନୁଯାୟୀ ଦାମ୍ ବଢ଼ିବା ସ୍ୱାଭାବିକ। ପୂର୍ବରୁ ଦେଶରେ ଦୈନିକ ୫୫.୭ ଲକ୍ଷ ଏଲ୍‌ପିଜି ଗ୍ୟାସ ସିଲିଣ୍ଡର ବୁକିଂ ହେଉଥିବା ବେଳେ ଖାଉଟିଙ୍କ ଅତିସକ୍ରିୟତା ବା ଓଭରସ୍ମାର୍ଟ ଚରିତ୍ର ଯୋଗୁଁ ତାହା ହଠାତ୍ ଦୈନିକ ୮୮.୮ ଲକ୍ଷକୁ ବୃଦ୍ଧି ପାଇଛି। ଏହାର ଭରପୂର ଲାଭ ଉଠାଇଛନ୍ତି ଗ୍ୟାସ୍ କମ୍ପାନୀମାନେ ଏବଂ ଅର୍ଥନୈତିକ ତତ୍ତ୍ୱର ଦ୍ୱାହି ଦେଇ ନିର୍ଦ୍ୱନ୍ଦ୍ୱରେ କଳାବଜାରୀ ସର୍ବସମ୍ମୁଖରେ ଚାଲିଛି। ଅଥଚ ସରକାର ଏଥିପ୍ରତି ଆଖିବୁଜି ଦେଇଛନ୍ତି।

ଖାଉଟି ଅତିକ୍ରିୟାର ଆଉ ଏକ ରୋଚକ ଉଦାହରଣ ଦେଖାଯାଉ। ସମ୍ଭାବ୍ୟ ଏଲ୍‌ପିଜି ଗ୍ୟାସର ଉତ୍କଟ ମରୁଡ଼ି ଯୋଗୁଁ ଗ୍ୟାସ୍ ଚୂଲାଗୁଡ଼ିକ ବେକାର ହୋଇଯିବାର ପୂର୍ବାନୁମାନ କରି ଉପଭୋକ୍ତାମାନେ ଇଣ୍ଡକ୍‌ସନ୍ କୁକର କିଣିବା ପାଇଁ ରୀତିମତ ପ୍ରତିଯୋଗିତା ଆରମ୍ଭ କରିଛନ୍ତି। ଫଳରେ ପୂର୍ବରୁ ମାସକୁ ଯେତିକି ଇଣ୍ଡକ୍‌ସନ୍ କୁକର ବିକ୍ରି ହେଉଥିଲା ଏବେ ଦୈନକ ବିକ୍ରି ପରିମାଣ ତାହାର ୪ଶହ ଗୁଣା ଟପିଯାଇଛି। ଅନ୍‌ଲାଇନ୍ ବିକ୍ରେତାମାନଙ୍କ ହିସାବ ଅନୁଯାୟୀ ମଧ୍ୟପ୍ରାଚ୍ୟ ଯୁଦ୍ଧ ପୂର୍ବରୁ ମାସକୁ ଅତିବେଶୀରେ ୨ ହଜାର ପର୍ଯ୍ୟନ୍ତ ବିକ୍ରି ହେଉଥିବା ଇଣ୍ଡକ୍‌ସନ୍ କୁକରର ବିକ୍ରି ପରିମାଣ ଇନ୍ଧନ ଗୁଜବ ପରେ ଦୈନିକ ୨ ଲକ୍ଷ ଟପିଛି। ଏଥିସହିତ ରାଇସ୍ କୁକର, ଇ-ପ୍ରେସରକୁକର, ଇ-କ୍ୟାଟିଲ୍ ଆଦି ଆନୁଷଙ୍ଗିକ ଉପକରଣ ବିକ୍ରି ମଧ୍ୟ ତଦନୁପାତରେ ବଢ଼ିବାରେ ଲାଗିଛି। ଏଥିରୁ ସମ୍ପୃକ୍ତ ସଂସ୍ଥାମାନଙ୍କର ଲାଭ ପରିମାଣ ଏବଂ ସେ ବାବଦକୁ ସରକାରଙ୍କ ଜିଏସ୍‌ଟି ସଂଗ୍ରହ ପରିମାଣ କେତେ ହୋଇଥିବ ତାହା ଅନୁମେୟ। ଏହି ଗୁଜବ ଏବେ ଇଭି ବା ଇଲେକ୍ଟ୍ରୋନିକ୍ ଭେହିକିଲ୍ ବିକ୍ରି କ୍ଷେତ୍ରକୁ ବ୍ୟାପିବାରେ ଲାଗିଛି। ତେଣୁ ପ୍ରୋତ୍ସାହନ ଘୋଷଣା ସତ୍ତ୍ୱେ ଯେଉଁ ଲକ୍ଷ୍ୟକୁ ସରକାର ପୂରଣ କରିପାରୁ ନଥିଲେ ତାହାକୁ 'ଗୁଜବ' ସହଜ କରିଦେଇଛି। ଏଥିରୁ ସମ୍ପୃକ୍ତ କମ୍ପାନୀମାନେ ଯେଉଁ ଫାଇଦା ପାଇବେ ସେଥିରେ ସରକାରୀ ଦଳ ଯେ ଲାଭାନ୍ୱିତ ହେଉ ନଥିବ ସେ ନିଶ୍ଚିତତା କିଏ କରିବ? ତେଣୁ ବୋଧହୁଏ ସରକାର ନିଷ୍କ୍ରିୟ। ଗୁଜବକୁ ଦୃଢ଼ ଖଣ୍ଡନ ନ କରିବା ଅର୍ଥ ନିରବ ସମର୍ଥନ ସହିତ ସମାନ।

ସାମଗ୍ରିକ ଭାବେ ଏହି ପରିସ୍ଥିତି ପାଇଁ ଉପଭୋକ୍ତାମାନଙ୍କର ଅତିକ୍ରିୟା ହିଁ ଦାୟୀ। ଖାଉଟିମାନଙ୍କ ଏହି ସ୍ୱଳ୍ପମିଆଦୀ ଅତିଚାଲାକୀ ବା ଅତିଦୂରଦୃଷ୍ଟିକ୍ରିୟା(ଓଭରସ୍ମାର୍ଟ) ମାନସିକତା ଅର୍ଥନୀତିକୁ ମଧ୍ୟମିଆଦୀ କାଳରେ ବିପର୍ଯ୍ୟସ୍ତ କରିଦିଏ, ଯାହା ପ୍ରାକୃତିକ ବିପର୍ଯ୍ୟୟଜନିତ ଭିତ୍ତିଭୂମି ବିପର୍ଯ୍ୟୟଠାରୁ ଆହୁରି ଅଧିକ। କେତେଜଣ ପାଶ୍ଚାତ୍ୟ ଅର୍ଥନୀତିଜ୍ଞ ଏ ସମ୍ପର୍କରେ କରିଥିବା ଏକ ଅନୌପଚାରିକ ଗବେଷଣାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ, ଉପଭୋକ୍ତାଙ୍କ ଏଭଳି ଅତିକ୍ରିୟା ବା ମାତ୍ରାଧିକ ସମ୍ବେଦନଶୀଳତା ଯୋଗୁଁ ଏକ ନିର୍ଦ୍ଦିଷ୍ଟ ସମୟରେ ସ୍ୱାଭାବିକତାଠାରୁ ବିକ୍ରିବଟା ୪୦ ରୁ ୪୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଯାଏ। ସେହି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଚାହିଦାର ଅପ୍ରତ୍ୟାଶିତ ବୃଦ୍ଧି ଅନୁପାତରେ ଉତ୍ପାଦନ ଓ ଯୋଗାଣ ପର୍ଯ୍ୟାପ୍ତ ହୋଇପାରୁ ନ ଥିବାରୁ ଖାଉଟି ବଜାରରେ ଦରଦାମ ହଠାତ୍ ବୃଦ୍ଧି ପାଏ। ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀମାନେ କଳାବଜାରୀ ପରିସ୍ଥିତି ସୃଷ୍ଟି କରନ୍ତି, ଯାହାର ପରାଭବ ସବୁଶ୍ରେଣୀର ଉପଭୋକ୍ତାଙ୍କୁ ସହିବାକୁ ପଡ଼େ।

ଖାଉଟିଙ୍କ ଏହି ଭୟାତୁର ଉପଭୋଗ ମାନସିକତା ପାଇଁ ଅନେକେ ଗଣମାଧ୍ୟମକୁ ଦାୟୀ କରୁଛନ୍ତି। ଏଥିପାଇଁ ଗଣମାଧ୍ୟମର କେତେକ ମଞ୍ଚ, ନିର୍ଦ୍ଦିଷ୍ଟ ଟିଭି ଚ୍ୟାନେଲ୍, ବିଶେଷକରି ସାମାଜିକ ଗଣମାଧ୍ୟମର ଦାୟିତ୍ୱହୀନତାକୁ ଅସ୍ୱୀକାର କରାଯାଇପାରିବ ନାହିଁ। କିନ୍ତୁ ଗଣମାଧ୍ୟମର ସମାଜ ପ୍ରତି ଉତ୍ତରଦାୟିତ୍ୱ ହେଲା ସମ୍ଭାବ୍ୟ ପରିସ୍ଥିତି ସମ୍ପର୍କରେ ଜନସମାଜକୁ ସଚେତନ ଓ ସତର୍କ କରିବା। ଅପରପକ୍ଷରେ ସରକାରଙ୍କର କର୍ତ୍ତବ୍ୟ ହେଲା ଗଣମାଧ୍ୟମର ଖବର ଆଧାରରେ ବାସ୍ତବ ସ୍ଥିତି ଆକଳନ କରି ତଦନୁଯାୟୀ ପଦକ୍ଷେପ ନେବା। ଏବେ ବଜାର ଦର ସମ୍ପର୍କରେ ଯେଉଁ ଖବରମାନ ଗଣମାଧ୍ୟମରେ ପ୍ରକାଶ ପାଉଛି ତାହା ଯେ ନିଶ୍ଚିତ ଭାବେ ଅତିରଞ୍ଜିତ ନୁହେଁ, ସରକାର ନିରେଖି ଦେଖିଲେ ଜାଣିପାରିବେ ଏବଂ ଦୃଢ଼ ଇଚ୍ଛାଶକ୍ତି ଓ ଆନ୍ତରିକତା ବଳରେ କଳାବଜାରୀ ଉପରେ ଲଗାମ କଷି ଖାଉଟି ବଜାର ଦରକୁ ନିୟନ୍ତ୍ରଣ କରିପାରିବେ।

# ସନ୍ତୁଳିତ ଅର୍ଥନୈତିକ ଉନ୍ନତିର ମାର୍ଗ

ଡ. ଉଷାରାଣୀ ଦାଶ

ମାନବ ସଭ୍ୟତାର ଯାତ୍ରାପଥରେ 'ଉନ୍ନତି' ଶବ୍ଦଟି କେବଳ ଧନ ସମ୍ପଦର ବୃଦ୍ଧି କିମ୍ବା ସହରୀକରଣ ବା ଚାକଚକ୍ୟର ପରିଚୟ ନୁହେଁ; ଏହା ମୂଳତଃ ଏକ ସମାଜର ସମଗ୍ର ସମୃଦ୍ଧି, ସମତା ଓ ମାନବୀୟ ମର୍ଯ୍ୟାଦାର ପ୍ରତିବିମ୍ବ। ଯେତେବେଳେ ଉନ୍ନତିର ଧାରା କେବଳ ସହରର ଚାକଚକ୍ୟ ଭିତରେ ସୀମିତ ରହିଯାଏ ଏବଂ ଗ୍ରାମୀଣ ଜୀବନ ବିକାଶହୀନତାର ଅନ୍ଧଗହ୍ୱରରୁ ବାହାରି ପାରେନାହିଁ, ସେତେବେଳେ ସେହି ଉନ୍ନତି ଅସମ୍ପୂର୍ଣ୍ଣ ଓ ଅସନ୍ତୁଳିତ ବୋଲି ମନେହୁଏ। କେବଳ ଧନ ବୃଦ୍ଧିର ଅର୍ଥ ଉନ୍ନତି ନୁହେଁ; ଲୋକଙ୍କ ଜୀବନ ମାନର ଉନ୍ନତି ହେଉଛି ପ୍ରକୃତ ଉନ୍ନତି। ତେଣୁ ସନ୍ତୁଳିତ ଅର୍ଥନୈତିକ ଉନ୍ନତି ଆଜିର ସମୟରେ ଏକ ଅତ୍ୟନ୍ତ ଆବଶ୍ୟକ ଲକ୍ଷ୍ୟ। ସମାନ ସୁଯୋଗ ଓ ସମାନ ସମ୍ପଦ ବଣ୍ଟନ ହିଁ ସନ୍ତୁଳିତ ଅର୍ଥନୈତିକ ଉନ୍ନତିର ମୂଳମନ୍ତ୍ର।

ଭାରତରେ ପ୍ରକୃତିର ବିବିଧ ରୂପ, ସଂସ୍କୃତିର ବିଭିନ୍ନ ସ୍ୱର ଏବଂ ଅର୍ଥନୀତିର ବିଭିନ୍ନ ଗତିପଥ ଏକାମ୍ ଭାବେ ଅବସ୍ଥିତ। କେଉଁଠି ଶିଳ୍ପୀକରଣର ଦ୍ରୁତ ଗତି, ଆଧୁନିକ ଭିତ୍ତିଭୂମି ବିକାଶ ଓ ବୈଷୟିକ ପ୍ରଗତି ଆର୍ଥିକ ସମୃଦ୍ଧିର ନୂତନ ଦିଗ ଉଦ୍‌ଘାଟନ କରୁଛି; ଆଉ କେଉଁଠି ଦାରିଦ୍ର୍ୟ, ବେକାରୀ ଓ ବିକାଶହୀନତାର ଛାୟା ଏପର୍ଯ୍ୟନ୍ତ ଜୀବନକୁ କବଳିତ କରି ରଖିଛି। ଓଡ଼ିଶା ପରିପ୍ରେକ୍ଷୀରେ ଏହି ଚିତ୍ର ଅଧିକ ପ୍ରଗାଢ଼ ଭାବେ ପ୍ରକାଶିତ। ପ୍ରାକୃତିକ ସମ୍ପଦରେ ସମୃଦ୍ଧ ଏହି ଭୂମିରେ ଗୋଟିଏ ପଟେ ଶିଳ୍ପ ଓ ପରିକଳ୍ପିତ ସହରୀକରଣ ଦ୍ରୁତ ଗତିରେ ଚାଲିଥିବା ବେଳେ ଅନ୍ୟ ପଟେ ଅନେକ ଗ୍ରାମୀଣ ଓ ପାହାଡ଼ିଆ ଅଞ୍ଚଳ ଏପର୍ଯ୍ୟନ୍ତ ଉନ୍ନତିର ପ୍ରବାହରୁ ବଞ୍ଚିତ ରହିଛି। ଏହି ଅସମାନତା କେବଳ ଅର୍ଥନୈତିକ ବ୍ୟବସ୍ଥାକୁ ନୁହେଁ, ସାମାଜିକ ସନ୍ତୁଳନକୁ ମଧ୍ୟ ବିପର୍ଯ୍ୟସ୍ତ କରୁଛି। ତେଣୁ ଆଜିର ଆବଶ୍ୟକତା ହେଉଛି ଏମିତି ଏକ ଉନ୍ନତି ମଡେଲ୍, ଯାହା ଗ୍ରାମ ଓ ସହର, ଧନୀ ଓ ଗରିବ, ଉନ୍ନତ ଓ ପଛୁଆ ଅଞ୍ଚଳ ମଧ୍ୟରେ ଥିବା ଦୂରତାକୁ କମାଇ ଦେଶକୁ ସମତା ଓ ସମୃଦ୍ଧିର ପଥରେ ଆଗକୁ ନେଇଯିବ।

ସନ୍ତୁଳିତ ଅର୍ଥନୈତିକ ଉନ୍ନତିର ଅର୍ଥ ଦେଶର ସମସ୍ତ ଅଞ୍ଚଳ, ସମସ୍ତ ବର୍ଗ ଓ ସମସ୍ତ କ୍ଷେତ୍ରରେ ସମାନ ଭାବରେ ଉନ୍ନତି ହେବା। ଯେତେବେଳେ ଗ୍ରାମ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଛୋଟ ଶିଳ୍ପ ସବୁ ଅଞ୍ଚଳରେ ସମାନ ଭାବରେ ଉନ୍ନତି କରେ, ସେତେବେଳେ ଦେଶର ସମଗ୍ର ଆର୍ଥିକ ପ୍ରଗତି ସମ୍ଭବ ହୁଏ। ତେଣୁ ସନ୍ତୁଳିତ ଉନ୍ନତି ହେଉଛି ଏମିତି ଏକ ପଥ, ଯେଉଁଠାରେ ପ୍ରଗତି ସହ ସମାନତା ଓ ସାମାଜିକ ନ୍ୟାୟ ହାତ ଧରି ଅଗ୍ରସର ହୁଅନ୍ତି। ସନ୍ତୁଳିତ ଅର୍ଥନୈତିକ ଉନ୍ନତି ହେଉଛି ସମାଜରେ ସମତା ଓ ସମୃଦ୍ଧିର ସେତୁ। ଏହାକୁ ହାସଲ କରିବା ପାଇଁ କୃଷି ଓ ଗ୍ରାମୀଣ ଅର୍ଥନୀତିର ସଶକ୍ତୀକରଣ ସର୍ବାଦୌ ଆବଶ୍ୟକ। ଆଧୁନିକ ଓ ବହୁବିଧ କୃଷି ପ୍ରଣାଳୀ, ଜଳସେଚନ ବ୍ୟବସ୍ଥାର ବିସ୍ତାର, ଉତ୍ତମ ଉତ୍ପାଦନଶୀଳ ବୀଜ, ଯାନ୍ତ୍ରିକ କୃଷି ଓ ଡିଜିଟାଲ ତଥ୍ୟ ବ୍ୟବସ୍ଥାର ପ୍ରଚାର ଓ କୃଷକଙ୍କ ପାଇଁ ଆର୍ଥିକ ସହାୟତା ଯୋଗାଇବା ସହିତ କୃଷକଙ୍କୁ ତାଙ୍କ ଉତ୍ପାଦନ ପାଇଁ ଯଥୋଚିତ ମୂଲ୍ୟ ମିଳିବା ଓ କୃଷି ଉତ୍ପାଦର ସଂରକ୍ଷଣ ଓ ବଜାର ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ଆବଶ୍ୟକ। ଧାନ ସହିତ ସବୁଜ ପନିପରିବା, ଫଳ, ମସଲା, ଫୁଲଚାଷକୁ ପ୍ରୋତ୍ସାହନ ଦେବା ସହିତ ମାଛ ଚାଷ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନକୁ ମଧ୍ୟ ଗ୍ରାମୀଣ ଅର୍ଥନୀତିର ମୁଖ୍ୟ ଅଂଶ ଭାବେ ଗଢ଼ି ତୋଳିବା ଉଚିତ।

ଏଥିସହିତ ଗ୍ରାମର ଉନ୍ନତିକୁ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଦେଶର ଅନେକ ଗ୍ରାମ ଏପର୍ଯ୍ୟନ୍ତ ମୂଳ ଭିତ୍ତିଭୂମି ସୁବିଧାରୁ ବଞ୍ଚିତ। ଭଲ ସଡ଼କ, ରେଳପଥ, ବନ୍ଦର, ବିମାନବନ୍ଦର, ପାନୀୟ ଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟ କେନ୍ଦ୍ର ଓ ଇଣ୍ଟରନେଟ ସୁବିଧା ଯଦି ଗ୍ରାମ ଅଞ୍ଚଳରେ ଉପଲବ୍ଧ ହୁଏ, ତେବେ ସେଠାରେ ଆର୍ଥିକ କାର୍ଯ୍ୟକଳାପ ବଢ଼ିବ, ନିବେଶକମାନେ ସହଜରେ ଶିଳ୍ପ ସ୍ଥାପନ କରିପାରିବେ ଏବଂ ଲୋକମାନେ ସହରକୁ ପ୍ରବାସ କରିବାର ଆବଶ୍ୟକତା କମିଯିବ। ଗ୍ରାମର ଉନ୍ନତି ବିନା ଦେଶର ସମଗ୍ର ଉନ୍ନତି ସମ୍ଭବ ନୁହେଁ ହୃଦୟଙ୍ଗମ କରି ମହାତ୍ମାଗାନ୍ଧୀ କହିଥିଲେ, 'ଭାରତର ଆତ୍ମା ତାହାର ଗ୍ରାମମାନଙ୍କ ମଧ୍ୟରେ ରହିଛି।' ବାସ୍ତବିକ ଉନ୍ନତି ଯଦି କେବଳ ସହରରେ ସୀମିତ ରହେ, ତେବେ ଦେଶ ଅବିକଶିତ ହୋଇ ଦୀର୍ଘକାଳ ପର୍ଯ୍ୟନ୍ତ ରହିଯିବ।

ଦେଶର ବଡ଼ ସହରରେ କେନ୍ଦ୍ରୀଭୂତ ନ ହୋଇ ଭିନ୍ନ ଭିନ୍ନ ଅଞ୍ଚଳରେ ବଡ଼ ଶିଳ୍ପ ସହିତ ଛୋଟ ଓ ମଧ୍ୟମ ଶିଳ୍ପଗୁଡ଼ିକ ଗଢ଼ିଉଠିବା ଆବଶ୍ୟକ, ଯାହା ଚାକିରି ସୁଯୋଗ ସୃଷ୍ଟି କରିବା ସହ ଆୟବୃଦ୍ଧିରେ ସହାୟକ ହେବ। ମାନୁଫାକ୍‌ଚରିଂ, ଟେକ୍ସଟାଇଲ, ଖାଦ୍ୟ ପ୍ରକ୍ରିୟାକରଣ, ରସାୟନ, ଆଇଟି, ନବୀକରଣ ଶକ୍ତି ଓ ଇଲେକ୍ଟ୍ରୋନିକ୍ସ ଭଳି ନୂତନ କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ଦରକାର। ଏହାସହିତ ଖଣିଜ ସମ୍ପଦକୁ କେବଳ ରପ୍ତାନୀ ନ କରି ଏହାର ମୂଲ୍ୟ ବୃଦ୍ଧି କରି ରାଜ୍ୟରେ ନିର୍ମାଣ କରାଯିବା ଦରକାର। ମାଛ ଚାଷ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ବିକାଶ ସହିତ ହସ୍ତତନ୍ତ, ହସ୍ତଶିଳ୍ପ, ଡୋକ୍ରା କଳା, ପଥର କାମ, ପଟ୍ଟଚିତ୍ର ଓ ଆପ୍ଲିକ୍ କାମ ଭଳି ଶିଳ୍ପକୁ ଜାତୀୟ ଓ ଅନ୍ତର୍ଜାତୀୟ ବଜାର ସହ ଯୋଡ଼ାଯିବା ଉଚିତ। ଶିକ୍ଷା ଓ ସ୍ୱାସ୍ଥ୍ୟ ମଧ୍ୟ ସନ୍ତୁଳିତ ଅର୍ଥନୈତିକ ଉନ୍ନତିର ମୂଳ ଆଧାର। ଗ୍ରାମ ଓ ପଛୁଆ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାକୁ ଆହୁରି ଶକ୍ତିଶାଳୀ କରିବା ଆବଶ୍ୟକ। ଆଇଟି, ମେକାନିକାଲ, ଇଲେକ୍ଟ୍ରୋନିକ୍ସ, ଡିଜିଟାଲ ଟେକ୍ନୋଲୋଜି ଓ ଷ୍ଟାର୍ଟଅପ୍ ଆଦି ନୂତନ ବୈଷୟିକ ଓ ବୃତ୍ତିମୂଳକ କୌଶଳରେ ପ୍ରଶିକ୍ଷଣ ଦିଆଗଲେ ପ୍ରଶିକ୍ଷାର୍ଥୀ ଆତ୍ମନିର୍ଭରଶୀଳ ହୋଇପାରିବେ। ଗ୍ରାମ ଓ ପଛୁଆ ଅଞ୍ଚଳରେ ବୈଷୟିକ କଲେଜ, ପଲିଟେକ୍‌ନିକ୍ ଭଳି ଶିକ୍ଷା ସଂସ୍ଥା ଓ କୌଶଳ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବା ଆବଶ୍ୟକ।

ଭାରତରେ ଆଞ୍ଚଳୀୟ ବିଷମତା ମଧ୍ୟ ଏକ ବଡ଼ ସମସ୍ୟା। କିଛି ରାଜ୍ୟ ଯଥା ମହାରାଷ୍ଟ୍ର, ଗୁଜୁରାଟ, କର୍ଣ୍ଣାଟକ ଓ ତାମିଲନାଡୁ ଆର୍ଥିକ ଭାବରେ ଅଧିକ ଉନ୍ନତ, ଯେତେବେଳେ କିଛି ରାଜ୍ୟ ଏପର୍ଯ୍ୟନ୍ତ ପଛୁଆ ଅଛନ୍ତି। ସେହିପରି ଓଡ଼ିଶାର କିଛି ଜିଲ୍ଲା ଯଥା କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ ଓ ନବରଙ୍ଗପୁର ଆର୍ଥିକ ଭାବରେ ଅଧିକ ପଛୁଆ। ଏହି ବିଷମତା କମାଇବା ପାଇଁ ଏହି ଅଞ୍ଚଳଗୁଡ଼ିକରେ ଅଧିକ ନିବେଶ, ଶିଳ୍ପ ସ୍ଥାପନ ଓ ଭିତ୍ତିଭୂମି ବିକାଶ ମାଧ୍ୟମରେ ସମାନ ଉନ୍ନତି ସୁନିଶ୍ଚିତ କରିବା ଆବଶ୍ୟକ। ପରିବେଶ ସୁରକ୍ଷା ମଧ୍ୟ ଆର୍ଥିକ ଉନ୍ନତି ସହ ଜଡ଼ିତ। ଖଣିଜ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଭଳି ମୌଳିକ ସୁବିଧା ବିକାଶ କରିବା ଏବଂ ପୁନର୍ବାସନକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଗଛ ଲଗାଇବା ଓ ପ୍ରାକୃତିକ ସମ୍ପଦର ସଠିକ ବ୍ୟବହାର ମାଧ୍ୟମରେ ସୁସ୍ଥାୟୀ ଓ ପରିବେଶ-ମିତ୍ର ଉନ୍ନତିକୁ ପ୍ରୋତ୍ସାହନ ଦେବା ଆବଶ୍ୟକ। ପର୍ଯ୍ୟଟନ ଶିଳ୍ପର ବିକାଶ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ଏହି କ୍ଷେତ୍ରରେ ଯଥେଷ୍ଟ ପ୍ରଚାର ଓ ଭିତ୍ତିଭୂମି ସୁବିଧାର ଆବଶ୍ୟକତା ରହିଛି, ଯାହାଦ୍ୱାରା ହୋଟେଲ, ପରିବହନ, ପର୍ଯ୍ୟଟନ ସେବା ଓ ସାଂସ୍କୃତିକ ଉତ୍ସବ ମାଧ୍ୟମରେ ଏହି ଅଞ୍ଚଳର ବିକାଶ ହୋଇପାରିବ।

ଡ ବି.ଆର୍. ଆମ୍ବେଦକର କହିଥିଲେ, 'ସମାଜର ଉନ୍ନତିକୁ ମାପିବାର ସର୍ବୋତ୍ତମ ମାନଦଣ୍ଡ ହେଉଛି ତାହାର ଦୁର୍ବଳ ଓ ପଛୁଆ ଲୋକମାନଙ୍କର ଅବସ୍ଥା।' ସମାଜର ଦୁର୍ବଳ ବର୍ଗ ଯଥା ଗରିବ, ମହିଳା, ଅନୁସୂଚିତ ଜାତି ଓ ଜନଜାତି ଓ ପଛୁଆ ବର୍ଗଙ୍କ ଉନ୍ନତି ମଧ୍ୟ ସନ୍ତୁଳିତ ଆର୍ଥିକ ଉନ୍ନତିର ଅଂଶ। ଏହି ବର୍ଗର ଲୋକମାନଙ୍କୁ ଶିକ୍ଷା, ଚାକିରି ଓ ଆର୍ଥିକ ସହାୟତା ପ୍ରଦାନ ସହିତ ସ୍ୱୟଂସହାୟକ ଗୋଷ୍ଠୀ, ମହିଳା ଉଦ୍ୟୋଗିତା ଓ ଗ୍ରାମୀଣ ଉଦ୍ୟୋଗକୁ ପ୍ରୋତ୍ସାହନ ଦେଇ ସେମାନଙ୍କୁ ଆତ୍ମନିର୍ଭର କରାଯାଇପାରିବ। ସନ୍ତୁଳିତ ଅର୍ଥନୈତିକ ଉନ୍ନତି କେବଳ ଏକ ଆର୍ଥିକ ନୀତି ନୁହେଁ; ଏହା ଏକ ସାମାଜିକ ଦାୟିତ୍ୱ ଓ ନୈତିକ ଆବଶ୍ୟକତା। ଯେତେବେଳେ ଉନ୍ନତିର ଫଳ ସମାଜର ସବୁଠୁ ଦୁର୍ବଳ ମଣିଷ ପର୍ଯ୍ୟନ୍ତ ପହଞ୍ଚେ, ସେତେବେଳେ ଦେଶର ପ୍ରକୃତ ପ୍ରଗତି ଘଟେ। ଗ୍ରାମର ଉନ୍ନତି, କୃଷିର ପୁନରୁତ୍ଥାନ, ଶିଳ୍ପର ବିବିଧତା, ଶିକ୍ଷା ଓ ସ୍ୱାସ୍ଥ୍ୟର ସୁଦୃଢ଼ତା, ଭିତ୍ତିଭୂମି ବିକାଶର ସମନ୍ୱୟ ଓ ପରିବେଶ ସୁରକ୍ଷା ଆଦି ସମସ୍ତ ଦିଗରେ ସମନ୍ୱିତ ପ୍ରୟାସ ହେଉଛି ସନ୍ତୁଳିତ ଅର୍ଥନୈତିକ ଉନ୍ନତିର ମୂଳ ଆଧାର। ଯଦି ଏହାକୁ ଦୃଢ଼ ଇଚ୍ଛାଶକ୍ତି, ଦୂରଦର୍ଶୀ ନୀତି ଓ ସାମୂହିକ ସହଯୋଗ ସହିତ ଆଗକୁ ବଢ଼ାଯାଏ, ତେବେ ଉନ୍ନତିର ଏହି ଯାତ୍ରା କେବଳ ଆର୍ଥିକ ସମୃଦ୍ଧିକୁ ନୁହେଁ, ସାମାଜିକ ସମତାକୁ ମଧ୍ୟ ସୁଦୃଢ଼ କରିପାରିବ। ଭାରତରେ ସରକାରୀ ନୀତି, ବେସରକାରୀ ନିବେଶ ଓ ସାଧାରଣ ଲୋକଙ୍କ ସଚେତନତା ମିଳିତ ଭାବରେ କାମ କଲେ ଏହି ଲକ୍ଷ୍ୟ ସାଧନ ହୋଇପାରିବ। ଉନ୍ନତିର ଆଲୋକ ଯେତେବେଳେ ଦେଶର ପ୍ରତ୍ୟେକ ଗ୍ରାମ, ପ୍ରତ୍ୟେକ ସହର ଓ ପ୍ରତ୍ୟେକ ଜୀବନକୁ ଛୁଇଁଯିବ, ସେତେବେଳେ ଭାରତର ସମୃଦ୍ଧିର ସ୍ୱପ୍ନ ବାସ୍ତବ ରୂପ ନେବ।

ଏମ୍‌ସ, ଭୁବନେଶ୍ୱର, ମୋ: ୯୪୩୮ ୧୩୩୬୧୨

# ଅଭିନବ ବର୍ଷାଜଳ ପରିଚାଳନା

ବିଦ୍ୟାଧର ମହାରଣା

ଯେଉଁସବୁ କୌଶଳ ଅବଲମ୍ବନ କରି ବର୍ଷାଜଳ ସଂରକ୍ଷଣ କରାଯାଏ ତାହା ଅପର୍ଯ୍ୟାପ୍ତ ମନେହୁଏ। ବାସ୍ତବରେ ଗରିବ ଚାଷୀଙ୍କ ହେପାଜତରେ ଥିବା ଅଣଜଳସେଚିତ ଡିପଜମି ଏଥିରୁ ବିଶେଷ ଲାଭ ପାଏନାହିଁ। ସାଧାରଣତଃ ବର୍ଷାଜଳ ସଂରକ୍ଷଣ ପାଇଁ ସ୍ୱସ୍ଥାନ (ଇନସିଟୁ) ଓ ବାହ୍ୟସ୍ଥାନ (ଏକ୍ସ ସିଟୁ) ପ୍ରଣାଳୀ ଅନୁସରଣ କରାଯାଏ, ଯାହାଦ୍ୱାରା ଭୂତଳ ଜଳପତ୍ତନ ବୃଦ୍ଧିପାଏ। ଏହାସତ୍ତ୍ୱେ ଏହା ସର୍ବଦା ମରୁଡ଼ି ମୁକାବିଲା କରିବା ଏବଂ ଦୁଇଟି ଫସଲ ପାଇଁ ଅସମର୍ଥ ପ୍ରମାଣିତ ହେଲାଣି। ଜଳଅମଳ ପ୍ରକଳ୍ପର ଗଚ୍ଛିତ ସାମର୍ଥ୍ୟ, ପୁନଃଭରଣ ସାମର୍ଥ୍ୟ, ବାଷ୍ପୀଭବନ ପରିମାଣ ଓ ଉପମୃତ୍ତିକାରେ ଜଳପ୍ରବାହ ବିଷୟ ବିଚାରକୁ ନନେଇ କେବଳ ବର୍ଷାଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେବା ବିଶେଷ ଫଳପ୍ରଦ ହୁଏନାହିଁ। ସୁତରାଂ ବୃଷ୍ଟିପୁଷ୍ଟ ଜମିରେ ବର୍ଷା ଦିନରେ ମାଟିମଧ୍ୟରେ ଅଧିକ ପରିମାଣରେ ବର୍ଷାଜଳ ସଂରକ୍ଷଣ କରି ଦୁଇଟି ଫସଲଚାଷ କରିବା ପାଇଁ ଅନ୍ୟ ଏକ ଫଳପ୍ରଦ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ଅନୁଭୂତ ହେଲା। ଅଧିକ ବ୍ୟୟସାପେକ୍ଷ ଜଳଅମଳ ପ୍ରକଳ୍ପ ଓ ଫାର୍ମ ପୋଖରୀ ନିର୍ମାଣ ଅପେକ୍ଷା ସ୍ୱଳ୍ପ ବ୍ୟୟରେ ଓ ସରଳ ଉପାୟରେ ବର୍ଷାଜଳ ମାଟିମଧ୍ୟରେ ଅଧିକଦିନ ସଞ୍ଚିତ କରି ରଖିବାକୁ କୃଷି ଇଞ୍ଜିନିୟରମାନେ କେତେକ ନୂତନ କୌଶଳ ବାହାର କରି ସଫଳତାର ସହ କ୍ଷେତ୍ରରେ ପ୍ରଦର୍ଶନ କରିଛନ୍ତି।

ଯେତିକି ଜଳ ମାଟିମଧ୍ୟକୁ ପ୍ରବେଶକରେ ତାହା ମାଧ୍ୟାକର୍ଷଣ ଶକ୍ତି ଯୋଗୁଁ ଉପମୃତ୍ତିକା ଦେଇ ଭୂତଳଜଳ ସହ ମିଶେ। ଏହି ଜଳରୁ କିଛି କୈଶିକ ନଳୀ ଦେଇ ଉପରକୁ ଉଠେ ଓ ଉଦ୍ଭିଦକୁ ଉପଲବ୍ଧ ହୁଏ। ଏହି ତଥ୍ୟକୁ ଆଧାର କରି ଏକ ନୂତନ ବୈଜ୍ଞାନିକ କୌଶଳ ବାହାର କରାଯାଇଛି। ଭୂମି ଉପରେ ବର୍ଷା ପାଣି ପଡ଼ିଲେ ସେଥିରୁ ୪୦% ଭୂପୃଷ୍ଠ ଉପରେ ଅପବାହ ହୋଇ ୮% ଭୂତଳ ରାସ୍ତାରେ ବହିଯାଏ। ସେହିପରି ବାଷ୍ପୀଭବନରେ ପ୍ରାୟ ୩୭ ପ୍ରତିଶତ ଏବଂ ପ୍ରାକୃତିକ ଓ ମାନବୀୟ କ୍ରିୟା ହିସାବରେ ମାତ୍ର ୨୩ ପ୍ରତିଶତ ମାଟିରେ ସଞ୍ଚିତ ହୋଇ ଫସଲ ପାଇଁ ବ୍ୟବହୃତ ହୁଏ। ଭୂପୃଷ୍ଠ ପ୍ରବାହ ସେକେଣ୍ଡ ପ୍ରତି ୦.୬ ମିଟର ହେଲା ବେଳେ ଭୂତଳ ଗତି ଘଣ୍ଟାପ୍ରତି ମାତ୍ର ୭୫ ମିଲିମିଟର। ବର୍ଷାପାଣି ବହିଯିବା ଆଗରୁ ଯେତେଦୂର ସମ୍ଭବ ଏହାକୁ ଅଟକାଇବା ଦ୍ୱାରା ମାଟିମଧ୍ୟକୁ ଅଧିକ ଜଳ ଅନ୍ତଃକ୍ଷରଣ ହୋଇ ସଞ୍ଚିତ ହେବ। ଯଦି କୌଣସି ଉପାୟରେ ବର୍ଷାଜଳକୁ ବହିବାକୁ ନଦେଇ ଧୀରେଧୀରେ ମାଟିମଧ୍ୟକୁ ପ୍ରବେଶ କରାଯାଏ ତାହାହେଲେ ଏହା ମୃତ୍ତିକା ମଧ୍ୟରେ ଥିବା ବୃହତ୍ ଓ କ୍ଷୁଦ୍ର ଛିଦ୍ର ମଧ୍ୟରେ ବହୁଦିନ ପର୍ଯ୍ୟନ୍ତ ସଞ୍ଚିତ ହୋଇ ରହିପାରିବ। ସାଧାରଣତଃ ଅପବାହ ବା ରନ୍‌ଅଫ ସମୟ ୩୦ ମିନିଟ୍ ଏବଂ ଏହି ସ୍ୱଳ୍ପ ସମୟ ମଧ୍ୟରେ ଏହାକୁ ଅନ୍ତଃକ୍ଷରଣ ଦ୍ୱାରା ମାଟିମଧ୍ୟକୁ ପ୍ରବେଶ କରିବା ସମ୍ଭବ ନୁହେଁ, କାରଣ ଅନ୍ତଃକ୍ଷରଣ ବେଗ ଘଣ୍ଟାକୁ ମାତ୍ର ୭୫ ମିଲିମିଟର। ଏଣୁ ଗ୍ରାମରେ ୫୦ ପ୍ରତିଶତ ବର୍ଷା ବା ୭୫୦ ମିଲିମିଟର ମାଟି ମଧ୍ୟକୁ ପ୍ରବେଶ କରାଇବା ତେବେ ଅନ୍ୟୂନ ୧୦ ଘଣ୍ଟା ସମୟ ଆବଶ୍ୟକ। କୌଣସି ଯାନ୍ତ୍ରିକ ଉପାୟରେ ଆମେ ଯଦି ବର୍ଷାଜଳ ଅପବାହ ସମୟକୁ ୧୦ ଘଣ୍ଟାକୁ ବୃଦ୍ଧି କରିପାରିବା ତେବେ ୭୫୦ ମିଲିମିଟର ବର୍ଷାଜଳ ଅନ୍ତଃକ୍ଷରିତ ବା ଇନଫିଲଟ୍ରେସନ ହୋଇ ମାଟିର ଛିଦ୍ରଗୁଡ଼ିକରେ ସଞ୍ଚିତ ହୋଇ ରହିପାରିବ। ଅଣୁ ଛିଦ୍ରଗୁଡ଼ିକରେ ଯେଉଁ ଜଳ ରହେ ତାହା ସହଜରେ ବାହାରି ଯାଏନାହିଁ। କେବଳ ଉଦ୍ଭିଦ ଚେର ଏହାକୁ ଗ୍ରହଣ କରିବାରେ ସକ୍ଷମ। ବୃହତ୍ ଛିଦ୍ରରେ ରହିବା ଜଳ ସମାନ୍ତରାଳ ଭାବରେ କିମ୍ବା ମାଧ୍ୟାକର୍ଷଣ ଶକ୍ତି ପ୍ରଭାବରେ ନିମ୍ନକୁ ଗତିକରି ଉପମୃତ୍ତିକାରେ ରହେ। ଏହା ଭୂତଳ ଜଳପତ୍ତନ ବୃଦ୍ଧିକରେ ଯାହାକୁ ପମ୍ପ ସାହାଯ୍ୟରେ ଉତ୍ତୋଳନ କରି ଜଳସେଚନ ପାଇଁ ବ୍ୟବହାର କରାଯାଇଥାଏ। ଯେହେତୁ ଉପମୃତ୍ତିକା ଜଳ ଘଣ୍ଟାକୁ ୭୫ ମିଲିମିଟର ଗତିରେ ପ୍ରବାହ କରେ ଗୋଟିଏ ଗ୍ରାମର ଜଳ ଏକ କିଲୋମିଟର ଦୂରରେ ଥିବା ଅନ୍ୟ ଗ୍ରାମକୁ ଯିବାପାଇଁ ୫୫୬ ଦିନ ସମୟ ଆବଶ୍ୟକ। ଏତେବେଳକୁ ପୁଣି ବର୍ଷା ଆସି ସାରିଥିବ। ଏଣୁ ଗ୍ରାମରେ ବର୍ଷରେ ଦୁଇଟି ଫସଲ ସୁବିଧାରେ ଅମଳ ହୋଇପାରିବ।

ତାହାହେଲେ ଅସଲ ଚାବିକାଠି ହେଉଛି ବର୍ଷାଜଳ ଅପବାହ ସମୟକୁ ବୃଦ୍ଧି କରିବା। ଉପର ମୁଣ୍ଡରୁ ଯେଉଁ ପାଣି ତଳକୁ ଗଡ଼ି ଆସେ ତାକୁ ପ୍ରଥମରେ ଅଟକାଇବା ପାଇଁ ଏକ ଦୃଢ଼ ମାଟିବନ୍ଧ ଗଡ଼ାଣିର ବିପରୀତ ଦିଗରେ ନିର୍ମାଣ କରାଯାଏ। ଜଳର ପ୍ରବାହ ଗତିକୁ ମନ୍ଥର କରିବା ପାଇଁ କିଆରୀ ଚାରିପାଖରେ ହୁଡ଼ା ଦେଇ କୋଣରେ ଗୋଟିଏ ଶୋଷଣ ଖାଲ ବା ସୋକ୍ ପିଟ୍ ଖୋଳାଯାଏ। ଏହା ଫଳରେ ବର୍ଷାଜଳ ଧୀରେଧୀରେ ବହୁତ ସମୟ କିଆରୀ ମଧ୍ୟରେ ପ୍ରବାହିତ ହେବା ଯୋଗୁଁ ଅଧିକାଂଶ ଜଳ ମାଟି ମଧ୍ୟକୁ ପ୍ରବେଶ କରି ସବୁଛିଦ୍ର ମଧ୍ୟରେ ଓ ଉପ ମୃତ୍ତିକା ମଧ୍ୟରେ ସଂରକ୍ଷିତ ହୋଇ ବହୁଦିନ ରହେ। ଚାଷୀମାନେ ଗ୍ରାମ ମଧ୍ୟରେ ଦିଗ-ପରିବର୍ତ୍ତନ ହୁଡ଼ା ବା ଡାଇଭର୍ସନ ବଣ୍ଡ ଓ ଜମିରେ ହୁଡ଼ା ପକାଇବା ଦ୍ୱାରା ଠିଆପାଣି ବ୍ୟବହାର କରିବା ସହିତ ମାଟି ମଧ୍ୟକୁ ଅନ୍ତଃକ୍ଷରଣ ପରିମାଣ ବୃଦ୍ଧି ହୋଇଥାଏ। ଜମି ଚାରିପାଖରେ ହୁଡ଼ା ନିର୍ମାଣ ସହିତ ଗୋଟିଏ କୋଣରେ ସୋକପିଟ୍ ନିର୍ମାଣ କଲେ ୨୪ ଘଣ୍ଟାର ବର୍ଷାଜଳ କିଆରୀରେ ଠିଆ ହୋଇ ଧୀରେଧୀରେ ମାଟି ମଧ୍ୟକୁ ଅନ୍ତଃକ୍ଷରଣ ହୋଇ ରହିପାରିବ। ଏହି ଜଳ ସିଧାସଳଖ ବାଷ୍ପୀଭୂତ ହେବନାହିଁ। ଏଣୁ ଏହାକୁ ଦୁଇଟି ଫସଲ ପାଇଁ ବ୍ୟବହାର କରିହେବ। ବିଭିନ୍ନ ପରୀକ୍ଷଣରୁ ଜଣାପଡ଼ିଛି ଯେ ଉପରୋକ୍ତ ଉପାୟରେ ଅନ୍ୟୂନ ତିନିବର୍ଷର ବର୍ଷାଜଳ ମାଟିମଧ୍ୟରେ ରହିପାରିବ, ଯାହାକୁ ଆମେ ଫସଲ ପାଇଁ ବ୍ୟବହାର କରିପାରିବା। ଏହା ଅତ୍ୟନ୍ତ ସରଳ ଓ କମ୍ ଖର୍ଚ୍ଚରେ କେତେକ ମାଟିବନ୍ଧ ନିର୍ମାଣ କରି ଆମେ ଗାଁ ପାଣି ଗାଁ ରେ ଓ ଜମି ପାଣି ଜମିରେ ରଖିପରିବା। ଗ୍ରାମରେ ନଦୀ, ନାଳ, ପୋଖରୀ ଓ କୂଅରୁ ଜଳ ମିଳୁଥିଲେ ମଧ୍ୟ ମୂଳ ଉତ୍ସ ହେଉଛି ବର୍ଷା। ଏଣୁ ବର୍ଷା ଜଳ ଯେତେ ଅଧିକ ସଂରକ୍ଷଣ କରାଯିବ ସେତେ ଭଲ ଫସଲ ହେବ। ଏପରି କୌଶଳ ସମ୍ବନ୍ଧୀୟ ପ୍ରଶିକ୍ଷଣ କୃଷକମାନଙ୍କୁ ଦିଆଯିବା ଆବଶ୍ୟକ। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ସହିତ ଏଥିପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ବ୍ୟୟ ବରାଦ କରିବା ଆବଶ୍ୟକ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଷଡ଼୍‌ଭୁଜ ଗୌରାଙ୍ଗ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଶ୍ରୀଚୈତନ୍ୟ ଅନୁଗାମୀମାନଙ୍କ ସହ ଶ୍ରୀକ୍ଷେତ୍ର ପାଖାପାଖି ପହଞ୍ଚିବା ପରେ ନୀଳଚକ୍ର ଦର୍ଶନ କରି ତାଙ୍କ ଶରୀରରେ ଅପୂର୍ବ ଦିବ୍ୟ ଶିହରଣ ସୃଷ୍ଟି ହେଲା। ଅଠରନଳା ପାଖରୁ ସେ ଅନ୍ୟମାନଙ୍କୁ ଛାଡ଼ି ଦେଇ ଶ୍ରୀମନ୍ଦିର ଅଭିମୁଖେ ଦୌଡ଼ିଲେ। ସିଂହଦ୍ୱାର ବାଟଦେଇ ମନ୍ଦିରରେ ପ୍ରବେଶ କଲେ ଏବଂ ସାହାଣମେଳା ଚାଲିଥିବାରୁ କଳାହାଟ ଦ୍ୱାର ପାଖରେ ପହଞ୍ଚିଗଲେ। ମହାପ୍ରଭୁଙ୍କ ଶ୍ରୀମୁଖ ଦର୍ଶନ କରିବା ମାତ୍ରେ ସେ ତଲ୍ଲୀନ ହୋଇ ଠାକୁରଙ୍କୁ ଆଲିଙ୍ଗନ କରିବା ଉଦ୍ଦେଶ୍ୟରେ ରତ୍ନବେଦୀ ଆଡ଼କୁ ଲମ୍ଫ ପ୍ରଦାନ କଲେ ଏବଂ ଗର୍ଭଗୃହରେ ଚେତାଶୂନ୍ୟ ହୋଇ ପଡ଼ିଗଲେ। ସେତେବେଳେ ସେଠାରେ ବିଶିଷ୍ଟ ବେଦ ବିଶାରଦ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ଉପସ୍ଥିତ ଥିଲେ। ସେ ଚେତାଶୂନ୍ୟ ସୌମ୍ୟ ଦର୍ଶନ ଯୁବକ ଶରୀରରେ ଅନେକ ଦୁର୍ଲଭ ଦିବ୍ୟଲକ୍ଷଣ ଦେଖି ତାଙ୍କୁ ଶିଷ୍ୟମାନଙ୍କ ସାହାଯ୍ୟରେ ନିଜ ଘରକୁ ନେଇଗଲେ।

ପଣ୍ଡିତ ବାସୁଦେବ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ଥିଲେ ବଙ୍ଗପ୍ରଦେଶର ନଦିୟାର ମୂଳବାସିନ୍ଦା। ବେଦାନ୍ତ ନ୍ୟାୟ ଦର୍ଶନରେ ତାଙ୍କର ପ୍ରଗାଢ଼ ଜ୍ଞାନ ଥିଲା। ଗଜପତି ପ୍ରତାପରୁଦ୍ର ଦେବ ଭଟ୍ଟାଚାର୍ଯ୍ୟଙ୍କ ପାଣ୍ଡିତ୍ୟର ପରିଚୟ ପାଇ ତାଙ୍କୁ ପୁରୀ ନେଇ ଆସିଥିଲେ। ସେ ପୁରୀରେ ଶିକ୍ଷାଦାନ କରିବା ସହିତ ମନ୍ଦିରରେ ଠାକୁରଙ୍କ ପୂଜାର ବୈଦିକ ରୀତି ଆଧାର ତଦାରଖ କରୁଥିଲେ। ନଦିଆରେ ସେ ଶିକ୍ଷାଦାନ କରୁଥିବା ବେଳେ ବାଲ୍ୟାବସ୍ଥାରେ ଚୈତନ୍ୟ ତାଙ୍କର ଛାତ୍ର ଥିଲେ। ଯା' ଭିତରେ ଅନେକ ବର୍ଷ ବିତି ଯାଇଥିବାରୁ କେହି କାହାରିକୁ ପ୍ରଥମ ଦେଖାରେ ଚିହ୍ନି ପାରି ନ ଥିଲେ। ଭଟ୍ଟାଚାର୍ଯ୍ୟଙ୍କ ପାଖରେ ରହୁଥିବା ତାଙ୍କ ଭଉଣୀଙ୍କ ସ୍ୱାମୀ ଗୋପୀନାଥ ମଧ୍ୟ ଥିଲେ ନଦିୟାର ମୂଳ ବାସିନ୍ଦା। ସେ ପୂର୍ବରୁ ବହୁବାର ଚୈତନ୍ୟଙ୍କ କୀର୍ତ୍ତନ ଅନୁଷ୍ଠାନରେ ଯୋଗ ଦେଇଥିବାରୁ ତାଙ୍କୁ ଚିହ୍ନି ପାରିଲେ। ଚୈତନ୍ୟଙ୍କ ଚେତା ଫେରି ପାଇବାର ସୂତ୍ର ତାଙ୍କୁ ଜଣାଥିଲା। ତେଣୁ ସେ ଚୈତନ୍ୟଙ୍କ ଶିଷ୍ୟମାନଙ୍କ ସନ୍ଧାନରେ ବଡ଼ଦାଣ୍ଡକୁ ଦୌଡ଼ିଲେ ଏବଂ ସେଠାରେ ସେମାନଙ୍କୁ ପାଇ ଭଟ୍ଟାଚାର୍ଯ୍ୟଙ୍କ ଘରକୁ ନେଇ ଆସି କୀର୍ତ୍ତନ ଆରମ୍ଭ କରିଦେଲେ। କୀର୍ତ୍ତନ ଶୁଣିବା ପରେ ଚୈତନ୍ୟ ଆଖି ଖୋଲିଲେ। ଭଟ୍ଟାଚାର୍ଯ୍ୟ ତାଙ୍କ ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇ ସେ ତାଙ୍କୁ ଯନ୍ତ୍ରବତ୍ ପ୍ରଣିପାତ କଲେ। ଚୈତନ୍ୟ ତାଙ୍କୁ ଆଶୀର୍ବାଦ କରି କହିଲେ- କୃଷ୍ଣମତିରସ୍ତୁ।

ବୈଦିକ ଜ୍ଞାନରେ ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିବାରୁ ଭଟ୍ଟାଚାର୍ଯ୍ୟଙ୍କ ମନରେ ବହୁତ ଗର୍ବ ଥିଲା ଏବଂ ତାଙ୍କଠାରୁ ଚୈତନ୍ୟ ବେଦତତ୍ତ୍ୱ ଶିଖିବା ଆବଶ୍ୟକ ବୋଲି କହୁଥିଲେ। ଭଟ୍ଟାଚାର୍ଯ୍ୟଙ୍କ ଏତାଦୃଶ ମନୋଭାବ ଗୋପୀନାଥଙ୍କୁ ବ୍ୟଥିତ କଲା। ସେ ଚୈତନ୍ୟଙ୍କ ପାଖକୁ ଯାଇ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କରି ତାଙ୍କୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ଅନୁରୋଧ କଲେ। କିନ୍ତୁ ସ୍ଥିତପ୍ରଜ୍ଞ ଚୈତନ୍ୟ ଗୋପୀନାଥଙ୍କ ଅନୁରୋଧକୁ ଅଗ୍ରାହ୍ୟ କରି ବରଂ ଭଟ୍ଟାଚାର୍ଯ୍ୟଙ୍କଠାରୁ ଶିକ୍ଷା ଗ୍ରହଣ କରିବାକୁ ରାଜି ହୋଇଗଲେ। ନିଷ୍ପତ୍ତି ଅନୁଯାୟୀ ଭଟ୍ଟାଚାର୍ଯ୍ୟ ପ୍ରତିଦିନ ଅପରାହ୍ଣରେ ମନ୍ଦିର ବେଢ଼ାରେ ଚୈତନ୍ୟଙ୍କୁ ବେଦ ଶିକ୍ଷା ଦେଲେ। ସାତ ଦିନପରେ କେତେ ଶିକ୍ଷା ଗ୍ରହଣ କରିଛନ୍ତି ବୋଲି ଭଟ୍ଟାଚାର୍ଯ୍ୟଙ୍କ ପ୍ରଶ୍ନରେ ଚୈତନ୍ୟ କହିଲେ, 'ବେଦର ଶ୍ଳୋକମାନଙ୍କର ଅର୍ଥ ଏତେ ସହଜ ଯେ ତା'ର ସଠିକ ଉଚ୍ଚାରଣ କଲେ ସଂସ୍କୃତରେ ସାଧାରଣ ଜ୍ଞାନ ଥିବା ଲୋକ ମଧ୍ୟ ବୁଝି ପାରିବ। କିନ୍ତୁ ଆପଣଙ୍କ ଉଚ୍ଚାରଣ ତ୍ରୁଟିପୂର୍ଣ୍ଣ ଥିବାରୁ ଆପଣ ଯାହା କହୁଛନ୍ତି ସେଥିରୁ ମୁଁ ବିନ୍ଦୁବିସର୍ଗ ବୁଝିପାରୁନି।' ଭଟ୍ଟାଚାର୍ଯ୍ୟ ଏପରି ଆକ୍ଷେପ ଶୁଣି କ୍ଷୁବ୍ଧ ହେଲେ। ସେ ବେଦ ଆବୃତ୍ତି କରିବା ପାଇଁ ଚୈତନ୍ୟଙ୍କୁ ଆହ୍ୱାନ କଲେ। ଚୈତନ୍ୟ ଆଖି ବନ୍ଦ କରି ବେଦ ଆବୃତ୍ତି କରିବାକୁ ଲାଗିଲେ। ତାଙ୍କ ମୁଖରୁ ବେଦର ନିର୍ଭୁଲ ଆବୃତ୍ତି ଶୁଣି ଭଟ୍ଟାଚାର୍ଯ୍ୟ ମନ୍ତ୍ରମୁଗ୍ଧ ହୋଇଗଲେ ଏବଂ ଆଣ୍ଠୁମାଡ଼ି ପ୍ରାର୍ଥନା କରିବାକୁ ଲାଗିଲେ। ସେ ଆଖି ଖୋଲିବା ବେଳକୁ ଚୈତନ୍ୟଙ୍କ ଯାଗାରେ ଏକ ଷଡ଼୍‌ଭୁଜ ବିଷ୍ଣୁ ବିଗ୍ରହ ବିରାଜମାନ କରିଥିଲେ। ତାଙ୍କର ଦୁଇ ହାତରେ ଧନୁଶର, ଆଉ ଦୁଇ ହାତରେ ମୋହନ ବଂଶୀ ଏବଂ ଆଉ ଦୁଇ ହାତରେ ଦଣ୍ଡ କମଣ୍ଡଳୁ ଶୋଭା ପାଉଥିଲା। ସେ ଥିଲେ ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ର, ନନ୍ଦନନ୍ଦନ ଶ୍ରୀକୃଷ୍ଣ ଓ ସଚ୍ଚୀନନ୍ଦନ ଗୌରାଙ୍ଗଙ୍କର ସମ୍ମିଳିତ ବିଗ୍ରହ। ଏପରି ବିଗ୍ରହ ଦର୍ଶନ କରି ଭଟ୍ଟାଚାର୍ଯ୍ୟ ତନ୍ମୟ ହୋଇ ମୁଦ୍ରିତ ନୟନରେ କିଛିସମୟ ବସି ରହିଲେ। ଆଖି ଖୋଲିବା ବେଳକୁ ଷଡ୍‌ଭୁଜ ବିଗ୍ରହ ଅନ୍ତର୍ହିତ ହୋଇ ଯାଇଥିଲେ ଏବଂ ତାଙ୍କ ଯାଗାରେ ଗୌରାଙ୍ଗ ବସି ମନ୍ଦମନ୍ଦ ହସୁଥିଲେ। ଏହାପରେ ଭଟ୍ଟାଚାର୍ଯ୍ୟ ଗୌରାଙ୍ଗଙ୍କୁ ଜଣେ ଅବତାର ପୁରୁଷଭାବେ ଗ୍ରହଣ କଲେ। ଶ୍ରୀମନ୍ଦିର ପରିସରରେ ଦକ୍ଷିଣଦ୍ୱାର ପାଖରେ ଶ୍ରୀଚୈତନ୍ୟ ଯେଉଁ ଯାଗାରେ ଷଡ଼୍‌ଭୁଜ ସ୍ୱରୂପରେ ଦର୍ଶନ ଦେଇଥିଲେ ସେଠାରେ ତାଙ୍କର ଷଡ଼୍‌ଭୁଜ ମୂର୍ତ୍ତି ଆରାଧିତ ହେଉଛନ୍ତି।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଶଳାକୁ ପିଟିପିଟି ହତ୍ୟା



ଭେଡେନ, ୧୭।୩ (ସମିସ): ସାମାନ୍ୟ ବଚସାରୁ ଶଳାକୁ ପିଟିପିଟି ମାରିଦେଲା। ବରଗଡ଼ ଜିଲ୍ଲା ଭେଡେନ୍ ବ୍ଲକ୍ ଚିଚିଣ୍ଡା ହାଇସ୍କୁଲପଡ଼ାରେ ମଙ୍ଗଳବାର ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ସୁଦୀପ ବାଗ(୨୮)। ଖବର ପାଇ ସାଇଣ୍ଟିଫିକ୍ ଟିମ୍ ସହ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ଓ ଭେଡେନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ, ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଭିଣୋଇ ଶୁକଦେବ ମହାନନ୍ଦ ଥାନାରେ ଆମ୍ବସମର୍ପଣ କରିଛି। ଶୁକଦେବର ଘର ଶାଳନା ଗାଁରେ। ପୁଲିସ୍ ସୂଚନାନୁଯାୟୀ, ଶୁକଦେବ ୫ବର୍ଷ ହେବ ନିଜ ସ୍ତ୍ରୀ, ପିଲାଙ୍କ ସହ ଶ୍ୱଶୁରଘରେ ରହି ଆସୁଥିଲା। ଆଜି ପରିବାରର ଅନ୍ୟ ବୟସ୍କ ସଦସ୍ୟ ବାହାରକୁ ଯାଇଥିବା ବେଳେ ଶଳା-ଭିଣୋଇଙ୍କ ମଧ୍ୟରେ କୌଣସି କଥାକୁ କେନ୍ଦ୍ର କରି ବଚସା ହୋଇଥିଲା। ଏଥିରେ ରାଗିଯାଇ ଶୁକଦେବ ପାଖରେ ପଡ଼ିଥିବା ଏକ କାଠଫାଳିଆରେ ସୁଦୀପକୁ ପିଟିପିଟି ହତ୍ୟା କରିଥିଲା। ହତ୍ୟାକାଣ୍ଡ ପରେ ଘର ସମ୍ମୁଖରେ ମୃତଦେହ ପକାଇ ଫେରାର୍ ହୋଇଯାଇଥିଲା। ଘରେ ଥିବା ଅଭିଯୁକ୍ତର ନାବାଳିକା ଝିଅ ଏହା ଦେଖି ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲା। ପାଖ ଲୋକ ତୁରନ୍ତ ପୁଲିସକୁ ଜଣାଇଥିଲେ।

# ପିଲାଚୋର ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା



ନବରଙ୍ଗପୁର, ୧୭।୩ (ସମିସ): ପିଲାଚୋର ସନ୍ଦେହରେ ବୃଦ୍ଧଙ୍କୁ ପିଟିପିଟି ହତ୍ୟା। ନବରଙ୍ଗପୁର ସଦର ଥାନା ଅଞ୍ଚଳ ଖଣ୍ଡିଗୁଡା ଗ୍ରାମରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ନବରଙ୍ଗପୁର ପୁଲିସ ନିଜ ଆଡୁ ଏକ ହତ୍ୟା ମାମଲା ରୁଜୁ କରିବା ସହ ଗ୍ରାମର ୪ଜଣଙ୍କୁ ଅଟକ ରଖି ପଚାରାଉଚରା କରୁଛି। ପୁଲିସ ସୂଚନାନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ବୃଦ୍ଧଜଣଙ୍କ ସଦର ଥାନା ଅନ୍ତର୍ଗତ ଖଣ୍ଡିଗୁଡ଼ା ଗାଁ ଓ ଆଖପାଖ ଅଞ୍ଚଳରେ ବୁଲାବୁଲି କରୁଥିବା ବେଳେ କିଛି ଗ୍ରାମବାସୀ ତାଙ୍କୁ ପିଲାଚୋର ସନ୍ଦେହରେ ଆକ୍ରମଣ କରିଥିଲେ। ଖବର ପାଇ ନବରଙ୍ଗପୁର ପୁଲିସ ଆହତ ବୃଦ୍ଧଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସା ଲାଗି ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। କିନ୍ତୁ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୃଦ୍ଧଙ୍କ କେହି ସମ୍ପର୍କୀୟ ବର୍ତ୍ତମାନ ଯାଏଁ ଏନେଇ ଅଭିଯୋଗ କରି ନଥିବାରୁ ପୁଲିସ ନିଜଆଡୁ ମାମଲା (୯୪/୨୬) ରୁଜୁ କରି ତଦନ୍ତ ଚଳାଇଛି। ବୃଦ୍ଧଙ୍କ ଶବକୁ ଶବ ସଂରକ୍ଷିତ ଗୃହରେ ରଖାଯାଇଛି। କେହି ଦାବିଦାର ନ ମିଳିଲେ ପରବର୍ତ୍ତୀ ସମୟରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂଚନା ଦେଇଛି। ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ନବରଙ୍ଗପୁର ଏସଡିପିଓ କୃଷ୍ଣଚନ୍ଦ୍ର ଭତ୍ରା କହିଛନ୍ତି।

# ଦାରିଙ୍ଗବାଡ଼ିରେ କୁଆପଥର ବର୍ଷା



ଦାରିଙ୍ଗବାଡ଼ି, ୧୭।୩(ସମିସ): କାଳବୈଶାଖୀ ପ୍ରଭାବରେ ମଙ୍ଗଳବାର ସନ୍ଧ୍ୟାରେ ପ୍ରବଳ କୁଆପଥର ବର୍ଷା ହୋଇଛି। ଫଳରେ ଚାରିଆଡ଼େ କୁଆପଥର ଧଳା ରଙ୍ଗର ଚାଦର ଘୋଡ଼େଇ ହୋଇଥିବା ଭଳି ଦେଖାଯାଉଥିଲା। ରାସ୍ତାଘାଟ ସବୁ ଧଳା ଦେଖାଯାଉଥିବା ବେଳେ ଅଞ୍ଚଳରେ ପ୍ରାୟ ଘଣ୍ଟାଏରୁ ଅଧିକ ସମୟ ଧରି ଏଭଳି କୁଆପଥର ବର୍ଷା ହୋଇଥିଲା। ବର୍ଷା ଯୋଗୁଁ ପାଗରେ ପରିବର୍ତ୍ତନ ହୋଇ ଶୀତ ଅନୁଭୂତ ହେଉଛି। ଚଳିତବର୍ଷର ଏହା ପ୍ରଥମ କୁଆପଥର ବର୍ଷା ହୋଇଥିବାରୁ ହଳଦୀ ଚାଷୀ ସହିତ ଅନ୍ୟ ପରିବା ଚାଷୀ ଖୁସିଥିବା ବେଳେ କୁଆପଥର ବର୍ଷା ଯୋଗୁ ଆମ୍ବ ବଉଳ ଝଡ଼ି ଯାଇଥିବା ଜଣାପଡ଼ିଛି।

**ରଖେ ହରି ତ ମାରେ କିଏ!**

# ହାତୀ ପାଦ ତଳୁ ଫେରିଲା ଜୀବନ

ଢେଙ୍କାନାଳ, ୧୭।୩ (ସମିସ): କଥାରେ ଅଛି ରଖେ ହରି ତ ମାରେ କିଏ। ହାତୀ ପାଦ ତଳୁ ଜଣେ ଯୁବକ ଅକ୍ଷତ ଅବସ୍ଥାରେ ନିଜ ଜୀବନ ବଞ୍ଚାଇ ଫେରିଛନ୍ତି। ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜରେ ଆଜି ଏଭଳି ଏକ ଚମତ୍କାର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।



ସୂଚନାନୁଯାୟୀ, ତାଳବରକୋଟ ଖୁଣ୍ଟକଟା ସାହି ନିକଟରେ କିଛି ହାତୀପଲ ଘୂରି ବୁଲୁଥିଲେ। ହାତୀପଲଙ୍କୁ ଦେଖିବାକୁ ସ୍ଥାନୀୟ ଲୋକ ଭିଡ଼ ଜମାଇଥିଲେ। କିଛି ଲୋକ ହାତୀ ଦେଖିବାକୁ ତା' ପଛେପଛେ ଗୋଡ଼ାଇଥିଲେ। ଏହି ସମୟରେ ଖୁଣ୍ଟକଟାର ସ୍ୱର୍ଗତଃ ବିନୋଦ ବେହେରାଙ୍କ ପୁଅ ବିଦ୍ୟାଧର ବେହେରା ହାତୀ ପଛରେ ଥିବା ବେଳେ ହାତୀଟି ବୁଲି ପଡ଼ିଥିଲା। ହାତୀଟି ତାଙ୍କୁ ତଳେ ପକାଇବା ସହ ତାଙ୍କ ଉପରେ ପଛ ଦୁଇଗୋଡ଼କୁ ରଖି ଦଳି ପକାଇଥିଲା। କିନ୍ତୁ ଏଥିରେ ଯୁବକଙ୍କ କୌଣସି କ୍ଷତି ହୋଇନଥିଲା। ହାତୀଟି ସେଠାରୁ ପଳାଇବା ପରେ ଯୁବକଜଣଙ୍କ ଅକ୍ଷତ ଅବସ୍ଥାରେ ସେଠାରୁ ଫେରି ଆସିଥିଲେ।

# ଶିକ୍ଷୟିତ୍ରୀଙ୍କ ମାଡ଼ରେ ନବମ ଛାତ୍ର ଗୁରୁତର; ହସ୍ପିଟାଲରେ ଭର୍ତ୍ତି

କପ୍ତିପଦା, ୧୭।୩ (ସମିସ): ପ୍ରଶ୍ନର ଉତ୍ତର ଦେଇନପାରିବାରୁ ଛାତ୍ରଙ୍କୁ ନିର୍ଘାତ ମାଡ଼। ସ୍ଥିତି ଏମିତି ଯେ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ଏଥିଯୋଗୁଁ ଛାତ୍ରଜଣଙ୍କ ଆଜି ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। କପ୍ତିପଦା ବ୍ଲକ୍ ତାଳପୋଖରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଏପରି ଏକ ଘଟଣା ଘଟିଛି। ଆହତ ଛାତ୍ରଜଣଙ୍କ ହେଲେ, ଶୁଭଙ୍କର ବେହେରା। ସେ ନବମ ଶ୍ରେଣୀରେ ପାଠ ପଢ଼ନ୍ତି। ଆଜି ଶିକ୍ଷୟିତ୍ରୀ ଦୀପ୍ତିମୟୀ ବରାଳ ତାଙ୍କୁ କିଛି ପ୍ରଶ୍ନ ପଚାରିଥିଲେ। ଶୁଭଙ୍କର ଉତ୍ତର ଦେଇ ନପାରିବାରୁ ଶିକ୍ଷୟିତ୍ରୀ ଦୀପ୍ତିମୟୀ ତାଙ୍କୁ ବାଡ଼ିରେ ନିର୍ଘାତ ପିଟିଥିଲେ। ଏଥିରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ସେ ଘରକୁ ଫେରି ଏକ ଘର ଭିତରେ କବାଟ ବନ୍ଦ କରି ରହିଥିବା ବେଳେ ସଂଜ୍ଞାହୀନ ହୋଇପଡ଼ିଥିଲେ। ପରିବାରଲୋକେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରିବା ସହ ଉଦଳା ମେଡିକାଲରେ ଭର୍ତ୍ତି କରାଇଥିଲେ। ଘଟଣାକୁ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱୀକାର କରିଥିବା ବେଳେ ଶ୍ରେଣୀକକ୍ଷରେ ପାଟି କରିଥିବାରୁ ଛାତ୍ରଙ୍କୁ ମାଡ଼ ହୋଇଥିବା କହିଛନ୍ତି। ସେପଟେ ମାଡ଼ ମାରିଥିବା ଶିକ୍ଷୟିତ୍ରୀ ଦୀପ୍ତିମୟୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# କେରଳରେ ଦୁଇ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ପାତ୍ରପୁର, ୧୭।୩ (ସମିସ): ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ୍‌ରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା ବୃଦ୍ଧି ପାଉଛି। ସୋମବାର ପୁଣି କେରଳରେ ଦୁଇ ଯୁବ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଖାରିଆଗୁଡ଼ା ଗ୍ରାମର ନରସିଂହ ପ୍ରଧାନ(୩୨) ଓ ସନ୍ତୋଷ ବାଡ଼ତ୍ୟା(୩୧)। ସେମାନେ କେରଳର ତ୍ରିସୁର ଅଞ୍ଚଳର ଏକ ଘରୋଇ କମ୍ପାନୀରେ ଅପରେଟର୍ ଭାବେ କିଛି ଦିନ ହେବ କାମ କରୁଥିଲେ। କାମ ସମୟରେ ଏକ କୂଅରୁ ଛେଳିକୁ ବାହାର କରିବା ବେଳେ ଦୁହେଁ କୂଅ ଭିତରେ ଅଟକି ପଡ଼ିଥିଲେ। ପରେ ସହକର୍ମୀମାନେ ଉଦ୍ଧାର କରି ହସ୍ପିଟାଲକୁ ନେଇଥିବା ବେଳେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପ୍ରାଥମିକ ତଦନ୍ତରେ ଶ୍ୱାସରୋଧ କିମ୍ବା ବିଦ୍ୟୁତ୍ ସ୍ପର୍ଶ ଯୋଗୁଁ ମୃତ୍ୟୁ ଆଶଙ୍କା କରାଯାଉଛି। ସ୍ଥାନୀୟ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଗତବର୍ଷ ମଧ୍ୟ ଏହି ବ୍ଲକ୍‌ର ୯ ଦାଦନ ଶ୍ରମିକ ପ୍ରାଣ ହରାଇଥିଲେ। ଏହି ଦୁଃଖଦ ଘଟଣାରେ ଦୁଇପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ଗ୍ରାମରେ ଶୋକର ଛାୟା ଖେଳିଯାଇଥିବା ବେଳେ ସରକାରୀ ସହାୟତା ପାଇଁ ସାଧାରଣରେ ଦାବି ହେଉଛି।


Leadership and beyond
दि न्यू इन्डिया एश्योरन्स कंपनी लिमिटेड
The New India Assurance Co. Ltd
India's Premier Multinational General Insurance Company

ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)
ପ୍ରଥମ ମହଲା, ଆଲୋକ ଭାରତୀ ଟାୱାର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ:୦୬୭୪-୨୫୪୫୪୬୭

**ସଂଶୋଧନ ପତ୍ର:**
**ଇ-ଟେଣ୍ଡର ନିମନ୍ତେ ବିଡ୍ ଦାଖଲର ଅନ୍ତିମ ତାରିଖ ବୃଦ୍ଧି**

ଇ-ଟେଣ୍ଡର (ବିଜ୍ଞାପନ ନଂ. ଭୁବନେଶ୍ୱର ଆରଓ/ଇଏସ୍‌ଟିବି/ ଭଦ୍ରକ ବିଓ/ ଇଣ୍ଟେରିୟର ସିଭିଲ ଆଣ୍ଡ ଇଲେକ୍ଟ୍ରିକାଲ ୱାର୍କ/୫୫୦୮୦୧) ଯାହାକି ଏହି ବିଭାଗ ଦ୍ୱାରା ତା୧୬.୦୨.୨୦୨୬ରିଖରେ ଜାରି କରାଯାଇଥିଲା। ତଦନୁଯାୟୀ ସମସ୍ତ ସମ୍ଭାବ୍ୟ ବିଡରମାନଙ୍କୁ ଜଣାଇ ଦିଆଯାଉଛି କି, ବିଭାଗ ତରଫରୁ ନିମ୍ନମତେ ଇ-ଟେଣ୍ଡର ନିମନ୍ତେ ବିଡ୍ ଦାଖଲର ଅନ୍ତିମ ତାରିଖ ବୃଦ୍ଧି କରାଗଲା।

| ବିବରଣୀ | ମୂଳ ତାରିଖ | ସଂଶୋଧିତ ତାରିଖ |
|---|---|---|
| ବିଡ୍ ଦାଖଲର ସମାପ୍ତି ତାରିଖ | ୦୯.୦୩.୨୦୨୬ ଅପରାହ୍ଣ ୫ ଘଟିକା | ୧୯.୦୩.୨୦୨୬ ଅପରାହ୍ଣ ୫ ଘଟିକା |
| ବିଡ୍ ଖୋଲାଯିବା ତାରିଖ | ୧୦.୦୩.୨୦୨୬ ପୂର୍ବାହ୍ଣ ୧୧ ଘଟିକା | ୨୦.୦୩.୨୦୨୬ ପୂର୍ବାହ୍ଣ ୧୧ ଘଟିକା |

ବିଡରମାନେ ଟେଣ୍ଡର କାଗଜାତ୍ ଆମର ୱେବ୍‌ସାଇଟ୍: www.tenderwizard.com/NIAEPROCରୁ ଡାଉନଲୋଡ୍ କରିପାରିବେ।

ସ୍ୱା/- ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର

**AFFIDAVIT**

I, BOENA RAMA RAJU,S/o BOINA APPLA SWAMY, resident of At- Nuagam, PO - Soshahandi, PS - Kotpad, Dt - Koraput - 764056, Odisha declare by this Affidavit No. 1163, dated - 16/03/2026, that now onwards I shall be known as **BOINA RAMA RAJU** for all future purpose.

**Notice (for Minor)**

By virtue of an affidavit sworn before **Executive Magistrate Begunia, dated-12.03.2026, I, Bharati Nayak**, Vill-Radhakantapur, Po-Chakapada, Ps-Begunia, Dist-Khordha, Pincode-752062 declare that I have changed the name of my daughter from Lovely Nayak to Sujata Nayak. Henceforth, she shall be known as **Sujata Nayak** for all purposes.

**Bharati Nayak**

**AFFIDAVIT**

By virtue of an Affidavit before Notary Public, Malkangiri, I **Ghenu Badanayak**, aged about 38 Years, S/o.: Ghasi Badanayak, resident of Village: Chitapari-4, PO: Nilakhambari, P.S.: Orkel, Dist.: Malkangiri, declare by this Affidavit No.: 698/ 2026, Dated: 16/03/2026, that I have changed my name from Ghenu Hantal to **Ghenu Badanayak.** Henceforth I shall be known as **Ghenu Badanayak** for all future purposes.

**AFFIDAVIT**

I, BOINA NIRMALAW/o BOINA RAMA RAJU, resident of At- Nuagam, PO - Soshahandi, PS - Kotpad, Dt - Koraput -764056, Odisha declare by this Affidavit No. 1164, dated -16/03/2026, that now onwards I shall be known as **BOENA NIRMALA** for all future purpose.

**AFFIDAVIT**

By virtue of an affidavit no. 1920 before the Executive Magistrate, Sambalpur, dtd. 20.06.2025, I, Soumyaranjan Nayak, S/o Basant Nayak, At- Sakshigopinathpada, P.S. Dhanupali, Dist- Sambalpur, declare that my correct name is Soumyaranjan Nayak but in my CBSE certificate my name is wrongly written as Somya Ranjan Nayak. Both names is one and the same person. Henceforth, I shall be known as **Soumyaranjan Nayak** for all purposes.

**AFFIDAVIT**

By virtue of an affidavit no- 388, dated- 5/2/2026 sworn before Executive Magistrate, Banpur, declare that I, Pabitra Mohan Parida, aged about- 48 years, S/o- Baikuntha Parida of Address At- Bahadalpur, P.o-Sarakantar, P.s-Khandagiri, Dist-Khordha, Odisha, Pin-751019, declare that I have changed my name from Pabitra Kumar Parida to Pabitra Mohan Parida. Henceforth, I Pabitra Kumar Parida & Pabitra Mohan Parida both are one and same person. But now onwards I shall be known as Pabitra Mohan Parida, for all future purposes.

**Pabitra Mohan Parida**

**AFFIDAVIT**

By virtue of an affidavit no- 762, dated- 11/3/2026 sworn before Executive Magistrate, Banpur, declare that I, Pramoda Kumar Martha, S/o- Guna Martha of Address At- Nachhipur, Po-Panchugaon, Ps- Banpur, Dist-Khordha, Odisha, Pin-752035, declare that I have changed the name of my minor daughter's name from Pratueptarna Martha to Bhoomika Martha. Henceforth, she shall be known as **Bhoomika Martha** for all purposes.

**Bhoomika Martha**

**AFFIDAVIT**

By virtue of an affidavit no. 02 before the Executive Magistrate, Padampur, dtd. 17.03.2026, I, Manoranjan Nayak, S/o Dhaneswar Nayak, R/o Mahagaon, P.O. Chandibhata, P.S. Jagdalpur, Dist. Bargarh-768042, declare that my minor daughter's name has been changed from Sruti Nayak to Srutimayee Nayak. Henceforth, she shall be known as **Srutimayee Nayak** for all purposes.

**Manoranjan Nayak**


# ଅବଶିଷ୍ଟାଂଶ...

## ବିଧାନସଭାରେ...

ଦେବାର କଥା। ଅନ୍ତତପକ୍ଷେ ଓଡ଼ିଶାର ଲୋକଙ୍କୁ ସରକାର ପଦକ୍ଷେପ ନେଲେ ବୋଲି ଏଥିରୁ ବାର୍ତ୍ତା ଯାଆନ୍ତା। ଗୋଟିଏ ପିଅନ ଉପରେ ଏଯାଏଁ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ । ସେହିପରି କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ ଯେତେବେଳେ ସମ୍ ହସ୍ପିଟାଲରେ ନିଆଁ ଲାଗିଥିଲା ସେତେବେଳେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ପ୍ରଦାନ କରିଥିଲେ। ଉକ୍ତ ହସ୍ପିଟାଲର ମାଲିକ ମଧ୍ୟ ବନ୍ଧା ହୋଇଥିଲେ। ଏସସିବି ଅଗ୍ନିକାଣ୍ଡ ଘଟଣାରେ ୧୨ ଜଣ ମରିଗଲେ। ମନ୍ତ୍ରୀ କିନ୍ତୁ ହସୁଛନ୍ତି, ଏଯାଏଁ ଇସ୍ତଫା ଦେଇନାହାନ୍ତି। ତଦନ୍ତ ଉପରେ ଆମର ବିଶ୍ୱାସ ନାହିଁ। ତେଣୁ ତୁରନ୍ତ ମନ୍ତ୍ରୀଙ୍କୁ ବରଖାସ୍ତ କରାଯାଉ ଏବଂ ଏହାପରେ ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି।

## ଇସ୍ତଫା ଦିଅନ୍ତୁ...

ଘଟିଥିବା ଅଗ୍ନିକାଣ୍ଡ ଅନେକ ମୂଲ୍ୟବାନ ଜୀବନ ନେଇଛି। ଏଠାକୁ ରୋଗୀମାନେ ସୁସ୍ଥ ହେବାର ଆଶା ନେଇ ଡାକ୍ତରଖାନାକୁ ଆସିଥିଲେ; କିନ୍ତୁ ପ୍ରଶାସନିକ ଅବହେଳା ଯୋଗୁଁ ସେମାନଙ୍କୁ ଏଭଳି ଏକ ଭୟଙ୍କର ମୃତ୍ୟୁର ସାମ୍ନା କରିବାକୁ ପଡ଼ିଲା। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୁଁ ମୋର ଗଭୀର ସମବେଦନା ଜଣାଉଛି। ପରିବାର ଲୋକେ ଶୋକ ପାଳନ କରୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗ 'ତଦନ୍ତ' ଆଳରେ ନିଜକୁ ଲୁଚାଇ ପାରିବ ନାହିଁ। ବିଚାର ବିଭାଗୀୟ ତଦନ୍ତ ସ୍ୱାଗତଯୋଗ୍ୟ, କିନ୍ତୁ ରାଜନୈତିକ ନେତୃତ୍ୱକୁ ଏହି ଦଦନ୍ତ ସେମାନଙ୍କ ଦାୟିତ୍ୱରୁ ମୁକ୍ତ କରିପାରିବ ନାହିଁ। ତେଣୁ ସ୍ୱାସ୍ଥ୍ୟମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗଙ୍କ ତୁରନ୍ତ ଇସ୍ତଫା ଦିଅନ୍ତୁ । ସୁରକ୍ଷା ବ୍ୟବସ୍ଥାରେ ଏହି ଭୟଙ୍କର ତ୍ରୁଟି ପାଇଁ ସେ ନୈତିକ ଦାୟିତ୍ୱ ଗ୍ରହଣ କରିବା ଉଚିତ୍। ଏଥିସହିତ ବର୍ତ୍ତମାନ ଘୋଷଣା କରାଯାଇଥିବା ଅନୁକମ୍ପାମୂଳକ ସହାୟତା ଅତି ନଗଣ୍ୟ। ପ୍ରତ୍ୟେକ ମୃତକଙ୍କ ପରିବାର ପାଇଁ ୫୦ ଲକ୍ଷ ଟଙ୍କାର ସହାୟତା ପାଇଁ ବାଚସ୍ପତିଙ୍କ ନିକଟରେ ନବୀନ ଦାବି ରଖିଛନ୍ତି।

## ଟ୍ରମ୍ପଙ୍କୁ...

ମାର୍ଗ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍'କୁ ପୁନର୍ବାର ଖୋଲିବା ପାଇଁ ଯୁଦ୍ଧ ଜାହାଜ ପଠାଇବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ଆହ୍ୱାନକୁ ଅନେକ ପ୍ରମୁଖ ସହଯୋଗୀ ଦେଶ ପ୍ରତ୍ୟାଖାନ କରିଛନ୍ତି। ହର୍ମୁଜ ପ୍ରଣାଳୀକୁ ପୁଣି ଖୋଲିବା ପାଇଁ ଆମେରିକାର ମିତ୍ର ଦେଶଗୁଡ଼ିକ ଯୁଦ୍ଧଜାହଜା ପଠାଇବାକୁ ମନା କରିବା ସହ ଏହି ମିସନରେ ଯୋଗ ଦେବାର ପ୍ରସ୍ତାବକୁ ପ୍ରତ୍ୟାଖାନ କରିଛନ୍ତି। ସହଯୋଗୀ ଦେଶଗୁଡ଼ିକର ନିରବତା ଓ ପ୍ରତ୍ୟାଖ୍ୟାନରେ ଅସନ୍ତୋଷ ପ୍ରକାଶ କରି ଟ୍ରମ୍ପ ମଙ୍ଗଳବାର କହିଛନ୍ତି ଯେ ଆମକୁ କାହାରି ସାହାଯ୍ୟ ଦରକାର ନାହିଁ। ଆମେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ ଓ ଆମେ ପାଖରେ ସବୁଠାରୁ ଶକ୍ତିଶାଳୀ ସେନା ରହିଛି। ଜର୍ମାନୀ, ସ୍ପେନ୍ ଓ ଇଟାଲୀ ଭଳି ଦେଶଗୁଡ଼ିକ ଏହି ଅଭିଯାନରେ ସାମିଲ ହେବାକୁ ମନା କରି ଦେଇଛନ୍ତି। ଜର୍ମାନୀ ଚାନ୍ସଲର ଫ୍ରିଡିରିକ ମେର୍ଜ କହିଛନ୍ତି ଯେ, ଏହି ଯୁଦ୍ଧ ପୂର୍ବରୁ ତାଙ୍କ ସହ କୌଣସି ପରାମର୍ଶ କରାଯାଇ ନଥିଲା ଏବ ଜର୍ମାନୀ ପାଖରେ ଏଥିପାଇଁ ଜାତିସଂଘ କିମ୍ବା ନାଟୋର କୌଣସି ଆବଶ୍ୟକୀୟ ଅନୁମତି ନାହିଁ। ଏଥିରେ କ୍ଷୁବ୍ଧ ଟ୍ରମ୍ପ ଏହିକ୍ରମରେ ବ୍ରିଟେନ ଉପରେ ବିଶେଷ ଭାବେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଯୁଦ୍ଧ ଆରମ୍ଭରେ ବ୍ରିଟେନ ଦୁଇଟି ବିମାନବାହୀ ଜାହାଜ ପଠାଇବାକୁ ମନା କରିଦେଇଥିଲା, କିନ୍ତୁ ଯୁଦ୍ଧ ଶେଷ ପର୍ଯ୍ୟାୟରେ ପହଞ୍ଚିବା ପରେ ସହାଯ୍ୟ ପାଇଁ ପସ୍ତାବ ଦେଇଥିଲା, ଯାହାକୁ ୱାସିଂଟନ ପ୍ରତ୍ୟାଖ୍ୟାନ କରିଛି। ଟ୍ରମ୍ପ କହିଛନ୍ତି ଯେ ସେ ଏହି ଆହ୍ୱାନ କରିଥିଲେ ମୁଖ୍ୟତଃ ମିତ୍ର ଦେଶଗୁଡ଼ିକ ପ୍ରତିକ୍ରିୟା ଦେଖିବା ପାଇଁ। ସହଯୋଗୀ ଦେଶଗୁଡ଼ିକୁ ସହାଯ୍ୟ ମାଗିବା ଏକ ପରୀକ୍ଷା ଥିଲା, ଯେଉଁଥିରୁ ଜଣାପଡ଼ିଲା ଯେ, ଆବଶ୍ୟକ ସମୟରେ କିଏ ଆମେରିକା ସହ ଛିଡ଼ା ହୋଇଛନ୍ତି।

ଉଲ୍ଲେଖଥାଉ କି, ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରିଥିଲେ, ଯେଉଁଥିରେ ଇରାନର ସର୍ବୋଚ୍ଚ ନେତା ଆୟୋତୁଲ୍ଲା ଅଲି ଖାମନେଇଙ୍କ ମୃତ୍ୟୁ ଘଟିଥିଲା। ଏହାର ଜବାବରେ ଇରାନ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେଇଛି। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଯୋଗାଣ ଏହି ମାର୍ଗ ଦେଇ ହୋଇଥାଏ। ଏହି କାରଣରୁ ବିଶ୍ୱ ବଜାରରେ ଆଶୋଧିତ ତୈଳ ଦଳର ବ୍ୟାରଲ ପିଛା ୨୦୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି।

## ୬ ବିଧାୟକଙ୍କୁ...

ଦଳର ସମ୍ବିଧାନ ଓ ନିୟମ ଅନୁଯାୟୀ ଯଥୋଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ୱତନ୍ତ୍ର ରହିବ ବୋଲି କୁହାଯାଇଛି। ବିଜେଡି ବିଧାୟକ ଦଳ ବୈଠକରେ ଦଳୀୟ ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଓ ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କ ସପକ୍ଷରେ ଭୋଟ ଦେବାକୁ ନିଷ୍ପତ୍ତି ହୋଇଥିଲା। ଏହାକୁ ଦଳର ସବୁ ବିଧାୟକ ମାନିବା ପାଇଁ ତିନି ଧାଡ଼ିଆ ହ୍ୱିପ୍ ଜାରି ହୋଇଥିଲା। ମାତ୍ର ଦଳୀୟ ନିର୍ଦ୍ଦେଶକୁ ଭାଙ୍ଗି ସୁବାସିନୀ ଜେନା, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ରମାକାନ୍ତ ଭୋଇ, ନବ ମଲ୍ଲିକ ଓ ଚକ୍ରମଣି କହଁର ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ କ୍ରସ ଭୋଟିଂ କରିଥିଲେ । ନବୀନ ନିବାସରେ ୩ ଦିନ ଧରି ଏ ସଂକ୍ରାନ୍ତରେ ନିରନ୍ତର ବୈଠକ ହୋଇଥିଲା। ଚକ୍ରମଣି ଓ ନବଙ୍କ ବ୍ୟତୀତ ଅନ୍ୟ ୪ ଜଣ ବିଧାୟକ ଏହି ବୈଠକରେ ଯୋଗ ଦେଇଥିଲେ । ସୁବାସିନୀ ଦଳର ନିଷ୍ପତ୍ତି ମାନିବେ ବୋଲି ଗଣମାଧ୍ୟମକୁ କହିଥିଲେ, ରମାକାନ୍ତ ଭୋଇ ଲୁଙ୍ଗି ପିନ୍ଧି ଅନ୍ୟ ବିଧାୟକଙ୍କ ସହ ମତଦାନ ପୂର୍ବ ରାତିରେ ଫଟୋ ଉଠାଇଥିଲେ। ଦେବୀରଞ୍ଜନ ଓ ସୌଭିକ ମଧ୍ୟ ଦଳୀୟ ନିଷ୍ପତ୍ତିକୁ ବିରୋଧ କରିବା ପରି କୌଣସି ମତ ମନ୍ତବ୍ୟ ଦେଇ ନ ଥିଲେ । ମାତ୍ର ପରଦିନ ମତଦାନ ବେଳେ ଏହି ୬ ବିଧାୟକ ଦଳ ପିଠିରେ ପଛରୁ ଛୁରୀ ମାରି କ୍ରସ ଭୋଟିଂ କରିଥିଲେ । ଯାହା ଫଳରେ ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କ ପରାଜିତ ହୋଇଥିଲେ ଓ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ବିଜୟ ସୁଗମ ହୋଇଥିଲା । ଯାହାକୁ ନେଇ ସମ୍ପୃକ୍ତ ବିଧାୟକମାନଙ୍କ ବିରୋଧରେ ସେମାନଙ୍କ ନିର୍ବାଚନମଣ୍ଡଳୀରେ ଅସନ୍ତୋଷ ତୀବ୍ର ରୂପେ ନେଇଛି । ସେମାନଙ୍କୁ ଦଳରୁ ବହିଷ୍କାର କରିବା ପାଇଁ ଦାବି ତେଜିଛି ।

ଜାରି ନୋଟିସରେ କୁହାଯାଇଛି ଯେ ବିଜୁ ଜନତା ଦଳ ଟିକେଟରୁ ଆପଣ ବିଧାୟକ ଭାବରେ ନିର୍ବାଚିତ ହୋଇଛନ୍ତି। ତେବେ ଗତ ୧୬ ତାରିଖରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନ ସମୟରେ ଆପଣ ଏପରି ଆଚରଣ କରିଛନ୍ତି ଯାହା ବିଜୁ ଜନତା ଦଳର ଗଭୀର ଅନୁଶାସନ ଭଙ୍ଗ ସହ ଦଳ ଆପଣଙ୍କ ଉପରେ ରଖିଥିବା ବିଶ୍ୱାସକୁ ଭାଙ୍ଗିଥିବା ନେତୃତ୍ୱଙ୍କ ନଜରକୁ ଆସିଛି। ଆପଣମାନେ ଦଳ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ଏବଂ ୧୫ ତାରିଖରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ ଉଲ୍ଲଘଂନ କରିଛନ୍ତି। ଆପଣଙ୍କ ଏହି ଆଚରଣ ବିଜେଡି ସମ୍ବିଧାନର ମୂଳ ସିଦ୍ଧାନ୍ତର ଉଲ୍ଲଙ୍ଘନ କରୁଛି। ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ ଆପଣ ଉପରୋକ୍ତ ନିର୍ଦ୍ଦେଶକୁ ବିରୋଧ କରି ବିଜୁ ଜନତା ଦଳ ଦ୍ୱାରା ସମର୍ଥିତ ନଥିବା ଏକ ପ୍ରାର୍ଥୀଙ୍କୁ ଭୋଟ୍ ଦେଇଛନ୍ତି। ରାଜ୍ୟସଭା ନିର୍ବାଚନରେ ଦଳର ଅଧିକୃତ ପ୍ରତିନିଧିଙ୍କ ସମ୍ମୁଖରେ ଆପଣଙ୍କ ଦ୍ୱାରା ପ୍ରଦର୍ଶିତ ବାଲଟ୍ ବାଧ୍ୟତାମୂଳକ ପ୍ରଦର୍ଶନ ଦ୍ୱାରା ଏହା ପ୍ରମାଣିତ ହୋଇସାରିଛି। ଏହି ଆଚରଣ ଗମ୍ଭୀର ଅନୁଶାସନହୀନତା, ଦଳୀୟ ବିଶ୍ୱାସର ଭଙ୍ଗ ଏବଂ ବିଜୁ ଜନତା ଦଳର ଶୃଙ୍ଖଳା ପ୍ରତି ସ୍ପଷ୍ଟ ଭାବେ ହାନୀକାରକ ଅଟେ। ଏହା ଆପଣଙ୍କୁ ଦଳର ସଦସ୍ୟତା ସ୍ୱେଚ୍ଛାରେ ତ୍ୟାଗ କରିବା ସହ ସମାନ ବିବେଚନା କରାଯାଉଛି ବୋଲି ଶ୍ରୀମତି ମଲ୍ଲିକ ନୋଟିସରେ ଉଲ୍ଲେଖ କରିଛନ୍ତି। ଆପଣଙ୍କ ଉପରିଲିଖିତ ଆଚରଣ ପ୍ରାଥମିକ ଭାବରେ ଏହା ପ୍ରମାଣ କରୁଛି ଯେ ଆପଣ ଯେଉଁ ରାଜନୈତିକ ଦଳର ଟିକେଟରୁ ନିର୍ବାଚିତ ହୋଇଥିଲେ ତାହାର ସଦସ୍ୟତା ସ୍ୱେଚ୍ଛାରେ ତ୍ୟାଗ କରିଛନ୍ତି। ତେଣୁ ଧାର୍ଯ୍ୟ ସମୟ ମଧ୍ୟରେ ଉତ୍ତର ରଖିବାକୁ ଶ୍ରୀମତି ମଲ୍ଲିକ ନୋଟିସରେ ଉଲ୍ଲେଖ କରିଛନ୍ତି।

## କଂଗ୍ରେସରୁ ୩...

ନିର୍ଦ୍ଦେଶକ୍ରମେ ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କୁ ଭୋଟ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଦଳୀୟ ନିର୍ଦ୍ଦେଶକୁ ଅବମାନନା କରି ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ମୋହନା ବିଧାୟକ ଦାଶରଥି ଗମାଙ୍ଗୋ ଓ ବାରବାଟୀ କଟକ ବିଧାୟିକା ସୋଫିଆ ଫିରଦୋସ ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇଛନ୍ତି। ଏଆଇସିସି ନିର୍ଦ୍ଦେଶକ୍ରମେ ଏହି ବିଧାୟକମାନଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ଶ୍ରୀ ପାଢ଼ୀ କହିଛନ୍ତି ।

ପିସିସି ମିଡିଆସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ଯେ କ୍ରସ ଭୋଟିଂ କରିଥିବା ୩ ବିଧାୟକଙ୍କ ଏଭଳି ଆଚରଣ ଅକ୍ଷମଣୀୟ। ନିଜକୁ କଂଗ୍ରେସର ସଚ୍ଚା ରକ୍ଷକ ବୋଲି ବାହାସ୍ଫୋଟ ମାରୁଥିବା ନେତା ଗାଇଗୋରୁଙ୍କ ଭଳି ବିଜେପି ନିକଟରେ ବିକ୍ରୀ ହୋଇଗଲେ। ଦଳର ସର୍ବୋଚ୍ଚ ନେତା ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେଙ୍କୁ ଏହି ବିଧାୟକମାନେ ଭେଟିବାପାଇଁ ଗଲେ ନାହିଁ। କଂଗ୍ରେସ ଟିକେଟ ଓ ଦଳୀୟ ସହଯୋଗ ବଳରେ ନିର୍ବାଚନୀ ବୈତରଣୀ ପାର ହୋଇଥିବା ବିଧାୟକଙ୍କ ଏତାଦୃଶ କାର୍ଯ୍ୟ କେବେବି କ୍ଷମଣୀୟ ନୁହେଁ। ଯେଉଁମାନଙ୍କମାନଙ୍କ ଚୋରା ଓ ଦୁର୍ନିତୀଯୁକ୍ତ କାରବାର ଅଛି, ସେମାନେ ଶାସକ ଦଳକୁ ସମର୍ଥନ କରିବାକୁ ବାଧ୍ୟ। ତେବେ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେବାପାଇଁ କେତେ କୋଟି ଟଙ୍କା ନେଇଛନ୍ତି ତାହା ନିଜ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ପାଖରେ ପ୍ରକାଶ କରନ୍ତୁ ବୋଲି ସେ କହିଛନ୍ତି। ବର୍ତ୍ତମାନ ସେମାନଙ୍କୁ ନିଲମ୍ବନ କରାଯାଇଛି ଆଗକୁ ସଭ୍ୟପଦ ରଦ୍ଦ ପାଇଁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି। ପୂର୍ବରୁ ଶରଦ ଯାଦବଙ୍କ ସଭ୍ୟ ପଦ ରଦ୍ଦ ହୋଇଛି। ପୁନଶ୍ଚ ଦଳର ଅନ୍ୟ ବିଧାୟକମାନଙ୍କୁ କୋଟି କୋଟି ଟଙ୍କାର ପ୍ରଲୋଭନ ସତ୍ତ୍ୱେ ସେମାନେ ନିଜ ନୈତିକତାକୁ ବଜାୟ ରଖିଛନ୍ତି ଏବଂ ଦଳର ନିର୍ଦ୍ଦେଶକୁ ସମ୍ମାନ କରିଥିବାରୁ ଦଳ ସେମାନଙ୍କୁ ଧନ୍ୟବାଦ ଜଣାଇଛି ବୋଲି ସେ କହିଛନ୍ତି ।

**କଟକ ନଗର କଂଗ୍ରେସ ସଭାନେତ୍ରୀ ଗିରିବାଳା ବେହେରା ବହିଷ୍କୃତ**

## ଓଡ଼ିଶାରେ ବଢୁଛି...

ଭାରତକୁ 'କଂଟ୍ରି ଅଫ୍ ପର୍ଟିକୁଲାର କନର୍ସନ' ତାଲିକାରେ ଦର୍ଶାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ଭାରତରେ ଧାର୍ମିକ ସ୍ୱାଧୀନତା କ୍ଷୁଣ୍ଣ ହେବାରେ ଲାଗିଛି। ଦେଶରେ ସଂଖ୍ୟାଲଘୁ ସଂପ୍ରଦାୟ ଏବଂ ସେମାନଙ୍କର ଧର୍ମପୀଠକୁ ସରକାର ଟାର୍ଗେଟ କରୁଛନ୍ତି। ଏଥିରେ ଓଡ଼ିଶା, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡ ଭଳି ରାଜ୍ୟ କଥା ଉଲ୍ଲେଖ କରାଯାଇଛି। କୁହାଯାଇଛି ଯେ ଏହି ରାଜ୍ୟରେ ଯେଉଁ ସାଂପ୍ରଦାୟିକ ହିଂସା ବୃଦ୍ଧି ପାଇବାରେ ଲାଗିଛି ତା ପଛରେ ବିଶ୍ୱ ହିନ୍ଦୁ ପରିଷଦର ହାତ ରହିଛି। ଏହାକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ରହିଛନ୍ତି। ଆରଏସଏସ୍ ଭଳି ସଂଗଠନ ଉପରେ କଟକଣା ଲଗାଇବା ଲାଗି ଭାରତ ସରକାର ଉପରେ ଚାପ ପକାଇବାକୁ କୁହାଯାଇଛି। ଏହାକୁ ଭାରତ ସହିତ ଅସ୍ତ୍ର ବିକ୍ରି ଯୋଡ଼ିବାକୁ ସୁପାରିସ କରାଯାଇଛି। ତେବେ ଏହି ରିପୋର୍ଟ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଭାରତ ସରକାର। ବୈଦେଶିକ ବିଭାଗର ମୁଖପାତ୍ର କହିଛନ୍ତି ଯେ ଏହି କମିସନ ତଥ୍ୟ ହେଉଛି ଭ୍ରମାତ୍ମକ। ସନ୍ଦେହଜନକ ଉତ୍ସ ଏବଂ ମନଗଢ଼ା କାହାଣୀ ଉପରେ ନିର୍ଭର କରି ଭାରତକୁ ବଦନାମ କରିବାକୁ ଚେଷ୍ଟା କରାଯାଇଛି। ଏହି କମିସନ ଗତ କିଛି ବର୍ଷ ହେଲା ଭାରତ ବିରୋଧରେ ଏକ ବିକୃତ ଚିତ୍ର ଉପସ୍ଥାପନ କରିବାରେ ଲାଗିଛି। ଏହି ରିପୋର୍ଟରେ ଭାରତ ପ୍ରତି ଉଦ୍ଦେଶ୍ୟମୂଳକ ଏବଂ ପକ୍ଷପାତପୂର୍ଣ୍ଣ ଆଭିମୁଖ୍ୟକୁ ସମ୍ପୂର୍ଣ୍ଣ ଭାବେ ଆମେ ଖଣ୍ଡନ କରୁଛୁ। ବାରମ୍ବାର ଏଭଳି ମିଥ୍ୟା ରିପୋର୍ଟ ପ୍ରକାଶ ହେବା ଦ୍ୱାରା କେବଳ କମିସନର ନିଜସ୍ୱ ବିଶ୍ୱସନୀୟତା ଦୁର୍ବଳ ହେଉଛି ବୋଲି ସେ କହିଛନ୍ତି।

## ବିଶ୍ୱବ୍ୟାଙ୍କର ଋଣୀ...

ୟୁକ୍ରେନ ବିଶ୍ୱବ୍ୟାଙ୍କରୁ ନୂଆ ଋଣ ନେଇନାହିଁ। ପୂର୍ବପରି ଏହି ଦେଶ ଉପରେ ୧୬.୬ ବିଲିୟନ୍ ଡଲାରର ଋଣ ରହିଛି।

ବିଶ୍ୱ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, ଉଚ୍ଚମଧ୍ୟମ ଆୟବର୍ଗକୁ ଉନ୍ନୀତ ହେଉଥିବା ଦୃଷ୍ଟିରୁ ଚୀନର ଋଣ ପରିମାଣ କମୁଛି ଏବଂ ବ୍ରାଜିଲର ଋଣ ସ୍ଥିର ରହିଛି। ଏହି ଦୁଇ ଦେଶ ଘରୋଇ ପୁଞ୍ଜି ବଜାରରୁ ଉତ୍ତମ ଭାବେ ପରିଚାଳନା କରିବାକୁ ସକ୍ଷମ ହୋଇଛନ୍ତି ବୋଲି ବିଶ୍ୱବ୍ୟାଙ୍କ ପକ୍ଷରୁ କୁହାଯାଇଛି ।


13001/664/2526

**OFFICE OF THE MUNICIPAL COUNCIL: DEOGARH**
**e-mail: co-deogarhmcnp@gov.in**
**Notice No.: 796/DM, Dt. 16/03/2026**
**Corrigendum notice to tender call notice No-627/DM, DT. 05.03.2026**

Key Correction made in the notice for the work — Privatization of Sanitation work Deogarh Municipal Council for ward no.- 01 to 11.

1. The Financial bid document in column no-3 may be read as the quantity of sweeper (unskilled) – 104 nos. instead of sweeper unskilled.
2. The Financial bid document in column no-4 & 5 may be blanked instead of 83 and 462 respectively.
3. In criteria and general instruction to tender in point no-18:Read as the workers should not be below 18 years and above 60 years instead of not below 18 years and above 50 years.
4. All other terms and conditions remain unchanged.

**Executive Officer**
**Deogarh Municipality**

OIPR-13001/13088/1/25-26/0022

32001/208/2526

**Office of the Superintending Engineer**
**Earth Dam Division**
At/Po: Chitrakonda, Dist. Malkangiri
E-mail: executiveengineereddckd@gmail.com

**QUOTATION CALL NOTICE NO: 02/2025-26 (Vehicle)**

Sealed quotations are invited from interested reputed service provider for providing 01 (One) no. of (1) AC Diesel/Petrol driven vehicle (Scorpio/Creta/Mahindra Marazzo) for Chief Construction Engineer, Potter Irrigation Project, Balimela;(2) AC Diesel/Petrol Driven vehicle (TUV300/Bolero/Sumo Gold/Ertiga) for Superintending Engineer, Earth Dam Division, Chitrakonda;(3) AC Diesel/Petrol Driven vehicle (Bolero) for Sub-Divisional Officer, Earth Dam Sub-Division No. I & II, Chitrakonda;(4) AC Diesel/Petrol Driven vehicle (Bolero) for Sub-Divisional Officer, Earth Dam Sub-Division No. III, Malkangirifor the year 2026-27 (Period from 01.04.2026 to 31.03.2027) for official use having seating capacity not more than ten including driver, which shall conform to the Terms and Conditions (Annexure-II) on monthly rent basis.The bidder(s) can furnish offer for one or more vehicles, but separate application form for individual vehicle should be furnished.

1. The application form of quotation containing General Bid Information & Terms and conditions for hiring of vehicles etc. will be available with the cashier of this office and can be obtained from 20.03.2026 from 10.00 A.M. to 26.03.2026 up to 5.00 P.M. on working days during working hours on payment of Rs.100/- (one hundred) only per set.
2. The completed quotation in all respect should reach the undersigned on or before 30.03.2026 by 1.30 P.M. and shall be opened on same day at 4.00 P.M.
3. The authority reserves the rights to reject any or all quotations without assigning any reason thereof.
4. Further details can be seen in the website Govt. of Odisha: www.odisha.gov.in

**Superintending Engineer**
**Earth Dam Division, Chitrakonda**

OIPR-32001/32019/1/25-26/0004

ସକାଳ
THE SAKALA



# ନୂଆଗାଁରେ କୃଷକ ମେଳା ଓ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ



ଜଗତସିଂହପୁର/ବାଲିକୁଦା,୧୭।୩(ସମିସ)

ଉନ୍ନତ କୃଷି ଯନ୍ତ୍ରପାତିର ବହୁଳ ବ୍ୟବହାରକୁ ପ୍ରୋତ୍ସାହନ ଦେବା ପାଇଁ ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକର ନୂଆଗାଁ ଗ୍ରାମରେ ମଙ୍ଗଳବାର ଏକ କୃଷକ ମେଳା ଓ କୃଷି ଯନ୍ତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। କୃଷିଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ, ଓୟୁଏଟି ଭୁବନେଶ୍ୱରର ୪ଟି ସର୍ବଭାରତୀୟ ସମନ୍ୱିତ ଗବେଷଣା ପ୍ରକଳ୍ପ ଓ କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁରର ସଂଯୁକ୍ତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ପ୍ରଫେସର ମାର୍କଣ୍ଡେୟ ମହାପାତ୍ର (କୃଷି ଯନ୍ତ୍ରପାତି ଓ ଶକ୍ତି) ଯୋଗଦେଇ କୃଷି କ୍ଷେତ୍ରରେ ଉନ୍ନତ ଯନ୍ତ୍ରପାତି ବ୍ୟବହାର ଦ୍ୱାରା ଶ୍ରମ ସଞ୍ଚୟ ଓ ଉତ୍ପାଦନ ବୃଦ୍ଧି ସମ୍ଭବ ବୋଲି ଉଲ୍ଲେଖ କରିଥିଲେ। ପ୍ରଫେସର ପ୍ରଦୀପ୍ତ କୁମାର ସାହୁ (ଅକ୍ଷୟ ଶକ୍ତି) ଶକ୍ତି ସଞ୍ଚୟ ଓ ସୌର ଶକ୍ତି ଆଧାରିତ କୃଷି ଯନ୍ତ୍ରପାତି ବ୍ୟବହାର ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଉମାଶଙ୍କର ପାଳ (ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ) ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ଯନ୍ତ୍ରପାତି ଦ୍ୱାରା କୃଷକମାନଙ୍କ ଆୟ ବୃଦ୍ଧି କରିପାରିବ ବୋଲି କହିଥିଲେ। ସହକାରୀ ପ୍ରଫେସର ଅନୁପ କୁମାର ବେହେରା ଓ ଡ. ଦ୍ୱାରିକା ମୋହନ ଦାସ ବିଭିନ୍ନ କୃଷି ଯନ୍ତ୍ରପାତି, ବିଶେଷକରି ପମ୍ପ ସେଟ୍‌ର ସୁରକ୍ଷିତ ବ୍ୟବହାର ଓ ରକ୍ଷଣାବେକ୍ଷଣ ବିଷୟରେ ବିସ୍ତାରିତ ଆଲୋଚନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଜୀବନଜିତ ସେନ୍ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକଳାପ ଓ କୃଷକମାନଙ୍କ ପାଇଁ ଚାଲୁଥିବା ବିଭିନ୍ନ ପ୍ରଶିକ୍ଷଣ କାଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଡ. ପ୍ରଦୀପ୍ତ ମାଝୀ (ମୃତ୍ତିକା ବିଜ୍ଞାନୀ), ଦେବାଶିଷ ପଣ୍ଡା (ଉଦ୍ଭିଦ ସୁରକ୍ଷା ବିଜ୍ଞାନୀ) ଓ ସସ୍ମିତା ପୁରୋହିତ (ଗୃହ ବିଜ୍ଞାନୀ) କୃଷିର ବିଭିନ୍ନ ପ୍ରାସଙ୍ଗିକ ଦିଗ ଉପରେ ଚାଷୀମାନଙ୍କୁ ଜଣାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଦ୍ୟୁତ ସୁରକ୍ଷା ଓ ଶକ୍ତି ଚାଳିତ ପମ୍ପ ବ୍ୟବହାର ଉପରେ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉର୍ଜା ବିଭାଗ, ଜଗତସିଂହପୁରର ସହକାରୀ ନିର୍ବାହୀ ଯନ୍ତ୍ରୀ ଇ.ଆୟେଶ ମହାନ୍ତି ଯୋଗଦେଇ ବିଦ୍ୟୁତ ସୁରକ୍ଷା ବିଷୟରେ ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସ୍ଥାନୀୟ କୃଷକ ଓ ସାମାଜିକ କର୍ମୀ ଯଥା- ଦେବେନ୍ଦ୍ର କୁମାର ତ୍ରିପାଠୀ, ଶରତ କୁମାର ରାଉତ, ଚାଷୀ ନେତା ଦୁର୍ଗାଚରଣ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବାଲିକୁଦା ପିପଲସ୍ ଆସୋସିଏସନର ମୁଖ୍ୟ, ପ୍ରମୋଦ କୁମାର ବିଶ୍ୱାଳ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ୬ ଜଣ ସଫଳ ଚାଷୀ ଓ ୩ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଥିଲା। ଅଞ୍ଚଳର ଶତାଧିକ ଚାଷୀ ଯୋଗଦେଇ ବିଭିନ୍ନ ଉନ୍ନତ କୃଷି ଯନ୍ତ୍ରପାତି ଯଥା- ମଞ୍ଜି ବୁଣା ଯନ୍ତ୍ର, ଧାନ ରୁଆ ଯନ୍ତ୍ର, ଘାସ ବଛା ଯନ୍ତ୍ର, ପାୱାର ଟିଲର୍, ପମ୍ପ ସେଟ୍ ଓ ଡ୍ରୋନ ଆଦିକୁ ବୁଲି ଦେଖିଥିଲେ ଓ ଏହାର ବ୍ୟବହାର ବିଷୟରେ ଜାଣିଥିଲେ।

# ମାଛଗାଁ ଯାଦବ ସଂଘ ପକ୍ଷରୁ କାଠି ଲଉଡ଼ି ଉତ୍ସବ



ବାଲିକୁଦା,୧୭।୩(ସମିସ): ବାଲିକୁଦା ବ୍ଲକ୍ ଅନ୍ତର୍ଗତ ମାଛଗାଁ ଯାଦବ ସଂଘ ପକ୍ଷରୁ ବାର୍ଷିକ କାଠି ଲଉଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଏକ ବିଶେଷଧରଣର କାଠି ଲଉଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜଗତସିଂହପୁର ଜିଲାର ଖମ୍ବାକୁଳ, ମଠସାହି, ବୋଇତକୁଦ, ପାରାଦୀପ-ଭୁତମୁଣ୍ଡାଇ, ବାଘୁଆବାରୀ, ବ୍ରାହ୍ମଣବାରୀ, ବଳଭଦ୍ରପୁର, ରାହାଣ, ଅରଜଙ୍ଗ, ଗହୀରପଡ଼ା, କୁସୁପୁର ପ୍ରଭୃତି ଅଞ୍ଚଳରୁ ଲଉଡ଼ି ସଂଗଠନ ମାନେ ଯୋଗଦେଇ ସେମାନଙ୍କର ଲଉଡ଼ି ପ୍ରଦର୍ଶନ କରିଥିଲେ। ଯାଦବ ସମାଜର ଏହି କାଠି ଲଉଡ଼ି ପ୍ରତିଯୋଗିତା କାହିଁ କେଉଁ କାଳରୁ ଏକ ଆଧ୍ୟାମିକ ପରମ୍ପରା ବହନ କରେ ବୋଲି ଉପସ୍ଥିତ ଅତିଥିମାନେ କହିବା ସହିତ ଏହାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଲଉଡ଼ି କାର୍ଯ୍ୟକ୍ରମରେ ଉତ୍କଳ ଯାଦବ ମହାସଭାର ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ବାଲିକୁଦା ବ୍ଲକ ଯାଦବ ମହାସଭାର ସଂଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, ବାଲିକୁଦା ବ୍ଲକ ଯାଦବ ମହାସଭାର ସଭାପତି ଧର୍ମାନନ୍ଦ ଦାସ, ବୀରବର ଦାସ, ସୌମେନ୍ଦ୍ର କୁମାର ଦାସ, ବିଶିଷ୍ଟ ଶିକ୍ଷାବିତ ଅରୁଣ କୁମାର ମହାନ୍ତି, ସମିତିସଭ୍ୟ ନିରଞ୍ଜନ ଦାସ, ଶିବ ସ୍ୱାଇଁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ କାଠି ଲଉଡ଼ି ପ୍ରତିଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀଚରଣ ବେହେରା, ନରେଶ ଦାସ, ନିତ୍ୟାନନ୍ଦ ବେହେରା, ସୁରେଶ ଦାସ, ଜିତେନ୍ଦ୍ର ବେହେରା, ବିକାଶ ଦାସ, ସର୍ବେଶ୍ୱର ବେହେରା, ପ୍ରକାଶ ବାହାଲିଆ, ମହାଦେବ ବେହେରା, ସୁକାନ୍ତ ଦାସ, ଛବି ଦାସ, ପ୍ରଶାନ୍ତ ଦାସ, ରବିନ୍ଦ୍ର ଦାସ, ମାନସ ମାଣିଆ, ଦିଲୀପ ବେହେରା ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିଲେ।

# ଜନାପାଳରେ ନାମଯଜ୍ଞ ଓ ନଗର ସଂକୀର୍ତ୍ତନ



କୁଜଙ୍ଗ,୧୭।୩(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତ ଜନାପାଳ ଗ୍ରାମରେ ପ୍ରତି ବର୍ଷ ପରି ଚଳିତ ବର୍ଷ ଦୁଇଦିନିଆ ନାମଯଜ୍ଞ ଓ ହରି ହାଟ ସହ ନଗର ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଜନାପାଳ ଛକରେ ଦୀର୍ଘ ୩୬ ବର୍ଷ ଧରି ଏହି ଦୁଇଦିନିଆ ଅଷ୍ଟ ପ୍ରହରନାମ ଯଜ୍ଞ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ରଙ୍ଗ ବେରଙ୍ଗର ଆଲୋକମାଳା ସହ ସନ୍ଧ୍ୟାରେ ଅନୁଷ୍ଠିତ ସଂକୀର୍ତ୍ତନରେ ଆଖପାଖ ଅଞ୍ଚଳରୁ ମହିଳା ସଂକୀର୍ତ୍ତନ ଦଳ ସହ ୧୦ରୁ ଊର୍ଦ୍ଧ୍ୱ ଦଳ ଭାଗ ନେଇଥିଲେ। ମା' ଗଜଲକ୍ଷ୍ମୀଙ୍କ ଗୃହ ସମ୍ମୁଖରେ ଯୁବ କ୍ରୀଡ଼ାବିତ ମହେନ୍ଦ୍ର ଦାସ (ଲକି) ଏହି ନାମ ଯଜ୍ଞରେ କର୍ତ୍ତା ରୂପେ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ନଗର ସଂକୀର୍ତ୍ତନ ଓ ହରି ହାଟରେ ଗ୍ରାମ ସମସ୍ତ ମୁରବୀ ମହିଳାମାନେ ଭାଗ ନେଇଥିଲେ। ହାତୀକନା ମଠ ମହନ୍ତ ବାବା ଭଗବାନ ଦାସଙ୍କ ପୌରୋହିତ୍ୟରେ ଏହି ଯଜ୍ଞରେ ସ୍ଥାନୀୟ ଗ୍ରାମର ସଙ୍କୀର୍ତ୍ତନ ଦଳ ଅଧିବାସ କରିବା ସହ ଗ୍ରାମରେ ରବି ବାର ଓ ସୋମବାର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ରବିବାର ଉଦ୍‌ଯାପନ ସନ୍ଧ୍ୟାରେ ଦହି ହାଣ୍ଡି ଭଙ୍ଗା ସହ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମାଇଥିଲେ।

# 'ଶିଶୁ ଅନୁକୂଳ ପୁଲିସ ଥାନା' ଉଦ୍‌ଘାଟିତ



ପାରାଦୀପ,୧୭।୩(ସମିସ): ପାରାଦୀପ ଲକ୍ ଥାନାରେ ଏକ "ଶିଶୁ ଅନୁକୂଳ ପୁଲିସ ଥାନା' ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମା, ପାରାଦୀପ ଅତିରିକ୍ତ ଏସ୍‌ପି ସ୍ମୃତି ରଞ୍ଜନ କର, ଜଗତସିଂହପୁର ଏସ୍‌ଡିପିଓ ଆଜୀଙ୍କିୟ ମାଣେ ଓ ଲକ୍ ଥାନା ଆଇଆଇସି ରଶ୍ମି ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ପୂର୍ବତନ ସମିତିସଭ୍ୟ ଚନ୍ଦ୍ରକାନ୍ତ ସ୍ୱାଇଁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗ ଦେଇଥିଲେ। ଏହି "ଶିଶୁ ଅନୁକୂଳ ପୁଲିସ ଥାନା' ଷ୍ଟେସନର ଉଦ୍ଦେଶ୍ୟ ହେଉଛି ଛୋଟ ପିଲାମାନଙ୍କ ମନରେ ଥିବା ପୁଲିସ ପ୍ରତି ଭୟକୁ ଦୂରକରିବା। ଯାହା ଦ୍ୱାରା ସମାଜରେ ଘଟୁଥିବା ବିଭିନ୍ନ ଅପରାଧ ସମ୍ପର୍କରେ ପୁଲିସ ସହଜରେ ଖବର ପାଇବା ସହିତ ତ୍ୱରିତ କାର୍ଯ୍ୟାନୁଷ୍ଠାନରେ ସହାୟକ ହେବ। ଏଥିସହିତ ବିଭିନ୍ନ ଅପରାଧରେ ଜଡ଼ିତ ହେଉଥିବା ଛୋଟ ପିଲାମାନଙ୍କୁ ଏହି "ଶିଶୁ ଅନୁକୂଳ ପୁଲିସ ଥାନା' ମାଧ୍ୟମରେ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଆଣିବା ହେଉଛି ଏହାର ମୂଳ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ସହିତ ପୁଲିସ ଅଧିକାରୀ ମାନେ ଆଲୋଚନା କରିବା ସହିତ ସେମାନଙ୍କୁ ଅପରାଧିକ କାର୍ଯ୍ୟକଳାପ ଏବଂ ଏହାର ପ୍ରତିରୋଧ ସମ୍ପର୍କରେ ମଧ୍ୟ ସଚେତନ କରାଯାଇଥିଲା।

# ଜେଏସ୍‌ଡବ୍ଲୁ ପକ୍ଷରୁ ଜାତୀୟ ସୁରକ୍ଷା ଦିବସ





ପାରାଦୀପ, ୧୭।୩ (ସମିସ): ୨୭ ଫେବୃଆରୀରୁ ୬ ମାର୍ଚ୍ଚ ପର୍ଯ୍ୟନ୍ତ ଜେଏସଡବ୍ଲୁ ପାରାଦୀପ ସାଇଟରେ ମେସର୍ସ ଚେନ୍ନାଇ ରାଧା ଇଞ୍ଜିନିୟରିଂ ୱାର୍କସ (ପ୍ରା) ଲିମିଟେଡ୍ ପକ୍ଷରୁ ୫୫ତମ ଜାତୀୟ ସୁରକ୍ଷ ଦିବସକୁ ସଫଳତାର ସହିତ ପାଳନ କରାଯାଇଛି। କର୍ମଚାରୀ, ପରିଚାଳନା ସଦସ୍ୟ ଏବଂ ସୁରକ୍ଷା ଅଧିକାରୀ ମାନେ ଏହି କାର୍ଯ୍ୟକଳାପରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ।ସମସ୍ତ କାର୍ଯ୍ୟକ୍ରମକୁ କ୍ରିୟୁ ଲେଡିଜ୍ କ୍ଲବ୍ - ପାରାଦୀପ ୟୁନିଟ୍ ଦ୍ୱାରା ଦକ୍ଷତାର ସହିତ ପରିଚାଳିତ କରାଯାଇଥିଲା। ୫୫ତମ ଜାତୀୟ ସୁରକ୍ଷା ଦିବସ "ଗ୍ରାଣ୍ଡ ସେଲିବ୍ରେସନ' ସମାପନ ସମାରୋହ ଜେଏସଡବ୍ଲୁ-ପିଇକ୍ୟୁ ସିଟିପିଏଲ୍ ସାଇଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ, "ସୁରକ୍ଷା ମହଲ' ଶୀର୍ଷକ ଏକ ସୁରକ୍ଷା ସଙ୍ଗୀତ କାର୍ଯ୍ୟକ୍ରମ ଏବଂ ଏକ ସୁରକ୍ଷା ସଚେତନତା ନାଟକ "ନୁକ୍କଡ ନାଟକ' ସମେତ ଅନେକ ମଞ୍ଚ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଭିଆର୍ ରାମୁ (ନିର୍ଦ୍ଦେଶକ-କ୍ରିୟୁପିଏଲ) ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜେଏସଡବ୍ଲୁ ୟୁନିଟ ହେଡ କ୍ୟାପ୍ଟେନ ସିଦ୍ଧାର୍ଥ ଶୁକ୍ଲ, ଜେଏସଡବ୍ଲୁ ଭିପି (ସେଫ୍‌ଟି) ଗଜେନ୍ଦ୍ର ଚନ୍ଦ୍ର ବିଶୋଇ, ଜେଏସଡବ୍ଲୁ ହେଡ (ଓଆଣ୍ଡଏମ୍) ସନ୍ଦୀପକୁମାର ମିଶ୍ର, ବନ୍ଦରର ହେଡ୍ କ୍ରାଇମ କେସି ମୁଣ୍ଡ, ଇନ୍ସପେକ୍ଟର ଇନ୍‌ଚାର୍ଜ (ସିଆଇଏସଏଫ) ପିଣ୍ଟୁ କୁମାର ଏବଂ ପାରାଦୀପ ଆଡିସିନାଲ ଏସ୍‌ପି ସ୍ମୃତିରଞ୍ଜନ କର ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବ ପାଳନର ଏକ ଅଂଶ ଭାବରେ, ପିପିଇ ପ୍ରଦର୍ଶନ ଷ୍ଟେଲ୍, ଅଗ୍ନି ନିର୍ବାପନ ପ୍ରଦର୍ଶନ ଷ୍ଟିଲ୍, ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଏବଂ ସୁରକ୍ଷା ଉପକରଣ ମଡ୍ୟୁଲ୍ ଏବଂ ସୁରକ୍ଷା ଚିତ୍ର ପ୍ରଦର୍ଶନ ସମେତ ଅନେକ ସଚେତନତା ଷ୍ଟଲ୍ ବ୍ୟବସ୍ଥା କରାଯାଇଥିଲା। ସୁରକ୍ଷା ସପ୍ତାହ ସମୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

## ଦୁର୍ଘଟଣା ଛଡ଼ାଇନେଲା ସୁଖ

# ଭୋକ ଉପାସରେ ଦିନ କାଟୁଛନ୍ତି ବୃଦ୍ଧ ଦମ୍ପତି



ପାରାଦୀପ,୧୭।୩(ସମିସ): ଦୁର୍ଘଟଣା ଛଡାଇନେଇଛି ମୁହଁରୁ ହସ। ଗୋଟିଏ ଗୋଡ଼ ଦୁର୍ଘଟଣାରେ କଟିଯିବା ପରେ ଅନ୍ୟ ଗୋଟିଏ ଗୋଡ଼ରେ ଆଶାବାଡି ଧରି ବାଟ ଚାଲୁଥିବା ବେଳେ ସେହି ଗୋଡ଼ଟି ସଂକ୍ରମଣ ହେବାରୁ ତାକୁ ବି କାଟିଦେଲେ ଡାକ୍ତର। ଦୁଇଗୋଡ଼ ହରାଇବା ପରେ ବିଛଣାରେ ବିତୁଛି ଜୀବନ। ସ୍ୱାମୀର ଦୁର୍ଘଟଣା ପରେ ପତ୍ନୀ ଶକୁନ୍ତଳା ଦୁଇଜଣଙ୍କ ପେଟ ପୋଷିବା ପାଇଁ ଭଜା ବାଦାମ, ବୁଟ, ମଟର ଇତ୍ୟାଦି ନେଇ ବାହାରେ ବୁଲି ଦୁଇପଇସା ରୋଜଗାର କରୁଥିଲେ। କିନ୍ତୁ ତାଙ୍କର ବ୍ରେନଷ୍ଟ୍ରୋକ ପରେ ତାହା ମଧ୍ୟ ବନ୍ଦ ହୋଇଯାଇଛି। ଯାହା ଫଳରେ ବୃଦ୍ଧ ଦମ୍ପତି କେବଳ ଭଗବାନଙ୍କୁ ଭରସା କରି ଦିନ କାଟୁଛନ୍ତି। ଯଦି କେହି ଘରକୁ ଆସୁଛି, କିଛି ସାହାଯ୍ୟ କରୁଛି ତା' ହେଲେ କିଛିଦିନ ପେଟକୁ ଆହାର ଯୋଗାଡ଼ ହୋଇଯାଉଥିବା ବେଳେ ପରେ ପୁଣି ସମାନ ଅବସ୍ଥା। ଏହିଭଳି ଦୁଃଖଦାୟକ ଘଟଣା ଦେଖିବାକୁ ମିଳିଛି ପାରାଦୀପ ମ୍ୟୁନିସିପାଲିଟି ୯ ନମ୍ବର ୱାର୍ଡ ବୃନ୍ଦାବନ କଲୋନୀ ପାଞ୍ଚ ନମ୍ବର ଅଞ୍ଚଳରେ।

ଦୀର୍ଘ ତିରିଶ ବର୍ଷ ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଅଞ୍ଚଳର ଶେଷଦେବ ସାହୁ ପାରାଦୀପ ଆସି ଏହି ବୃନ୍ଦାବନ କଲୋନୀରେ ରହି ଦହିବରା ବେପାର କରି ନିଜର ପେଟ ପୋଷଣ କରୁଥିଲେ। ୩ ଝିଅଙ୍କୁ ବିବାହ ଦେବା ପରେ ଦହିବରା ବ୍ୟବସାୟ କରି ଶେଷଦେବ ଓ ପତ୍ନୀ ଶକୁନ୍ତଳା ବାକି ଜୀବନ ହସଖୁସିରେ ଚାଲିଥିଲା। ଥଣ୍ଡା ଜ୍ୱର ପାଇଁ ବଡ଼ପଡ଼ିଆ ମାର୍କେଟରୁ ମେଡ଼ିସିନ ଆଣି ଘରକୁ ଆସୁଥିବା ସମୟରେ ଏକ ଦୁର୍ଘଟଣାରେ ଗୋଟିଏ ଦୁଇଟି ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଡାକ୍ତର ଗୋଟିଏ ଗୋଡ଼ କାଟିଦେଇଥିବା ବେଳେ ଶେଷଦେବ ଘରକୁ ଆସି ଆଶାବାଡି ଧରି ଯା' ଆସ କରୁଥିଲେ। ସ୍ୱାମୀଙ୍କ ଦୁର୍ଘଟଣା ପରେ ପତ୍ନୀ ଶକୁନ୍ତଳା ଘରେ ବାଦାମ, ମଟର ଭାଜି ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବୁଲି ବ୍ୟବସାୟ କରିବା ଦ୍ୱାରା କିଛି ମାତ୍ରରେ ପରିବାର ଚାଲୁଥିଲା। ତେବେ ହଠାତ ଶକୁନ୍ତଳାଙ୍କୁ ବ୍ରେନ୍‌ଷ୍ଟ୍ରୋକ ହେବାରୁ ସେ ଘରେ ରହିଯାଇଥିଲେ। ଶେଷଦେବଙ୍କ ଗୋଟିଏ ଗୋଡ଼ କାଟିଥିବା ବେଳେ ଅନ୍ୟ ଗୋଟିଏ ଗୋଡ଼ ଧୀରେ ଧୀରେ ସଂକ୍ରମଣ ହୋଇ ଦୁର୍ଗନ୍ଧ ହେବାରୁ ଡାକ୍ତରକୁ ଦେଖାଇଥିଲେ। ଯାହା ଫଳରେ ଏହି ଗୋଡ଼ କାଟିବାକୁ ଡାକ୍ତର ପରାମର୍ଶ ଦେବା ସହିତ କଟାଯାଇଥିଲା। ଶେଷଦେବ ଦୁଇଟି ଗୋଡ଼ ହରାଇ ଶଯ୍ୟାଶାୟୀ ହୋଇପଡିଥିବା ବେଳେ ଶକୁନ୍ତଳା ମଧ୍ୟ ରୋଗଗ୍ରସ୍ତ। ଯାହା ଫଳରେ ଦୁଇ ଓଳି ପେଟକୁ ଆହାର ଯୋଗାଇବା ଏହି ବୃଦ୍ଧ ଦମ୍ପତିଙ୍କ ପାଇଁ ସ୍ୱପ୍ନ ପାଲଟିଯାଇଛି। ଏହି ଖବର ପାଇବା ପରେ ସ୍ୱେଚ୍ଛାସେବୀ ସଂଗଠନ ଆଦିଶକ୍ତି ପରିବାରର ଅଧକ୍ଷା ଡ. ବନ୍ଦିତା ପଟ୍ଟନାୟକଙ୍କ ସହିତ ସମସ୍ତ ସଦସ୍ୟ ସଦସ୍ୟାମାନେ ନିଜ ସମ୍ବଳ ଅନୁଯାୟୀ ଏହି ବୃଦ୍ଧ ଦମ୍ପତିଙ୍କୁ ସାହାଯ୍ୟର ହାତ ବଢାଇଛନ୍ତି। ସ୍ୱାମୀ, ସ୍ତ୍ରୀଙ୍କ ଅବସ୍ଥା ଦେଖି ଦୁଃଖ ପ୍ରକାଶ କରିଛନ୍ତି। ଦୁଇଗୋଡ଼ ହରାଇ ଅସହାୟ ଅବସ୍ଥାରେ ଶଯ୍ୟାଶାୟୀ ହୋଇ ପଡ଼ିଥିବା ଶେଷଦେବଙ୍କର ବିକଳାଙ୍ଗ ଭତ୍ତା ବାବଦକୁ ମିଳୁଥିବା ୩୫୦୦ ଟଙ୍କା ପରିବାର ଚାଲିବାର ସମ୍ବଳ ହୋଇଥିବା ବେଳେ ଏହା ସମୁଦ୍ରକୁ ଶଙ୍ଖେ ଭଳି। ଶେଷଦେବଙ୍କୁ ଏକ ବ୍ୟାଟେରୀ ଚଳିତ ଗାଡି ସହାୟତା କରିବା ସହିତ ଦୁଇ ବୃଦ୍ଧ ସ୍ୱାମୀ ସ୍ତ୍ରୀ ଦୁଇଓଳି ଦୁଇମୁଠା ଆହାର ପାଇଁ ପାରାଦୀପର ବଡ଼ ବଡ଼ ଶିଳ୍ପସଂସ୍ଥା ଓ ସମାଜସେବୀ ସଂଗଠନ ମାନେ ସାହାଯ୍ୟ ଓ ସହଯୋଗ କରିବାକୁ ନିବେଦନ କରିଛନ୍ତି।

## ପପୁ ପରିଡ଼ା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ୟୁନିଟ ଇଲେଭେନ ଚାମ୍ପିଅନ





ପାରାଦୀପ, ୧୭/୩ (ସମିସ) : ପାରାଦୀପ ନଗର ବିଜୁ ଜନତା ଦଳ ସହଯୋଗରେ ଦଳର ପୂର୍ବତନ ସାଂସଦଙ୍କ ପ୍ରତିନିଧି ସ୍ୱର୍ଗତ ପପୁ ପରିଡ଼ାଙ୍କ ସ୍ମୃତିରେ ଦୁଇ ଦିନ ଧରି ଆୟୋଜିତ ପପୁ ପରିଡ଼ା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପାରାଦୀପ ପୌର ପରିଷଦର ୨ ନମ୍ବର ୱାର୍ଡ ଗୋପିନାଥ କଲୋନୀର ୟୁନିଟ୍ ଇଲେଭେନ ଚାମ୍ପିଅନ ହୋଇଥିବା ବେଳେ ଷଣ୍ଢକୁଦର ଜିସିସି ରନର୍ସଅପ ହୋଇଥିଲା। ଚାମ୍ପିଅନ ଟିମ୍‌କୁ ମୁଖ୍ୟଅତିଥି ୨୦ ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସଅପ ଟିମ୍‌କୁ ୧୬ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଛି। ତେବେ ଗତକାଲି ରାତି ୧୨ଟା ସୁଦ୍ଧା ମେଘୁଆ ପାଗ ପାଇଁ ଫାଇନାଲ ମ୍ୟାଚକୁ ୪ ଓଭରରେ ସୀମିତ ରଖାଯାଇଥିଲା। ପ୍ରଥମେ ୟୁନିଟ୍ ଇଲେଭେନ ଟସ୍ ଜିତି ବ୍ୟାଟିଂ କରିବା ପାଇଁ ନିଷ୍ପତ୍ତି ନେଇ ୪ ଓଭରରେ ୨୨ ରନ ସଂଗ୍ରହ କରିଥିବା ବେଳେ ଜବାବରେ ଷଣ୍ଢକୁଦ ଜିସିସି ୪ ଓଭରରେ ୧୪ ରନ ସଂଗ୍ରହ କରିଥିଲା। ଶେଷରେ ୟୁନିଟ ଇଲେଭେନକୁ ଚାମ୍ପିଅନ ଘୋଷଣା କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌର ପରିଷଦର ଉପାଧ୍ୟକ୍ଷା ଛବିଲତା ରାଉତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ବିଜେଡି ବରିଷ୍ଠ ନେତା କୈଳାସ ଚନ୍ଦ୍ର ସାହୁ, ବିଜେଡି ଜିଲ୍ଲା ସମ୍ପାଦକ ସୁଶୀଲ ମହାପାତ୍ର ଓ ଜିଲ୍ଲା ସମ୍ପାଦକ ମାନସ ବିଶ୍ୱାଳ, କାଉନସିଲର ମନୋଜ ନାୟକ, ବିଜେଡି ନେତା ଲିପନ ପରିଡା, ଦିପୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରିକେଟ ଟୁର୍ଣ୍ଣାମେଂଟ ଦିବଙ୍ଗତ ପପୁ ପରିଡାଙ୍କ ବଡ଼ ଭାଇ ତଥା ବିଜେଡି ଜିଲ୍ଲା ଉପସଭାପତି ଜ୍ୟୋତିକାନ୍ତ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଦିବଙ୍ଗତ ପପୁ ପରିଡାଙ୍କ ଝିଅ ପ୍ରୀୟାଁସି ପରିଡା ଉଦ୍‌ଯାପନୀ ମ୍ୟାଚରେ ଉପସ୍ଥିତ ଥିଲେ।

# ଲୁଣୁପୋଖରୀରେ ଅଷ୍ଟପ୍ରହରୀ ନାମଯଜ୍ଞ

ଏରସମା,୧୭।୩(ସମିସ): ଏରସମା ବ୍ଲକ୍ କୁଞ୍ଜକୋଠି ପଞ୍ଚାୟତ ଅନ୍ତର୍ଗତ ଲୁଣୁପୋଖରୀ ମା' ବନଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ୪ର୍ଥ ବାର୍ଷିକ ଅଷ୍ଟପ୍ରହରୀ ନାମଯଜ୍ଞ ପାଳିତ ହୋଇଯାଇଛି। ଗ୍ରାମର ସମସ୍ତ ପୁରୁଷ ଓ ମହିଳାମାନେ ନୂତନ ବସ୍ତ୍ର ପରିଧାନ କରି ସାରିବା ପରେ କର୍ତ୍ତା ବିପ୍ଳବ ମହାପାତ୍ର ଗ୍ରାମ ପୁଷ୍କରିଣୀ ନିକଟରେ ପୂଜାର୍ଚ୍ଚନା କରିଥିଲେ। ବାଜା, ବାଣ,ଘଣ୍ଟ ,ଘଣ୍ଟି, ହରି ବୋଲ ହୁଳହୁଳି ସହିତ ଗ୍ରାମବାସୀ ଏକ କଳସ ଯାତ୍ରାରେ ଆସି ମା' ବନଦୁର୍ଗା ମନ୍ଦିର ନିକଟରେ ପହଞ୍ଚିଥିଲେ। ପଣ୍ଡିତ ବନମାଳୀ ଦାଶ କଳସାଧିବାସ, ସୂର୍ଯ୍ୟପୂଜା, ଯଜ୍ଞ ପୂର୍ଣ୍ଣାହୁତି ସମ୍ପର୍ଣ୍ଣ କରି ସାରିବା ପରେ ନଗର କୀର୍ତ୍ତନ କରାଯାଇଥିଲେ।

# ମାର୍ଚ୍ଚ ୧୮ ରୁ କ୍ରୀଡ଼ାବିତ୍ ଚୟନ

● ଜିଲ୍ଲାସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ଜଗତସିଂହପୁର,୧୭।୩(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ମାର୍ଚ୍ଚ ୧୮ ତାରିଖରୁ ଜଗତସିଂହପୁର ଜିଲ୍ଲାରେ ବ୍ଲକ୍ ଓ ମଣ୍ଡଳ ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ୮ ରୁ ୧୪ ବର୍ଷର କ୍ରୀଡାବିତ୍‌ମାନଙ୍କୁ ଚୟନ କରି ସେମାନଙ୍କୁ ସ୍ପୋର୍ଟସ ହଷ୍ଟେଲରେ ପ୍ରବେଶ ସୁଯୋଗ ଦେବା ଏହି କାର୍ଯ୍ୟକ୍ରମର ମୂଳ ଆଭିମୁଖ୍ୟ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ୩ ଗୋଟି କ୍ରୀଡ଼ା (ଆଥଲେଟ୍, ଖୋ-ଖୋ, ଭଲିବଲ୍) ବିଭାଗରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ଚୟନ ପ୍ରକ୍ରିୟା କରାଯିବ। ୧୮ରେ ଆଥଲେଟ୍, ୨୨ରେ ଖୋ-ଖୋ ଓ ୨୫ରେ ଭଲିବଲ୍ ପାଇଁ ଯେଉଁମାନେ ପଞ୍ଜିକୃତ କରିଛନ୍ତି ଓ ଯେଉଁମାନଙ୍କର ପଞ୍ଜିକୃତ କରିବାକୁ ଇଛା ସେହିମାନେ ଏହି ନିର୍ଦ୍ଦିଷ୍ଟ ବୟସ ସୀମାରେ ରହିଛନ୍ତି ସେମାନେ ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ। ଏହି କାର୍ଯ୍ୟକ୍ରମ ସକାଳ ୭ରୁ ୫ ଘଟିକା ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ନବବଧୂଙ୍କୁ ଶାଶୂ ଘର ମାରିଦେଇଥିବା ଅଭିଯୋଗ; ସ୍ୱାମୀ ଅଟକ

ତିର୍ତ୍ତୋଲ, ୧୭।୩(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ତିର୍ତ୍ତୋଲ ନିକଟ ଅରଜଙ୍ଗ ଗ୍ରାମରେ ସଞ୍ଜୟ ନାଥଙ୍କ ପତ୍ନୀ ରୂପାଲି (୨୨)ଙ୍କୁ ଯୌତୁକ ନିର୍ଯାତନା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଶାଶୁ ଘର ଲୋକମାନେ ମାରି ଦେଇଥିବା ନେଇ ତିର୍ତ୍ତୋଲ ଥାନାରେ ଅଭିଯୋଗ ହୋଇଛି। ମୃତ ରୂପାଲିଙ୍କ ବାପା କୁଜଙ୍ଗ ଥାନା ଅଗପାଳ ଗ୍ରାମର ନଟବର ନାଥଙ୍କ ଅଭିଯୋଗ ମୁତାବକ ସେ ତାଙ୍କ ଝିଅକୁ ଗତ ୭-୫-୨୦୨୫ ତାରିଖରେ ଅରଜଙ୍ଗ ଗ୍ରାମର ଅଭିନ୍ନ ନାଥଙ୍କ ପୁତ୍ର ସଂଜୟଙ୍କୁ ବୈଦିକ ରୀତିରେ ବିବାହ ଦେଇଥିଲେ। ବିବାହ ସମୟରେ ଦାବି ମୁତାବକ ସମସ୍ତ ଜାନି ଯୌତୁକ ପ୍ରଦାନ କରାଯାଇଥିଲା। କିନ୍ତୁ ବିବାହ ପରେ ଅଧିକ ୫ ଲକ୍ଷ ଟଙ୍କା ବାପଘରୁ ଆଣିବା ପାଇଁ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଦୁଇ ମାସ ତଳେ ଶାଶୂଘର ଲୋକେ ଟଙ୍କା ଆଣିବା ପାଇଁ ବାପ ଘରକୁ ପଠାଇ ଦେଇଥିଲେ। ପରେ ନଟବର ଝିଅ ହାତରେ ଦୁଇ ଲକ୍ଷ ଟଙ୍କା ଦେଇ ଝିଅକୁ ଶାଶୁ ଘରକୁ ପଠାଇଥିଲେ। ଗତକାଲି ରାତିରେ ଝିଅ ଆତ୍ମହତ୍ୟା କରିଛି ବୋଲି ଶାଶୂଘର ଲୋକେ ଖବର ଦେଇଥିଲେ। ନଟବର ପହଞ୍ଚି ଝିଅର ମୃତ୍ୟୁରେ ସନ୍ଦେହ ପ୍ରକଟ କରି ତିର୍ତ୍ତୋଲ ଥାନାରେ ଏ ସଂପର୍କରେ ଏକ ଲିଖିତ ଅଭିଯୋଗ କରିଥିଲେ। ତିର୍ତ୍ତୋଲ ପୁଲିସ ଶବକୁ ଜବତ କରି ଆଜି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏକ ମାମଲା ରୁଜୁ କରି ସ୍ୱାମୀ ସଞ୍ଜୟଙ୍କୁ ଅଟକ ରଖି ପଚରାଉଚରା କରୁଥିବା ନେଇ ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ୍ତ କୁମାର ସ୍ୱାଇଁ ସୂଚନା ପ୍ରଦାନ କରିଛନ୍ତି।

# ପାରାଦୀପରେ କେନ୍ଦ୍ରାଞ୍ଚଳ ପୁଲିସର ଦିନିକିଆ କର୍ମଶାଳା

## ମାନବ ଚାଲାଣ ଏବଂ ମହିଳା ସଶକ୍ତୀକରଣ ଉପରେ ରେଞ୍ଜସ୍ତରୀୟ କର୍ମଶାଳା





ପାରାଦୀପ, ୧୭।୩ (ସମିସ)

ଆଜି କଟକ କେନ୍ଦ୍ରୀୟ ରେଞ୍ଜର ପୁଲିସ ମହାନିରୀକ୍ଷକ ଡ. ସତ୍ୟଜିତ ନାୟକ ଆଇପିଏସ୍‌ଙ୍କ ନେତୃତ୍ୱରେ ପାରାଦୀପ ହୋଟେଲ ମେ' ଫେୟାର ବେ-ରିସର୍ଟର ସମ୍ମିଳନୀ କକ୍ଷରେ କେନ୍ଦ୍ରାଞ୍ଚଳ ପୁଲିସ ତରଫରୁ ଏକ ମାନବ ଚାଲାଣ ଓ ମହିଳା ସଶକ୍ତୀକରଣ ଉପରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାଞ୍ଚଳ ଆଇଜି ଡ. ସତ୍ୟଜିତ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମଶାଳାରେ କେନ୍ଦ୍ରାଞ୍ଚଳ ପୁଲିସ ଅଧୀନରେ ରହିଥିବା ୭ଟି ଜିଲ୍ଲାର ସମସ୍ତ ବରିଷ୍ଠ ପୁଲିସ ଅଧିକାରୀମାନଙ୍କ ସହିତ ସମସ୍ତ ଥାନା ଅଧିକାରୀ ମାନେ ଉପସ୍ଥିତ ରହି ଏହି କର୍ମଶାଳାରେ ପ୍ରଶିକ୍ଷଣ ନେଇଥିଲେ। ଆଜିକାଲି ଯେଉଁଭଳି ପିଲାଚୋରି ଭଳି ଘଟଣାର ଗୁଜବ ଉଠିବା ଏବଂ ପିଲାଚୋରିର ଅଭିଯୋଗ ଆସିବା ଭଳି ଘଟଣା ଉପରେ କିପରି ରୋକ ଲଗାଇବା ଏବଂ ବିଭିନ୍ନ ସମୟରେ ମହିଳା ମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର, ନିର୍ଯାତନା ଭଳି ଘଟଣାକୁ କିପରି ସଠିକ ଭାବରେ ମୁକାବିଲା କରିବା ଏବଂ ଏହାକୁ ସମାଧାନ କରି ନିଜ ଥାନା ଅଞ୍ଚଳରେ ଏଥିପ୍ରତି ସାଧାରଣ ଲୋକଙ୍କୁ ସଚେତନ କରାଇ ଏହାକୁ କିପରି ସଫଳତାର ସହିତ ଜଣସଚେତତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଉନ୍ନତମାନର ପ୍ରଶିକ୍ଷକ ମାନଙ୍କୁ ନେଇ ଏହି କର୍ମଶାଳା ଆୟୋଜନ କରାଯାଥିବା ନେଇ କହିଥିଲେ କେନ୍ଦ୍ରାଞ୍ଚଳ ଆଇଜି। ଏହି କାର୍ଯ୍ୟକ୍ରମ ଦ୍ୱାରା ସମସ୍ତ ପୁଲିସର ବରିଷ୍ଠ ଅଧିକାରୀମାନଙ୍କ ସହିତ ଥାନା ଅଧିକାରୀ ମାନେ ପ୍ରଶିକ୍ଷଣ ନେଇ ନିଜ ନିଜ ଅଞ୍ଚଳରେ ମାନବ ଚାଲାଣ ଓ ମହିଳା ସଶକ୍ତିକରଣ ଉପରେ କାର୍ଯ୍ୟ କରିବା ସହିତ ନିଜ ନିଜ ଅଞ୍ଚଳ କୁ ଅପରାଧ ମୁକ୍ତ ଅଞ୍ଚଳ କରିବା ଏହି କର୍ମଶାଳାର ମୂଳ ଉଦ୍ଦେଶ୍ୟ ବୋଲି କହିଛନ୍ତି କେନ୍ଦ୍ରାଞ୍ଚଳ ଆଇଜି। ତେବେ ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମାଙ୍କ ଉପସ୍ଥିତରେ ଆୟୋଜିତ କର୍ମଶାଳାରେ ରାଜ୍ୟ ମହିଳା କମିଶନ ଏବଂ ଜେଜେବିର ପୂର୍ବତନ ସଦସ୍ୟ ଡ. ନମ୍ରତା ଚଡ୍ଢା, ଓଡିଶା ହାଇକୋର୍ଟର ଆଇନଜୀବୀ ବିଦ୍ୟାଲୋକ ମହାପାତ୍ର, ସ୍ତମ୍ଭକାର ତଥା ସମାଜସେବୀ ରୀନା ରାଉତରାୟ, ଆଇନିଜୀବୀ ସୁଶ୍ରୀ ରୋଜାନ ରାଜନ ଓ ଜଗତସିଂହପୁର ଡେପୁଟି ଏସ୍‌ପି ରଶ୍ମି ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି କୁଣ୍ଡରେ ପଡ଼ି ୧୫ ମାସର ଶିଶୁ ମୃତ

ପରଜଙ୍ଗ,୧୭ ।୩(ସମିସ): ପରଜଙ୍ଗ ଥାନା ମଣ୍ଡେଇଲ ଗ୍ରାମର ହାଇସ୍କୁଲ ନିକଟସ୍ଥ ସାହିରେ ବାହାରେ ରଖାଯାଇଥିବା ପାଣି କୁଣ୍ଡରେ ଖସି ପଡ଼ି ଜଣେ ୧୫ ମାସର ଶିଶୁର ମୃତ୍ୟୁ ଘଟିଛି । ମଣ୍ଡେଇଲ ଗ୍ରାମର ଦୁର୍ଗା ପ୍ରସାଦ ଭୋଇ ଓ ସରୋଜିନୀ ଭୋଇଙ୍କ ଏହି ଶିଶୁପୁତ୍ର ଅପରାହ୍ନ ପ୍ରାୟ ୫ଟା ବେଳେ ଖେଳୁଥିବା ସମୟରେ କେତେବେଳେ ଘର ବାହାରେ ବାସନ ସଫା ପାଇଁ ରଖାଯାଇଥିବା ପାଣି କୁଣ୍ଡରେ ପଡ଼ି ଯାଇଥିଲା । ଘରେ ଛୁଆକୁ ନ ପାଇ ଘର ବାହାରେ ଦେଖିଲା ବେଳକୁ ପାଣି କୁଣ୍ଡରେ ଛୁଆ ପଡ଼ି ଯାଇଛି । ସଙ୍ଗେ ସଙ୍ଗେ ଘରଲୋକ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ ।

# ବିଶ୍ୱ ମୋଟାପା ଦିବସ



ହିନ୍ଦୋଳ/ଖଜୁରିଆକଟା,୧୭।୩(ସମିସ): ଓଡ଼ାପଡ଼ା ବ୍ଲକ୍ ହିନ୍ଦୋଳ ରୋଡ୍‌ସ୍ଥିତ ଲାୟନ୍ସ ଇଣ୍ଟରନ୍ୟାସନାଲ ବିଦ୍ୟାଳୟଠାରେ ବିଶ୍ୱ ମୋଟାପା ଦିବସ ପାଳିତ ହୋଇଯାଇଛି । ଭାରତୀୟ ମଧୁମେହ ଅଧ୍ୟୟନ ଗବେଷଣା ସମିତି ଆର୍‌ଏସ୍‌ଏସ୍‌ଡିଆଇ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡଃ ସୌମ୍ୟରଞ୍ଜନ ମହାନ୍ତି ଯୋଗଦେଇ କହିଥିଲେ ଯେ ଭାରତ ବର୍ଷରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ଘଟଣା ଉପରେ ଆଲୋକପାତ କରିବା ସହିତ ଏହାର କିପରି ନିରାକରଣ କରାଯାଇ ପାରିବ, ସେ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ଭାରତୀୟ ମଧୁମେହ ଅଧ୍ୟୟନ ଗବେଷଣା ସମିତି ଉଦ୍ୟମ ଜାରି ରଖିଥିବା କହିଥିଲେ । ନିଜର ସ୍ୱାସ୍ଥ୍ୟ ଠିକ ରଖିବା ପାଇଁ ମୋଟାପାକୁ ପ୍ରଥମେ କିପରି କମାଇ ହେବ ସେ ସମ୍ପର୍କରେ କହିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଫଟୋ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମ ଫାର୍ମାସିଷ୍ଟ ଦିଲ୍ଲୀପ କୁମାର ମହାନ୍ତି ପରିଚାଳନା କରୁଥିବାବେଳେ ହିନ୍ଦୋଳ ରୋଡ୍‌ସ୍ଥିତ ରାନୀ ମେଡିସିନ ଷ୍ଟୋର କର୍ମଚାରୀ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତା ରମେଶ ଚନ୍ଦ୍ର ସ୍ୱାଇଁ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ।

# କୁମର୍ଦ୍ଦାରେ ପାନୀୟଜଳ ସମସ୍ୟା ଉତ୍କଟ

ଭୁବନ,୧୭ ।୩(ସମିସ): ଏବେ ବି ଅବହେଳିତ ଅବସ୍ଥାରେ ରହିଛି ଆଦିବାସୀ ଗାଁ କୁମର୍ଦ୍ଦା । ଏଠି ବିଶୁଦ୍ଧ ପାନୀୟ ଜଳ ଟିକିଏ ପାଇବା କଷ୍ଟ । ଗାଁ'ରେ ଦୁଇ ଦୁଇଟି ଶିକ୍ଷାନୁଷ୍ଠାନ, ଅଙ୍ଗନବାଡ଼ି ଥିବାବେଳେ ଏଠି ବି ପାନୀୟଜଳ ସମସ୍ୟା ରହିଛି । ପାଣି ପାଇଁ ଅଙ୍ଗନବାଡ଼ି ପିଲା ସ୍କୁଲ ନଳକୂପ ଉପରେ ନିର୍ଭର କରନ୍ତି । ଅଙ୍ଗନବାଡ଼ିର ହେଲପର ବା ରୋଷେୟା ଯାଇଥାନ୍ତି ସ୍କୁଲ ପରିସରକୁ । ଭୁବନ ବ୍ଲକ ଅନ୍ତର୍ଗତ ବାଲିବୋ ପଞ୍ଚାୟତର ଆଦିବାସୀ ଗାଁ କୁମର୍ଦ୍ଦାର ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ଆହୁରି ଅନେକ ସମସ୍ୟା ମଧ୍ୟ ରହିଛି । ବିଦ୍ୟୁତ୍ ସଂଯୋଗ ଥିଲେ ହେଁ ପଙ୍ଖା ଚାଲୁନାହିଁ । ଅଙ୍ଗନବାଡ଼ି ପାଖରେ ଏକ ଟ୍ରାନ୍ସଫର୍ମର ରହିଥିବାବେଳେ ଏହାର ଚାରି ପାଖରେ ପାଚେରି ନଥିବାରୁ ପିଲାମାନଙ୍କ ପାଇଁ ବିପଦ ସାଜିଛି । କେତେବେଳେ ଯେ ଅଘଟଣ ନ ଘଟିବ କହି ହେବା ନାହିଁ । ତେଣୁ ତୁରନ୍ତ ଗ୍ରାମର ପାନୀୟ ଜଳ ସମସ୍ୟା ସହ ଅନ୍ୟ ମୌଳିକ ଆବଶ୍ୟକତା ପୂରଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଗଁଦିଆ କଂଗ୍ରେସ ପକ୍ଷରୁ ଏନ୍‌ଏସି ନିର୍ବାଚନ ନେଇ ଆଲୋଚନା



ଗଁଦିଆ,୧୭ ।୩(ସମିସ): ଜାତୀୟ କଂଗ୍ରେସ ଦଳ ପକ୍ଷରୁ ଗଁଦିଆ ବ୍ଲକ୍ ସଭାପତି ଡକ୍ଟର ବନମାଳୀ ଦାସଙ୍କ ନେତୃତ୍ୱରେ ନୂତନ କରି ଗଠିତ ଗଁଦିଆ ଏନ୍‌ଏସି ପାଇଁ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ସମ୍ପର୍କରେ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈତରଣୀ ଦଳ କିପରି ଭାବରେ ପାର ହେବ ତାହାକୁ ଦୃଷ୍ଟିରେ ରଖି ଆଲୋଚନା କରାଯାଇଥିଲା । ବୈଠକରେ ଢେଙ୍କାନାଳ ଜିଲ୍ଲା ଜାତୀୟ କଂଗ୍ରେସ ଦଳର ସଭାପତି ଛବିରାଜ ବିଶ୍ୱାଳ ଯୋଗ ଦେଇଥିଲେ । ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ୍‌ର ନୂତନ ଭାବରେ ଗଠିତ ହୋଇଥିବା ଏନ୍‌ଏସି ନିର୍ବାଚନୀର ପ୍ରଥମ ନିର୍ବାଚନୀ ବିଗୁଲ ବାଜିସାରିଲାଣି । ଅନ୍ୟ ଦଳଗୁଡ଼ିକ ନିଜର କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ କଂଗ୍ରେସ ମଧ୍ୟ ଏଥିରୁ ବାଦ୍ ପଡ଼ିନଥିବା ଏଥିରୁ ସ୍ପଷ୍ଟ ହୋଇଛି । ଶ୍ରୀରାମ ଚନ୍ଦ୍ର ମେଡିକାଲ ପାଖ ଜାତୀୟ କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନେକ ପୁରୁଣା ଓ ନୂଆ କାର୍ଯ୍ୟକର୍ତ୍ତା ଯୋଗଦେଇ ଆଗାମୀ ଦିନରେ ଦଳ କିପରି ଭଲ ସଂଗଠନ କରିପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ ।

# ୨ ବର୍ଷ ପରେ ବି ସୁଧୁରୁନି ପାନୀୟଜଳ ସମସ୍ୟା

ପରଜଙ୍ଗ,୧୭ ।୩(ସମିସ)




ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ସରାଙ୍ଗ ଗ୍ରାମ ର ଶବର ସାହି ଓ ଅନୁସୂଚିତ ସାହିରେ ଉତ୍କଟ ପାନୀୟ ଜଳ ସମସ୍ୟା ଦିନକୁ ଦିନ ଖରା ର ତାପମାତ୍ରା ବଢ଼ିବାରେ ଲାଗିଛି । ଏହି ବସ୍ତିରେ ନାହିଁ କୂଅ ପୋଖରୀ ଓ ନଳକୂପ, ସେଥିରୁ ପାଣି ପିଇବା ଉପଯୋଗୀ ହୋଇପାରୁନାହିଁ ।ତାଳଚେର ନିକଟରେ ସରାଙ୍ଗ ଗ୍ରାମଟି ରହିଥିବାରୁ ପାରଦ ମଧ୍ୟ ପ୍ରାୟତଃ ସମାନ । ପୁଣି ଆହୁରି ସେଥିରେ ପାନୀୟ ଜଳ ସମସ୍ୟା । ଶବର ସାହି ଓ ଅନୁସୂଚିତ ସାହି ବସ୍ତି ବାସିନ୍ଦାଙ୍କ ୨ ବର୍ଷ ଧରି ବାରମ୍ବାର ସରପଞ୍ଚ, ପାନୀୟ ଜଳ ଯୋଗାଣ ଯନ୍ତ୍ରୀଙ୍କୁ ଅଭିଯୋଗ ପରେ ମଧ କର୍ଣ୍ଣପାତ କରୁନଥିବା ପ୍ରକାଶ କରିଛନ୍ତି ବସ୍ତି ବାସିନ୍ଦା । ଏବେ ମାର୍ଚ୍ଚ ମାସ ସରିବାକୁ ବସିଲାଣି, ଆଗକୁ ତାପମାତ୍ରା ଆହୁରି ବଢ଼ି ବଢ଼ି ଚାଲିଛି । ଏବେ ଠାରୁ ପାନୀୟ ଜଳ ସମସ୍ୟା ସମାଧାନ କରିବାକୁ ଦୁଇ ସାହି ର ମହିଳାମାନେ ପରଜଙ୍ଗ ବ୍ଲକ ଉନ୍ନୟନ ଅଧିକାରୀ ସୌଭାଗ୍ୟ କୁମାର ବେହେରା ଙ୍କୁ ଏକ ଲିଖିତ ଅଭିଯୋଗ ଦାବୀ ପତ୍ର ପ୍ରଦାନ କରି ପାନୀୟ ଜଳ ସଙ୍କଟ ସମସ୍ୟାର ସମାଧାନ କରିବା ପାଇଁ ଅନୁରୋଧ କରିଛନ୍ତି । ଯଥାଶୀଘ୍ର ପାନୀୟ ଜଳ ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ସାହି ବସ୍ତିର ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି ।

# ଆସୁଛି ଦଣ୍ଡଯାତ୍ରା: ଦୁଲୁକିବ ଗାଁଠୁ ସହର

ଭୁବନ,୧୭ ।୩(ସମିସ): କାମାକ୍ଷାନଗର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଆଉ କିଛିଦିନ ପରେ ଆରମ୍ଭ ହେବ କାଷ୍ଠା ଓ ନିଷ୍ଠାର ଅନନ୍ୟ ପରମ୍ପରା ଦଣ୍ଡଯାତ୍ରା । ବ୍ରତଧାରୀ ଦଣ୍ଡୁଆଙ୍କ ଷୋହଳ ସୁଆଙ୍ଗ ଦଣ୍ଡଗୀତ ଓ ନାଚର ମଧୁର ଗୁଞ୍ଜନ ସହ ଢୋଲନିଶାନର ଷୋହଳ ଭରଣି ବାଦ୍ୟ ଓ ଶିବଶଙ୍କର କି ଭଜେ ମଣି ଡାକରେ କମ୍ପିବ ଗାଁରୁ ସହର । ତାଲୁଫଟା ଖରାରେ ଘଣ୍ଟବାଦ୍ୟ ସହ ଛତି, ଛତର, ବାନା, ବୈରଖ ସହ ଗାଁ ଗାଁରେ ଦଣ୍ଡୁଆଙ୍କ ପଟୁଆର ଲାଗିବ । ବନ୍ଦାଣ, ଧୂଳିଦଣ୍ଡ, ପାଣିଦଣ୍ଡ, ଘାଟଦଣ୍ଡ ଓ ରାତିରେ ଅଗ୍ନିଦଣ୍ଡ, ପରଭା ନାଚ, ଦାଣ୍ଡାଳୀ ନାଚ, ହର-ପାର୍ବତୀ, ହାଡ଼ି ହାଡ଼ିଆଣୀ, ଯୋଗୀ-ଯୋଗୀଆଣୀ, କେଳା-କେଲୁଣୀ, ଶବର-ଶବରୁଣୀ ଭଳି ନାଚଗୀତ ଦେଖିବାକୁ ମିଳିବ । ଓଡ଼ିଶାରେ ପାଳନ ହେଉଥିବା ବିଭିନ୍ନ ଯାନିଯାତ୍ରା ମଧ୍ୟରେ ଦଣ୍ଡଯାତ୍ରାର ସ୍ୱାତନ୍ତ୍ର୍ୟତା ରହିଛି । ପ୍ରତିବର୍ଷ ମୀନ ସଂକ୍ରାନ୍ତିର ୯ ଦିନ ପରେ ଆରମ୍ଭ ହେଉଥିବା ଏହି ଯାତ୍ରା ବିଭିନ୍ନ ଗାଁରେ ୨୧, ୧୭, ୧୩ ଦିନ ଧରି ପାଳନ ହୋଇଥାଏ । ମହାବିଷୁବ ସଂକ୍ରାନ୍ତି ଦିନ ଯାତ୍ରା ସମାପନ ହୋଇଥାଏ । ବ୍ରତଧାରୀ ବା ଦଣ୍ଡୁଆମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆମିଷ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ତ୍ୟାଗ ସହ ଆହାର, ନିଦ୍ରା, ମୈଥୁନ ସବୁ ପରିହାର କରି ନିଷ୍ଠାର ସହ ଏହି ବ୍ରତ ପାଳନ କରିବା ଅନିବାର୍ଯ୍ୟ । ଏସବୁ ନିୟମ ନିଷ୍ଠା ବିନା ଦଣ୍ଡଯାତ୍ରାରେ ସାମିଲ ହେଲେ ଅନେକ ଅନିଷ୍ଟ ହୁଏ ବୋଲି ବିଶ୍ୱାସ ରହିଛି । ଚଳିତବର୍ଷ ଦଣ୍ଡ ଯାତ୍ରାକୁ ନେଇ ଭୁବନ ବ୍ଲକ ଚଣ୍ଡୀପାଳ ଠାରେ ଢେଙ୍କାନାଳ ଜିଲ୍ଲାର ୫୨ଟି ଦଣ୍ଡ ଦଳ ବିଭିନ୍ନ ଗାଁରେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ମୃଦଙ୍ଗୀଠାରୁ ମହୁଲପାଳ, ପଣ୍ଡୁଆ ଠାରୁ ପାଳଗାଣ୍ଡୁଆ, ଭାଟକାଟେଣୀ ଭାଲିଆପାଟ ଏବଂ ଭୁବନ ଠାରୁ ଭଦଳିଆପଶି ଯାଏଁ ଚଳିତମାସ ଶେଷସପ୍ତାହ ଆଡକୁ ଦଣ୍ଡ ଉଠିଯିବ ବୋଲି ସୂଚନା ମିଳିଛି । ଆସନ୍ତାମାସ ପ୍ରଥମ ସପ୍ତାହ ବେଳକୁ ମା' କାମନା କାଳୀ ପୀଠରେ ପୁଣିଥରେ ଶମ୍ଭୁ ମହାମିଳନ ଉତ୍ସବ ଆୟୋଜନ ହେବ ବୋଲି କମିଟି କହିଛି । ସେଥିରେ କିଛି ସ୍ଥାନୀୟ ଓ କିଛି ବାହାର ଜିଲାର ଦଣ୍ଡଦଳକୁ ଆମନ୍ତ୍ରଣ କରି ଏହି ଉତ୍ସବରେ ସାମିଲ କରିବାକୁ କମିଟି ଲକ୍ଷ୍ୟ ରଖିଛନ୍ତି । ଦୀର୍ଘବର୍ଷ ହେଲା ଦଣ୍ଡଯାତ୍ରା ବିଭିନ୍ନ ଅଞ୍ଚଳ ର ଲୋକକଳା, ଲୋକନୃତ୍ୟ, ଲୋକଗୀତ ଓ ପ୍ରାଚୀନ ଲୋକସଂସ୍କୃତିର ସ୍ୱର୍ଣ୍ଣଭ ସ୍ୱାକ୍ଷର ବହନ କରି ଆସୁଛି । ପାଖାପାଖି ୮୦ରୁ ଊର୍ଦ୍ଧ୍ୱ ବର୍ଷ ହେଲା ଏ ଅଞ୍ଚଳରେ ଦଣ୍ଡଯାତ୍ରା ଉଜ୍ଜୀବିତ ହୋଇ ରହି ଆସିଛି ।

# କଦଳୀପାଳ-କେଞ୍ଝୁଡ଼ି ରାସ୍ତା ନିମ୍ନମାନର; ତଦନ୍ତ ଦାବି

ଢେଙ୍କାନାଳ,୧୭ ।୩(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ୍‌ର କଦଳୀପାଳଠାରୁ କେଞ୍ଝୁଡି ପର୍ଯ୍ୟନ୍ତ ୧୫ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ଚାରି କୋଟି ଟଙ୍କା ବ୍ୟୟରେ ଏହି ରାସ୍ତା ଆଦିବାସୀ ଗ୍ରାମଗୁଡ଼ିକୁ ସଂଯୋଗ ନିମନ୍ତେ ନିର୍ମାଣ କରାଯାଉଛି । ଆଦିବାସୀ ଅଧ୍ୟୁଷିତ ଗ୍ରାମବାସୀଙ୍କ ସୁଯୋଗ ନେଇ ନିଯୁକ୍ତ ଠିକାଦାର ଓ ଯନ୍ତ୍ରୀ ଏହାର ସୁବିଧା ହାସଲ ନିମନ୍ତେ ବିଭିନ୍ନ ଫାଇଦା ଉଠାଇଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଗ୍ରାମବାସୀ ଏହାର ପ୍ରତିବାଦ କରିବାରୁ ଠିକାଦାର ସେମାନଙ୍କୁ ନାଲିଆଖି ଥିବାର ଜଣାପଡ଼ିଛି । ଏ ସମ୍ପର୍କରେ ଆରଡି ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ମଧ ସେ ଫୋନ ଉଠାଉ ନଥିବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟରେ କୌଣସି ସୂଚନା ଫଳକ ନ ଥିବା ଦେଖାଦେଇଛି । ଫଳରେ ସ୍ଥାନୀୟ ଆଦିବାସୀ ଲୋକମାନେ ରାସ୍ତାକାମକୁ ବନ୍ଦ ରଖିଛନ୍ତି ଏବଂ ପ୍ରଶାସନକୁ ଜଣାଇଛନ୍ତି । ସୂଚନା ଥାଉ କି ଏ ରାସ୍ତା ଆଦିବାସୀ ଅଧ୍ୟୁଷିତ ବସ୍ତି ମଧ ଦେଇଯାଉଛି । ଲୋକଙ୍କ ସରକାର ଆଦିବାସୀ ମୁଖ୍ୟମନ୍ତ୍ରୀ ଥାଇ ଆଦିବାସୀଙ୍କ କଥା ପ୍ରଶାସନ ଶୁଣୁ ନଥିବା ଉଦ୍‌ବେଗର ବିଷୟ। ଏହି କାର୍ଯ୍ୟର ତଦନ୍ତ କରାଯାଇ ଉଚିତମାନର ରାସ୍ତା ତିଆରି କରିବା ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

# କାଙ୍କଡ଼ପାଳ ଗ୍ରାମରେ ବାଦିଦଣ୍ଡ ପ୍ରତିଯୋଗିତା



ଢେଙ୍କାନାଳ,୧୭ ।୩(ସମିସ): ସଦର ବ୍ଲକ୍ କାଙ୍କଡ଼ପାଳ ଗ୍ରାମର ଖେଳପଡ଼ିଆ ପ୍ରାଙ୍ଗଣରେ ବାଦି ଦଣ୍ଡ ଅନୁଷ୍ଠିତ ହୋଇଯାଇଛି । ସୁନେଇପାଳ ଦଣ୍ଡନୃତ୍ୟ ସହିତ କାଣ୍ଡସର ଦଣ୍ଡନୃତ୍ୟ ଦ୍ୱାରା ବାଦିଦଣ୍ଡ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା । ଏହି ବାଦିଦଣ୍ଡରେ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାର ଅଧକ୍ଷ ତଥା ବାଜି ରାଉତ ଉତ୍କଳୀୟ ଦଣ୍ଡ ସଂସ୍କୃତି ସଂଘର ସଭାପତି ଉପେନ୍ଦ୍ର କୁମାର ମାହୁଁନ୍ତ ଏବଂ ସଦର ବ୍ଲକ ଯନ୍ତ୍ରୀ ନିମେଇଁ ଚରଣ ନାଏକ ବିଚାରପତି ପଦରେ ଆସନ ଅଳଙ୍କୃତ କରି ସମୀକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ କାଙ୍କଡ଼ପାଳ ଗ୍ରାମର ସଭାପତି ଚନ୍ଦନ ମହାନ୍ତି ଓ ସମ୍ପାଦକ ପୁରସ୍ତମ ଦାସ ଏବଂ କମିଟିର ସଦସ୍ୟମାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । କାଙ୍କଡ଼ପାଳ ଗ୍ରାମର ବଜରଙ୍ଗ କ୍ଲବର ସଦସ୍ୟମାନେ ଏହାକୁ ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା କରିଥିଲେ । ଏହି ଦଣ୍ଡନୃତ୍ୟରେ ଶିବ ପାର୍ବତୀ, ହାଡ଼ି ହାଡ଼ିଆଣୀ, ଶବର ଶବରୁଣୀ, କେଳା କେଳଉଣୀ, ନାବିକ ଇତ୍ୟାଦି ବହୁ ବେଶରେ କଳାକାରମାନେ ଅତି ଉଚ୍ଚକୋଟୀର ନୃତ୍ୟ ପରିବେଷଣ କରିଥିଲେ । ଆଖପାଖ ଅଞ୍ଚଳର ବହୁ ଲୋକ ଏଠାରେ ଏକତ୍ରିତ ହୋଇ ଦଣ୍ଡନୃତ୍ୟକୁ ଉପଭୋଗ କରିଥିଲେ । ଏହି ଦଣ୍ଡନୃତ୍ୟ କଳାକୁ ବଜାୟ ରଖିଥିବାରୁ କମିଟି ପକ୍ଷରୁ ସମସ୍ତ କଳାକାରଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଚୈତ୍ର ଦ୍ୱିତୀୟ ମଙ୍ଗଳବାରରେ ବିଶେଷ ପୂଜାର୍ଚ୍ଚନା



ଢେଙ୍କାନାଳ,୧୭ ।୩(ସମିସ): ସ୍ଥାନୀୟ ଗାନ୍ଧୀ ମନ୍ଦିର ରୋଡ୍‌ସ୍ଥିତ ମା' ତାରିଣୀଙ୍କ ପୀଠରେ ଚୈତ୍ର ମାସର ଦ୍ୱିତୀୟ ମଙ୍ଗଳବାର ଥିବାରୁ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା । ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲ ହାର, ବିଭିନ୍ନ ପ୍ରକାରର ଭୋଗ ମଧ୍ୟାହ୍ନ ପଣା ଲାଗି ହୋଇଥିଲା । ସନ୍ଧ୍ୟାରେ ଆଳତି ପରେ ରାତ୍ରରେ ପହଡ଼ ପଡ଼ିଥିଲା । ସେହିପରି ବାଜିଚୌକସ୍ଥିତ ମା' ବ୍ରାହ୍ମଣୀ ଦେଇ ପୀଠରେ ଚୈତ୍ର ଦ୍ୱିତୀୟ ମଙ୍ଗଳବାର ଥିବାରୁ ମାଙ୍କ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା । ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲ ହାର, ବିଭିନ୍ନ ପ୍ରକାରର ଭୋଗ, ମଧ୍ୟାହ୍ନରେ ପଣା ଲାଗି ହୋଇଥିଲା । ସନ୍ଧ୍ୟାବେଳେ ଆଳତି ପରେ ପହଡ଼ ପଡ଼ିଥିଲା ।

**ଆମିଗୋସ ସଲ୍ୟୁସନ ପ୍ରାଇଭେଟ୍ ଲିମିଟେଡ୍‌ର ନିଯୁକ୍ତିରେ ବ୍ୟାପକ ଜାଲିଆତି**

# ତଦନ୍ତ ସହିତ କଳା ତାଲିକାଭୁକ୍ତ କରିବାକୁ ଦାବି



ଢେଙ୍କାନାଳ,୧୭ ।୩(ସମିସ): ଢେଙ୍କାନାଳ ଯୁବ ସ୍ୱାଭିମାନ ମଞ୍ଚ ତରଫରୁ ଆମିଗୋସ ସଲ୍ୟୁସନ ପ୍ରାଇଭେଟ ଲିମିଟେଡ ତରଫରୁ ନିଯୁକ୍ତି ନାମରେ ଆର୍ଥିକ ଅନିୟମିତତା,ଜାଲିଆତିର ତଦନ୍ତ ଏବଂ ସଂସ୍ଥାକୁ କଳା ତାଲିକା ଭୁକ୍ତ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି । ସୂଚନା ଅନୁସାରେ ଢେଙ୍କାନାଳ ଯୁବ ସ୍ୱାଭିମାନ ମଞ୍ଚ, ଜିଲ୍ଲାର ଶିକ୍ଷିତ ଯୁବଗୋଷ୍ଠୀଙ୍କ ଅଭିଯୋଗ ଅନୁସାରେ ଓଡିଶା ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ଭୋକେସନାଲ ଶିକ୍ଷାର ପରିଚାଳନା ପାଇଁ ଆମିଗୋସ ସଲ୍ୟୁସନ ପ୍ରାଇଭେଟ ଲିମିଟେଡକୁ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ନିଯୁକ୍ତି ନାମରେ ଅର୍ଥ ଆଦାୟ, ସଂସ୍ଥାର ନିର୍ଦ୍ଦେଶକ ରାହୁଲ ଅଗ୍ରୱାଲ ଟ୍ରେନର ନିଯୁକ୍ତି ନାମରେ ଅର୍ଥ ଆଦାୟ କରିଥିବା ଅଭିଯୋଗ ହୋଇଛି । ସେହିପରି ଜାଲ ପ୍ରମାଣପତ୍ର ବ୍ୟବହାର କରି ଓସେପା ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଭିଯୋଗ କରାଯିବା ସହିତ ଏହାର ରାଜ୍ୟସ୍ତରୀୟ ତଦନ୍ତ, ସଂସ୍ଥାକୁ ଓଡ଼ିଶାରେ କାର୍ଯ୍ୟ କରିବାକୁ ନିଷେଧ କରାଯିବା ସହିତ କଳା ତାଲିକାଭୁକ୍ତ କରାଯିବା ଠକାମିର ଶିକାର ହୋଇଥିବା ପ୍ରାର୍ଥୀମାନଙ୍କୁ ନ୍ୟାୟପ୍ରଦାନ ସହିତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି ।

# ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ ଆଣିଲେ ଗ୍ରାମବାସୀ

ପରଜଙ୍ଗ,୧୭ ।୩(ସମିସ): ପରଜଙ୍ଗ ବ୍ଲକ ସାଆନ୍ଦା ପଞ୍ଚାୟତ ଅନ୍ତର୍ଗତ କେଞ୍ଝୁଡି କଦଳିପାଳ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାକୁ ନିୟୋଜିତ ଠିକାସଂସ୍ଥା ନିମ୍ନମାନର କରୁଥିବା ନେଇ ଅଭିଯୋଗ ହୋଇଛି । କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ଏହି ୮ କିଲୋମିଟର ବିଶିଷ୍ଟ ରାସ୍ତା ମହୁଲଡଗର, ରଘୁଆବୋଲ, ଡଙ୍କାବୋଲ, ଭେରୁଣିଆ, କିଆପାତାନୀ ଆଦି ଗ୍ରାମର ଲୋକମାନେ ଉପକୃତ ହୋଇପାରିବେ । ଯାହା ରାସ୍ତା ନିର୍ମାଣ ପାଇଁ ଦୀର୍ଘ ବର୍ଷ ହେବ ଲୋକଙ୍କ ଦାବି ହୋଇ ଆସୁଥିଲା । ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନ କ୍ରମେ ରାସ୍ତା ନିର୍ମାଣ ହେଉଛି । ମାତ୍ର ସମ୍ପୃକ୍ତ ରାସ୍ତାଟି ନିୟୋଜିତ ଠିକାସଂସ୍ଥା ନିମ୍ନ ମାନର କରୁଥିବା ଗ୍ରାମବାସୀ ମାନେ ଦୃଷ୍ଟିଗୋଚର କରିଛନ୍ତି । ରାସ୍ତାରୁ ଛେଲା ଛେଲା ପିଚୁର ଆସ୍ତରଣ ଉଠି ଯାଉଛି । ଏପରିକି ସଠିକ ଭାବରେ କରାଯାଇନଥିବାରୁ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଠିକାସଂସ୍ଥା କିମ୍ବା ବିଭାଗୀୟ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ । ଯାହାକୁ ନେଇ ସ୍ଥାୟୀ ସମାଧାନ କରାନଗଲେ ଆନ୍ଦୋଳନ ଜାରି ରହିବ ବୋଲି ରଘୁଆବୋଲ ଗ୍ରାମର ଯୁବତୀ ପୂର୍ତ୍ତୀ, ବିଜୟ ପୂର୍ତ୍ତୀ, ଗଙ୍ଗାଧର ପୂର୍ତ୍ତୀ ସମେତ ବହୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି । ଗ୍ରାମର ଶତାଧିକ ମହିଳା ପୁରୁଷ ରାସ୍ତା ଉପରେ ବସି ପ୍ରତିବାଦ କରିଛନ୍ତି ।

**ଗଣ୍ଡାନାଳୀର ଟୁଇଟର ବୟ ଦୀପକଙ୍କ ପ୍ରୟାସ**

# ୪ ବର୍ଷରେ ୨ ହଜାର ସମସ୍ୟାର ସମାଧାନ

ଖଜୁରିଆକଟା,୧୭ ।୩(ସମିସ)



ବର୍ତ୍ତମାନ ସମୟରେ ମୋବାଇଲ ଓ ସୋସିଆଲ ମିଡିଆକୁ ଯୁବଗୋଷ୍ଠୀ ମନୋରଞ୍ଜନର ମାଧ୍ୟମ ଭାବେ ବାଛି ନେଇଥିବାବେଳେ ଜଣେ ଉଚ୍ଚଶିକ୍ଷିତ ଯୁବକ ଏହାକୁ ଆୟୁଧ କରି ଲୋକଙ୍କର ବିଭିନ୍ନ ସମସ୍ୟାର ସମାଧାନ କରିପାରୁଛନ୍ତି । ଢେଙ୍କାନାଳ ଜିଲ୍ଲା ନୁହେଁ ରାଜ୍ୟର ବିଭିନ୍ନ ଅଞ୍ଚଳର ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ସମସ୍ୟା ସମ୍ପର୍କରେ ସେ ପ୍ରଶାସନକୁ ଟୁଇଟ୍ କରି ସମାଧାନ କରିବାରେ ସକ୍ଷମ ହୋଇଛନ୍ତି । ସେ ସାମାଜିକ ଗଣମାଧ୍ୟମ ଟୁଇଟର ମାଧ୍ୟମରେ ଗତ ୪ ବର୍ଷ ମଧ୍ୟରେ ଅନେକ ସମସ୍ୟାର ସମାଧାନ କରିବାରେ ସଫଳ ହୋଇ ପାରିଛନ୍ତି । ପେସାରେ ସେ ଜଣେ ଲେଖକ ଓ ସାମ୍ବାଦିକ ହୋଇଥିଲେ ମଧ୍ୟ ନିଜର ବ୍ୟସ୍ତବହୁଳ ସମୟ ଭିତରୁ ସମୟ ବାହାର କରି ଲୋକଙ୍କ ସମସ୍ୟା ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ସମାଧାନ କରୁଛନ୍ତି । ଏହି ଯୁବକ ଜଣଙ୍କ ହେଉଛନ୍ତି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଗଣ୍ଡାନାଳୀ ଗ୍ରାମର ଲକ୍ଷ୍ମଣ ନାଏକ ଓ ମିନତୀ ନାଏକଙ୍କ ଜ୍ୟେଷ୍ଠ ପୁତ୍ର ଦୀପକ କୁମାର ନାଏକ । ତାଙ୍କ ଟୁଇଟ ଦ୍ୱାରା ଅନେକ ସମସ୍ୟାର ସମାଧାନ ହୋଇପାରୁଥିବାରୁ ସେ ଏବେ ଟୁଇଟର ବୟ ଭାବେ ବେଶ ପରିଚିତ । ଗରିବ ଲୋକଙ୍କ ଭତ୍ତା, ରୋଗୀଙ୍କୁ ଚିକିତ୍ସା ସୁବିଧା, ରକ୍ତ ଯୋଗାଡ଼, ରାସ୍ତା ଏବଂ ପାଣି ସମସ୍ୟାର ସମାଧାନ ଆଦି ତାଙ୍କ ଟୁଇଟ ମାଧ୍ୟମରେ ହୋଇପାରିଛି । ଲୋକେ ନିଜ ସମସ୍ୟା ସମ୍ପର୍କରେ ପ୍ରଶାସନକୁ ଅବଗତ କରିବା ପାଇଁ ଦୀପକଙ୍କ ପାଖରେ ପହଞ୍ଚୁଛନ୍ତି । ସମସ୍ୟା ସମ୍ପର୍କରେ ଅବଗତ ହେବାପରେ ସେ ତତ୍କାଳ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଟୁଇଟ୍ ମାଧ୍ୟମରେ ଜଣାଇ ଦେଉଛନ୍ତି । ଏମିତିକି ସମସ୍ୟା ସମାଧାନ ହେବା ପର୍ଯ୍ୟନ୍ତ ସେ ପ୍ରଶାସନ ସହ ଯୋଗାଯୋଗରେ ରହିଥାଆନ୍ତି । ତାହା ସମାଧାନ ହେବା ପରେ ଫେସବୁକ୍ ମାଧ୍ୟମରେ ଲୋକଙ୍କ ସଚେତନତା ଉଦ୍ଦେଶ୍ୟରେ ପୋଷ୍ଟ କରିଥାଆନ୍ତି । ଦୀପକଙ୍କ ଏପରି ମହତ କାର୍ଯ୍ୟକୁ ନେଇ ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ଉଚ୍ଚପ୍ରଶଂସା କରାଯାଇଛି । ଏ ସମ୍ପର୍କରେ ଶ୍ରୀ ଦୀପକଙ୍କୁ ପଚାରିବାରେ ସେ କୁହନ୍ତି ମାନବ ସେବା ହିଁ ମାଧବ ସେବା, ମୁଁ ମୋ ଜୀବନକୁ ସମାଜ ସେବାରେ ଉତ୍ସର୍ଗ କରିଦେଇଛି । ମୋ ଦେହରେ ଶେଷ ରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ ଲୋକଙ୍କ ସେବା ଏମିତି ଜାରି ରଖିବି ।

# ଚାରିଦିନ ନଯାଉଣୁ ରାସ୍ତାରୁ ଉଠିଲା ପିଚୁ



ଭୁବନ,୧୭ ।୩(ସମିସ): ଭୁବନ ଥାନା ଛକରୁ କୀର୍ତ୍ତନପୁର ପର୍ଯ୍ୟନ୍ତ ରାସ୍ତା ପିଚୁ କାର୍ଯ୍ୟ ମାତ୍ର ୫ ଦିନ ପୂର୍ବରୁ ହୋଇଛି । କାର୍ଯ୍ୟ ସମୟରେ ବହୁ ବ୍ୟକ୍ତି ଅଭିଯୋଗ କରିଥିଲେ ଯେ ପିଚୁର ମାତ୍ରା ବହୁତ କମ ରହୁଛି । ମାନ ଠିକ ରହୁନି । ଯାହାକି ଏବେ ସତ ପ୍ରମାଣିତ ହୋଇଛି । କାମ ହେବାର ମାତ୍ର ୫ ଦିନ ପରେ ପିଚୁ ଉଠିଗଲାଣି । ଭୂଷଳ ଶାନ୍ତି ଆଶ୍ରମ ନିକଟରେ ଏହି ପିଚୁ ଉଠିଯାଇଥିବା ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି ଗ୍ରାମବାସୀ । ରାସ୍ତାର ୨ ପାର୍ଶ୍ୱରେ ମୋରମ ପକାଇବା କଥା, ମାତ୍ର ଅନେକ ସ୍ଥାନରେ ମୋରମ ପକାଯାଇ ନ ଥିବା ଦେଖିବାକୁ ମିଳିଛି । ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ସନ୍ତୋଷଜନକ ଉତ୍ତର ମିଳିପାରିନାହିଁ ।

## ତଣ୍ଡିକୂଳ ପ୍ରାଥମିକ ସମବାୟ ସମିତି

# ସହସଂପାଦକଙ୍କ ବେଆଇନ ନିଯୁକ୍ତିକୁ ନେଇ ତେଜୁଛି ବିବାଦ

ଜଗତସିଂହପୁର,୧୭।୩(ସମିସ)

ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ଅନ୍ତର୍ଗତ ତଣ୍ଡିକୂଳ ପ୍ରାଥମିକ ସମବାୟ ସମିତିରେ ବିଗତ ୧୫ ବର୍ଷରୁ ଅଧିକ ସମୟ ହେବ ସହ-ସଂପାଦକ ଭାବେ କାମ କରୁଥିବା ସଂଗ୍ରାମକିଶୋର ସେନାପତିଙ୍କ ନିଯୁକ୍ତି ବେଆଇନ ବୋଲି ତଦନ୍ତ ରିପୋର୍ଟରେ ସ୍ପଷ୍ଟ ଉଲ୍ଲେଖ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି ପାଉଥିବା ସୂଚନା ମିଳିଛି। ଶ୍ରୀ ସେନାପତିଙ୍କ ନିଯୁକ୍ତି ସଂପୂର୍ଣ୍ଣ ବେଆଇନ ଏବଂ ସମବାୟ ସମିତିରେ ନିଯୁକ୍ତି ପାଇଁ ରହିଥିବା ଗାଇଡ୍‌ଲାଇନ ଉଲ୍ଲଙ୍ଘନ କରି ତାଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ଅଭିଯୋଗ ଉଠାଇଥିଲେ ସ୍ଥାନୀୟ ଚାଷୀ ବୈକୁଣ୍ଠ ବିଶ୍ୱାଳ। ତଦନ୍ତ ପରେ ଏହି ଅଭିଯୋଗରେ ସତ୍ୟତା ରହିଥିବା ଜଣାପଡିଥିଲା। ତେବେ ତଦନ୍ତ ରିପୋର୍ଟ ଆସିବାର ୮ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ସଂପୃକ୍ତ ସହସଂପାଦକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ ଉଠାଇଛନ୍ତି ଚାଷୀ ବୈକୁଣ୍ଠ ବିଶ୍ୱାଳ। ଶ୍ରୀ ବିଶ୍ୱାଳ ପୂର୍ବରୁ ଅନେକ ଥର ଜିଲ୍ଲା ପ୍ରଶାସନ ନିକଟରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିବା ବେଳେ ପ୍ରଶାସନ ନିର୍ଦ୍ଦିଷ୍ଟ ପାଲଟିଥିବା ଅଭିଯୋଗ କରିଛନ୍ତି। ଆଜି ପୁନର୍ବାର ଶ୍ରୀ ବିଶ୍ୱାଳ ଏହି ଦାବିକୁ ଦୋହରାଇବା ସହିତ ଆଗାମୀ ୭ ଦିନ ମଧ୍ୟରେ ସଂପୃକ୍ତ ସହ ସଂପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଜିଲ୍ଲା ସମବାୟ ସମିତି ସମୂହଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ତଣ୍ଡିକୂଳ ପ୍ରାଥମିକ ସମବାୟ ସମିତିରେ ସଂଗ୍ରାମକିଶୋର ସେନାପତିଙ୍କୁ ଗତ ୨୦୨୦ ମସିହା ଜାନୁଆରୀ ୨୭ ତାରିଖ ସାଧାରଣ ପରିଷଦ ବୈଠକର ବସିବା ଅନୁସାରେ ତତ୍କାଳୀନ ସଭାପତି ଜାନୁଆରୀ ୨୮ ତାରିଖରେ ସହ-ସଂପାଦକ ଭାବେ ନିଯୁକ୍ତି ଦେଇଥିଲେ। ତେବେ ଏହି ନିଯୁକ୍ତି ସମୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି ନିଆଯାଇନଥିଲା। ସେହିପରି ଏହି ନିଯୁକ୍ତି ପ୍ରକ୍ରିୟାରେ ଓସିଏସ୍ ଆକ୍ଟ ୧୯୬୨ ଏବଂ ୧୯୬୫ ରୁଲ୍ସକୁ ଉଲ୍ଲଙ୍ଘନ କରାଯାଇଥିବା ଅଭିଯୋଗ ଉଠାଇ ଜଗତସିଂହପୁର ସମବାୟ ସମିତି ସମୂହର ଉପ-ନିବନ୍ଧକଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଭାବେ ଜଣାଇଥିଲେ ଚାଷୀ ବୈକୁଣ୍ଠ ବିଶ୍ୱାଳ ଏବଂ ଗୌରାଙ୍ଗ ଦାସ। ଏହି ଅଭିଯୋଗର ତଦନ୍ତ ପାଇଁ ଗତ ୨୦୨୫ ମସିହା ଜାନୁଆରୀ ୧୫ ତାରିଖରେ ଉକ୍ତ କାର୍ଯ୍ୟାଳୟର ସହକାରୀ ନିବନ୍ଧକ ପିଙ୍କି ହାସଦାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେହିବର୍ଷ ଫେବୃଆରୀ ୨୮, ଏପ୍ରିଲ ୨୫, ମେ' ୭ ଏବଂ ମେ' ୨୩ ତାରିଖ ମୋଟ ୪ଟି ପର୍ଯ୍ୟାୟରେ ଏହି ଅଭିଯୋଗ ଉପରେ ତଦନ୍ତ ହୋଇଥିଲା ଏବଂ ସମବାୟ ସମିତିରେ ନିଯୁକ୍ତି ପାଇଁ ରହିଥିବା ସମସ୍ତ ନିୟମକୁ ଜଳାଞ୍ଜଳି ଦେଇ ଶ୍ରୀ ସେନାପତିଙ୍କୁ ନିଯୁକ୍ତି ମିଳିଥିବା ସ୍ପଷ୍ଟ ହୋଇଥିଲା। ଏହି ତଦନ୍ତ ସମୟରେ ସମିତିର ୨୦୧୦-୧୧ ବର୍ଷରୁ ୨୦୧୭-୧୮ ବର୍ଷ ପର୍ଯ୍ୟନ୍ତ ଅଡିଟ୍ ରିପୋର୍ଟ ଯାଞ୍ଚ କରାଯାଇଥିଲା। ଯେଉଁଥିରେ ସହ-ସଂପାଦକ ଶ୍ରୀ ସେନାପତିଙ୍କ ନିଯୁକ୍ତି ସଂପର୍କରେ ଭ୍ରମିତ ତଥ୍ୟ ରହିଥିବା ପରିଲକ୍ଷିତ ହୋଇଥିଲା। କେତେକ ସ୍ଥାନରେ ସହସଂପାଦକ ପଦ ଖାଲିଥିବା ଦର୍ଶାଯାଇଥିବା ବେଳେ ଆଉ କିଛି ସ୍ଥାନରେ ନିଯୁକ୍ତି ତାରିଖ ୨୦୧୨ ଏପ୍ରିଲ ୧ ତାରିଖ ବୋଲି ଉଲ୍ଲେଖ ରହିଥିଲା। ଆଉ କିଛି ସ୍ଥାନରେ ମଧ୍ୟ ଶ୍ରୀ ସେନାପତିଙ୍କ ନିଯୁକ୍ତି ତାରିଖ ୨୦୨୦ ଜାନୁଆରୀ ୨୭ ତାରିଖ ଉଲ୍ଲେଖ ଥିବା ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି। ସେହିପରି ଶ୍ରୀ ସେନାପତିଙ୍କ ମାଟ୍ରିକ୍ ସାର୍ଟିଫିକେଟରେ ଜନ୍ମ ତାରିଖ ୧୯୯୦ ମସିହା ଏପ୍ରିଲ ୧୯ ତାରିଖ ରହିଥିବା ବେଳେ ସେ ନିଯୁକ୍ତି ପାଇଥିବା ତାରିଖ ୨୦୨୦ ମସିହା ଜାନୁଆରୀ ୨୮ ବେଳକୁ ତାଙ୍କୁ ୨୯ ବର୍ଷ ପୂର୍ଣ୍ଣ ହୋଇନଥିଲା। ସମବାୟ ସମିତିରେ ସିଧାସଳଖ ନିଯୁକ୍ତି ପାଇଁ ସର୍ବନିମ୍ନ ବୟସ ୩୨ ରହିଥିବା ବେଳେ ଶ୍ରୀ ସେନାପତିଙ୍କ ନିଯୁକ୍ତି ସଂପୂର୍ଣ୍ଣ ବେଆଇନ ବୋଲି ତଦନ୍ତ ରିପୋର୍ଟରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ଏହି ନିଯୁକ୍ତି ପ୍ରକ୍ରିୟାରେ ଓସିଏସ ଆକ୍ଟ ୧୯୬୨ (୧୯୬୩ ଓଡିଶା ଆକ୍ଟ ୨)ର ସେକ୍ସନ ୩୩-ଏ ଏବଂ ଆରସିଏସ(ଓ) ଭୁବନେଶ୍ୱର ଗାଇଡଲାଇନକୁ ଉଲ୍ଲଙ୍ଘନ କରାଯାଇଛି। ତେବେ ତଦନ୍ତ ରିପୋର୍ଟ ଆସିବାର ୮ ମାସ ପରେ ମଧ୍ୟ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ଚାଷୀ ବୈକୁଣ୍ଠ ବିଶ୍ୱାଳ ଅଭିଯୋଗ କରିଛନ୍ତି।

## ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ପଟ୍ଟାମୁଣ୍ଡାଇ,୧୭।୩(ସମିସ): ସାନଜରିଆ ପଞ୍ଚାୟତର ବଡ଼ଜରିଆ ମା' ସରସ୍ୱତୀ ବିଦ୍ୟାମନ୍ଦିରର ୫ମ ବାର୍ଷିକ ଉତ୍ସବ ଓ ପିତୃମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶିକ୍ଷାବିତ ମିର୍ଜା ଉମର ବେଗଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟାପକ ସତ୍ୟଜିତ ରାଉତରାୟ ମୁଖ୍ୟଅତିଥି, ପଣ୍ଡିତ ପ୍ରମୋଦ ତ୍ରିପାଠୀ ମୁଖ୍ୟବକ୍ତା, ଶିକ୍ଷାବିତ ସଞ୍ଜୀବ ତରାଇ, ସୁଲେଖ ପ୍ରଧାନ, ସତ୍ୟବ୍ରତ ସ୍ୱାଇଁ, ସଞ୍ଜୟ ଜେନା, ପଣ୍ଡିତ ରମାକାନ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉତ୍ତମ ଶିକ୍ଷା ଓ ସଂସ୍କାର ପିଲାଙ୍କୁ ଭଲ ମଣିଷ ଭାବେ ଗଢି ତୋଳିବାରେ ସହାୟକ ହୋଇଥାଏ ବୋଲି ମତପ୍ରକାଶ କରିବା ସହିତ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଉତ୍ସବ ପୂର୍ବରୁ ଆୟୋଜିତ ପିତୃମାତୃ ସମ୍ମିଳନୀରେ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀ ପିତୃମାତୃଙ୍କୁ ପୂଜାର୍ଚ୍ଚନା କରିଥିଲେ। ଅନୁ ଗୁରୁମା ସ୍ୱାଗତ ଭାଷଣ ଓ ମାନସୀ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶରତ ସ୍ୱାଇଁ ବିବରଣୀ ପାଠ କରିଥିଲେ। ଗୁରୁଜୀ ସୌରଭ ଚକ୍ରବର୍ତ୍ତୀ ଧନ୍ୟବାଦ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ପ୍ରେମଲତା ମହାନ୍ତି, ସରସ୍ୱତୀ ଦାସ ଓ ରୋଜାଲିନ ରାଉତ ପରିଚାଳନା କରିଥିଲେ।

## ପିଚୁ ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ



ବାଲିକୁଦା,୧୭।୩(ସମିସ): ବାଲିକୁଦା ବ୍ଲକ ଖାଲଗାଁ ପଞ୍ଚାୟତ ମଠ ସାହି କ୍ଲବ ଗଡ଼ା ନିକଟରୁ ଅପଣ୍ଡରା ବଜାର ପର୍ଯ୍ୟନ୍ତ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୬ ଲକ୍ଷ ଟଙ୍କାର ନିର୍ମାଣ ହେଉଥିବା ପିଚୁ ରାସ୍ତା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ବିଭାଗୀୟ ଏସି ଓ ଯନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ ଏହି ରାସ୍ତା ତାଙ୍କ ନିଜସ୍ୱ ପଞ୍ଚାୟତର ହୋଇଥିବା ବେଳେ ଭାରୀଯାନ ଚଳାଚଳ କରିବା କାରଣରୁ ରାସ୍ତା ଉପରୁ ପିଚୁ ସ୍ତର ଉଠିଯାଇ ଖାଲଖମାରେ ପରିଣତ ହୋଇଥିଲା। ଯାହାକୁ ନେଇ ଲୋକେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ପ୍ରତ୍ୟେକ ଦିନ ଏହି ରାସ୍ତାରେ ଦୁର୍ଘଟଣା ଘଟି ଅନେକ ବ୍ୟକ୍ତି କ୍ଷତବିକ୍ଷତ ହୋଇଛନ୍ତି। ଯାହାକୁ ନେଇ ସେ ବ୍ୟକ୍ତିଗତ ଭାବେ ଜିଲ୍ଲାପାଳ ଓ ବିଭାଗ ସହ ବାରମ୍ବାର ଆଲୋଚନା କରିବା ପରେ ରାସ୍ତା ମଞ୍ଜୁରୀ ପାଇବା ସହ ଏନେଇ ଟେଣ୍ଡର ହୋଇଥିଲା। ଟେଣ୍ଡର ପାଇଥିବା ଠିକାଦାର ଆଜି କାର୍ଯ୍ୟ ଆରମ୍ଭ କରିଥିବା ବେଳେ କାର୍ଯ୍ୟରେ ତାରପେଟ ନକରି କେବଳ ପତଳା ପରସ୍ତରେ ସିଲ୍‌କୋର୍ଟ ଦେଇ କାର୍ଯ୍ୟ କରିଛି। ଏପରିକି ରାସ୍ତା ସଠିକ ଭାବେ ସଫେଇ କରାନଯାଇ ଅଳ୍ପ ପରିମାଣର ପିଚୁ ତେଲ ବ୍ୟବହାର କରାଯାଉଥିବା କାରଣରୁ କାର୍ଯ୍ୟ ସରିବାର କିଛି ଦିନ ମଧ୍ୟରେ ଏହି ରାସ୍ତା ଉପରେ ଭାରୀଯାନ ଚଳାଚଳ କରିବା ଦ୍ୱାରା ପିଚୁ ଉଠିଯିବାର ଆଶଙ୍କା ରହିଥିବା ସେ ଅଭିଯୋଗ କରିଥିଲେ। ଠିକାଦାର ଲାଭ ପାଇବା ଆଶାରେ ନିମ୍ନମାନର କାର୍ଯ୍ୟ କରୁଥିବା ସେ କହିଛନ୍ତି। ଏନେଇ ସେ ବିଭାଗୀୟ ଯନ୍ତ୍ରୀ ସଞ୍ଜୟ ସ୍ୱାଇଁଙ୍କ ସହ ଆଲୋଚନା କରିଥିବା ବେଳେ ସେ ଆଜି କାର୍ଯ୍ୟ କରାଯାଉଥିବା ସମ୍ପର୍କରେ ଠିକାଦାର ସଂସ୍ଥା ତାଙ୍କୁ ଅବଗତ କରାଇ ନଥିବା ପ୍ରକାଶ କରିଥିବା ବେଳେ ବିଭାଗୀୟ ଏସି ଅନିରୁଦ୍ଧ ଡୋରା ଯନ୍ତ୍ରୀଙ୍କୁ ପଠାଇ ତଦନ୍ତ କରିବେ ଓ ସଠିକ ଭାବେ କାର୍ଯ୍ୟ କରାଯିବ ବୋଲି କହିଥିଲେ। ଏନେଇ ବିଭାଗୀୟ ଯନ୍ତ୍ରୀ ସଞ୍ଜୟ ସ୍ୱାଇଁ କହିଛନ୍ତି ତାଙ୍କ ସହ ଅଧ୍ୟକ୍ଷଙ୍କ ଆଲୋଚନା ହୋଇଛି ଓ ସେ କାଲି କାର୍ଯ୍ୟସ୍ଥଳୀକୁ ଆସି ନିଜେ ତଦନ୍ତ କରିବେ। ଯଦି କାର୍ଯ୍ୟ ୨୦ ଏମ୍‌ଏମ୍‌ରୁ କମ ହୋଇଥାଏ ତେବେ ସେ ଆଉଥରେ ଠିକାଦାରଙ୍କ ଦ୍ୱାରା ସେହି କାର୍ଯ୍ୟ କରାଇବେ।

## ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବରେ ଏମ୍‌ଏନ ହାଇସ୍କୁଲର ସଫଳତା



ପଟ୍ଟାମୁଣ୍ଡାଇ,୧୭।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ଏମ୍‌ଏନ୍ ହାଇସ୍କୁଲର ଛାତ୍ରଛାତ୍ରୀ ସଫଳତା ହାସଲ କରି ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି। କେନ୍ଦ୍ରାପଡ଼ା ହାଇସ୍କୁଲ ପଡିଆରେ ଆୟୋଜିତ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବରେ ଜିଲ୍ଲାର ୧୧ଟି ହାଇସ୍କୁଲ ଯୋଗ ଦେଇଥିଲେ। ଏମ୍‌ଏନ ହାଇସ୍କୁଲର ୪୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ବିଭାଗରେ ଭାଗ ନେଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ସ୍ୱାଗତିକା ସ୍ୱାଇଁ ଓ ଶୁଭସ୍ମିତା ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏମ୍‌ଏନ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ପ୍ରଧାନଶିକ୍ଷକ ଅଶୋକ ରାଉତରାୟ, ସହକାରୀ ଶିକ୍ଷକ ସରୋଜ ସ୍ୱାଇଁ, ଅଶୋକ ଦାଶ, ତାପସ ବେହେରା, ଅନୀତା ଧଳ, ଶଶାଙ୍କଶେଖର ସାହୁ, ଅଭିଷେକ ନାୟକ, ବିନୋଦ ନାଥ, ବିନୋଦ ଜେନା, ଗୋମତୀ ସ୍ୱାଇଁ, ଜ୍ୟୋତିଲକ୍ଷ୍ମୀ ବେହେରା, ଶାଶ୍ୱତୀ ଶୁଭଦର୍ଶନୀ ସାହୁ, ରଶ୍ମିତା ତରାଇ, ତପସ୍ୱିନୀ ମଲ୍ଲିକଙ୍କ ମାର୍ଗଦର୍ଶନ ଓ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ସମ୍ଭବ ହୋଇଛି।

## ସମସ୍ୟା ଘେରରେ ଦୋହଲୀ ମଡ଼େଲ ହାଇସ୍କୁଲ



ଡେରାବିଶ, ୧୭।୩(ସମିସ): ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କ ନିମନ୍ତେ ଆଲୋକବର୍ତ୍ତିକା ସାଜି ୧୯୪୬ରେ ପ୍ରତିଷ୍ଠା ହୋଇଥିବା ଡେରାବିଶ ବ୍ଲକ୍‌ର ସର୍ବପୁରାତନ ଉଚ୍ଚବିଦ୍ୟାଳୟ ଦୋହଲୀ ମଡେଲ ହାଇସ୍କୁଲ ଅଧୁନା ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟ ଏବେ ବହୁ ସମସ୍ୟା ମଧ୍ୟଦେଇ ଗତି କରୁଥିବାବେଳେ ଏହାର ଅନେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ବନ୍ଦ ହୋଇରହିଥିବା ଦେଖାଯାଇଛି।

୭୦ ଦଶକରେ ଏହି ବିଦ୍ୟାଳୟକୁ ଦୂରଦୂରାନ୍ତରୁ ଆସୁଥିବା ଶିକ୍ଷକଙ୍କ ରହିବା ପାଇଁ କ୍ୱାଟର ବ୍ୟବସ୍ଥା ଥିବା ସହିତ ପ୍ରଧାନଶିକ୍ଷକଙ୍କ ପାଇଁ ସ୍ୱତନ୍ତ୍ର କ୍ୱାଟରର ବ୍ୟବସ୍ଥା କରାଯାଇଥିଲା। ବିଦ୍ୟାଳୟରେ ପ୍ରାୟ ସମସ୍ତ ସମୟରେ ପ୍ରଧାନଶିକ୍ଷକଙ୍କ ସହିତ ଅନ୍ୟ ଶିକ୍ଷକ ସେଠାରେ ରହୁଥିଲେ। କିଛିବର୍ଷ ପରେ ପ୍ରଧାନଶିକ୍ଷକଙ୍କ କ୍ୱାଟର ନଷ୍ଟ ହେବାକୁ ଲାଗିଲା ଓ ମରାମତି ଅଭାବରୁ ଏହା ସମ୍ପୂର୍ଣ୍ଣ ଭାଙ୍ଗି ଏବେ ଭୂତକୋଠିରେ ପହଞ୍ଚିଛି। ଏହି ବିଦ୍ୟାଳୟ ପରିସରରେ ମୋ ସ୍କୁଲ ଯୋଜନାରେ ବହୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲେ ବି ତହିଁରୁ କିଛି ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଛି। ଏକ ଗୃହର ନିର୍ମାଣ କାର୍ଯ୍ୟ କେବଳ ପିଲାରର ରଡ୍ ଉପରକୁ ଲମ୍ବିଥିବାବେଳେ ଦୁଇବର୍ଷ ହେଲା ଡିପିସିଠାରୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ଫଳରେ ପିଲାର ପାଇଁ ବାହାରକୁ ବାହାରିଥିବା ରଡ୍‌ଗୁଡ଼ିକ ଖରାବର୍ଷାରେ କଳଙ୍କି ଲାଗିଗଲାଣି। ବିଦ୍ୟାଳୟରେ ସଂସ୍କୃତ ପଢ଼ାଇବା ପାଇଁ ଦୀର୍ଘ ବର୍ଷ ଧରି ନିଯୁକ୍ତି ପାଇଥିବା ସଂସ୍କୃତ ଶିକ୍ଷୟିତ୍ରୀ ଜଣକ ଡେପୁଟେସନ୍‌ରେ ପୁରୀ ଜିଲ୍ଲାରେ କାର୍ଯ୍ୟ କରି ଏଠାରୁ ମୋଟାଅଙ୍କର ଦରମା ନେଇ ଚାଲିଛନ୍ତି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ତୃତୀୟ ଭାଷା ସଂସ୍କୃତ ପଢ଼ିବାକୁ ଇଚ୍ଛାଥିଲେ ବି ଶିକ୍ଷକ ଅଭାବରୁ ବାଧ ହୋଇ ସଂସ୍କୃତ ବଦଳରେ ଆଇଟି ବିଷୟ ନେଇ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ବାରମ୍ବାର ଅଭିଭାବକଙ୍କ ଦାବି ପରେ ଚଳିତ ବର୍ଷ ନିକଟସ୍ଥ ଏକ ବିଦ୍ୟାଳୟରୁ ସପ୍ତାହକୁ ତିନିଦିନ ପଢ଼ାଇବା ପାଇଁ ଜଣେ ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ଏହି ବିଦ୍ୟାଳୟରେ ପଢ଼ାଇବା ପାଇଁ ସାମୟିକ ଭାବେ ନିର୍ଦ୍ଦେଶ ଦିଆଯାଇଛି। ତେବେ ଅଭିଭାବକମାନେ ତୁରନ୍ତ ଡେପୁଟେସନ୍‌ରେ ଯାଇଥିବା ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ଏଠାକୁ ଫେରାଇ ଆଣିବା ନତୁବା ତାଙ୍କୁ ଏଠାରୁ ବଦଳି କରାଯାଇ ଅନ୍ୟଜଣେ ସଂସ୍କୃତ ଶିକ୍ଷକଙ୍କୁ ଏଠାରେ ସ୍ଥାୟୀ ନିଯୁକ୍ତି କରିବା, ବିଦ୍ୟାଳୟର ଅସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା, ପ୍ରଧାନଶିକ୍ଷକଙ୍କ କ୍ୱାଟର ସହିତ ଅନ୍ୟ ଶିକ୍ଷକଙ୍କ କ୍ୱାଟର ନିର୍ମାଣ କରିବା ପାଇଁ ଦାବି କରିଛନ୍ତି।

## କନିକା ଅଞ୍ଚଳରେ ବଢ଼ିଚାଲିଛି ବାଲି ଓ ମାଟି ଚାଲାଣ

ରାଜକନିକା,୧୭।୩(ସମିସ): କନିକା ତହସିଲ ପ୍ରଶାସନ ପାଇଁ ଏବେ ଚୋରା ମାଟି ଓ ବାଲି ଚାଲାଣର ଚଢ଼ଉ ମୁଖ୍ୟ ବେଉସା ପାଲଟିଛି। ବର୍ଷ ବର୍ଷ ଧରି ବେଆଇନ ଭାବେ ଚୋରା ବାଲି ଓ ମାଟି ଚାଲାଣ ଜାରି ରହିଥିବାବେଳେ ତହସିଲ ପ୍ରଶାସନ ରାଜସ୍ୱ ଆଦାୟ ନାମରେ କେବଳ ଭେଳିକି କରି ଚଢ଼ଉ ଫାର୍ସ କରି ସ୍ୱଚ୍ଛତାର ପ୍ରମାଣ ଦେବା ଲୋକହସା ପାଲଟିଛି। ରାଜସ୍ୱ ମାମଲାପ୍ରବଣ କନିକା ତହସିଲର ସର୍ବସାଧାରଣ ସମ୍ପତ୍ତି ବ୍ୟକ୍ତିଗତ ମାଲିକାନାକୁ ଚାଲିଯିବା, ବହୁ ଦିନରୁ ପଡିରହିଥିବା ବହୁ ବିବାଦୀୟ ଜମିଜମା ମାମଲାକୁ ଯେନତେନ ପ୍ରକାରେ ଭିତିରିଆ ସମାଧାନ କରି ମୋଟା ଅଙ୍କର ଲାଞ୍ଚ ନେଇ ବର୍ତ୍ତମାନ ତହସିଲ ଚର୍ଚ୍ଚାରେ ଥିବା ସମାଲୋଚିତ ହୋଇଛି। କନିକା ତହସିଲରେ ବିନା ଲାଞ୍ଚରେ କୌଣସି ଗୋଟିଏ ବି କାମ ହେଉ ନ ଥିବାବେଳେ ଏବେ ବେଆଇନ ଭାବେ ଲଘୁ ଖଣିଜ ଦ୍ରବ୍ୟ ପରିବହନ ଉପରେ ଚଢ଼ଉ ହୋଇ ଟ୍ରକ୍, ହାଇୱା, ଟ୍ରାକ୍ଟର ଜବତ ହେବା ପରେ ପରେ ପୁଣି ଖଲାସ ହେବା ରୀତିମତ ଧାରା ବଳବତ୍ତର ରହିଛି। ବେଆଇନ ଭାବେ ମାଟି ଓ ବାଲି ଚାଲାଣ ଅଭିଯୋଗରେ ଜବତ ହୋଇଥିବା କୁହାଯାଇ ଅଟକ ରଖିବା ପରେ ପୁଣି ଛାଡି ଦିଆଯାଉଥିବା ଅଭିଯୋଗ ହେଉଛି। ଚୋରା ବାଲି ଓ ମାଟି ଚାଲାଣ ଉପରେ ଉଚ୍ଚ କର୍ତ୍ତୃପକ୍ଷ ରୋକ ଲଗାଇବାକୁ ସାଧାରଣରେ ଦାବି ହେଉଛି।

## ବିଜୟଚାନ୍ଦପୁର ସ୍କୁଲର ବାର୍ଷିକ ଉତ୍ସବ



ପାରାଦୀପ,୧୭।୩(ସମିସ): ପାରାଦୀପ ବିଜୟଚାନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ପାରାଦୀପ ଗଡ଼ କ୍ଲଷ୍ଟର ସିଆର୍‌ସିସି ସମୀର କୁମାର ଓଝା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନୂଆଗଡ଼ ପଞ୍ଚାୟତର ନାଏବ ସରପଞ୍ଚ ଲକ୍ଷ୍ମୀପ୍ରିୟା ମହାନ୍ତି, ଆର୍‌ସେଲର ମିତ୍ତଲ ନିପ୍ପନ ଷ୍ଟିଲର ସଂଯୁକ୍ତା ନାୟକ, ପରିଚାଳନା କମିଟିର ସଭାପତି ଜଗନ୍ନାଥ ହାଲଦାର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ସିଂ ଏଥିରେ ଅଧ୍ୟକ୍ଷତା କରିଥିଲେ। କୃତୀ ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ସେମାନଙ୍କର ଅଭିଭାବକ ଉପସ୍ଥିତ ଥିଲେ।

## ଜମ୍ମୁ-କାଶ୍ମୀରରେ ଓଡିଆ ବୋହୂଙ୍କୁ ହତ୍ୟା ଅଭିଯୋଗ

ରାଜନଗର,୧୭।୩(ସମିସ): ଜମ୍ମୁ କାଶ୍ମୀରରେ ଓଡ଼ିଆ ବୋହୂଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସ୍ୱାମୀ, ନଣଦ, ଭିଣୋଇ ମିଶି ହତ୍ୟା କରିଥିବା ନେଇ ମୃତ ଝିଅର ବାପା ଅଭିଯୋଗ କରିଛନ୍ତି। ମହାକାଳପଡ଼ା ଥାନା ଅନ୍ତର୍ଗତ ବସୁଆପଲ୍ଲୀ ଗାଁର ରାଧାଶ୍ୟାମ ସାହୁଙ୍କ ଝିଅ ସ୍ୱର୍ଣ୍ଣଲତା ସାହୁ ୫ ବର୍ଷ ପୂର୍ବେ ରାଜନଗର ଥାନା ଅନ୍ତର୍ଗତ ଚକିବାଙ୍କ ଗାଁର ନିରଞ୍ଜନ ରାଉତଙ୍କ ପୁଅ ମିଥୁନ ରାଉତଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଅଳଙ୍କାର, ଆସବାବପତ୍ର ଓ ନଗଦ ଟଙ୍କା ଦିଆଯାଇଥିଲା। ତାଙ୍କର ୪ ବର୍ଷର ଗୋଟିଏ ଝିଅ ଅଛି। ମିଥୁନ ଜମ୍ମୁ-କାଶ୍ମୀରରେ ପାଣି ପାଇପ ଠିକାଦାର ଭାବେ କାମ କରନ୍ତି। ସ୍ୱାଇଁ, ଝିଅ, ନତୁଣୀଙ୍କ ସହିତ ସ୍ୱାଇଁଙ୍କ ଭଉଣୀ ଓ ଭିଣୋଇ ସେଠାରେ ସାଙ୍ଗ ହୋଇ ରୁହନ୍ତି। ସେମାନେ ମିଳିମିଶି ତାଙ୍କ ଝିଅଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେଉଥିଲେ। ୧୬ ତାରିଖ ଦିନ ସକାଳେ ଜମ୍ମୁ-କାଶ୍ମୀର ପୁଲିସ ତାଙ୍କୁ ଫୋନ କରି ଝିଅ ମରିଯାଇଥିବା ସୂଚନା ଦେଇଥିଲେ। ସ୍ୱାମୀ, ନଣଦ, ଭିଣୋଇ ମିଳିମିଶି ତାଙ୍କ ଝିଅକୁ ହତ୍ୟା କରିଛନ୍ତି ବୋଲି ଆଜି ରାଜନଗର ଥାନାରେ ରାଧାଶ୍ୟାମ ସାହୁ ଅଭିଯୋଗ କରିଛନ୍ତି। ଘଟଣା ଜମ୍ମୁ-କାଶ୍ମୀରରେ ଘଟିଥିବାରୁ ପୁଲିସ ଅଭିଯୋଗ ରଖିଥିଲେ ମଧ୍ୟ ମାମଲା ରୁଜୁ କରିନାହିଁ।

## ବ୍ରାହ୍ମଣୀ ନଦୀର ନଗଡ଼ ନିକଟରେ ପଥର ପ୍ୟାକିଂ ଦାବି

ରାଜନଗର,୧୭।୩(ସମିସ): ରାଜନଗର ବ୍ଲକ ନଦୀନାଳ ଘେରା ଅଞ୍ଚଳ। ଏହି ବ୍ଲକ୍‌ର ବନ୍ଧପଡ଼ା, ଓସ୍ତିଆ ପଞ୍ଚାୟତ ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ। ଜଳବାୟୁ ପରିବର୍ତ୍ତନ ଓ ବନ୍ୟା ଯୋଗୁଁ ବ୍ରାହ୍ମଣୀ ନଦୀ ପଠା ଖାଇ ଗାଁକୁ ଖାଇବାକୁ ବସିଲାଣି। ନଗଡ ଗାଁର ୨୦ରୁ ଊର୍ଦ୍ଧ୍ୱ ପରିବାରର ଭିଟାମାଟି ବ୍ରାହ୍ମଣୀ ଆଁରେ ଯାଇସାରିଛି। ବ୍ରାହ୍ମଣୀ ଆଁରୁ ଅଞ୍ଚଳକୁ ସୁରକ୍ଷା ଦେବାକୁ ୨୦୨୪-୨୫ ଆର୍ଥିକ ବର୍ଷରେ ୧୮ କୋଟି ଟଙ୍କା ତଟ ସୁରକ୍ଷା ପାଇଁ ସରକାର ଯୋଗାଇ ଦେଇଥିଲେ। ବ୍ରାହ୍ମଣୀ ନଦୀର ଗଜରିଆ ଲୁଣା ଘେରିବନ୍ଧର ସୁରକ୍ଷା ପାଇଁ ଏହି ଅର୍ଥ ଯୋଗାଇ ଦିଆଯାଇଥିଲା। ସନ୍ଥପଡ଼ାଠାରୁ ନଗଡ ଯାଏଁ ୧୯୮୦ ମିଟର ଲମ୍ବର ପଥର ପ୍ୟାକିଂ ଓ ଡମ୍ପିଂ ପାଇଁ ଏହି ଅର୍ଥ ଦିଆଯାଇଛି। ବର୍ଷକ ମଧ୍ୟରେ କାମ ସାରିବା ପାଇଁ ଚୁକ୍ତି ହୋଇଥିଲା। ମାତ୍ର ନଗଡ ଗାଁକୁ ଯିବା ପାଇଁ ଥିବା ପୋଲରେ ପଥର ଗାଡ଼ି ଗଲେ ପୋଲ ଭାଙ୍ଗିଯିବ କହି ପଥର ଗାଡ଼ିକୁ କେତେକ ବ୍ୟକ୍ତି ଅଟକାଇଲେ, ଏପରିକି ପୁଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପୋଲ ଉପରେ ଗାଡ଼ି ନ ନେବାକୁ ତାଗିଦ କଲା। କେନାଲରେ ମାଟି ବନ୍ଧ କରି ପଥର ଗାଡ଼ି ନେବାକୁ ପରାମର୍ଶ ଦେଲେ। ଏବେ କେନାଲ ଉପରେ ହୋମ ପାଇପ ପକାଇ ଠିକାଦାର ପଥର ଗାଡ଼ି ନେବାକୁ ମାଟି ବନ୍ଧ କରିବା ସମୟରେ କେତେକ ବ୍ୟକ୍ତି କାମ କରୁଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବନ୍ୟା ସମୟରେ ନଦୀ ଯେପରି ଭୟଙ୍କର ରୂପ ଧାରଣ କରୁଛି ଓ ଗୋଟିଏ ଦୁଇଟି ବନ୍ୟା ପରେ ନଗଡ ଗାଁ ସମ୍ପୂର୍ଣ୍ଣ ଭାବେ ନଦୀ ଗର୍ଭରେ ଚାଲିଯାଇଥିବ। କେବଳ ନଗଡ ଗ୍ରାମ ନୁହେଁ ସନ୍ଥପଡ଼ା, ଗୋବିନ୍ଦପୁର, ଛମାଣିଆ ବନ୍ଧ ମଧ୍ୟ ନଦୀ ଗର୍ଭକୁ ଚାଲିଯିବ। ତୁରନ୍ତ ବ୍ରାହ୍ମଣୀ ନଦୀ କୂଳରେ ପଥର ପ୍ୟାକିଂ ଓ ଡମ୍ପିଂ କାମ ତୁରନ୍ତ କରିବା ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀ ଜିଲ୍ଲାପାଳ, ରାଜନଗର ତହସିଲଦାର ଓ ଆଳି ତଟବନ୍ଧ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ମେଡିକାଲ କଲେଜ ପ୍ରତିଷ୍ଠା ଦାବିକଲା ଜନମଞ୍ଚ

ପଟ୍ଟାମୁଣ୍ଡାଇ,୧୭।୩(ସମିସ): ରାଜ୍ୟ ସରକାର କେନ୍ଦ୍ରାପଡ଼ାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି। ଏହାକୁ ଜିଲ୍ଲାର ଅଗ୍ରଣୀ ଗଣସଂଗଠନ ଜନମଞ୍ଚ ପକ୍ଷରୁ ସ୍ୱାଗତ କରାଯାଇଛି। ଏଥିସହିତ ଜିଲ୍ଲାର ସ୍ୱାସ୍ଥ୍ୟସେବାରେ ଉନ୍ନତି ଓ ଭିତ୍ତିଭୂମି ସୁଦୃଢ ପାଇଁ ଜିଲ୍ଲାବାସୀଙ୍କ ଦୀର୍ଘଦିନର ଦାବି ମେଡିକାଲ କଲେଜ ପ୍ରତିଷ୍ଠା ଦିଗରେ ଅବିଳମ୍ବେ ପଦକ୍ଷେପ ନେବାକୁ ଦାବି କରାଯାଇଛି। ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋରଦାର କରିବା ପାଇଁ ଜନମଞ୍ଚର ଏକ ବୈଠକ ଆବାହକ ପ୍ରଫେସର ଦୁର୍ଯ୍ୟୋଧନ ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ପ୍ରଦୀପ ସାମନ୍ତରାୟ, ସର୍ବେଶ୍ୱର ବାରିକ, ଅଭିମନ୍ୟୁ ମଲ୍ଲିକ, ସର୍ବେଶ୍ୱର ସେଠୀ, କାଉନସିଲର ମଳୟ ଓଝା, କୃପାସିନ୍ଧୁ ସାମଲ, ବିଭୁପ୍ରସାଦ ଦାସ, ଅନ୍ତର୍ଯ୍ୟାମୀ ପରିଡା, ଶୈଳେନ୍ଦ୍ର ମହାନ୍ତି, ନିତ୍ୟାନନ୍ଦ ନାଥ, ଅମାପ ବିଶ୍ୱାଳ, ସରୋଜ ପଣ୍ଡା, ବୀରେନ୍ଦ୍ର ସାମଲ, ଶରତ ବିଶ୍ୱାଳ, ଅମର ନାଥ ମଲ୍ଲିକ, ବାଦଲ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ରବୀନ୍ଦ୍ର ପରିଡ଼ା ଧନ୍ୟବାଦ ଦେଇଥିଲେ।

## ଅଧ୍ୟକ୍ଷ ଅତୁଲ ବଳଙ୍କ ସ୍ମୃତିଚାରଣ ସଭା

ରାଜନଗର, ୧୭।୩(ସମିସ): ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଅତୁଲ କୁମାର ବଳଙ୍କ ଦ୍ୱାଦଶାହରେ ମହାବିଦ୍ୟାଳୟ ଷ୍ଟାଫ୍ ଆସୋସିଏସନ ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅମୀୟ କୁମାର ଦାସ ସଭାକୁ ଉଦ୍‌ଘାଟନ କରିଥିବାବେଳେ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଷ୍ଟାଫ୍ ଆସୋସିଏସନ୍ ସଭାପତି ସନ୍ଦୀପ ମହାପାତ୍ର ସଭା ପରିଚାଳନା କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ଅଭିମନ୍ୟୁ ରାଉତ ଅତୁଲ ସାରଙ୍କ କଲେଜ ପ୍ରତି ଭଲ ପାଇବା ଥିବା କହିଥିଲେ। ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ ଯୋଗଦେଇ ସ୍ୱର୍ଗତ ଅଧ୍ୟକ୍ଷଙ୍କ ସ୍ମୃତିଚାରଣ କରିଥିଲେ। ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ପୁରାତନ ଛାତ୍ର ସମାବେଶ

ନାଉଗାଁ,୧୭।୩(ସମିସ): ନାଉଗାଁ ବ୍ଲକର ପୁରାତନ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ବିଦ୍ୟାଳୟ ଆରମ୍ଭରୁ ତଥା ୧୯୬୨ ମସିହାରୁ ୨୦୨୬ ପର୍ଯ୍ୟନ୍ତ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ବରିଷ୍ଠ ଛାତ୍ର ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସମାବେଶ ସଭାରେ ଛାତ୍ରଛାତ୍ରୀ ବିଦ୍ୟାଳୟ ଆରମ୍ଭରୁ ଆଜିଯାଏ ସମସ୍ତ ସୁବିଧା ଅସୁବିଧା ବିଷୟରେ ନିଜନିଜର ମତ ପ୍ରକାଶ କରିବା ସହିତ ଆଗକୁ ଏହି ବିଦ୍ୟାଳୟର କିପରି ଉନ୍ନତିକରଣ କରାଯିବ ସେଥିପ୍ରତି ଆଲୋଚନା କରିଥିଲେ। ପରେ ପରେ ସମସ୍ତ ବ୍ୟାଚର ଛାତ୍ରଛାତ୍ରୀ ନିଜନିଜର ପୁରାତନ ବନ୍ଧୁ ମାନଙ୍କୁ ପାଖରେ ପାଇ ନିଜନିଜ ଭିତରେ ସୁଖଦୁଃଖ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଅଜୟ କୁମାର ଦଳାଇ, ରବୀନ୍ଦ୍ର କୁମାର ସ୍ୱାଇଁ, ଶିଶିର କୁମାର ନାୟକ, ଗିରିଧାରୀ ପୁହାଣ, ଉପେନ୍ଦ୍ରନାଥ ବିଶ୍ୱାଳ, ନିଳୁରାମ ଜେନାଙ୍କ ସମେତ ବହୁ ବରିଷ୍ଠ ଓ କନିଷ୍ଠ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

## ପିଇଓଙ୍କ ତଥ୍ୟ ବଢ଼ାଇଲା ସନ୍ଦେହ

# ସରକାରୀ ଖାତାକୁ ଫେରିନି ଅଗ୍ରୀମ ଭତ୍ତା ଟଙ୍କା

ମହାକାଳପଡ଼ା,୧୭।୩(ସମିସ)

ମହାକାଳପଡ଼ା ବ୍ଲକ ଏବେ କିଛିଦିନ ହେବ ଅଗ୍ରୀମ ଭତ୍ତା ଟଙ୍କାକୁ ନେଇ ଉଠୁଛି ପଡୁଛି। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁସାରେ ୩୧ ପଞ୍ଚାୟତ ମଧ୍ୟରୁ ୨୭ଟି ପଞ୍ଚାୟତର ତଥ୍ୟ କହୁଛି ୧୦ ପଞ୍ଚାୟତକୁ ଛାଡି ଅବଶିଷ୍ଟ ୧୭ ପଞ୍ଚାୟତରେ ଏବେବି ଅଗ୍ରୀମ ଭତ୍ତା ଟଙ୍କା ୯୪,୭୦,୪୫୮ ଟଙ୍କା ସରକାରୀ ଖାତାକୁ ନ ଫେରି ବ୍ୟକ୍ତିଗତ ଭାବେ ହାତରେ ରହିଛି। ସରପଞ୍ଚ, ପିଇଓ ଓ ଏଡିଇଓ ଭତ୍ତା ଟଙ୍କା ପ୍ରଦାନ ପାଇଁ ନେଇଥିବା ଅଗ୍ରୀମ ଟଙ୍କା ଭତ୍ତା ବଣ୍ଟନ ପରେ ବଳକା ଟଙ୍କା ନ ଫେରାଇବା ତଥ୍ୟ ସାମ୍ନାକୁ ଆସିବା ପରେ ପ୍ରଶାସନ ଏବେ ହରଡ଼ଘଣାରେ ପଡ଼ିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅଗ୍ରୀମ ଟଙ୍କା ଉଠାଇଥିବା କିଛି ସରପଞ୍ଚଙ୍କ କାର୍ଯ୍ୟକାଳ ସରିଥିବାବେଳେ କିଛି କର୍ମଚାରୀଙ୍କ ଅନ୍ୟ ବ୍ଲକ୍‌କୁ ବଦଳି ହୋଇସାରିଛି। ଏ ନେଇ କିଛି ସଚେତନ ନାଗରିକ ଅଭିଯୋଗ କରିବା ପରେ ମଧ୍ୟ ପ୍ରଶାସନ ଚିଠି ଲେଖି ଅଭିଯୋଗକୁ ସମାଧାନ କରିବା ପାଇଁ ପ୍ରୟାସ କରୁଛି। ଯାହାକୁ ନେଇ ପ୍ରଶାସନର ପାରିବାପଣିଆ ଉପରେ ଲୋକେ ଅସନ୍ତୋଷ ପ୍ରକଟ କରିଛନ୍ତି। ରାଜଗଡ଼ ପଞ୍ଚାୟତର ପିଇଓ ମୃତ୍ୟୁଞ୍ଜୟ ରାଉତ ଫେବୃଆରୀ ୬ ତାରିଖ ପର୍ଯ୍ୟନ୍ତ ଦେଇଥିବା ଭତ୍ତା ଟଙ୍କା ହିସାବ ଅନୁସାରେ ରାଜଗଡ଼ ପଞ୍ଚାୟତରେ ୮୭,୫୩,୧୦୦ ଟଙ୍କା ଅଗ୍ରୀମ ରହିଛି। ସେଥିମଧ୍ୟରୁ ତତ୍କାଳୀନ ଏଡିଇଓ ଲିପିକା ରାଉତଙ୍କ ପାଖରେ ସର୍ବାଧିକ ୮୬, ୭୦, ୮୦୦ ଟଙ୍କା ରହିଛି। ଏ ନେଇ ଆମେ ଲିପିକା ରାଉତଙ୍କ ସହିତ କଥା ହେବାରୁ ତାଙ୍କ ପାଖରେ କୌଣସି ଗଚ୍ଛିତ ଟଙ୍କା ନାହିଁ ବୋଲି କହିଥିଲେ। ସେ ଯେଉଁ ଅଗ୍ରୀମ ଟଙ୍କା ଆଣିଥିଲେ ତାହାକୁ ସେ ଭତ୍ତା ଟଙ୍କା ବାଣ୍ଟିବା ସହିତ ଅବଶିଷ୍ଟ ଟଙ୍କା ଜମା କରିସାରିଛନ୍ତି। ତେବେ ଏହି ଘଟଣା ଏବେ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଖୋଦ୍ ପଞ୍ଚାୟତର ପିଇଓ ହାତକାଟି ଲେଖିଛନ୍ତି କି ତତ୍କାଳୀନ ଏଡିଇଓଙ୍କ ପାଖରେ ଅଗ୍ରୀମ ନେଇଥିବା ଟଙ୍କା ରହିଛି। ହେଲେ ଲିପିକା 'ସକାଳ'କୁ ଦେଇଥିବା କ୍ଲିନ୍‌ଚିଟ୍ ଉତ୍ତର ଏବେ ଏହି ଘଟଣାକୁ ଆହୁରି ରହସ୍ୟମୟ କରିଛି। ଏଠି ପ୍ରଶ୍ନ ଉଠୁଛି ଯେ ସତ କହୁଛି କିଏ? ପଞ୍ଚାୟତର ପିଇଓ ନା ତତ୍କାଳୀନ ଏଡିଇଓ? ତେବେ ଏହି ଅଗ୍ରୀମ ଭତ୍ତା ଟଙ୍କାର ଲୁଚକାଳି ଖେଳ ଭିତରେ ଏବେ ସମଗ୍ର ମହାକାଳପଡ଼ା ପ୍ରଶାସନକୁ ଦୋଷ ମୁଣ୍ଡାଇବାକୁ ପଡୁଛି। କେବେ ଏହି ଲୁଚକାଳି ଖେଳରେ ପ୍ରଶାସନ ପୂର୍ଣ୍ଣଚ୍ଛେଦ ପକାଇବ, ତାହା ଦେଖିବାକୁ ସମସ୍ତଙ୍କର ନଜର ରହିଛି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୯୩୭- ଟେକ୍ସାସ୍‌ର ଏକ ସ୍କୁଲ୍‌ରେ ବିସ୍ଫୋରଣ ହେବାରୁ ୨୯୪ ଲୋକଙ୍କ ମୃତ୍ୟୁ।
- ୧୯୪୪- ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଜାଦ ହିନ୍ଦ୍ ଫୌଜ ବର୍ମା ସୀମା ପାର୍ କଲା।
- ୧୯୭୧- ପେରୁରେ ଭୂସ୍ଖଳନ ଯୋଗୁଁ ୨୦୦ ଲୋକଙ୍କ ପ୍ରାଣହାନି।
- ୨୦୦୯ - କେନ୍ଦ୍ର ମନ୍ତ୍ରିମଣ୍ଡଳ ମେଘାଳୟରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ ସୁପାରିଶ କଲା।

## ଭିକାରିମୁକ୍ତ ଦେଶ



ବିଶ୍ୱର ପ୍ରାୟ ପ୍ରତ୍ୟେକ ଦେଶରେ ଭିକାରି ଦେଖାଯାନ୍ତି। ହେଲେ ସ୍ୱିଜରଲ୍ୟାଣ୍ଡ ଏପରି ଏକ ଦେଶ ଯେଉଁଠି ରାସ୍ତାଘାଟରେ ଜଣେ ବି ଭିକାରି ଦେଖିବାକୁ ମିଳନ୍ତି ନାହିଁ। ଏହି ଦେଶ ବିଶ୍ୱର ସବୁଠୁ ସମୃଦ୍ଧ ଏବଂ ଖୁସି ଦେଶ ଭାବେ ଜଣାଶୁଣା। ଏଠାକାର ମଜଭୁତ ଆର୍ଥିକ ବ୍ୟବସ୍ଥା, ସାମାଜିକ ସୁରକ୍ଷା ଯୋଜନା ଏଠାରେ ଗରିବୀକୁ ପୂରାପୂରି ଶେଷ କରି ଦେଇଛି। ସେହିପରି ଏଠାରେ କାହାରି ଚାକିରି ଚାଲିଗଲେ, ତାଙ୍କୁ ସରକାର ତାଙ୍କର ପୂର୍ବ ଦରମାର ପ୍ରାୟ ୮୦ ପ୍ରତିଶତ ଆର୍ଥିକ ସହାୟତା ପ୍ରଦାନ କରନ୍ତି। ଏହାସହ ସ୍ଥାନୀୟ ସରକାରଙ୍କ ତରଫରୁ ନୂଆ ଚାକିରି ପାଇବା ପାଇଁ ସ୍ୱତନ୍ତ୍ର ତାଲିମ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପରିଚାଳିତ କରାଯାଏ। ଏହାଦ୍ୱାରା ଲୋକେ ନୂଆ କୌଶଳ ଶିଖି ପୁଣି ଥରେ ନୂତନ କର୍ମକ୍ଷେତ୍ରକୁ ଫେରିଥାନ୍ତି। ସ୍ୱିଜରଲ୍ୟାଣ୍ଡ ୟୁରୋପର ସବୁଠୁ ଧନୀ ଦେଶ ଭାବେ ଜଣାଯାଏ। ଏଠାକାର ହାରାହାରି ଆୟ ଢେର୍ ଅଧିକ। ଏହି ଦେଶରେ କୌଣସି ବ୍ୟକ୍ତିଙ୍କର ଯେପରି ଘର ସମସ୍ୟା ରହିବ ନାହିଁ ତାହା ସରକାର ସୁନିଶ୍ଚିତ କରାଇଥାନ୍ତି। ଏହାବାଦ୍ ଘର ନ ଥିବା ଲୋକଙ୍କୁ ସରକାରୀ ଯୋଜନାରେ ରହିବା ପାଇଁ ସୁବିଧା ଯୋଗାଇ ଦିଆଯାଏ। କେବଳ ଘର ନୁହେଁ, ସ୍ୱାସ୍ଥ୍ୟ ସେବାକୁ ମଧ୍ୟ ଏଠାରେ ଅଧିକ ପ୍ରାଧାନ୍ୟ ଦିଆଯାଏ। ନାଗରିକ ଶୃଙ୍ଖଳା ଉପରେ ମଧ୍ୟ ବହୁତ ଗୁରୁତ୍ୱ ଦିଆଯାଇଥାଏ। ଏହି କାରଣରୁ ଏଠାରେ ରାସ୍ତାଘାଟ ବହୁତ ସଫା ଏବଂ ବ୍ୟବସ୍ଥିତ ଥାଏ। ସ୍ୱିଜରଲ୍ୟାଣ୍ଡରେ ଯେଉଁ ଲୋକଙ୍କ ପାଖେ ରହିବାକୁ ଘର, ଖାଇବା ପିଇବାର ସୁବିଧା ଏବଂ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବା ସହିତ ସେମାନଙ୍କ ଆୟ ହାରାହାରି ଆୟ ଠାରୁ କମ୍ ହୋଇଥାଏ ସେମାନଙ୍କୁ ଗରିବ ବୋଲି ବିବେଚନା କରାଯାଏ। ଏହି କାରଣରୁ ଏହି ଦେଶରେ ସାଧାରଣ ସ୍ଥାନମାନଙ୍କରେ ଭିକାରି ଦେଖିବାକୁ ମିଳନ୍ତିନି। ତେଣୁ କୌଣସି ଭିକାରି ଏଠାରେ ଭିକ ମାଗନ୍ତି ନାହିଁ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ସ୍ଥାନୀୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ସରକାରୀ ଯୋଜନା ଏଠାକାର ନାଗରିକମାନଙ୍କୁ ଆର୍ଥିକ ରୂପେ ସଶକ୍ତ କରିଛି।

## ‘ଧୁରନ୍ଧର-୨’ରେ ୟାମୀ!



ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଅଭିନୀତ ସିନେମା ‘ଧୁରନ୍ଧର’ ବକ୍ସ ଅଫିସ୍‌ରେ ରେକର୍ଡ ଆୟ କରିଥିଲା। ଏହାର ସିକ୍ୱେଲକୁ ନେଇ ମଧ୍ୟ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ତାଙ୍କ ପତ୍ନୀ ତଥା ଅଭିନେତ୍ରୀ ୟାମୀ ଗୌତମ ନଜର ଆସିବେ ବୋଲି ଏବେ ଜଣାପଡ଼ିଛି। ଏକ୍ସରେ @KshitizCritic ପକ୍ଷରୁ ସେୟାର୍ କରାଯାଇଥିବା ଏକ ପୋଷ୍ଟରେ ‘ଧୁରନ୍ଧର ୨’ରେ ଡାକ୍ତର ଭୂମିକାରେ ‘ୱାଇଜି’ ନଜର ଆସିବେ ବୋଲି ଲେଖାଯାଇଛି। ଏଥିରୁ ଦର୍ଶକେ ‘ୱାଇଜି’ ଅର୍ଥ ୟାମୀ ଗୌତମ ଏଥିରେ ନଜର ଆସିବେ ବୋଲି ଅନୁମାନ ଲଗାଉଛନ୍ତି। ତେବେ ‘ଧୁରନ୍ଧର ୨’ର କାହାଣୀରେ ଟ୍ୱିଷ୍ଟ ଆଣିବା ପାଇଁ ଏକ ହସ୍ପିଟାଲ୍ ସିନ୍ ରଖାଯାଇଛି। ୟାମୀଙ୍କ ଭୂମିକା ଫିଲ୍ମର ନାୟକଙ୍କ ମିଶନ୍‌କୁ ପ୍ରଭାବିତ କରୁଥିବା କୌଣସି ମୁଖ୍ୟ ଘଟଣାକ୍ରମ ସହ ଯୋଡ଼ି ହୋଇ ରହିଛି ବୋଲି କିଛି ରିପୋର୍ଟରେ କୁହାଯାଇଛି। ଅବଶ୍ୟ ଏନେଇ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ। ଅନ୍ୟପଟେ ଭିକି କୌଶଲ ମଧ୍ୟ ସିନେମାରେ ଅତିଥି କଳାକାର ଭାବେ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ସିନେମାଟି ମୁକ୍ତିଲାଭ କରିବା ପରେ ହିଁ ୟାମୀ ଏଥିରେ ଅଭିନୟ କରୁଛନ୍ତି କି ନାହିଁ ତାହା ଉପରୁ ପରଦା ଉଠିବ।

## ବିଜୁଳି, ମୋବାଇଲ ବିନା ୨୫ ବର୍ଷ



ଆଜିକାଲି ବିଦ୍ୟୁତ୍, ମୋବାଇଲ୍ ବିନା ଜୀବନ କଳ୍ପନା କରିବା ଅସମ୍ଭବ। ଏପରିସ୍ଥଳେ ତେଲେଙ୍ଗାନା ଭଦ୍ରାଦ୍ରୀ କୋଥାଗୁଡେମ୍ ଜିଲ୍ଲାର ଗୁରୁଙ୍ଗୁଟଲା ରେଡ୍ଡିଙ୍କ ପରିବାର ଦୀର୍ଘ ୨୫ ବର୍ଷ ଧରି ପାହାଡ଼ ଉପରେ ରହି ଆସୁଛନ୍ତି। ଏହି ପରିବାରର ସଦସ୍ୟମାନେ ବିଜୁଳି, ଆଧୁନିକ ଜୀବନଶୈଳୀଠୁ ଦୂରେଇ ରହି ଚାଷବାସ ଓ ଜଡ଼ିବୁଟି ସାହାଯ୍ୟରେ ଜୀବନ ଜିଉଁଛନ୍ତି। ଏହି ସ୍ଥାନ ତେଲେଙ୍ଗାନା ଓ ଆନ୍ଧ୍ର ପ୍ରଦେଶର ସୀମାରେ ଅବସ୍ଥିତ। ଏହି ଅଞ୍ଚଳ କନ୍ଥଲମ ବନ ଅଞ୍ଚଳରେ ଥିବା ପାହାଡ଼ଗୁଡ଼ିକରେ ଆସିଥାଏ। ଏଠାରେ ପୂର୍ବରୁ ଚାଳିଶ ଆଦିବାସୀ ପରିବାର ରହୁଥିଲେ। ୧୯୯୦ରେ ସ୍ଥାନୀୟ ଅଞ୍ଚଳର ପ୍ରଶାସନିକ ଅଧିକାରୀମାନେ ଏହି ପରିବାରଗୁଡ଼ିକୁ ପାହାଡ଼ ତଳେ ରହିବା ପାଇଁ ପରାମର୍ଶ ଦେଇଥିଲେ। କାରଣ ଜଙ୍ଗଲରେ ବିଦ୍ୟୁତ୍, ପାଣି ଏବଂ ଶିକ୍ଷା ଭଳି ଅନ୍ୟ ସୁବିଧା ଯୋଗାଇବା ଖୁବ୍ କଠିନ ଥିଲା। ୨୦୦୦ ମସିହାରେ ସେଥିରୁ ୩୯ଟି ପରିବାର ପାହାଡ଼ ତଳେ ଥିବା କଲୋନୀରେ ରହିଲେ। ହେଲେ ଗୁରୁଙ୍ଗୁଟଲାଙ୍କ ପରିବାର ତଳେ ଆସି ରହିବାକୁ ମନା କଲେ। ଫଳରେ ଏହି ଆଦିବାସୀ ପରିବାର ଦୀର୍ଘ ୨୫ ବର୍ଷ ଧରି ଏହି ସ୍ଥାନରେ ରହି ଆସୁଛନ୍ତି। ବିଦ୍ୟୁତ୍ ଓ ପାଣି ବିନା ଉକ୍ତ ପରିବାର କୃଷିକାର୍ଯ୍ୟ ଏବଂ ଜଡ଼ିବୁଟି ସାହାରାରେ ଜୀବନ ଅତିବାହିତ କରୁଛନ୍ତି। ଗୁରୁଙ୍ଗୁଟଲା ନିଜ ପତ୍ନୀ ଏବଂ ପୁଅ ସହ ସେଠାରେ ରହୁଛନ୍ତି। ଅଧିକାରୀମାନେ ଭାବିଥିଲେ ଯେ, ସମୟ ସହ ସେମାନଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆସିବ ଏବଂ ସେମାନେ ତଳକୁ ଆସିବେ। ହେଲେ ସେପରି କିଛି ଘଟିଲାନି।

ଗୁରୁଙ୍ଗୁଟଲାଙ୍କ କହିବାନୁଯାୟୀ, ତାଙ୍କ ଜନ୍ମ ଏହି ଜଙ୍ଗଲରେ ହୋଇଛି ଏବଂ ସେ ଏହି ସ୍ଥାନରେ ମରିବାକୁ ଚାହାଁନ୍ତି। ସେହିପରି ସ୍ୱାମୀ ଯେଉଁଠି ରହିବେ ସେଠାରେ ରହିବା ପାଇଁ ତାଙ୍କ ପତ୍ନୀ ମଧ୍ୟ ଜିଦ୍ ଧରିଛନ୍ତି। ଏଥିସହ ତାଙ୍କ ପୁଅ ମଧ୍ୟ ପିତାମାତାଙ୍କ ସହ ରହିବା ପାଇଁ ସ୍ଥିର କରିଛି। ଏହିପରି ଭାବେ ସେମାନେ ଆଧୁନିକ ଦୁନିଆରୁ ଦୂରେଇ ନିଜର ଏକ ସ୍ୱତନ୍ତ୍ର ଦୁନିଆ ତିଆରି କରିଛନ୍ତି। ଅନ୍ୟପଟେ ସେମାନଙ୍କର ପାଞ୍ଚୋଟି ଝୁମ୍ପୁଡ଼ି ରହିଛି। ତିନିଟିରେ ସେମାନେ ରହୁଥିବାବେଳେ ଗୋଟିଏରେ କୁକୁଡ଼ା, କୁକୁର ଭଳି ପୋଷା ପ୍ରାଣୀ ଏବଂ ଅନ୍ୟଟିରେ କାଠ ରଖିଥାନ୍ତି। ରାତିରେ ଆଲୋକ ପାଇଁ ନିଆଁ ଜାଳନ୍ତି। ବର୍ଷାରେ ଝୁମ୍ପୁଡ଼ିରୁ ପାଣି ଝରିଲେ ମନ୍ଦିରରେ ଲାଗିଥିବା ବ୍ୟାନର ଆଣି ଛାତ ଉପରେ ପକାନ୍ତି। ଏଥିସହ ସେମାନେ ନିଜେ ଚାଷ କରି ଖାଆନ୍ତି। ନଦୀ ପାଣି ପିଅନ୍ତି। ସେହିପରି କୌଣସି ରୋଗ ହେଲେ ଗଛ ପତ୍ର ଏବଂ ଜଡ଼ିବୁଟି ବ୍ୟବହାର କରନ୍ତି। ଜଙ୍ଗଲୀ ଜନ୍ତୁମାନେ ମଧ୍ୟ ସେମାନଙ୍କର କୌଣସି କ୍ଷତି କରନ୍ତି ନାହିଁ ବୋଲି ଏହି ପରିବାର ଦାବି କରନ୍ତି। ଦିନରାତି ବିଷୟରେ ଜାଣିପାରୁଥିଲେ ସୁଦ୍ଧା ତାରିଖ ଓ ସମୟ ବିଷୟରେ ଜାଣିପାରନ୍ତି ନାହିଁ ବୋଲି ଏହି ପରିବାରର ଲୋକେ କୁହନ୍ତି। ପ୍ରଶାସିନକ ଅଧିକାରୀମାନେ ସେମାନଙ୍କୁ ଆଣିବା ପାଇଁ ଗଲାବେଳେ ସେମାନେ ଜଙ୍ଗଲରେ ଲୁଚି ଯାଆନ୍ତି। ଏହି ପରିବାର ନିଜ ଇଚ୍ଛାନୁସାରେ ଜଙ୍ଗଲରେ ଜିଉଁଛନ୍ତି ସେମାନଙ୍କୁ ତଳକୁ ନେଇ ଆସିଲେ ଦୁଃଖୀ ହେବେ ବୋଲି ଜଙ୍ଗଲ ଛାଡ଼ି ତଳେ ରହୁଥିବା ପରିବାରଗୁଡ଼ିକ ମତ ଦିଅନ୍ତି।

## ସମ୍ଭାବନା



## ପ୍ରମ୍ପ୍ଟ ଇଞ୍ଜିନିୟରିଂ କୋର୍ସ



**ପ୍ରମ୍ପ୍ଟ ଇଞ୍ଜିନିୟରିଂର ସମ୍ବନ୍ଧ ଏଆଇ ଏବଂ ମେସିନ ଲର୍ଣ୍ଣିଂ ସହିତ ରହିଛି। ଏବେ ଏଆଇ ଯୁଗରେ ପ୍ରମ୍ପ୍ଟ ଇଞ୍ଜିନିୟରିଂ କୋର୍ସ ଓ ଏହା ସହିତ ସମ୍ବନ୍ଧିତ ଚାକିରିର ଚାହିଦା ବେଶି ବୋଲି କୁହାଯାଉଛି।**

ପ୍ରମ୍ପ୍ଟ ଇଞ୍ଜିନିୟରିଂର ଅର୍ଥ ହେଉଛି ଏଆଇ ଟୁଲ୍ ଯେଭଳି ଠିକ୍ ଉତ୍ତର ଦେବ, ସେଥିଲାଗି ଠିକ୍ ପ୍ରଶ୍ନ ଓ ଇନଷ୍ଟ୍ରକସନ ପ୍ରସ୍ତୁତ କରିବା। ଫଳରେ ଏଆଇ ଟୁଲ୍ ଏହାକୁ ବୁଝି ଉତ୍ତର ଦେଇଥାଏ। ଏଥିରେ ଠିକ୍ ଶବ୍ଦକୁ ଚୟନ କରିବା, ସ୍ପଷ୍ଟ ନିର୍ଦ୍ଦେଶ (ପ୍ରମ୍ପ୍ଟ) ଦେବା ଏବଂ ଆବଶ୍ୟକ ପ୍ରଶ୍ନକୁ ବିସ୍ତୃତ ଭାବେ ବୁଝିବା ସାମିଲ ଥାଏ। ଯଦି ପ୍ରମ୍ପ୍ଟ ଠିକ୍ ଭାବେ ଲେଖା ଯାଇଥିବ, ଏଆଇ ଟୁଲ୍ ଆବଶ୍ୟକତା ଅନୁସାରେ, ଭଲ ଆଉଟପୁଟ୍ ଦେଇଥାଏ।

**କ’ଣ ଶିଖିବେ**

ପ୍ରମ୍ପ୍ଟ ଇଞ୍ଜିନିୟରିଂରେ ଏଆଇକୁ ଠିକ୍ ଭାବେ ନିର୍ଦ୍ଦେଶ କିଭଳି ଦିଆଯିବ, ତାହା ଶିଖିପାରିବେ। ଡାଟା କିଭଳି ଇନପୁଟ୍ କରାଯିବ, ତାହା ଶିକ୍ଷା ଦିଆଯାଏ। ଏଆଇର ସୀମା କ’ଣ ଏବଂ ଏଥିରେ ଏଥିକଲ ଠିକ୍ ଭାବେ କିଭଳି ବ୍ୟବହାର କରାଯିବ, ତାହା ଜାଣି ହୁଏ। ପ୍ରମ୍ପ୍ଟ ଇଞ୍ଜିନିୟରିଂ ଶିଖିକି ଏଆଇ ସହିତ ସ୍ମାର୍ଟ, ସହଜ ଓ ସୁରକ୍ଷିତ ଉପାୟରେ କାମ କରିପାରିବେ।

**ଚାକିରି:** ପ୍ରମ୍ପ୍ଟ ଇଞ୍ଜିନିୟରିଂ ପରେ ଟେକ୍, ହେଲଥ କେୟାର୍, ଫାଇନାନ୍ସ, ଏଜୁକେସନ ଆଦି ପ୍ରତ୍ୟେକ କ୍ଷେତ୍ରରେ କାମ କରିବାର ସୁଯୋଗ ମିଳେ। ବର୍ତ୍ତମାନ ଗୁଗଲ, ମାଇକ୍ରୋସଫ୍ଟ, ଆମାଜନ ଏଆଇ ଏବଂ ଏମଏଲ ଉପରେ ବହୁ ନିବେଶ କରୁଛନ୍ତି।

ଏହି ସବୁ କମ୍ପାନିକୁ ଏମିତି ବିଶେଷଜ୍ଞ ଆବଶ୍ୟକ, ଯେଉଁମାନେ ସେମାନଙ୍କ ଏଆଇ ମଡେଲକୁ ପ୍ରଶିକ୍ଷଣ ଦେଇପାରିବେ। ଯେଉଁମାନେ ଏଆଇ ଟୁଲ୍ ତଥା ମଡେଲକୁ ବୁଝିବାକୁ ଚାହାନ୍ତି, ସେମାନେ ପ୍ରମ୍ପ୍ଟ ଇଞ୍ଜିନିୟରିଂ କରିପାରିବେ।

## ସିଡ୍ୟୁଲ ମେସେଜ ଫିଚର୍



ଏଣିକି ମଧ୍ୟରାତ୍ରିରେ ଜନ୍ମଦିନ ଶୁଭେଚ୍ଛା ଜଣାଇବା ଲାଗି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଲୋକଙ୍କୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ହ୍ୱାଟ୍ସଆପ୍ ଏମିତି ଏକ ଫିଚର୍ ଆଣିବ, ଯେଉଁଥିରେ ବ୍ୟବହାରକାରୀ ସ୍ଥିରୀକୃତ ସମୟରେ ମେସେଜ ପଠାଇପାରିବେ। ଏ ଲାଗି ସିଡ୍ୟୁଲ ମେସେଜ ଫିଚର୍‌କୁ ପରିଚିତ କରାଇବ। ଏହି ଫିଚର୍ ମାଧ୍ୟମରେ ବ୍ୟବହାରକାରୀ ପୂର୍ବରୁ ମେସେଜ ଟାଇପ୍ କରିକି ନିର୍ଦ୍ଧାରିତ ତାରିଖ ଓ ସମୟ ପାଇଁ ସେଟ୍ କରାଯାଏ। ଠିକ୍ ସମୟ ଆସିବା ପରେ ମେସେଜ ଆପେ ଆପେ ରିସିଭର ପାଖରେ ପହଞ୍ଚି ଯିବ। ଏ ଲାଗି ବ୍ୟବହାରକାରୀଙ୍କୁ ପୁଣି ଥରେ ଆପ୍ ଖୋଲିବାକୁ ପଡ଼ିବ ନାହିଁ। ଏବେ ହ୍ୱାଟ୍ସଆପ୍ ଏହି ଫିଚର୍ ଉପରେ କାମ ଚଳାଇଛି। ତେବେ ଆଇଓଏସ୍‌ରେ ହ୍ୱାଟ୍ସଆପ୍ ସିଡ୍ୟୁଲ ମେସେଜ ଭଳି ସୁବିଧା ପୂର୍ବରୁ ଅଛି। ହେଲେ ଏହାକୁ ସର୍ଟକଟ୍ ଆପ୍ ମାଧ୍ୟମରେ ଅଟୋମେସନ କରିବାକୁ ପଡ଼ିଥାଏ। ଏହି ଉପାୟ ଜଟିଳ ହୋଇଥିବା ବେଳେ ସମସ୍ତଙ୍କ ପାଇଁ ସହଜ ବି ନୁହେଁ। ଅନ୍ୟପଟେ ଏବେ ଏହା ବିଟା ଟେଷ୍ଟିଂ ପାଇଁ ଉପଲବ୍ଧ ନାହିଁ।

## ନିରବତାରେ କାମ



**ବର୍ତ୍ତମାନ କାର୍ଯ୍ୟ ସଂସ୍କୃତିରେ ଏକ ନୂଆ ଟ୍ରେଣ୍ଡ ସାମ୍ନାକୁ ଆସିଛି। ଏହାକୁ ‘ସାଇଲେଣ୍ଟ କୋ-ୱାର୍କିଂ’ କୁହାଯାଉଛି। ଏଥିରେ ବିନା ପାଟିତୁଣ୍ଡରେ ଧ୍ୟାନର ସହକାରେ କାମ କରାଯାଏ। ଫ୍ରିଲାନ୍ସର ଏବଂ ଟେକ୍ ପ୍ରଫେସନାଲ ଏହି ମଡେଲକୁ ଅଧିକ ଆପଣାଉଛନ୍ତି। କାରଣ ନିରବତାରେ କାମ କରିବା ଦ୍ୱାରା କାର୍ଯ୍ୟ କ୍ଷମତା ବୃଦ୍ଧି ପାଉଛି ଏବଂ ଶାନ୍ତିଭଙ୍ଗ କମ୍ ହେଉଛି। ତେଣୁ ଏହାକୁ କାମ କରିବାର ନୂଆ ତଥା ପ୍ରଭାବୀ ଉପାୟ ବୋଲି କୁହାଯାଉଛି।**

ଏହାକୁ ମୌନ ୱାର୍କ ସ୍ପେସ୍ ମଧ୍ୟ କୁହାଯାଏ। କାର୍ଯ୍ୟ କ୍ଷେତ୍ରରେ କମ୍ ପାଟିତୁଣ୍ଡ ହେଉଥିବାରୁ ଏହା ପ୍ରତି ସମସ୍ତେ ଟାଣି ହେଉଛନ୍ତି। ଏମିତି ବି ଦାବି କରାଯାଉଛି ଯେ, ଏହାଦ୍ୱାରା କାର୍ଯ୍ୟାଳୟରେ ଭଲ ପରିବେଶ ସୃଷ୍ଟି ହେବା ସହ ଲୋକେ ଶୀଘ୍ର କାମ କରୁଛନ୍ତି। ତେବେ ସାଇଲେଣ୍ଟ କୋ-ୱାର୍କ ସ୍ପେସ୍ ହେଉଛି ଅଫିସ୍ ଏବଂ ଲାଇବ୍ରେରୀର ଏକ ସ୍ମାର୍ଟ ମେଳ। ଏଥିରେ କେବଳ କାମ କରାଯାଏ ଏବଂ କୌଣସି କଥାବାର୍ତ୍ତା ନ ଥାଏ। ଏହି ଟ୍ରେଣ୍ଡକୁ ଆପଣାଉଥିବା ଲୋକେ ନିଜ ଲାପଟପ୍ ଏବଂ ହେଡ୍‌ଫୋନ୍ ସହିତ ଆସନ୍ତି। ଗୋଟିଏ ସିଟ୍ ବାଛି ଘଣ୍ଟା ଘଣ୍ଟା କାମ କରନ୍ତି। ଏହା ଏମିତି ନିରୋଳା ପରିବେଶ ସୃଷ୍ଟି କରେ ଯେ, ଫୋନ୍ ରିଙ୍ଗ ଟୋନ୍ ଶୁଣିବାକୁ ମିଳି ନ ଥାଏ ଏବଂ ଅଫିସ୍ ଗସିପ୍‌ର ଶବ୍ଦ ନ ଥାଏ। ଏହି ଶାନ୍ତ ପରିବେଶର ଉଦ୍ଦେଶ୍ୟ ହେଉଛି କାମ କରୁଥିବା ବ୍ୟକ୍ତିର ସମ୍ପୂର୍ଣ୍ଣ ଧ୍ୟାନ ତା’ର ସ୍କ୍ରିନ୍ ଏବଂ ଟାସ୍କ ଉପରେ ରହିବ। ଯଦ୍ଦ୍ୱାରା କାର୍ଯ୍ୟକ୍ଷମତା ବୃଦ୍ଧି ପାଇବ।

ତେବେ ଏହା ପଛରେ ଅନେକ ଠୋସ୍ କାରଣ ଥିବା କୁହାଯାଉଛି। ବିଶେଷଜ୍ଞଙ୍କ ଅନୁସାରେ, କୋଡିଂ, ରାଇଟିଂ, ଡାଟା ଆନାଲିସିସ୍ ଭଳି କାମରେ ଗଭୀର ଏକାଗ୍ରତାର ଆବଶ୍ୟକତା ଅଛି। ତା’ସହ ଶାନ୍ତ ପରିବେଶରେ ଏହା କାମର ଗତିକୁ ପ୍ରାୟ ୪୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିପାରେ। ଏହାବାଦ୍ ଅଫିସ୍ ପାଟିତୁଣ୍ଡରୁ ସୃଷ୍ଟି ହେଉଥିବା ଚାପ, ମୁଣ୍ଡବିନ୍ଧା କମ୍ ହୁଏ। ଏପରିକି ଆଖପାଖରେ କଥାବାର୍ତ୍ତା ପାଟିତୁଣ୍ଡ ନ ହେବା ଦ୍ୱାରା ଧ୍ୟାନ ଭଗ୍ନ ହେବାର ଆଶଙ୍କା କମ୍ ହୁଏ। ସେଥିପାଇଁ କୋଡିଂ ଡେଭଲପର, କଣ୍ଟେଣ୍ଟ ରାଇଟର, ଡିଜାଇନର, ଡାଟା ଅନାଲିଷ୍ଟ ଫ୍ରିଲାନ୍ସର, ଷ୍ଟାର୍ଟଅପ୍ ପ୍ରଫେସନାଲ ଏବଂ ରିମୋଟ ୱାର୍କ କରୁଥିବା ଲୋକ ଦ୍ରୁତ ବେଗରେ ଏହି ମଡେଲକୁ ଆପଣାଉଛନ୍ତି।

ଏହି ୱାର୍କ ସ୍ପେସ୍‌କୁ ମୁଖ୍ୟତଃ ଦୁଇ ପ୍ରକାରରେ ଡିଜାଇନ କରାଯାଇଛି। ପ୍ରଥମତଃ ହେଉଚି କ୍ୱାଇଟ୍ ଜୋନ୍। ଯାହାକି ବଡ଼ ହଲ୍ ଭଳି ହୋଇଥାଏ। ଯେଉଁଠି କଥାବାର୍ତ୍ତା ଉପରେ କଠୋର କଟକଣା ରହିଥାଏ। ଦ୍ୱିତୀୟଟି ହେଉଛି ସାଇଲେଣ୍ଟ ପଡ୍। ଏଥିରେ ଛୋଟ ଛୋଟ କାଚର ସାଉଣ୍ଡ ପ୍ରୁଫ୍ କ୍ୟାବିନ୍ ଥାଏ ଏବଂ ଏହା ପୂରା ଗୋପନୀୟତା ପ୍ରଦାନ କରେ। ଏଠାରେ କାମ କରୁଥିବା ଲୋକଙ୍କ ପାଇଁ କିଛି ଜରୁରି ନିୟମ ଅଛି। ଫୋନ ସବୁବେଳେ ସାଇଲେଣ୍ଟ ମୋଡରେ ରଖିବା, କଲ୍ ପାଇଁ ବାହାରକୁ ଯିବା ମନା। ଏଥିରେ ୫୦ ମିନିଟ୍ କାମ ଏବଂ ୧୦ ମିନିଟ୍ ବ୍ରେକ୍ ନିଆଯାଏ। ଶାନ୍ତ ପରିବେଶରେ କାମ କରିବା ଦ୍ୱାରା ଧ୍ୟାନ କେନ୍ଦ୍ରିତ ରହେ। କାମ ସମୟରେ ପୂରା ହେବାର ଆଶଙ୍କା ବଢ଼ିଯାଏ।

## ଟିମ୍ ସହ ମିଶି କରନ୍ତୁ କାମ

**ଅନେକ ସମୟରେ ଅଫିସ୍‌ରେ କାର୍ଯ୍ୟଭାର ବଢ଼ିଥାଏ। ଯଦି ଅଫିସ୍ କାମ ଘରକୁ ଆଣିବାକୁ ଚାହୁଁ ନାହାନ୍ତି, ତାହେଲେ କର୍ମଚାରୀଙ୍କୁ ନିଜ ଟିମ୍ ସହ ମିଶି କାମ କରିବା ଦରକାର। ସେଥିପାଇଁ ନିମ୍ନ ପ୍ରଦତ୍ତ ଦିଗ ଉପରେ ଗୁରୁତ୍ୱ ଦିଅନ୍ତୁ।**

- ପ୍ରଥମେ ସହଜ ଓ ସରଳ କାମକୁ ଶୀଘ୍ର ଶେଷ କରିବା ଦରକାର।
- ବସ୍ ତଥା କ୍ଲାଏଣ୍ଟଙ୍କ ସହ କାମ କରିବା ନେଇ ଡେଡ୍‌ଲାଇନ୍ ସେଟ୍ କରନ୍ତୁ। ଏହାଦ୍ୱାରା ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟ ପୂରଣ ହେବ।
- କାମ ଉପରେ ଫୋକସ୍ କରିବା ପାଇଁ ନିଜ ଡେସ୍କକୁ ଠିକ୍ ଭାବେ ସଜାଡ଼ି ରଖନ୍ତୁ।
- ଭଲ କାମ କରିବା ପାଇଁ ନିଜକୁ ଚ୍ୟାଲେଞ୍ଜ କରନ୍ତୁ। ଏହା ଦ୍ୱାରା ଭଲ କାର୍ଯ୍ୟ କରିବେ।
- ଟିମ୍ ସହ ମିଶି କାମ ପୂରା କରିବାକୁ ଚେଷ୍ଟା କରନ୍ତୁ। ଏହାବାଦ୍ ଟିମ୍ ଲିଡର୍‌ଙ୍କ ପରାମର୍ଶ ମଝିରେ ମଝିରେ ନିଅନ୍ତୁ।
- ଗ୍ରୁପ୍‌ରେ ସକ୍ରିୟ ରୁହନ୍ତୁ। କିଏ କ’ଣ କହୁଛି, ସେକଥା ଭଲଭାବେ ଶୁଣନ୍ତୁ।



# ଆଇପିଏଲ୍ ଲାଗି ଜୋର୍‌ଦାର୍ ପ୍ରସ୍ତୁତି

ନୂଆଦିଲ୍ଲୀ,୧୭।୩(ଏଜେନ୍ସି)



ଭାରତୀୟ କ୍ରିକେଟ ସମର୍ଥକଙ୍କ ନଜର ଏବେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ବା ଆଇପିଏଲ୍ ଉପରେ। ୨୦୨୬ର ଆଇପିଏଲ୍ ମାର୍ଚ୍ଚ ୨୮ରୁ ଆରମ୍ଭ ହେବ। ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ଆଇପିଏଲ ମ୍ୟାଚ୍ ଆୟୋଜନ କରିବାକୁ ଅନୁମତି ପାଇବା ପରେ ଉଦ୍‌ଘାଟନୀ ମୁକାବିଲାକୁ ଏଠାରେ କରାଇବାକୁ ଘୋଷଣା କରାଯାଇଛି। ଏହା ଫଳରେ ଆଇପିଏଲ ଖେଳାଯାଉଥିବା ଏକ ବଡ଼ କେନ୍ଦ୍ରରେ ମ୍ୟାଚ୍ ହେବା ନେଇ ଯେଉଁ ଆଶଙ୍କା ସୃଷ୍ଟି ହୋଇଥିଲା ତାହା ଦୂରୀଭୂତ ହୋଇଯାଇଛି। ଏବେ ପ୍ରାୟ ସମସ୍ତ ଦଳ ସେମାନଙ୍କ ହୋମ୍ ବେସ୍‌ରେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଚେନ୍ନଇରେ ଏମ୍‌ଏସ୍ ଧୋନି, ମୁମ୍ବଇରେ ରୋହିତ ଶର୍ମା, ନୂଆଦିଲ୍ଲୀରେ ଋଷଭ ପନ୍ତଙ୍କ ପରି ଖେଳାଳି ଜୋରଦାର ଅଭ୍ୟାସରେ ମାତିଛନ୍ତି। ଧୋନି ଚଳିତ ସିଜନରେ ସମସ୍ତ ମ୍ୟାଚ୍ ଖେଳିବେ ବୋଲି କୁହାଯାଉଛି। ପନ୍ତ ଫିଟ୍ ରହିବା ଲାଗି ଓଜନର କମାଇବା ଘଟଣା ବେଶ ଚର୍ଚ୍ଚରେ ରହିଛି। ଜୟପୁରରେ ବୈଭବ ସୂର୍ଯ୍ୟବଂଶୀ ଚଳିତ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ସ୍କୋର କରିବା ଲାଗି ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।

## ଚେନ୍ନଇରେ ଏମ୍‌ଏସ୍ ଧୋନି

ଚେନ୍ନଇରେ ମହେନ୍ଦ୍ର ସିଂ ଧୋନି ଆଗୁଆ କ୍ୟାମ୍ପରେ ଯୋଗଦେଇଛନ୍ତି। ସମସ୍ତ ନବାଗତ ଖେଳାଳିଙ୍କୁ ସେ ଦିଗଦର୍ଶନ ଦେବା ସହ ଆଇପିଏଲ୍‌ରେ କିପରି ଭଲ ପ୍ରଦର୍ଶନ କରିପାରିବ ସେ ସମ୍ପର୍କରେ ପରାମର୍ଶ ଦେଉଛନ୍ତି। ରବୀନ୍ଦ୍ର ଜାଡେଜାଙ୍କୁ ଯେପରି ଦଳରୁ ବିଦା କରାଗଲା ତାହାକୁ ନେଇ ଧୋନି ଅସନ୍ତୋଷ ଜାହିର କରିଛନ୍ତି। ବିଶେଷ ରିପୋର୍ଟରୁ ଜଣାଯାଇଛି, ଧୋନି ଚଳିତବର୍ଷ ତାଙ୍କର ଶେଷ ଆଇପିଏଲ୍ ବୋଲି ମ୍ୟାନେଜ୍‌ମେଣ୍ଟକୁ ସୂଚାଇଦେଇଛନ୍ତି। ସେହିପରି ପୂର୍ବତନ ଖେଳାଳି ଏବି ଡିଭିଲର୍ସ ଧୋନିଙ୍କ ବ୍ୟାଟିଂ ଅର୍ଡରକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆହତ ହୁଅନ୍ତୁ ଅବା ଅନ୍ୟ କିଛି କାରଣ ଲାଗି ଧୋନି ନଂ-୮ରେ ବ୍ୟାଟିଂ କରୁଥିଲେ। ଏଭଳି ସ୍ଥାନରେ ସେ ବ୍ୟାଟିଂ କରିବା ଅନୁଚିତ୍ କିମ୍ବା ଆଦୌ ନ ଖେଳିବା ଉଚିତ ବୋଲି ଡି ଭିଲର୍ସ କହିଛନ୍ତି। ଆରମ୍ଭରୁ ଅସନ୍ତୋଷ ମଧ୍ୟରେ ଚେନ୍ନଇ ସୁପର କିଙ୍ଗ୍‌ସର ପ୍ରସ୍ତୁତି ଆରମ୍ଭ ହୋଇଛି।

ଫାଷ୍ଟ ବୋଲରଙ୍କ ଅଭାବରେ କୋଲକାତା ନାଇଟ୍ ରାଇଡର୍ସ ଅଡୁଆରେ ପଡ଼ିଛି। ସନ୍‌ରାଇଜର୍ସର ନିୟମିତ ଅଧିନାୟକ ତଥା ଅଷ୍ଟ୍ରେଲୀୟ ଖେଳାଳି ପ୍ୟାଟ କମିନ୍ସ କେବେ ଦଳ ସହ ଯୋଗଦେବେ ସେ ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। ଫଳରେ ଇଶାନ କିଶାନଙ୍କୁ ଦଳ କାମଚଳା ଅଧିନାୟକ ଦାୟିତ୍ୱ ଦେବ ବୋଲି ଆଶା କରାଯାଉଛି। ଏସବୁ ମଧ୍ୟରେ ମାର୍ଚ୍ଚ ୨୮ରୁ ନିରବଚ୍ଛିନ ଭାବେ ଆଇପିଏଲର ଆୟୋଜନ ନେଇ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।






## ଅଡୁଆରେ କେକେଆର୍

ଚଳିତ ସିଜନରେ ଏକାଧିକ ନବାଗତ ଖେଳାଳିଙ୍କୁ ନେଇ ଖେଳୁଥିବା କେକେଆର୍ ବା କୋଲକାତା ନାଇଟ୍ ରାଇଡର୍ସ ଆରମ୍ଭରୁ ଅସୁବିଧାର ସମ୍ମୁଖୀନ ହୋଇଛି। ରାଜନୈତିକ କାରଣ ଯୋଗୁଁ ବାଂଲାଦେଶୀ ଫାଷ୍ଟ ବୋଲର ମୁସ୍ତାଫିଜୁର ରହେମାନଙ୍କୁ ଦଳ ବିଦା କରିଥିଲା। ଏହା ପରେ ଆହତ ଯୋଗୁଁ ହର୍ଷିତ ରାଣାଙ୍କ ଖେଳିବା ନେଇ ସନ୍ଦେହ ରହିଛି। ଅନ୍ୟତମ ଫାଷ୍ଟ ବୋଲର ମାଥିଶା ପତିରାଣା ଏଯାଏ ପୂରା ଫିଟ୍ ହୋଇନାହାନ୍ତି। ଏହି ୩ଜଣ ଫାଷ୍ଟ ବୋଲରଙ୍କ ଅନୁପସ୍ଥିତିରେ କୋଲକାତା ଜିମ୍ବାୱେର ଫାଷ୍ଟ ବୋଲର ବ୍ଲେସିଂ ମୁଜାରବାନିଙ୍କୁ ଦଳରେ ସାମିଲ କରିଛି। ଅନ୍ୟ କୌଣସି ବୋଲରଙ୍କୁ ନିଆଯିବ ନାହିଁ ବୋଲି କେକେଆର୍ ପକ୍ଷରୁ କୁହାଯାଇଛି।

## ମୁମ୍ବଇରେ ରୋହିତ ଶର୍ମା

ସେହିପରି ମୁମ୍ବଇରେ ରୋହିତ ଶର୍ମା ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ତାଙ୍କ ସହ ଅନ୍ୟ କିଛି ଖେଳାଳି ମଧ୍ୟ ଅଭ୍ୟାସ କରୁଛନ୍ତି। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଓ ଜାତୀୟ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏଯାଏ ଅଭ୍ୟାସକୁ ଆସି ନାହାନ୍ତି। ବିଦେଶୀ ଖେଳାଳିମାନେ ଏଯାଏ ଆସିନାହାନ୍ତି। ଆଇପିଏଲ୍ ମାର୍ଚ୍ଚ ୨୮ରୁ ଆରମ୍ଭ ହେବ ବୋଲି ସ୍ଥିର ହୋଇଛି। ଏଣୁ ଖେଳାଳିମାନେ ସପ୍ତାହକ ଆଗରୁ ଆସିବେ ବୋଲି ଜଣାଯାଇଛି। ଆଉ ଏକ ସମସ୍ୟା ହେଉଛି ଇରାନ ବନାମ ଆମେରିକା-ଇଜ୍ରାଏଲ ଯୁଦ୍ଧ। ଏହି ଯୁଦ୍ଧ ଯୋଗୁ ବିମାନ ସେବା ବ୍ୟାହତ ହୋଇଛି। ଏଣୁ ଯାତାୟତରେ ଅସୁବିଧା ହେଉଛି।

# କମିନ୍ସ, ହାଜ୍‌ଲେଉଡ୍‌ଙ୍କ ଖେଳିବା ନେଇ ଆଶଙ୍କା

ହାଇଦ୍ରାବାଦ୍,୧୭।୩(ଏଜେନ୍ସି): ଆଘାତ ସମସ୍ୟାରୁ ମୁକ୍ତି ନ ଥିବାରୁ ଅଷ୍ଟ୍ରେଲିଆର ଦୁଇ ଫାଷ୍ଟ ବୋଲର ପ୍ୟାଟ୍ କମିନ୍ସ ଓ ଜୋଶ ହାଜ୍‌ଲେଉଡ୍‌ଙ୍କ ଚଳିତବର୍ଷ ଆଇପିଏଲ୍‌ରେ ଖେଳିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଉଭୟ ଖେଳାଳି ଫିଟ୍ ହୋଇ ନ ଥିବାରୁ ଦଳ ସହ କେବେ ଯୋଗଦେବେ ତାହା ଏଯାଏ ସ୍ପଷ୍ଟ କରିନାହାନ୍ତି। ଏଣୁ ହାଇଦରାବାଦ୍‌ର ନେତୃତ୍ୱ ନେଉଥିବା କମିନ୍ସଙ୍କ ସ୍ଥାନରେ ଦଳ ଇଶାନ କିଶାନଙ୍କୁ ଅଧିନାୟକ ଦାୟିତ୍ୱ ଦେବ ବୋଲି ସୂଚନା ମିଳିଛି। ପିଠିରେ କମିନ୍ସ ଯେଉଁ ଆଘାତ ପାଇଥିଲେ, ସେଥିରୁ ସେ ପୂରା ଫିଟ୍ ହୋଇ ନ ଥିବାରୁ ଆଇପିଏଲ୍ ଖେଳିବାକୁ ଆସିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପ୍ରଥମଥର ଚାମ୍ପିଅନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଜୋଶ ହାଜ୍‌ଲେଉଡ୍ ମଧ୍ୟ ଏଯାଏ ଫିଟ୍ ହୋଇ ନାହାନ୍ତି। ୫ମାସ ହେଲା ସେ କୌଣସି କ୍ରିକେଟ ଖେଳି ନାହାନ୍ତି। ଏଣୁ ତାଙ୍କର ଆଇପିଏଲ୍‌ରେ ଖେଳିବା ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି।

■ ଆଇସିସି ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍

# ଶୀର୍ଷରେ ମନ୍ଧାନା ସ୍ଥିର; ହରମନପ୍ରୀତ୍ ଉଠିଲେ

ଦୁବାଇ, ୧୭ ।୩ (ଏଜେନ୍ସି): ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ବ୍ୟାଟର୍ ସ୍ମୃତି ମନ୍ଧାନା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ୭୯୦ ରେଟିଂ ପଏଣ୍ଟ ସହ ମନ୍ଧାନା ପୂର୍ବଭଳି ବ୍ୟାଟିଂ ତାଲିକାରେ ଏକ ନମ୍ବର ସ୍ଥାନରେ ରହିଛନ୍ତି। ସେହିଭଳି ଅଧିନାୟିକା ହରମନପ୍ରୀତ୍ କୌର ଗୋଟିଏ ପାହାଚ ଉପରକୁ ଉଠି ୭ମ ସ୍ଥାନ ଲାଭ କରିଛନ୍ତି। ଟପ୍-୨୦ରେ ତୃତୀୟ ଭାରତୀୟ ବ୍ୟାଟର୍ ଭାବେ ଜେମିମା ରୋଡ୍ରିଗ୍ସ ୧୨ତମ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ନ୍ୟୁଜିଲାଣ୍ଡର ଦୁଇ ବ୍ୟାଟର ମ୍ୟାଡି ଗ୍ରୀନ ଓ ଆମେଲିଆ କେର୍ ଯଥାକ୍ରମେ ୫ଟି ଓ ଦୁଇଟି ସ୍ଥାନ ଉପରକୁ ଉଠି ଟପ୍-୨୦ରେ ପ୍ରବେଶ କରିଛନ୍ତି। ସଦ୍ୟ ର୍‍ୟାଙ୍କିଙ୍ଗ୍‌ରେ ଗ୍ରୀନ ୧୭ତମ ଓ କେର୍ ୨୦ତମ ସ୍ଥାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକାର ଲୌରା ୱଲଭାର୍ଟ, ଅଷ୍ଟ୍ରେଲିଆର ବେଥ୍ ମୁନି, ଆସଲେ ଗାର୍ଡନର ଏବଂ ଇଂଲଣ୍ଡର ନାଟାଲୀ ସ୍କିଭର ବ୍ରଣ୍ଟ ଯଥାକ୍ରମେ ଦ୍ୱିତୀୟରୁ ୫ମ ସ୍ଥାନ ମଧ୍ୟରେ ସ୍ଥିର ରହିଛନ୍ତି।

■ କନୱେଙ୍କ ଦମ୍‌ଦାର ଅର୍ଦ୍ଧଶତକ

# ଦ୍ୱିତୀୟ ଟି-୨୦ ଜିତିଲା ନ୍ୟୁଜିଲାଣ୍ଡ

ହାମିଲଟନ,୧୭।୩(ଏଜେନ୍ସି): ଓପନର ଡେଭନ କନୱେଙ୍କ ଦମ୍‌ଦାର ଅର୍ଦ୍ଧଶତକ ଓ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ଟି-୨୦ରେ ନ୍ୟୁଜିଲାଣ୍ଡ ୬୮ ରନ୍‌ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୧-୧ ସମାନସ୍ତରରେ ରହିଛି। ପୂର୍ବରୁ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୭ ୱିକେଟରେ ଜିତିଥିଲା। ସିରିଜ୍‌ର ପରବର୍ତ୍ତୀ ମ୍ୟାଚ୍ ଅକ୍‌ଲାଣ୍ଡରେ ମାର୍ଚ୍ଚ ୨୦ ତାରିଖରେ ଖେଳାଯିବ। ଏହି ମ୍ୟାଚ୍‌ରେ ୪୯ ବଲରୁ ୫ ଚୌକା ଓ ୨ ଛକା ସହ ୬୦ ରନ୍ କରିଥିବା ବିଜୟୀ ନ୍ୟୁଜିଲାଣ୍ଡର କନୱେଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

# ଆଜିଠୁ କଳିଙ୍ଗରେ ଜାତୀୟ ପାରା ଆଥ୍‌ଲେଟିକ୍ସ

ଭୁବନେଶ୍ୱର, ୧୭ ।୩ (ସମିସ): ଆଇକନିକ କଳିଙ୍ଗ ଷ୍ଟାଡିୟମରେ ବୁଧବାରଠୁ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ୨୪ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ରାଜ୍ୟ ପାରା ଆଥ୍‌ଲେଟିକ୍ସ ସଂଘ ଆନୁକୂଲ୍ୟରେ ମାର୍ଚ୍ଚ ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ୨୮ଟି ରାଜ୍ୟର ୧୪୬୦ ପାରା କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଯେଉଁଥିରେ ବିଏଓ୍ୱଏଫ୍ ଓ ସର୍ଭିସେସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏସଏସ୍‌ସିବି)ର କ୍ରୀଡ଼ାବିତ୍‌ମାନେ ମଧ୍ୟ ଭାଗନେବେ। ଏଥିରେ ୧୪୫ଟି ମେଡାଲ୍ ଇଭେଣ୍ଟ ଅନୁଷ୍ଠିତ ହେବ। ପାରା ଅଲିମ୍ପିକ ଚାମ୍ପିଅନ ମାରିୟାପ୍ପାନ ଥଙ୍ଗାଭେଲୁ, ସୁମିତ ଆଣ୍ଟିଲ, ନବଦୀପ୍ ସିଂହ, ପ୍ରବୀଣ କୁମାର, ଦେବେନ୍ଦ୍ର ସିଂହ ଗୁରଜାରଙ୍କ ଭଳି ଅନ୍ତର୍ଜାତୀୟ ତାରକାଙ୍କୁ ଦେଖିବାକୁ ମିଳିବ। ସେହିଭଳି ଏହି ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶାର ୪୦ ଜଣିଆ ଦଳ ଅଂଶଗ୍ରହଣ କରିବ। ଏଫ୍-୫୫ ଜାଭେଲିନ ଥ୍ରୋ'ର ଜାତୀୟ ରେକର୍ଡ ଅଧିକାରିଣୀ ସୁଚିସ୍ମିତା ପରିଡ଼ା, ଏସିଆନ ପାରା ଗେମ୍ସ ପଦକ ବିଜୟିନୀ ଜୟନ୍ତୀ ବେହେରା ପ୍ରମୁଖ ଏଠାରେ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିବା ଲକ୍ଷ୍ୟରେ ରହିଛନ୍ତି।

# ହକି ବିଶ୍ୱକପ୍: ଗ୍ରୁପ୍-ଡି'ରେ ଭାରତ ଓ ପାକିସ୍ତାନ

ନୂଆଦିଲ୍ଲୀ, ୧୭ ।୩ (ଏଜେନ୍ସି): ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍‌ର ୧୬ତମ ସଂସ୍କରଣ ଅଗଷ୍ଟ ୧୪ରୁ ୩୦ ତାରିଖ ପର୍ଯ୍ୟନ୍ତ ନେଦରଲାଣ୍ଡସ ଓ ବେଲ୍‌ଜିୟମରେ ମିଳିତ ଭାବେ ଆୟୋଜିତ ହେବ। ଏହାର ଡ୍ର ଉଠାଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପ୍-ଡି'ରେ ରହିଛନ୍ତି। ଭାରତ ଅଗଷ୍ଟ ୧୬ରେ ୱେଲ୍ସ, ୧୮ରେ ଇଂଲଣ୍ଡ ଓ ୨୦ ତାରିଖରେ ପାକିସ୍ତାନ ସହ ମ୍ୟାଚ୍ ଖେଳିବ। ଅପରପକ୍ଷରେ ସମାନ ତାରିଖ ଓ ଭେନ୍ୟୁରେ ହେବାକୁ ଥିବା ମହିଳା ବିଶ୍ୱକପ୍‌ରେ ଭାରତୀୟ ଦଳ କଷ୍ଟସାଧ୍ୟ ପୁଲ୍-ଡି'ରେ ସ୍ଥାନ ପାଇଛି। ଏହି ପୁଲ୍‌ରେ ଚାଇନା, ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ରହିଛି।

# ଜେକେ ବୋଷ ଟ୍ରଫି ଜିତିଲା ଉତ୍ତରାଞ୍ଚଳ

ଭୁବନେଶ୍ୱର, ୧୭ ।୩ (ସମିସ): ଭାରତୀୟ କ୍ରୀଡ଼ା ସାମ୍ବାଦିକ ମହାସଂଘ (ଏସଜେଏଫଆଇ)ର ୫୦ତମ ଜାତୀୟ ସମାରୋହ ରାଜଧାନୀ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ସୋମବାର ରାତିରେ ସମାପତି ହୋଇଛି। ୨୩ ବର୍ଷ ପରେ ଦିଲ୍ଲୀ କ୍ରୀଡ଼ା ସାମ୍ବାଦିକ ସଂଘ (ଡିଏସଜେଏଫ୍) ଏହାକୁ ଆୟୋଜନ କରିଥିଲା। ଏଥିରେ ଉତ୍ତରାଞ୍ଚଳ ଦଳ ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍ ଜିତି ପଏଣ୍ଟ ଟେବଲ ଶୀର୍ଷରେ ରହି ଜେକେ ବୋଷ ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲା। ଉଦଯାପନୀ ଉତ୍ସବରେ ଦିଲ୍ଲୀ ଜିଲ୍ଲା କ୍ରିକେଟ୍ ସଂଘ (ଡିଡିସିଏ) ସଭାପତି ରୋହନ ଜେଟଲୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଦଳ ଓ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଜେକେ ବୋଷ ଟ୍ରଫି ବିଜେତା ଉତ୍ତରାଞ୍ଚଳ ଦଳ ପାଇଁ ମୁଖ୍ୟ ଅତିଥି ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ସେହିଭଳି ବିଶ୍ୱକପ୍ ବିଜୟୀ ଭାରତୀୟ ମହିଳା କ୍ରିକେଟ୍ ଦଳର ଓପନର ପ୍ରତୀକା ରାଓ୍ୱଲଙ୍କୁ ଏହି ଅବସରରେ ୫୧ ଲକ୍ଷ ଟଙ୍କା ପୁରସ୍କାର ରାଶି ଡିଡିସିଏ ପକ୍ଷରୁ ପ୍ରଦାନ କରାଯାଇଥିଲା। ଏହି ୪ ଦିନିଆ ସମାରୋହରେ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓଏସ୍‌ଜା) ପକ୍ଷରୁ ସଭାପତି ସନ୍ଦୀପ ମିଶ୍ର, ସମ୍ପାଦକ ସୁରେଶ ସ୍ୱାଇଁଙ୍କ ସହ ଦୀପ୍ତିରଞ୍ଜନ ସାମଲ, ବିମଳ କୁମାର ରାଉଳ ଓ ତୁଷାର ସେନାପତି ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ। ଓଏସଜାକୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା।

ଅନ୍ତହେଲା ବିବାଦୀୟ ବିତର୍କ

# ସଲମାନଙ୍କ ରନ୍‌ଆଉଟ ବୈଧ: ଏମ୍‌ସିସି

ଲଣ୍ଡନ,୧୭।୩(ଏଜେନ୍ସି): ପାକିସ୍ତାନର ବ୍ୟାଟର ସଲମାନ ଅଲି ଆଘାଙ୍କ ରନ୍‌ଆଉଟକୁ ନେଇ ଚାଲିଥିବା ବିବାଦୀୟ ବିତର୍କର ଅନ୍ତଘଟିଛି। ଏହାକୁ ବୈଧ ଘୋଷଣା କରିଛି ବିଶ୍ୱକ୍ରିକେଟ ଆଇନର ରକ୍ଷକ ଭାବେ ଜଣାଶୁଣା ଏମ୍‌ସିସି (ମେରିଲବୋର୍ଣ୍ଣ କ୍ରିକେଟ କ୍ଲବ୍)। ଏକ ବିଜ୍ଞପ୍ତିରେ କୁହାଯାଇଛି। ବଲକୁ ଅମ୍ପାୟାର ଡେଡ୍ ଘୋଷଣା ନ କରିବା ନେଇ ମଧ୍ୟ ଏମ୍‌ସିସି ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ବଲ ଯେତେବେଳେ ଖେଳରେ ଥିଲା, ସେତେବେଳେ ନନ୍‌ଷ୍ଟ୍ରାଇକର ଏଣ୍ଡରେ ଥିବା ବ୍ୟାଟର କ୍ରିଜ୍ ଛାଡ଼ିଥିଲେ। ସେ ପ୍ରତିପକ୍ଷ ଫିଲ୍ଡର ମେହଦୀ ହାସନ ମିରାଜଙ୍କ ସହ ଧକ୍କା ଖାଇବା ପରେ କ୍ରିଜ୍‌କୁ ଆସିବାକୁ ଚେଷ୍ଟା କରିଥିଲେ। ସେହିପରି କୌଣସି ବ୍ୟାଟର ଫିଲ୍ଡିଂ ସାଇଡ୍‌ର ବିନାଅନୁମତିରେ ବଲ୍‌କୁ ଅଟକାଇପାରିବେ ନାହିଁ। ଏଭଳି କଲେ ତାଙ୍କ ବଲ୍‌କୁ ଅଟକାଇବା ଦୋଷରେ ଆଉଟ ହେବାକୁ ପଡ଼ିପାରେ। ବ୍ୟାଟର ବଲ୍‌କୁ ନ ଅଟକାଇ ନିଜ କ୍ରିଜ୍‌କୁ ସୁରକ୍ଷିତ ଫେରିବା ଉପରେ ଗୁରୁତ୍ୱ ଦେବା ଉଚିତ ଥିଲା। ଏହା ଫଳରେ ସଲ୍‌ମାନ ଅଲି ଆଘାଙ୍କ ରନ୍‌ଆଉଟକୁ ନେଇ ଯେଉଁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା ତାହା ଏମ୍‌ସିସିର ସ୍ପଷ୍ଟୀକରଣ ପରେ ଏକପ୍ରକାର ଶେଷ ହୋଇଛି।



ଏହା ଫଳରେ ସଲମାନଙ୍କ ଆଉଟକୁ ନେଇ ବିବାଦ ବଢ଼ିବାକୁ ଯାଉଥିଲାବେଳେ ଏମ୍‌ସିସିର ହସ୍ତକ୍ଷେପ ଯୋଗୁଁ ଏହାର ପରିସମାପ୍ତି ଘଟିଛି। ଏମ୍‌ସିସି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଅମ୍ପାୟାର ଚାହିଁଥିଲେ ଏହାକୁ ଭିନ୍ନ ଭାବେ ଗ୍ରହଣ କରିପାରିଥାନ୍ତେ। କିନ୍ତୁ ନନ୍‌ଷ୍ଟ୍ରାଇକର ଏଣ୍ଡରେ ୱିକେଟ ଯେତେବେଳେ ଭାଙ୍ଗିଲା, ଠିକ୍ ସେତିକିବେଳେ ବ୍ୟାଟର ତାଙ୍କ କ୍ରିଜ୍‌ରେ ନ ଥିଲେ। ଏଣୁ ଆଉଟ ହେବାରେ କୌଣସି ତ୍ରୁଟି ନାହିଁ ବୋଲି ଏମ୍‌ସିସି ପକ୍ଷରୁ

ଢାକାରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ପାକିସ୍ତାନର ସଲମାନ୍ ଅଲି ଆଘା ଏପରି ଏକ ବିବାଦୀୟ ଆଉଟର ଶିକାର ହୋଇଥିଲେ। ଏହି ଘଟଣାଟି ପାକିସ୍ତାନ ଇନିଂସ ୩୯ତମ ଓଭରରେ ଘଟିଥିଲା। ଏହି ଓଭର ବୋଲିଂ କରୁଥିବା ମେହଦୀ ହାସନ ମିରାଜଙ୍କ ଚତୁର୍ଥ ବଲ୍‌କୁ ଷ୍ଟ୍ରାଇକର ମହମ୍ମଦ୍ ରିଜୱାନ ଜେଣ୍ଟଲ ପୁସ୍ କରିଥିଲେ। ନନ୍‌ଷ୍ଟ୍ରାଇକର ଏଣ୍ଡରେ ଥିବା ସଲମାନ ବ୍ୟାକ୍‌ଅପ୍ ନେଉଥିଲାବେଳେ ତାଙ୍କ ପ୍ୟାଡ୍‌ରେ ବଲ ବାଜିଥିଲା। ଏହା ପରେ ସେ କ୍ରିଜ୍‌କୁ ଫେରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ମେହଦୀ ହସନ ଦ୍ରୁତଗତିରେ ବଲ୍‌କୁ ସଂଗ୍ରହ କରି ୱିକେଟ ଭାଙ୍ଗିଦେଇଥିଲେ। ୱିକେଟ ଭାଙ୍ଗିବା ପରେ ଫିଲ୍ଡରମାନେ ରନ୍‌ଆଉଟ ଅପିଲ କରିଥିଲେ। ଅମ୍ପାୟାର ତାହାକୁ ତୃତୀୟ ଅମ୍ପାୟାରଙ୍କୁ ରେଫର କରିଥିଲେ। ତୃତୀୟ ଅମ୍ପାୟାର ସଲ୍‌ମାନଙ୍କୁ ଆଉଟ ଦେଇଥିଲେ। ଏହି ନିଷ୍ପତ୍ତିରେ ସଲ୍‌ମାନ ନିରାଶ ହୋଇଥିଲେ ଓ ଅସନ୍ତୋଷ ପ୍ରକାଶ କରି ପାଭିଲିୟନ ଫେରିଥିଲେ। କିଛି ଏହାକୁ ଠିକ୍ ବୋଲି ସ୍ୱୀକାର କରିଥିଲାବେଳେ ପାକିସ୍ତାନ ବୋର୍ଡ ଓ ଖେଳାଳିଙ୍କ ସମେତ ସମର୍ଥକମାନେ ବଲକୁ ଫିଲ୍ଡ ଅମ୍ପାୟାର ଡେଡ୍ ଘୋଷଣା କରିବାର ଥିଲାବୋଲି କହିଥିଲେ। ଏ ସମ୍ପର୍କରେ ଏମ୍‌ସିସି ସ୍ପଷ୍ଟୀକରଣ ଦେବା ପରେ ବିବାଦୀୟ ବିତର୍କର ଶେଷ ହୋଇଛି।

ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ କ୍ରିକେଟ୍

# ସେମିଫାଇନାଲ୍‌ରେ ମୁକ୍ତେଶ୍ୱର

ଭୁବନେଶ୍ୱର, ୧୭ ।୩ (ସମିସ): ଆୟୋଜକ ମୁକ୍ତେଶ୍ୱର କ୍ଲବ ୩ୟ ଦଳ ଭାବେ ବିଜେବି ଗ୍ରାଉଣ୍ଡରେ ଚାଲିଥିବା ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ଲଢ଼େଇରେ ୪ ୱିକେଟରେ ସହିଦ୍ ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ସହିଦ ସ୍ପୋର୍ଟିଂ ୪୦ ଓଭରରେ ୨୧୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦିବ୍ୟଜ୍ୟୋତି ଦାସ ପଟ୍ଟନାୟକ ୧୧୭ ବଲରେ ୧୦୧ ରନର ଶତକୀୟ ପାଳି ଖେଳିଥିଲେ। ମୁକ୍ତେଶ୍ୱରର ପ୍ରତୀକ ସ୍ୱାଇଁଙ୍କୁ ୩ଟି ଏବଂ ଶ୍ରୀରାଜ ପଟ୍ଟନାୟକ, ଆଶୁତୋଷ ମାରାଣ୍ଡି ଓ ଅଭିନବ ନନ୍ଦଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଜବାବରେ ମୁକ୍ତେଶ୍ୱର ଦଳ ୩୮ ଓଭରରେ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅନୁରାଗ ଷଡ଼ଙ୍ଗୀ ୯୩ ବଲରେ ଅପରାଜିତ ୯୬ ରନର ଇନିଂସ ଖେଳି ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ହିମାଂଶୁ ବିଷ୍ଟ ମଧ୍ୟ ୨୯ ରନର ଉପଯୋଗୀ ପାଳି ଖେଳିଥିଲେ। ମ୍ୟାଚ୍ ବିଜୟୀ ପାଳି ଲାଗି ଅନୁରାଗ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପ୍ରକାଶ ଦାସ, ଅଶୋକ ପଣ୍ଡା ଓ ପ୍ରିୟଦର୍ଶୀ ପଲ୍ ଅତିଥି ଭାବେ ଯୋଗଦେଇଥିଲେ। ବୁଧବାର ଶେଷ କ୍ୱାର୍ଟରରେ ରାମେଶ୍ୱର ସ୍ପୋର୍ଟିଂ ଓ ରାଉରକେଲା ୟୁଥ୍ କ୍ରିକେଟ୍ ସାମ୍ନାସାମ୍ନି ହେବେ।




ଏଲ୍‌ଏଲ୍‌ସିସି କପ୍

# କ୍ୱାର୍ଟରରେ ପାରାମାଉଣ୍ଟ



ଭୁବନେଶ୍ୱର, ୧୭ ।୩ (ସମିସ): ସ୍ଥାନୀୟ ଆଇଆର୍‌ସି ଭିଲେଜରେ ଚାଲିଥିବା ଏଲଏଲ୍‌ସିସି ୧୪ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ପାରାମାଉଣ୍ଟ ସ୍ପୋର୍ଟିଂ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ମ୍ୟାଚରେ ପାରାମାଉଣ୍ଟ ସ୍ପୋର୍ଟିଂ ୩୮ ରନରେ ଟାଉନ କ୍ଲବକୁ ମାତ୍ ଦେଇଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ପାରାମାଉଣ୍ଟ ୩୫ ଓଭରରେ ୮ ୱିକେଟ ହରାଇ ୨୧୪ ରନ କରିଥିଲା। ଦଳ ପକ୍ଷରୁ ସୁସଙ୍କେତ ରାଉତରାୟ ୬୨ ଓ ପ୍ରୀତମ ରାଉତ ୫୫ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଟାଉନ କ୍ଲବର ଆଦର୍ଶ ବିଶ୍ୱାଳ, ଅଜିତ ପ୍ରଧାନ ଓ ସୁକାଶ ବେହେରାଙ୍କୁ ୨ଟି ଲେଖାଏ ମିଳିଥିଲା। ଜବାବରେ ଟାଉନ କ୍ଲବ ୫ ୱିକେଟରେ ୧୭୬ ରନରେ ସୀମିତ ରହିଥିଲା। ବିଜୟୀ ପାରାମାଉଣ୍ଟ ଦଳର ଶାଜେବ ଆଲାମ ୭ ଓଭରରେ ୫ ମେଡେନ ସହ ୧୬ ରନ ବ୍ୟୟରେ ୨ଟି ୱିକେଟ୍ ନେଇଥିଲେ। ଏହି ବୋଲିଂ ଲାଗି ଆଲାମଙ୍କୁ ଆୟୋଜକ କ୍ଲବର ଯୁଗ୍ମ ସମ୍ପାଦକ ଅଜୟ କୁମାର ସାହୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।

ଡ.ଦେବେନ୍ଦ୍ର ପ୍ରଧାନ ମେମୋରିଆଲ୍ ଫୁଟବଲ୍

# ରାଧାରମଣର ବିଜୟ ଅଭିଯାନ

ଭୁବନେଶ୍ୱର, ୧୭ ।୩ (ସମିସ): ଡ. ଦେବେନ୍ଦ୍ର ପ୍ରଧାନ ମେମୋରିଆଲ୍ ପ୍ରଥମ ଅଲ୍ ଓଡ଼ିଶା ଫୁଟବଲ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ ହୋଇଯାଇଛି। କଟକର ରାଧା ରମଣ କ୍ଲବ ବିଜୟରୁ ଅଭିଯାନ ଆରମ୍ଭ କରିଛି। ପ୍ରଥମ ମ୍ୟାଚରେ ରାଧାରମଣ ଦଳ ୩-୧ ଗୋଲରେ ଓଡ଼ିଶା ପୁଲିସ ଟିମ୍‌କୁ ହରାଇଦେଇଛି। ଓଡ଼ିଶା ପୁଲିସର ରାଇସେନ ଟୁଡୁ ୩ୟ ମିନିଟରେ ଏକ ଗୋଲ୍ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଏହାପରେ ରାଧାରମଣ ଦଳ ଜୋରଦାର ପ୍ରତ୍ୟାବର୍ତ୍ତନ କରିଥିଲା। ରାଧାରମଣ କ୍ଲବ ପକ୍ଷରୁ ସଞ୍ଜିତ ଖୋରା, ଏଡୱିନ ତିର୍କୀ ଓ ଅମନ ବତ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇ ଦଳକୁ ୩-୧ରେ ବିଜୟୀ କରାଇଥିଲେ। ଏଡୱିନ ତିର୍କୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ବାବଦକୁ ୩ ହଜାର ଟଙ୍କା ପୁରସ୍କାର ପାଇଥିଲେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବରୁ ଉଦଘାଟନୀ ଉତ୍ସବରେ ମନ୍ତ୍ରୀ ରବି ନାରାୟଣ ନାଏକ, ପୂର୍ବତନ ଫୁଟବଲର୍ ତଥା ଟୁର୍ଣ୍ଣାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ରାଜେନ୍ଦ୍ର ପ୍ରସାଦ ସିଂ, ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ଅଶୋକ ମହାନ୍ତି, ଫାଓ ସଭାପତି ଟଙ୍କଧର ତ୍ରିପାଠୀ, ବିଧାୟକ ବାବୁ ସିଂ, ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।



# ଜାତୀୟ ଯୁବ ଭଲିବଲ କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର,୧୭।୩(ସମିସ): ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ କିଟ୍ ୟୁନିଭର୍ସିଟିଜ୍ ପରିସରରେ ଚାଲିଥିବା ୨୬ତମ ଜାତୀୟ ଯୁବ୍ ଭଲିବଲ ଚାମ୍ପିଅନସିପ୍‌ରେ ପୁଲରେ ପ୍ରଥମ ସ୍ଥାନ ଅଧିକାର କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ପୁରୁଷ ଦଳ ପ୍ରଥମେ ଛତିଶଗଡକୁ ୩-୦ ସେଟ୍‌ରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶକୁ ୩-୧ ସେଟ୍‌ରେ ହରାଇ ପୁଲ୍‌ରେ ପ୍ରଥମ ହୋଇଥିଲା। ସେହିପରି ମହିଳା ଦଳ ଆଜି ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ପଶ୍ଚିମବଙ୍ଗକୁ ୩-୧ ଓ ଦ୍ୱିତୀୟ ମ୍ୟାଚ୍‌ରେ ହିମାଚଳ ପ୍ରଦେଶକୁ ୩-୦ ସେଟ୍‌ରେ ପରାସ୍ତ କରିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS